
ମୋ ବାପା
ଆମରିସତ୍ୟ
AMARISATYA
ମୂଲ୍ୟଃ ଟ୨୫୦

# ମୋ ବାପା

## ମୁଖ୍ୟ ସଂପାଦକ

ଡ. ପ୍ରମୋଦ ଚନ୍ଦ୍ର ଦାଶ

## ସହଯୋଗୀ ସଂପାଦକ ମଣ୍ଡଳୀ

ସମରଜିତ୍ ପଟ୍ଟନାୟକ
ତ୍ରିଲୋଚନ ମହାପାତ୍ର
ରଶ୍ମିତା ନାୟକ
ବିଭୂପ୍ରସାଦ ହରିଚନ୍ଦନ

## ପ୍ରକାଶକ

ଆମରିସତ୍ୟ
AMARISATYA

# ମୋ ବାପା

**ମୁଖ୍ୟ ସଂପାଦକ:** ଡ. ପ୍ରମୋଦ ଚନ୍ଦ୍ର ଦାଶ
**ସର୍ବସ୍ୱତ୍ତ୍ୱ ଅଧିକାରୀ :** ଆମରିସତ୍ୟ
**ପ୍ରଥମ ସଂସ୍କରଣ : ୨୦୨୦**
**ପ୍ରକାଶକ:** ଆମରିସତ୍ୟ, ଏମ୍-୧/୫, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ: ପି.ଏନ୍ କଲେଜ, ଜିଲ୍ଲା: ଖୋରଧା, ପିନ୍: ୭୫୨୦୫୭
**ମଲାଟ ପରିକଳ୍ପନା ଓ ଅଲଂକରଣ :** ରାଜୀବ ଲୋଚନ ରଥ
**ଠିକଣା :** ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ: ପି.ଏନ୍ କଲେଜ, ଜିଲ୍ଲା: ଖୋରଧା, ପିନ୍: ୭୫୨୦୫୭, ଜି : ଖୋରଧା-୭୫୨୦୫୫/
**ଦୂରଭାଷ:** ୯୪୩୭୨୮୧୬୫୫

**Mo Bapa**
Edited by : *Dr Pramod Chandra Dash*
©*: Amarisatya*
*1st Edition : 2020*
**Published & Printed by:**
AMARISATYA
M-1/5, M. P. Housing Board Colony .
PO: P.N.College, Dt: Khordha-752057 .Odisha
amarisatya@gmail.com/amarisatya@rediffmail.com
*9437281655*
-------------------

ମୂଲ୍ୟ: ୨୫୦.୦୦ ଟଂକା / **Price: ₹ 250.00**

# ସୂଚୀପତ୍ର


| | ଲେଖକ | ପୃଷ୍ଠା |
|---|---|---|
| ୧. | ସଂପାଦକୀୟ.... | ୭ |
| ୨. | ଡ.ପ୍ରମୋଦ ଚନ୍ଦ୍ର ଦାଶ | ୮ |
| ୩. | ତ୍ରିଲୋଚନ ମହାପାତ୍ର | ୯ |
| ୪. | ଝୁନିଲତା ବହିରା | ୧୧ |
| ୫. | ମେଜର କ୍ଷୀରୋଦପ୍ରସାଦ ମହାନ୍ତି | ୧୩ |
| ୬. | ଡକ୍ଟର କାର୍ତ୍ତିକେଶ୍ୱର ଜେନା | ୧୫ |
| ୭. | ଚିତ୍ତରଂଜନ ସାହୁ | ୧୭ |
| ୮. | ଡ. ଜଗଦୀଶ୍ ଚନ୍ଦ୍ର ମିଶ୍ର | ୨୦ |
| ୯. | ନବୀନ କୁମାର ପାଠୀ | ୨୪ |
| ୧୦. | ଡକ୍ଟର ବିଷ୍ଣୁଚରଣ ସାହୁ | ୨୫ |
| ୧୧. | ରବୀନ୍ଦ୍ର ନାଥ ସାମଲ | ୨୮ |
| ୧୨. | ଡ଼କ୍ଟର ପୂର୍ଣ୍ଣଚନ୍ଦ୍ର ଓଝା | ୩୧ |
| ୧୩. | ଆଶିଷ କୁମାର ରାୟ | ୩୭ |
| ୧୪. | ତେଜସ୍ୱିନୀ ସାହୁ | ୪୦ |
| ୧୫. | ଡ.ଶରଚ୍ଛନ୍ଦ୍ର ମହାପାତ୍ର | ୪୨ |
| ୧୬. | ଶକୁନ୍ତଳା ରଥ | ୪୬ |
| ୧୭. | ଆରତି ପ୍ରହରାଜ | ୪୮ |
| ୧୮. | ସୌଦାମିନୀ ମହାରଣା | ୫୦ |
| ୧୯. | ଆଶିଷ କୁମାର ସ୍ୱାଇଁ | ୫୬ |
| ୨୦. | ଅଜୟ କୁମାର ସାହୁ | ୫୯ |

| | | |
|---|---|---|
| ୨୧. | ଅଶୋକ ରାୟସିଂ | ୬୨ |
| ୨୨. | ସୁଜିତକୁମାର ମିଶ୍ର | ୬୪ |
| ୨୩. | ଦେବବ୍ରତ ବାରିକ | ୬୮ |
| ୨୪. | ଡକ୍ଟର ଅଜୟ କୁମାର ସ୍ୱାଇଁ | ୭୨ |
| ୨୫. | ମୋନାଲିସା ସୁବୁଦ୍ଧି | ୭୪ |
| ୨୬. | ପ୍ରାଧ୍ୟାପକ ପଙ୍କଜ କୁମାର କର | ୭୫ |
| ୨୭. | ଶିବ ପ୍ରସାଦ ପାଢ଼ୀ | ୭୭ |
| ୨୮. | ସତ୍ୟନାରାୟଣ ସାମନ୍ତରାୟ | ୭୯ |
| ୨୯. | ମନୋରମା ପାଢ଼ୀ | ୮୩ |
| ୩୦. | ଅଧ୍ୟାପିକା ସୁକାନ୍ତି ମହାପାତ୍ର | ୮୪ |
| ୩୧. | ହରପ୍ରସାଦ ମହାପାତ୍ର | ୮୭ |
| ୩୨. | ପ୍ରା: ମନୋଜ କୁମାର ମହାପାତ୍ର | ୯୦ |
| ୩୩. | ରୁଷି ପଟ୍ଟନାୟକ | ୯୪ |
| ୩୪. | ଇତିଶ୍ରୀ ସାହୁ | ୯୬ |
| ୩୫. | ଇଂ ରାଜେନ୍ଦ୍ର ପ୍ରସାଦ ନାୟକ | ୯୮ |
| ୩୬. | ଅବିନାଶ ସାମଲ | ୧୦୧ |
| ୩୭. | ହୃଷିକେଶ ବେହୁରା | ୧୦୫ |
| ୩୮. | ସମରେନ୍ଦ୍ର ବଳିଆରସିଂହ | ୧୦୯ |
| ୩୯. | ମମତା ଦାଶ | ୧୧୩ |
| ୪୦. | କିଶୋର ଚନ୍ଦ୍ର ଚୌଧୁରୀ | ୧୧୬ |
| ୪୧. | ପ୍ରଶାନ୍ତ ଦାଶ | ୧୨୨ |
| ୪୨. | ଚିତ୍ତରଞ୍ଜନ ପଣ୍ଡିତ | ୧୨୬ |
| ୪୩. | ସୁରେଶ ଚନ୍ଦ୍ର ବିଶ୍ୱାଳ | ୧୨୮ |
| ୪୪. | ଗୋପାଳ କୃଷ୍ଣ ଦାସ | ୧୩୧ |
| ୪୫. | ଡ.ପ୍ରଫୁଲ୍ଲ କୁମାର ସାମନ୍ତରାୟ | ୧୩୮ |
| ୪୬. | କୃଷ୍ଣଚନ୍ଦ୍ର ହରିଚନ୍ଦନ | ୧୪୦ |

| | | |
|---|---|---|
| ୪୭. | ଡା.ଧନେଶ୍ୱର ସାହୁ | ୧୪୨ |
| ୪୮. | କୃଷ୍ଣଚନ୍ଦ୍ର ନାୟକ | ୧୪୪ |
| ୪୯. | କଳ୍ପନା ବଳିୟାରସିଂହ | ୧୪୬ |
| ୫୦. | ଜବାହରଲାଲ ସୁବୁଦ୍ଧି | ୧୪୮ |
| ୫୧. | ବସନ୍ତ ମଂଜରୀ ଦାସ | ୧୫୦ |
| ୫୨. | ବିଭୁ ପ୍ରସାଦ ହରିଚଂଦନ | ୧୫୨ |
| ୫୩. | ମହେଶ୍ୱର ସାହୁ | ୧୫୫ |
| ୫୪. | ରଶ୍ମିତା ଜେନା ମହାପାତ୍ର | ୧୫୭ |
| ୫୫. | ଦେବଯାନୀ | ୧୫୯ |
| ୫୬. | ଶୁଭେନ୍ଦୁ ସାହୁ | ୧୬୧ |
| ୫୭. | କ୍ଷୀରୋଦ୍ର ସାହୁ | ୧୬୩ |
| ୫୮. | ଜ୍ୟୋତିରଞ୍ଜନ ବାରିକ | ୧୬୪ |
| ୫୯. | ପ୍ରଣତି ମହାପାତ୍ର | ୧୬୬ |
| ୬୦. | ସୂର୍ଯ୍ୟକାନ୍ତ ମଲ୍ଲିକ | ୧୬୮ |
| ୬୧. | ଅକ୍ଷୟ ମହାନ୍ତି | ୧୭୦ |
| ୬୨. | ସୁମତି ଦେଈ | ୧୭୨ |
| ୬୩. | ଗୋବିନ୍ଦ ଚନ୍ଦ୍ର ମହାରଣା | ୧୭୫ |
| ୬୪. | ପ୍ରଫୁଲ୍ଲ କୁମାର ବେହେରା | ୧୭୭ |
| ୬୫. | ଗୋପାଳ ଚନ୍ଦ୍ର ତ୍ରିପାଠୀ | ୧୭୯ |
| ୬୬. | ଅନୀତା ଦାଶ | ୧୮୧ |
| ୬୭. | ଜମେଶ୍ୱର କହଲ ସିଂ | ୧୮୪ |
| ୬୮. | ତମସା ସୁବୁଦ୍ଧି | ୧୮୬ |
| ୬୯. | ରଶ୍ମିତା ନାୟକ | ୧୮୭ |
| ୭୦. | ନିଶିକାନ୍ତ କହଲସିଂ | ୧୮୯ |
| ୭୧. | ସମରଜିତ୍ ପଟନାୟକ | ୧୯୦ |
| ୭୨. | ଆଦି ନାରାୟଣ ଖଣ୍ଡୁଆଳ | ୧୯୧ |

| | | |
|---|---|---|
| ୭୩. | ଅନିତା ଦାସ | ୧୯୬ |
| ୬୮. | ବୈଜୟନ୍ତୀ ପଟ୍ଟନାୟକ | ୧୯୭ |
| ୬୯. | ସୁଧାଂଶୁ ଶେଖର ପାଣିଗ୍ରାହୀ | ୧୯୯ |
| ୭୦. | ରାଜକିଶୋର ପାଣିଗ୍ରାହୀ | ୨୦୧ |
| ୭୧. | ବିସ୍ମିତା ନାୟକ | ୨୦୩ |
| ୭୨. | ଚିନ୍ମୟ ପୋଲାଇ | ୨୦୪ |
| ୭୩. | ସୂର୍ଯ୍ୟକାନ୍ତି ରାଉତ | ୨୦୫ |
| ୭୪. | ନିରୁପମା ମହାପାତ୍ର | ୨୦୭ |
| ୭୫. | ସୌମିତ୍ରା ହରିଚନ୍ଦନ | ୨୦୯ |
| ୭୬. | ଅଧ୍ୟାପିକା ସସ୍ମିତା ଦାସ | ୨୧୧ |
| ୭୭. | ଡ. ଯୁଧିଷ୍ଠିର ଖଟୁଆ | ୨୧୩ |
| ୭୮. | ବାବାଜୀ ଜେନା | ୨୧୫ |
| ୭୯. | ପ୍ରମୋଦ ମହାନ୍ତି | ୨୧୭ |

# ସଂପାଦକୀୟ...

## ବାପା....

ତୁମେ ଆଜି ଅଛ,
କାଲିକି ନ ଥିବ ।
କିନ୍ତୁ –
ତୁମ ନିଃସ୍ୱାର୍ଥପର ଜନସେବା,
ଓ ସହନଶୀଳତାର ତାଗିଦ୍
ମୋତେ –
ମଣିଷ ପରି ମଣିଷଟିଏ
କରି ଗଢ଼ି ତୋଳିଛି ।
ସେଇ ମୋର ପ୍ରାପ୍ୟ,
ସେତିକିରେ ମୁଁ ଖୁସି ।

ସଂପାଦକ ମଣ୍ଡଳୀ



# ମୋ ବାପା

ଡ.ପ୍ରମୋଦ ଚନ୍ଦ୍ର ଦାଶ

ତୁମକୁ ଏବେ ବି ଖୋଜୁଛି । ତୁମର ଚେହେରା ମୋର ମନେପଡୁନି । ଏତେ କମ୍ ବୟସରେ ତୁମେ ମତେ ଛାଡ଼ି ଯିବାପରେ, ବୋଉ ସଙ୍ଗେ ସଙ୍ଗେ ଆତ୍ମହତ୍ୟା କଲା । ସେ ସମୟ ବିଷୟରେ ମୋର ବିଶେଷ କିଛି ମନେନାହିଁ ।

ତୁମେ ଦୁଇଜଣ ଆମ ତିନିପୁଅଙ୍କୁ ଅନେକ ଦୁଃଖ ଦେଇ ଚାଲିଗଲ । ମତେ ମାତ୍ର ୧୦ ବର୍ଷ ହୋଇଥିଲା । ସାନଭାଇ ବୋଉଠାରୁ କ୍ଷୀର ଖାଉଥିଲା । ବଡ଼ଭାଇ ନବମରେ ପଢୁଥିଲେ । ଏପରି କରୁଣ ପରିସ୍ଥିତିରେ – ସମୟର କଷାଘାତରେ ଆମେ ମଣିଷ ହୋଇଛୁ ।

କିନ୍ତୁ ବାପା, ଆଜି ତୁମର ଗାଈ ସେବା କରିବା, ଠାକୁର ପୂଜା କରିବା ଏବଂ ଚାଷବାସରେ ମନଦେବା ମୋର ଟିକେ ଟିକେ ମନେପଡୁଛି ।

କଷଟି ପଥରରେ ନିଜକୁ ଘଷି ମାଜି ମଣିଷପରି ମଣିଷଟିଏ ହୋଇପାରିଛି ।

ସେପୁରରେ ଥାଇ ତୁମେ ଆଉ ବୋଉ ସବୁ ଦେଖୁଥିବ ।

ଦୂରଭାଷ–୯୪୩୭୨୮୧୬୫୫





# ଏଥିପାଇଁ ଶବ୍ଦ କାଇଁ ?

ତ୍ରିଲୋଚନ ମହାପାତ୍ର

ଆମ ବ୍ରାହ୍ମଣ ଘରେ ବାପାଙ୍କୁ 'ନନା' ବୋଲି ଡାକନ୍ତି। ମୋ ନନା ମତେ କୋଳରେ, କାଖରେ, କାନ୍ଧରେ ବସଉଥିଲେ। ହାତଧରି ଚାଲିବା ଶିଖେଇଲେ। ଯାତରା ବୁଲାଇ ନେଉଥିଲେ। ଖଜା କିଣି ଖୁଆଇ ଦେଉଥିଲେ। ଦେହ ଦୁଃଖ ହେଲେ ପାଖରେ ବସି ହାତ, ଗୋଡ଼, କପାଳ ଆଉଁସି ଦେଉଥିଲେ। ଓଷୁଅ ଆଣି ଖୁଆଉଥିଲେ। ତାଙ୍କ ଅଣ୍ଟାକୁ ଦେଖି ମୋ ପାଇଁ ଖରଚ କରୁଥିଲେ। ମତେ ଚାରିବର୍ଷ, ଚାରିମାସ, ଚାରିଦିନ ହେଲା ଦିନ ତାଙ୍କ ଚାହାଳୀକୁ ନେଲେ। ମୋ ହାତରେ ଖଡ଼ି ଗୋଟାଳି ଧରେଇ ଦେଲେ। ମୋ ହାତଧରି ତିନିଟି ମୁଣ୍ଡୁଳି କାଟିଲେ। ତାଙ୍କ କହିବା ଅନୁସାରେ ମୁଁ "ବ୍ରହ୍ମା, ବିଷ୍ଣୁ, ମହେଶ୍ୱର" ତିନିଥର କହିଲି। ତିନି ଆଂଗୁଠିରେ ଖଡ଼ିଗୁଣ୍ଡ ଆଣି ମୋ କପାଳରେ ମାରିଦେଲେ। ତାଙ୍କରି ଚାହାଳୀରେ ମତେ ଅକ୍ଷର ଚିହ୍ନାଇଲେ।

ବର୍ଷକ ପରେ ମତେ ସାଥିରେ ନେଇ ସ୍କୁଲରେ ନାଁ ଲେଖାଇଦେଲେ। ମୋ ପାଇଁ ଆବଶ୍ୟକ ଅନୁସାରେ ବସ୍ତାନି, ସିଲଟ, ଖଡ଼ି, ବହି, ଖାତା, କାଗଜ, କଲମ, ପେନ୍‌ସିଲି, ରବର ସ୍ୟାହି କିଣିଆଣିଲେ। ପେଟରୁ କାଟି ମୋ ପଢ଼ାଖର୍ଚ୍ଚ ତୁଲାଇବାକୁ ଯଥାସାଧ୍ୟ ଚେଷ୍ଟା କଲେ। ହାଇସ୍କୁଲରେ ପଢ଼ିଲାବେଳେ କେବେ କେମିତି ବୋଉ ଉପରେ ରାଗି ମୁଁ ଉପାସରେ ସ୍କୁଲକୁ ଯାଉଥିଲି। ଘରକୁ ଆସି ନନା ଶୁଣନ୍ତି। ଚାରି କି.ମି. ଚାଲି ଚାଲି ମୋ ଖାଇବା ନେଇ ସ୍କୁଲକୁ ଯାଉଥିଲେ।

ତାଙ୍କ କୋଡ଼ି ହଣା ପାପୁଲି ଭାରି ଟାଣ। କୌଣସି କାରଣରୁ ଚଟକଣା ମାରିଦେଲେ ଗାଲରେ ପାଞ୍ଚ ଆଙ୍ଗୁଠି ବସି ଫୁଲିଯାଏ। ହଳୁଆ ପାଞ୍ଚଣରେ


ପିଟି ନୋଳା ଫଟେଇଦିଅନ୍ତି । ମାଡ଼ଖାଇ ରକ୍ଷୁଥିଲି ସିନା ତାଙ୍କ ଉପରେ ରାଗିପାରୁନଥିଲି ।

ପିଲାଟି ଦିନରୁ ହାଇସ୍କୁଲ ପଢ଼ା ଶେଷଯାଏ ଚଷକାମରେ ତାଙ୍କୁ ସାହାଯ୍ୟ କରୁଥିଲି । ଖାଲରୁ ଖତ କାଢ଼ି ଗୁଣ୍ଡ କରୁଥିଲି । ଶଗଡ଼ରେ ଲଦୁଥିଲି । ପାଞ୍ଚଫଳିରେ ବସି ବଳଦ ଅଡ଼ାଉଥିଲି । ଖତ ବୁଣୁଥିଲି । ସେ ତାଙ୍କ ଗାମୁଛାରେ ମୋ ଆଖି, ନାକ, କାନରୁ ଖତ ଗୁଣ୍ଡ ଝାଡ଼ି ଦେଉଥିଲେ । ମୋ ଦେହରୁ ଝାଳ ପୋଛି ଦେଉଥିଲେ । ବେଉଷଣ ବେଳେ ମଇ ଉପରେ ଛିଡ଼ା ହେଉଥିଲି । ବର୍ଷାମାଡ଼ ଖାଇ ବଳଦ ଅଡ଼ାଉଥିଲି । କାକର ଭିଜା ଜହ୍ନରାତିରେ ତାଙ୍କ ସହିତ ଧାନ କାଟୁଥିଲି । ସେ ମୁଣ୍ଡରେ କଳେଇ ଲଦି ଦେଉଥିଲେ । ମୁଁ ଖଳାକୁ ବୋହି ଆଣୁଥିଲି । ଦରଜ ଛଡ଼େଇବାକୁ ରାତିରେ ସେ ମୋ ବେକ ଆଉ ପାଦରେ ଉଷୁମ ତେଲ ଲଗାଇ ଦେଉଥିଲେ । ପାହାନ୍ତାରୁ ଉଠି ବେଙ୍ଗଳା ପକାଉଥିଲି । ସେ ଧାନ ମାପି ଦେଉଥିଲେ, ମୁଁ ବୋଝରେ ବୋହି ଡ଼ୋଲି ଓ ଓଳିଆରେ ପୂରଉଥିଲି ।

ନନା ଗାଁ ପାଣ୍ଠିର ହିସାବ ରଖୁଥିଲେ । ନିଶାପରେ ବସୁଥିଲେ । ଯଜମାନଙ୍କ ପାଲାପୂଜା ସାରି ଡ଼େରିରେ ଫେରୁଥିଲେ । ବୋଉ ଆମକୁ ଖୁଆଇ ପିଆଇ ତାଙ୍କପାଇଁ ଭାତ ତରକାରି ସାଇତି ରଖୁଥିଲା । ନନା ଆସି ମୋତେ ଓ ଭଉଣୀମାନଙ୍କୁ ନିଦରୁ ଉଠାଉଥିଲେ । ମୁହଁ ଧୋଇ ଦେଉଥିଲେ । ଚଳୁ କରିସାରି ଆମକୁ ଖୁଆଉଥିଲେ । ଶେଷରେ ସେ ଖାଉଥିଲେ । ବୋଉ ଗରଗର ହେଲେ ବି ଶୁଣୁନଥିଲେ ।

ଜୀବନଟାଯାକ ଅବିଶ୍ରାମ ଖଟିଲେ । ଆମ ସୁଖପାଇଁ ତିଳତିଳ ସଢ଼ିଲେ । ତାଙ୍କ ସୁଖ ପାଇଁ ମୁଁ ଯାହା କରିଛି ତା' ତାଳ ପରି ନୁହେଁ, ତିଳଟିଏ ପରି । ଚକିରିରେ ଅଣ୍ଟା ସଳଖିଲା ବେଳକୁ ଚଲିଗଲେ । ତାଙ୍କୁ ଅନୁଭବ କରୁଛି ସିନା, ଲେଖିବାକୁ ଶବ୍ଦ କାହିଁ ?

ଜଟଣୀ





# ଏମିତିହିଁ ବାପା

**ଝୁନିଲତା ବହିରା**

ଖୁବ୍ ବିରକ୍ତିକର ଦିନଗୁଡ଼ାକ ଥିଲା । କଲେଜ ଜୀବନର ପରିସମାପ୍ତି ପରେ ମୁଁ ସହର ମୁହାଁ ହେବାର ସ୍ୱପ୍ନରେ ମସଗୁଲ । ବାପା କିନ୍ତୁ ତେଲ ଲୁଣ ସଂସାର କଥା କହୁଥାନ୍ତି । ବିଲବାଡ଼ି ଆଡ଼େ ନଜର ଦେଇ ତାଙ୍କ ଅଣ୍ଟା ସହ ଅଣ୍ଟା ମିଳାଇବାକୁ କହି ମୋ ସ୍ୱପ୍ନରେ ଯେମିତି ପାଣି ପୂରାଇ ଦେଉଥାନ୍ତି ।

ମୋ ରଂଗୀନ କଲେଜ ଜୀବନ । ଆଉ ଅସରନ୍ତି ସ୍ୱପ୍ନସବୁ । ସିଲି ମାଟ୍ରିକ ପରୀକ୍ଷା ପରେ ପରେ ହିଁ କେବେଠୁ ସହର ଚାଲିଯାଇଥାଏ ସେତେବେଳକୁ..... କଲେଜରେ ପଢ଼ିବ ବୋଲି । ତା'ବାପା ଭୁବନେଶ୍ୱରରେ ରୁହନ୍ତି । ଭୁବନେଶ୍ୱରରେ ପଢ଼ିବାର ମୋର ପ୍ରବଳ ଇଚ୍ଛା, କାଳେ କେଉଁଠି ଅବେଳରେ ସିଲି ସହ ଦେଖା ହୋଇଯିବ କି । ମୋ ବାସି ପ୍ରେମଟା ସଜ ହୋଇଯାଆନ୍ତା ।

ଖୁବ୍ କମ ଦିନ ପରେ ମୋ ଇଣ୍ଟିମେସନ ଲେଟର ଆସିଗଲା । ବୋଉ ଆଗରେ ଏକା ସ୍ୱରରେ ଗାଇଗଲି ମୋର ଡାକ୍ତର ହେବାର ସ୍ୱପ୍ନଠାରୁ ପାଟଶାଢ଼ୀ କିଣା ପର୍ଯ୍ୟନ୍ତ । ବୋଉ ବହୁତ ଖୁସି ।

ସଂଜବେଳକୁ ବାପା ଆସି ପହଞ୍ଚିଲେ । ବୋଉ ଗୋଟି ଗୋଟି କରି ମୋ ପ୍ଲାନ ଅନୁସାରେ ସବୁ କହିଲା ବାପାଙ୍କୁ । ବାପା କିଛି ସମୟ ଚୁପ୍ ରହିଲେ । ତା'ପରେ "ହଉ ସେ ପଢ଼ିବ" କହି ନିଜ ଶୋଇବା ଘରକୁ ଚାଲିଗଲେ ।

ତା'ପରଦିନ ସକାଳୁ ସକାଳୁ ମୁଁ ଆଉ ବାପାଙ୍କୁ ଦେଖିପାରିଲିନି ତାଙ୍କ ଶୋଇବା ଘରେ କିମ୍ବା ପାଖ ବାଡ଼ିରେ ଯେଉଁଠି ସେ ସକାଳୁ ସକାଳୁ

କାମଧନ୍ଦା କରନ୍ତି । ମୋ ମନ ଜମା ବି ବୁଝୁନଥାଏ । ବୋଉକୁ ଅନେକଥର ପଚାରିଲି । ହେଲେ ସେ ବି ଚିନ୍ତିତ ଜଣାପଡୁଥିଲା ।

ଦିନପ୍ରାୟ ଦଶଟା ବେଳକୁ ବାପା ଆସି ପହଞ୍ଚିଲେ । ଗାମୁଛାରେ ମୁହଁ ପୋଛୁ ପୋଛୁ ଦୁଇଧାର ଲୁହ ବି ପୋଛିଦେଲେ ଝାଳ ସହ ମିଶେଇ । ମୁଁ ମନଦୁଃଖରେ ଚାଲିଗଲି ବାଡ଼ିପଟକୁ । ପଢ଼ିବାକୁ ଜିଦ୍‌କରି ବାପାଙ୍କୁ ବୋଝ ଦେଲି ବୋଧେ । ନିଜକୁ ବହୁତ ଧିକ୍କାର କଲି ।

ବ୍ୟାଗ ସଜାଡ଼ ସିନୁ ବୋଉ । ନଟ ମଉସା ପଇସା ଧାର ଦେବାକୁ ରାଜି ହେଲେ । ତା'ର ସବୁଜିନିଷ ମନେକରି ପୂରାଅ । ଚୁଡ଼ା ଦିଇଟା ଭୃଷଙ୍ଗ ପତ୍ର ଆଉ ପିଆଜ ଦେଇ ଟିକେ ଭାଜିଦିଅ ସେ ହଷ୍ଟେଲରେ ଖାଇବ । ଆଉ ତାକୁ କୁହ ମନଦେଇ ପାଠପଢ଼ିବ ।

ଫୁଲନଖରା, କଟକ



# ମୋ ବାପା

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**



ମୋ ବାପାଙ୍କୁ ବେଶି ମନେ ପକାଇପାରୁନାହିଁ, କାରଣ ମୋତେ ଯେତେବେଳେ ୭ ବର୍ଷ ସେ ଦିବଂଗତ ହୋଇଯାଇଛନ୍ତି। ୧୯୪୫ରେ କେନ୍ଦୁଝରର ଚମ୍ପୁଆର ରେଞ୍ଜର ଥିଲେ, ଅସୁସ୍ଥ ହୋଇପଡ଼ିଲେ। ତା'ପରେ କଟକ ଆସି ଚିକିତ୍ସିତ ହୋଇ ଦେହତ୍ୟାଗ କଲେ।

ମୋର ସ୍ମୃତିରେ ଅଛି। ଦିନରାତି ତାଙ୍କ ଅଫିସ୍ ଘରେ ବସି କାମ କରିଥାଆନ୍ତି। ଯେତେବେଳେ ସେ ଅସୁସ୍ଥ ହୋଇପଡ଼ିଲେ, ଚିକିତ୍ସା ପାଇଁ କଟକ ଗଲେ। ମୁଁ ତାଙ୍କ ସାଙ୍ଗରେ କି ପରିବାର ସାଙ୍ଗରେ ଯାଇପାରିଲିନାହିଁ। ସେତବେଳକାର ବ୍ୟବସ୍ଥା ଅନୁସାରେ ମୁଁ ତୃତୀୟ ଶ୍ରେଣୀର ଛାତ୍ର ଭାବରେ ବୃତ୍ତି ପରୀକ୍ଷା ଦେବାର ଥିଲା। ପରୀକ୍ଷା ସରିଲା, ଫଳ ବି ବାହାରିଲା। ସବୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୃତୀୟ ଥିଲି। ଏ ଫଳାଫଳ ସ୍କୁଲ ଭିତ୍ତିକ ଥିଲା - ରାତି ଅଧରେ କଟକରେ ଓହ୍ଲାଇ ମୁଁ ବାପାଙ୍କୁ ଭେଟିବାକୁ ଗଲି। ଆମ ଚମ୍ପୁଆର ପଡ଼ୋଶୀ ପୁଅ ମୋତେ ସାଙ୍ଗରେ ନେଇ ଯାଇଥିଲେ। ବାପା ମୋତେ ଦେଖି ଖୁସିହେଲେ। ପରୀକ୍ଷା ଫଳ କଥା ପଚାରିଲେ। ମୁଁ ତୃତୀୟ ହେବାକଥା ଶୁଣି କହିଲେ, "କ'ଣ ଅନୁଗୃହିତ ହୋଇ ପାସ୍ କଲୁ ?" ମୁଁ ତୃତୀୟ ହୋଇପାରିବି ଏ ବିଶ୍ୱାସ ତାଙ୍କର ନଥିଲା।

ବାପାଙ୍କ ଅସୁସ୍ଥ ଥିବା ସମୟରେ ତାଙ୍କୁ ଦେଖିଛି। କଟକରେ ଥିବା ଶ୍ରୀରାମ ଚନ୍ଦ୍ର ଭଂଜ ମେଡ଼ିକାଲ କଲେଜ ହାସପାତାଲରେ ଚିକିତ୍ସିତ ହେଉଥିଲେ। ଔଷଧ ଖାଉଥିଲେ। ରୋଗ ଉପଶମ ହେଉନଥିଲା। ସେ ଜିଦ୍‌କରି କୁହନ୍ତି ମୁଁ ଘରକୁ ପଳାଇଯିବି। ଘରେ ମୋ ମୃତ୍ୟୁ ହେବ। ଆମ ଘର ଶେଖ୍‌ବଜାର ଦେବୀ ମଣ୍ଡପ ପାଖରେ ଥିଲା - ସେଠି ମୋର ବଡ଼ବାପା ପୁଅ ଭାଇ ପରିବାର ସହିତ ରହୁଥିଲେ। ବାପା କହୁଥିଲେ, "ମୋର ଶବକୁ କେହି ଛୁଇଁବେ ନାହିଁ"। ବାପା ସେ ସମୟର ଲୋକ ଥିଲେ। ତାଙ୍କର

ଧାରଣାକୁ ବଦଳାଇ ହେବନାହିଁ । ସେ ଯାହା ଉଚିତ୍ ଭାବୁଥିଲେ ସେକଥା କହୁଥିଲେ । ଛୁଆଁ ଅଛୁଆଁ ଧାରଣାଟି ତାଙ୍କ ମନରେ ବସା ବାନ୍ଧିଥିଲା ।

ବାପା ତ ଚାଲିଗଲେ । ତାଙ୍କର ଶେଷ କୃତ୍ୟ ଆମ ଗାଁ ଅବିଭକ୍ତ କଟକ ଜିଲ୍ଲାର ନାଗଣପୁରରେ ହେଲା । କିନ୍ତୁ ମୋ ହେତୁ ପାଇଲାଠୁ ସାତବର୍ଷ ପର୍ଯ୍ୟନ୍ତ ମୋର ତାଙ୍କୁ ନେଇ ଅନେକ ଅନୁଭବ ଅଛି । ସେ ସବୁବେଳେ ସକ୍ରିୟ ହୋଇ ରହୁଥିଲେ । ପୂରା ଖୁସି ହୋଇ ରହୁଥିଲେ । ସମସ୍ତଙ୍କୁ ଆଦର କରୁଥିଲେ । କାହା ମନରେ କଷ୍ଟ ଦେଉନଥିଲେ । ତାଙ୍କର ଏସବୁ ଗୁଣ ଆମମାନଙ୍କୁ (ମୋର ଭାଇ ଓ ଭଉଣୀମାନଙ୍କୁ) ପ୍ରଭାବିତ କରିଥିଲା । ଅନେକ କଥାରେ ଏସବୁ ମନେପକାଇ ଆମେ କାମ କରିଥିଲୁ । ବାପା ଆମପାଇଁ ଗୋଟିଏ ଅଲିଭା ଦୀପର ଜଳିଲା ସଳିତା ପରି ରହିଥିଲେ ।

ପରେ ଆମ ଗାଁରୁ ଅଧରାତିରେ ବାହାରି ଶଗଡ଼ଗାଡ଼ିରେ ତେଣ୍ଡାକୁଦା ଜୟପୁର ବାଟରେ ଝଙ୍କଡ଼ ସାରଳା ମନ୍ଦିର ଯାଉଥିଲୁ । ପରିବାରର ଲୋକମାନେ ଦୁଇ ତିନୋଟି ଶଗଡ଼ରେ ଯାଉଥିଲେ । ଅନ୍ଧାର ରାତିରେ ଶଗଡ଼ ବାଟ ହୁଡ଼ି ଯାଉଥିଲା । ବାପା ବଡ଼ପାଟିରେ ଡାକି ତାଙ୍କୁ ସବୁ ଏକାଠି କରୁଥିଲେ । ତାଙ୍କର ଇଚ୍ଛା ଯେପରିକି କେହି ବାଟ ହୁଡ଼ି ଯିବେନାହିଁ । ସମସ୍ତେ ଏକାଠି ହେଲା ପରେ, "ତୁମକୁ କ'ଣ ଭୂତ ଗୋଡ଼ଉଥିଲା" ? ଗାଁମାନଙ୍କରେ ଏଭଳି ଧାରଣା ଥିଲା । ଏବେ ମୁଁ ବାପା ହୋଇଗଲିଣି । ମୋର ଚାରିପୁଅ ଓ ଗୋଟିଏ ଝିଅ । ମୁଁ ମୋ ପୁଅଝିଅମାନଙ୍କୁ ଭଲ ପାଇଥାଏ । ଅତି ଶ୍ରଦ୍ଧା କରିଥାଏ । କିନ୍ତୁ ପ୍ରକାଶ୍ୟରେ କେବେ ସେମାନଙ୍କୁ କୁଣ୍ଢେଇ ପକାଇନାହିଁ । ସେମାନେ ମୋ ଜୀବନର ଅଂଶବିଶେଷ ହୋଇ ରହିଛନ୍ତି । କୁଆଡ଼େ ଗଲେ ନଗଲେ ସବୁ ଖବର ରଖେ । ସେମାନେ ଯୁଆଡ଼େ ଯାଆନ୍ତି ମୋତେ ଜଣାନ୍ତି ।

"ବାପା" ସମସ୍ତଙ୍କ ଜୀବନରେ ପ୍ରେରଣାର ଉତ୍ସ ହୋଇ ରହନ୍ତି । ଶକ୍ତିପ୍ରଦାନ କରିଥାନ୍ତି । ଦୁଃଖ ସୁଖରେ ପ୍ରବୋଧନା ଦେଇଥାଆନ୍ତି । ମୋର ଦୁଃଖ ରହିଗଲା "ମୋ ବାପାଙ୍କୁ ମୁଁ କାନ୍ଧରେ ନେଇ ସତୀ ଚଉରାକୁ (କଟକ ସିଡ଼ିଏ ପାଖରେଥିବା ଶ୍ମଶାନ) ନେଇ ପାରିଲିନାହିଁ ।" ସେ ଯେଉଁଠି ଥାଆନ୍ତୁ ମୋ ଜୀବନରେ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ମୁଁ ସମ୍ମାନ ପ୍ରଦାନ କରି ରହୁଛି ।

**ଜେଲ୍‌ରୋଡ଼, ଖୋର୍ଦ୍ଧା**





# ॥ ବାପା ॥

## କେବେ ବଦଳି ନଥିବା ମଣିଷଟିଏ

ଡକ୍ଟର କାର୍ତ୍ତିକେଶ୍ୱର ଜେନା

ବାହାହେଇ ଘରଛାଡ଼ି ସ୍ତ୍ରୀ ସହ ଭୁବନେଶ୍ୱରରେ ରହିବାର ପାଖାପାଖି ୬ମାସ ହୋଇଗଲାଣି। ଚାକିରି ବ୍ୟସ୍ତତା ଆଉ ସ୍ତ୍ରୀ'ର ଆକଟ ଏସବୁ କାରଣରୁ ନା ମୁଁ ଗାଁକୁ ଯାଇପାରୁଥିଲି, ନା ବାପାଙ୍କୁ ନିଜ ପାଖକୁ ଡାକିପାରୁଥିଲି। ହେଲେ ଆଉ ରହି ହେଲାନି। ବାପାଙ୍କ ମୁହଁଟା ଆଖି ଆଗରେ ନାଚିଉଠିଲା। ଫୋନ୍‌କରି ବାପାଙ୍କୁ ଡାକିଲି। ବାପାଙ୍କ ମନଟା କୁଣ୍ଢେମୋଟ ହୋଇଗଲା।

ତା'ପରଦିନ ହିଁ ବାପା ଆସି ହାଜର। ଖବର ପାଇ ଅଧା ଛୁଟି ନେଇ ମୁଁ ଅଫିସରୁ ଚାଲିଆସିଲି। ବହୁତ ଦିନପରେ ବାପା ଆଉ ମୁଁ ଏକାଠି ଖାଇବସିଲୁ। ଖାଇବା ବାଢ଼ିଦେଇ ମୋ ସ୍ତ୍ରୀ ଠିଆ ହୋଇଥିଲା ଆମ ପାଖେ। ବାପା ସବୁକିଛି ଖାଉଥାନ୍ତି, ହେଲେ ମାଛ ବେସରରେ ଜମାରୁ ହାତ ଲଗାଉନଥିଲେ। ପ୍ରଶ୍ନିଳ ଆଖିରେ ମୋ ସ୍ତ୍ରୀ ମୋ ଆଡ଼କୁ ଅନେଇ ପଚାରିଲା, "ବାପା କ'ଣ ମାଛ ବେସର ଭଲ ପାଆନ୍ତିନି କି?" ମୁଁ କିଛି କହିବା ଆଗରୁ ବାପା କହିଲେ, "ନାଇଁ ମା, ମତେ ଟିକେ ମାଛ ବେସର ପସନ୍ଦ ନାହିଁ ତ।" ପରିହାସ ଢଙ୍ଗରେ ମୋ ସ୍ତ୍ରୀ କହିଲା, "ଏ ବୁଢ଼ା ବୟସରେ କ'ଣ ଛୁଆଙ୍କ ଭଳି ବାଛିବା କଥା? ଯାହା ମିଳିଲେ ଖାଇଦେବା କଥା ନା।" ମୁଁ ସେମିତି ମୁଣ୍ଡପୋତି ଖାଇବାର ବାହାନା କରୁଥିଲି। ମୋ ସ୍ତ୍ରୀ'ର ମୋବାଇଲ୍ ରିଙ୍ଗ୍ ହେବାରେ ଲାଗିଲା। ସେ ମୋବାଇଲ୍ ରିସିଭ୍ କରିବାକୁ ଚାଲିଗଲା ବେଡ୍ ରୁମ୍‌କୁ। ସେ ଯାଇଛି କି ନାଇଁ, ତୁରନ୍ତ ବାପା ବେଶ୍ ଚଳଚଞ୍ଚଳ ହୋଇଗଲେ ଆଉ ତାଙ୍କ ମାଛ ବେସର ଗିନାଟା ବଢ଼େଇ ଦେଲେ ମୋ ଆଡ଼କୁ, ଆଉ ସ୍ନେହପୂର୍ଣ୍ଣ ସ୍ୱରରେ କହିଲେ, "ନେ ପୁଅ, ଜଲଦି ଖାଇ ଦେ।"

ବାସ୍, ପିଲାଦିନର ସବୁକଥା ଗୋଟି ଗୋଟି ମୋ ଆଖି ଆଗରେ ଭାସି ବୁଲିଲା। ମାଛ ବେସର ମୋର ଖୁବ୍ ପ୍ରିୟ ବୋଲି ବାପା ନାପସନ୍ଦର ମିଛ ବାହାନା କରି ସବୁଥର ତାଙ୍କ ମାଛ ବେସର ଭାଗଟା ମୋ ପାଇଁ ଛାଡ଼ି ଦେଉଥିଲେ। ଆଉ ବାପା ଖାଇସାରି ଉଠିଲା ବେଳକୁ, ବୋଉ ସେଇ ଗୋଟିଏ କଥା ସବୁଥର କହେ, ତୋ ବାପା ପାଗଳ ହୋଇଗଲେଣି ବୋଧେ। ଆଗ ଏଇ ମାଛ ବେସର ଖାଇବାକୁ ମୋ ଆଗରେ ଜିଦ୍ କରୁଥିଲେ। ହେଲେ ଏବେ ଆଉ ବାବୁଙ୍କୁ ରୁଚୁନି।

ମୋ ଆଖିରୁ ଟପ ଟପ ହୋଇ ଲୁହ ଝରିଗଲା। ମୋ ସ୍ତ୍ରୀ ଆସିବା ଆଗରୁ ମୁଁ ସବୁତକ ମାଛ ବେସର ଖାଇସାରିଥିଲି। ବାପାଙ୍କ ମୁହଁକୁ ଟିକିଏ ଅନେଇଲି, ବାପା ସେଦିନ କିନ୍ତୁ ମୋତେ ସେଇ ପଞ୍ଚତିରିଶ ବର୍ଷର ଯୁବକଟିଏ ଭଳି ମନେ ହେଉଥିଲେ। ସତରେ "ବାପା କେବେ ବଦଳି ନଥିବା ମଣିଷଟିଏ"।

**ଶିକ୍ଷକ କଲୋନୀ, ବାଲିପଦର, ଗଞ୍ଜାମ**

**ମୋ - ୯୦୯୦୮୮୨୮୮୫**

# ମୋ "ବାପା"

**ଚିତ୍ତରଂଜନ ସାହୁ**





**ବାପା,** ସଂଜ ସକାଳର କାକର ବିନ୍ଦୁ । କାଳର କପାଳରେ ମହକୁଥିବା ଚନ୍ଦନ ଟୋପା । ନିଷ୍ଠୁର ନିଦାଘର ଝେରା ଚଇତାଳି । ଏକ ଅପାସୋରା ଅଭୁଲା ସ୍ମୃତି । ବାପା ଥିଲେ ଏକ ବରଗଛ । ଯା'ଛାଇରେ ଆଶ୍ରୟ ନେଇଥିଲି, ତା'ରି ଓହଳରେ ଶୈଶବ, କୈଶୋର, ଯୌବନ ବିତିଛି । ଅନେକ ବର୍ଷ ତଳେ ସେ ବିରାଟ ଦ୍ରୁମର କ୍ଷୁଦ୍ର ବର ଫଳରୁ ଅଙ୍କୁରୋଦ୍‌ଗମ ହୁଏ, ଆଉ ସୃଷ୍ଟି ହୁଏ ନବପଲ୍ଲବ ।

୬୦ ବର୍ଷ ତଳେ ଜଣେ ଦୀର୍ଘ ବପୁ ସଂପନ୍ନ, ଗମ୍ଭୀର ମଣିଷକୁ "ବାପା" ବୋଲି ଡାକିଥିଲି । ୩୦ ବର୍ଷ ସିଏ ସ୍ୱାଭିମାନୀ ମଣିଷର କଡ଼ା ଶାସନ, ଶୃଙ୍ଖଳା ଭିତରେ ଜୀବନ କାଟିଥିଲି । କୁଆଡ଼େ ଗଲା ସେ ଦିନଗୁଡ଼ାକ । ଆଃ ଫେରିଆସନ୍ତା କି ! ସେ ସ୍ମୃତି ଅପାସୋରା ।

ଦାମ୍ଭିକ, ସ୍ୱାଭିମାନୀ ମଣିଷଟି ବଞ୍ଚିଥିଲା ମୁଣ୍ଡଟେକି ତା'ର ନିଜସ୍ୱ ପୃଥିବୀରେ । ସାଲିସ ବିହୀନ ଜୀବନ ପାଇଁ ବହୁ ମୂଲ୍ୟ ଦେବାକୁ ପଡ଼ିଛି । ନାନା ଅଣଦେଖା, ସମାଲୋଚନାର ଶୀକାର ହୋଇଛନ୍ତି । ଭାଙ୍ଗିପଡ଼ିନାହାନ୍ତି । ଶରୀର ରୋଗଗ୍ରସ୍ତ ହେଲେ ବି ମାନସିକ ଦମ୍ଭ ଅପରିସୀମ । ସାମାନ୍ୟ ଚାଷ, ବ୍ୟବସାୟର ଜୀବିକା ନେଇ ତାଙ୍କର ପାରିବାରିକ ଜୀବନ ସଂଘର୍ଷମୟ ଥିଲା । କୂର୍ମ ଭଳି ସଂସାରର ବୋଝକୁ ରୋଗଗ୍ରସ୍ତ ଶରୀର ବୋହୁଥିଲେ । ପିଲା, ନାତି, ନାତୁଣୀମେଳରେ ଦୁଃଖ ଭୁଲିବାକୁ ଚେଷ୍ଟା କରୁଥିଲେ । ବ୍ୟାଧି ଶରୀରକୁ ଅବସନ୍ନ କରୁଥିଲା । ମାତ୍ର ଇଚ୍ଛାଶକ୍ତି ତାଙ୍କୁ ବଞ୍ଚାଇ ରଖିଥିଲା । ଦେଖିଥିବା ସ୍ୱପ୍ନ, ଆଶା ଭାଙ୍ଗିପଡୁଥିଲା ତାଙ୍କ ଘରଭଳି । କାହାକୁ ଦୁଃଖ ବାଣ୍ଟୁନଥିଲେ । ନୀଳକଣ୍ଠ ଭଳି ବଞ୍ଚିଥିଲେ ସେ । ସ୍ୱପ୍ନ ବାଣ୍ଟୁଥିଲେ, ଏକ ନୂତନ ସକାଳ ସୂର୍ଯ୍ୟୋଦୟକୁ ଅପେକ୍ଷା କରୁଥିଲେ ।

ପ୍ରାତଃ ମୁହୂର୍ତ୍ତରୁ ଶଯ୍ୟାତ୍ୟାଗ । ଯନ୍ତ୍ରଭଳି କର୍ମ ତତ୍ପର । ପ୍ରକୃତି ପ୍ରେମୀ, ଗଛକୁ ଭଲପାଉଥିବା ମଣିଷ । ଚାଷ, ବ୍ୟବସାୟ ଭିତରେ ବୁଡ଼ି ରହୁଥିଲେ । ତା'ରି ଭିତରେ ନିଜ ଅଂଚଳରେ ହାଇସ୍କୁଲ, ଡାକଘର, ପାଠାଗାର, ଡାକ୍ତରଖାନା ପାଇଁ ଜାଗା, ପାଣ୍ଠି, ମଂଜୁରୀପାଇଁ ଉଦ୍ୟମ ଜାରି ରଖିବା କମ୍ କଥା ନଥିଲା । ଗାଁ ଗାଁ ବୁଲି ମୁଠି ଚାଉଳ, ଚାନ୍ଦା ସଂଗ୍ରହ କରିବା, ସରକାରୀ ମଂଜୁରୀ ପାଇଁ ବିଭିନ୍ନ ଲୋକଙ୍କ ଦ୍ୱାରସ୍ଥ ହେବା ଏକ ନିଶା ପାଲଟି ଯାଇଥିଲା । ଅନୁଷ୍ଠାନ ଗଢ଼ିଉଠିଲା ପରେ ତା'ର ସଭାପତି, ସଂପାଦକ ଦାୟିତ୍ୱ ନିର୍ବାହ କରିବାରେ ଗଭୀର ଆତ୍ମସନ୍ତୋଷ, ତୃପ୍ତି ପାଇଥିଲେ । ତାଙ୍କରି ଭୂମିକା, ଅବଦାନ ପାଇଁ ଆମ୍ଭେ ଏବେବି ଗର୍ବିତ । କାଳର ଗର୍ଭରେ ଅନୁଦାର ଉତ୍ତରସୁରୀ ହୁଏତ ତାଙ୍କର ଅବଦାନକୁ ଭୁଲିଯିବେ, ମାତ୍ର ତାଙ୍କର ହାତଗଢ଼ା ଅନୁଷ୍ଠାନଗୁଡ଼ିକ ମୂକସାକ୍ଷୀ ରୂପେ ଦଣ୍ଡାୟମାନ ।

ଜୀବନରେ ଝଡ଼ ଝଂଜା ଆସିଛି । ଝଡ଼କୁ ଈଗଲ ପରି ସେ ତାକୁ ଅତିକ୍ରମ କରିବାକୁ ପ୍ରୟାସ ଜାରି ରଖିଛନ୍ତି । ପ୍ରତିକୂଳ ପରିସ୍ଥିତି ତାଙ୍କୁ ଦୁର୍ବଳ କରିଦେଇଛି । ଶରୀର, ମନ ଭାଙ୍ଗିପଡ଼ିଛି । ପରିବାରର ଆର୍ଥିକ ଦୁଃସ୍ଥିତି ମଧ୍ୟକୁ ସେ ଠେଲି ହୋଇଯାଇଛନ୍ତି । ଭଂଗା ଡଙ୍ଗାର ନାଉରୀ କିନ୍ତୁ ନାଆ ବାହିବାରେ କାର୍ପଣ୍ୟ କରିନି । ସ୍ୱାର୍ଥ ସର୍ବସ୍ୱ, ଅନୁଦାର ପୃଥିବୀରେ ତାଙ୍କର ଆତ୍ମୀୟମାନେ ନିଜ ପରିବାର, ସଂସାର, ଭୌତିକ ସୁଖଭିତରେ ତାଙ୍କୁ ଅଣଦେଖା କରିଛନ୍ତି । ବିଶେଷ ବାର୍ଦ୍ଧକ୍ୟ ନଆସିଥିଲେ ବି ତାଙ୍କର ଅକାଳ ବିୟୋଗ ଘଟେ । ନୀଳକଣ୍ଠ ପରି ସବୁ ଦୁଃଖ ଯନ୍ତ୍ରଣାକୁ ପାନକରି ଅନେକ ଭଙ୍ଗା ସ୍ୱପ୍ନ, ଅବଶୋଷ ନେଇ ଏ ସଂସାରରୁ ବିଦାୟ ନିଅନ୍ତି ।

ଆଜି ମନେପଡ଼େ ତାଙ୍କ ସ୍ନେହ, ଆଦର, ତାଗିଦ୍, ନିଆରାପଣ । ଅନମନୀୟ ଇଚ୍ଛାଶକ୍ତିର ପ୍ରତୀକ ଥିଲେ ସେ । ମୁଁ ଜାଣେନା ସେ କେଉଁଠି ! ଆକାଶର ତାରାକୁ ଦେଖିଲେ, ବିପଦଆସିଲେ ମନେପଡ଼େ ତାଙ୍କ କଥା । ମାତ୍ର ଆକାଶର ତାରା ତ ଏ ଖର୍ବ ମଣିଷ ପାଇଁ ଅପହଞ୍ଚ ।

ସମୟ ଚାଲିଯାଇଛି ହାତ ଆଞ୍ଜୁଳାର ପାଣି ଭଳି। କେତେ ସ୍ମୃତି ଝାପ୍‌ସା, କିଛି ସ୍ମୃତି ସତେଜ। ଆଉ ବାପା ସ୍ମୃତି ତ ଅନେକ, ଅସରନ୍ତି। ଜୀବନର ଅମୂଲ୍ୟ ଫର୍ଦ୍ଦ। ମୋର ଏ ଶରୀର, ରୁଚି, ମୂଲ୍ୟବୋଧ, ପ୍ରକୃତି ପ୍ରେମ, ବହିପଢ଼ା, ସାହିତ୍ୟ ଚର୍ଚ୍ଚା ସବୁ ତାଙ୍କର ବ୍ୟକ୍ତିତ୍ୱର ପ୍ରତିଫଳନ।


ଆଜି ତାଙ୍କୁ ମନେପକାଇ ସ୍ମୃତି ଅର୍ଘ୍ୟ ଦେଉଛି।

**ଅବସରପ୍ରାପ୍ତ ପ୍ରାଧ୍ୟାପକ,**
**ଇତିହାସ ବିଭାଗ ମହାପୁରୁଷ ହାଡ଼ିଦାସ**
**ମହାବିଦ୍ୟାଳୟ, ଛତିଆ।**

# ବାପା, ମୋର ଚୁପ୍‌ଚାପ୍

ଡ. ଜଗଦୀଶ୍ ଚନ୍ଦ୍ର ମିଶ୍ର





ବାପା, ମୋର, ସ୍ୱର୍ଗତ ଭାସ୍କର ମିଶ୍ର, ଆୟୁର୍ବେଦାଚାର୍ଯ୍ୟ ଆଠମଲ୍ଲିକର ମାଧପୁରରେ ସରକାରୀ ଆୟୁର୍ବେର୍ଦିକ୍ ଡାକ୍ତର ଚିକିତ୍ସାଳୟରେ କବିରାଜ ଭାବରେ ଅବସ୍ଥାପିତ ହୋଇଥିବାବେଳେ ବିବାହ କରିଥିଲେ। ହେଲେ ମୋତେ ମାତ୍ର ୧୧ ବର୍ଷ ହୋଇଥିବା ବେଳେ ମୋ ମା'ର ଦେହାନ୍ତ ହେଲା। ସେତେବେଳେ ବାପା କିଆକଟାରେ କାର୍ଯ୍ୟରତ ଥିଲେ। ମୋର ପିଲାବେଳର ମାଆର ସ୍ନେହ, ଗେଲ ତ ମନେନାହିଁ। କିନ୍ତୁ ଦୁଷ୍ଟାମୀ କଲାବେଳେ ମାଆ ବାଡ଼ି ଧରି ଗୋଡ଼ାଉଥିବା ମନେଅଛି। ମାଆକୋଳରେ ଶୋଇବା ମନେଅଛି। ମୋ ପାଇଁ ମୋ ବାପାବି ମୋ ମାଆ ଥିଲେ। ଛୋଟ ଦୃଷ୍ଟାନ୍ତ ଦେବି - କିଆକଟାକୁ ରେଢ଼ାଖୋଲରୁ ବାମପଟକୁ ଭାଙ୍ଗିଯିବାକୁ ପଡ଼େ। ସମ୍ବଲପୁର ରାସ୍ତାରେ। କିଆକଟା ବସ୍‌ଷ୍ଟାଣ୍ଡର ଅନତି ଦୂରରୁ ପାଖାପାଖି ଦୁଇକିଲୋମିଟର, ଏକ ପାହଡ଼ରୁ ମହାନଦୀ ପର୍ଯ୍ୟନ୍ତ ରାସ୍ତା ଲମ୍ବିଯାଇଛି। ପାହାଡ଼ରୁ ନଦୀ ପର୍ଯ୍ୟନ୍ତ ରାସ୍ତା ଗଡ଼ାଣିଆ। ସେହି ଘଞ୍ଚ ପାହଡ଼ରେ ବାରାହା, ମୃଗ, ବଣକୁକୁଡ଼ା, ହେଟାବାଘ, ଭାଲୁ ବି ଚଳପ୍ରଚଳ କରନ୍ତି। ବିଭିନ୍ନ ସୁଆଦିଆ ଆମ୍ବ, ପିଜୁଳି ବିଭିନ୍ନ କୋଳି, ତେନ୍ତୁଳିରେ ଭରପୂର ଜଙ୍ଗଲ। କିଆକଟା ମାଇନର୍ ସ୍କୁଲରେ ପଢୁଥିବା ସମୟରେ ଆମେ କିଛି ସାଙ୍ଗ, ସାଇକେଲ ଧରି ଗୋଟିଏ ସାଇକେଲ୍‌ରେ ଦୁଇଜଣକରି ବସି ପାହାଡ଼ ଚଲା ରାସ୍ତାରେ ଡବଲ୍ ପେଡ଼ାଲ୍ ମାରି ବହୁକଷ୍ଟରେ ଜଙ୍ଗଲକୁ ଯାଉ। ମନଭରି ଯାହା ପାଉ ଖାଉ। ବ୍ୟାଗ୍‌ରେ ବି ଆଣୁ, ମୁଁ କିନ୍ତୁ ଘରକୁ ଆଣେନି। ସାଙ୍ଗଙ୍କ ଘରେ ଖାଏ। ବନ୍ୟଜନ୍ତୁ ଦେଖିଲେ ବଡ଼ପାଟିକରି ଚିତ୍କାର କରି ସାଇକେଲ୍ ଛୁଟାଉ। ସେ ସମୟର ରାସ୍ତା ମଝିରେ ଖାଲଢ଼ିମା ବି ଥାଏ। ବହୁତ୍ ହୁସିୟାର୍ ହେବାକୁ ପଡ଼େ। ଫେରିଲାବେଳେ ଗଡ଼ାଣିଆ ରାସ୍ତା। ଆଃ କି ମଜା - ମଟର ସାଇକେଲ୍‌କି

ଆଉ, ପାଟିରେ ସମସ୍ତଙ୍କର ଅନାମନା ଗୀତ ।

ଦୁର୍ଭାଗ୍ୟକୁ ଦିନେ ମୁଁ ମୋ ସାଙ୍ଗ ଢ଼ିମାରେ ସାଇକେଲ ବାଡ଼େଇ ଛିଟିକି ପଡ଼ିଲୁ । ଆଣ୍ଠୁ, କହୁଣୀ ଖଣ୍ଡିଆ ହେଲା । ସଂନ୍ଧ୍ୟାବେଳ କାହାକୁ କିଛି ନକହି, ଚୁଟ୍‌କରି ଶୋଇଗଲି । ହେଲେ ଆଣ୍ଠୁ ସିଧା କରିପାରୁନଥାଏ । ମାଆ ରାଗିଲା । ମୁଁ କଇଁ କଇଁ ହୋଇ କାନ୍ଦିଲି । ବାପା ମୋର ଖଣ୍ଡିଆ ଦେଖିଲେ । ସେ ତ କବିରାଜ ଲୋକ । ଖଣ୍ଡିଆରୁ ଗୋଡ଼ି ବାହାର କଲେ । ଔଷଧ ଲଗାଇ ବ୍ୟାଣ୍ଡେଜ୍ କଲେ । ବାପା ବି ରାଗିଲେନି । ମାଆକୁ ଆକଟ କଲେ । ହେଲେ ସେ ଦିନରୁ ଜଙ୍ଗଲ ଯିବା ମନାହେଲା ।

ଅନ୍ୟ ଏକ ଦୃଷ୍ଟାନ୍ତ – କିଆକଟା ପାଖରେ ଖରାଦିନେ ମହାନଦୀ ଶୁଖିଲା । ହେଲେ ବି ଏକ ବଡ଼ ଜଳାଶୟ ଭଳି ପାଣିରହେ । କେଉଟମାନେ ଛୋଟ ଡଙ୍ଗା ରଖନ୍ତି । ମାଛମାରନ୍ତି । ଆମେ ଦୁଇ ତିନିଜଣ ସାଙ୍ଗ, ପଚାଶ ପଇସା ଭଡ଼ା ଦେଇ ଡଙ୍ଗାଖେଳୁ । ଆମେ ପହଁରା ଜାଣିଥିଲୁ । ଏମିତି ଦିନେ ଆମ କମ୍ପାଉଣ୍ଡର୍ ବାବୁ ଆମକୁ ଦେଖି ମାଆକୁ କହିଦେଲେ – ବାପା ତ ରାଗନ୍ତିନି – ମାଆ ରାଗି କହିଲା – ତୁ ଯଦି ଆଉ ନଈକୁ ଯିବୁ – ତୋ ଗୋଡ଼ହାତ ବାନ୍ଧିଦେବି – ମୁଁ ଆଉଗଲିନି । ହେଲେ ଅଳ୍ପ କେଇଦିନ ପରେ ମାଆ ଚାଲିଗଲା ଆରପାରିକୁ । ମହାନଦୀ ପଠାରେ ତା'ର ଅନ୍ତିମ ସଂସ୍କାର କରାଗଲା । ପରେ ପରେ ଧରାବନ୍ଧା ଭାବେ ମୁଁ ସେଇ ନଈପଠାକୁ ସବୁଦିନ ଉପରବେଳା ଯାଏ । ମା' ଉପରେ ରାଗେ । ମୋତେ କାହିଁକି ଛାଡ଼ିଦେଇଗଲୁ କୁହେ । ରାଗରେ ନଈକୂଳେ ଥିବା ସବୁ କେନ୍ଦୁପତ୍ରକୁ ବାଡ଼ିରେ ବାଡ଼େଇ ଛିନ୍‌ଛତ୍ର କରିଦିଏ । କିଛିଦିନ ପରେ କେନ୍ଦୁପତ୍ର ତୋଳାଳୀ ସ୍ତ୍ରୀଲୋକମାନେ ଜାଣି ବାପାଙ୍କ ପାଖେ ଗୁହାରୀ କଲେ । ଆଜ୍ଞା ଆପଣଙ୍କ ପୁଅ ସବୁ କେନ୍ଦୁପତ୍ର ନଷ୍ଟ କରିଦେଇଛି । ଆମେ ତ ଗରିବଲୋକ । ବାପାଙ୍କଠାରୁ ସେମାନେ ଔଷଧ ନିଅନ୍ତି । ପନିପରିବା ବି ସ୍ନେହରେ ଦେଇଯାଆନ୍ତି । କେତେକ ମୋତେ ମାଆ ଛେଉଣ୍ଡ ବୋଲି ଗେଲ ବି କରନ୍ତି ।

ସେତେବେଳେ ଆମ ପରିବାର କହିଲେ – ବାପା ଓ ମୁଁ । ରହିଁଥିଲେ

ବାପା, ବୟସ ତ ବେଶି ହୋଇନଥିଲା, ଆଉ ଗୋଟେ ନୂଆ ମାଆ ଆଣିପାରିଥାନ୍ତେ। ହେଲେ ମୋ ମୁହଁକୁ ଚାହିଁ ସମୟ କଟାଇବାକୁ ବୋଧେ ଭଲ ଭାବିଲେ। କିନ୍ତୁ ମୋର ଅସହାୟତା ପାଗଳାମି ଦେଖି ବାପା ଚିନ୍ତାଶୀଳ ହୋଇପଡ଼ିଲେ। ବାସ୍, ମହାନଦୀ ଆରପାରି ବୌଦ୍ଧ ସହରର ଯୋଗେନ୍ଦ୍ର ଦେଓ ହାଇସ୍କୁଲର ରାମସେ ହଷ୍ଟେଲରେ ମୋର ରହିବା ବ୍ୟବସ୍ଥା କରିଦେଲେ। ତା'ପରେ ହଷ୍ଟେଲ ଜୀବନ - ଉଚ୍ଚତର ଶିକ୍ଷା ସମାପ୍ତି ପର୍ଯ୍ୟନ୍ତ। ବାପା ପ୍ରତି ମାସରେ ମୋ ପାଖକୁ ଆସି - ଟଙ୍କା ଧରେଇ - ମନଦେଇ ପାଠପଢ଼ିବୁ କହି - ଚାଲି ଯାଆନ୍ତି। କେମିତି ଖାଆନ୍ତି, ଚଳନ୍ତି, କେବେ ବି ଭାବି ନଥିଲି। ଦିନେ ବି ଗାଳି ଦେଇନାହାନ୍ତି।

ବାପାଙ୍କ ଚାକିରି ସରିଗଲା। ମୋ ଚାକିରି ଆରମ୍ଭ ହେଲା। ଅଧ୍ୟାପକ ଚାକିରି - ବେତନ ଟ.୩୦୦। ମାସ ଶେଷକୁ ନିଅଣ୍ଟ। ବାପାଙ୍କ ଅବସରକାଳୀନ ଭତ୍ତାକୁ ଅକ୍ତିଆର କରିନେଲି। ପରିବାର ହେଲା। ବାପାଙ୍କ ପାସ୍‌ବୁକ୍‌ରୁ କେତେଟଙ୍କା ଉଠାଇଲି - ପଚାରନ୍ତି ନାହିଁ। ଖାଲି ଦସ୍ତଖତ ଦିଅନ୍ତି। କୁହନ୍ତି ମୋ ମୁଣ୍ଡତଳେ କିଛି ଟଙ୍କା ରଖିଥିବୁ, କିଏ କେତେବେଳେ ମାଗିବ, ଘରବାଡ଼ି କାମରେ ଖର୍ଚ୍ଚ କରିବି।

ସରକାରୀ ଚାକିରିରୁ ଅବସର ନେବା ପରେ ବି ମଉଦା ବାଳିକା ବିଦ୍ୟାଳୟ ଓ ଭଦ୍ରେଶ୍ୱର ଉଚ୍ଚ ବିଦ୍ୟାଳୟରେ ପ୍ରାୟ ଅବୈତନିକ ଭାବେ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଔଷଧ ନେବାକୁ ପ୍ରାୟତଃ ସକାଳୁ ସକାଳୁ ବହୁ ଲୋକ ଆସନ୍ତି। ଉପରବେଳା ମାଟ୍ରିକ୍ ପିଲା ସଂସ୍କୃତ ପଢ଼ିବାକୁ ଆସନ୍ତି। ସେ ବି ମାଗଣାରେ। ପନିପରିବା ଚାଷ ବି ବତାଉଥିଲେ। ଅଧା ପରିବା ବଣ୍ଟାବଣ୍ଟିରେ ସରିଯାଏ।

ବାପାଙ୍କୁ ୭୦ ବର୍ଷ ହେଲା ବେଳକୁ ସେ ଆଉ ସ୍କୁଲ ଗଲେନାହିଁ। ଘରେ ଜଣେ ରୋଷେଇ କରି ଦେଉଥାଏ। ମୁଁ ପ୍ରାୟ ଶନିବାରରେ ଘରକୁ ଆସେ। କେବେ କେମିତି ଦେହ ଖରାପ ହେଲେ ମୋ ପାଖକୁ ଖବରଯାଏ। ମୁଁ ଆସିଗଲେ ବାପା ଆପେ ଆପେ ଭଲ ହୋଇଯାଆନ୍ତି। କୁହନ୍ତି ମୋ ପୁଅ

ଆସିଗଲା। ମୋର ଆଉ କିଛି ହେବନି। ଔଷଧ ତ ସେ ନିଜେ ଜାଣନ୍ତି। ଜୀବନର ଶେଷ ୫ ବର୍ଷ ମୋ ପାଖରେ କଟେଇଲେ। ପିଲାଙ୍କୁ ଦେଖିଲେ, ଖୁସିରେ କଟେଇଲେ।

ବାପା ଚାହୁଁଥିଲେ ତାଙ୍କ ଚାଳଘର, ଆଜବେଷ୍ଟସ ଘରହେବ। ଏବେ ସେ ଘରକୁ ମୁଁ କୋଠା କଲିଣି। ହେଲେ ବାପା ଦେଖିଲେନି। ସେ କହୁଥିଲେ ମୋ ନାତି ଡାକ୍ତର ହେବ। ତା'ବି ଦେଖିପାରିଲେନି। ତାଙ୍କର ଆଶା ମୁଁ ପୂରଣ କରିବାରେ କିଛିଟା ସମର୍ଥ ହେଲି।

ତାଙ୍କ ଦେହାନ୍ତର ୨ଦିନ ପୂର୍ବରୁ ସେ କଥା କହିପାରିଲେନି। ଔଷଧ କିଛି କାମ କଲାନି। କିନ୍ତୁ ଶେଷ ମୁହୂର୍ତ୍ତରେ ସେ ଖୁବ୍ ଜୋର୍‌ରେ ମୋ ନାଁ "ଜଗଦୀଶ୍" ଡାକିଦେଇ ଆଖି ବୁଜିଦେଲେ। ତାଙ୍କ କଥା ଅନେକ ସମୟରେ ମନେପଡ଼େ - ଆଖି ଜକେଇ ଆସେ - ବେସାହରା ଲାଗେ। ବାପାଙ୍କ ଆତ୍ମାର ସଦ୍‌ଗତି ପ୍ରାର୍ଥନା କରୁଛି।

ଏତିକି ଶିଖିଛି ବାପାଙ୍କଠାରୁ କେମିତି ଏକ ସ୍ନେହୀ ଓ ଦରଦୀ ମଣିଷଟିଏ ହେବ।

କଟିକଟା, ନିଶ୍ଚିନ୍ତକୋଇଲି, କଟକ
ଦୂରଭାଷ-୯୪୩୭୦୯୦୯୨୬





# ମୋ ବାପା

**ନବୀନ କୁମାର ପାଠୀ**

ପିତାଙ୍କ ନାମ - ବାଇଧର ପାଠୀ
ଶିକ୍ଷାଗତ ଯୋଗ୍ୟତା - ବି.ଏ, ବି.ଟି
(ବେସିକ ଟ୍ରେନିଂ) ଓ୍ୱାର୍ଦ୍ଧା (Wardha) ଗୁଜୁରାଟ ବି.ଟି

୰ଶ୍ରୀ ନିର୍ମାଲ୍ୟ ହରିଚନ୍ଦନଙ୍କର ପ୍ରଥମ ଗୀତ ଲେଖିଥିଲେ "କି ହେବ ଶୁଆ ପୋଷିଲେ, ହରିନାମ ନଭଜିଲେ"। ସେତେବେଳେ ଓଡ଼ିଶାରେ ରେକର୍ଡ଼ିଂର ସୁବିଧା ନଥିଲା। HMV କଲିକତାରେ ରେକର୍ଡ଼ିଂ ହେଉଥିଲା। ୧୯୮୪ରେ ପିଲାଙ୍କ ଗୀତ ଓ ଗଳ୍ପ ବହି ପାଇଁ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କାର ପାଇଲେ। ଶିଶୁ ସାହିତ୍ୟିକ ଭାବରେ ତାଙ୍କର ବହୁତ ପୁସ୍ତକ ଓ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି।

ଭଞ୍ଜନଗର ଗଞ୍ଜାମଠାରେ ଟ୍ରେନିଂ ସ୍କୁଲର ପ୍ରଧାନ ଶିକ୍ଷକ ଭାବରେ କାମ କରିଥିଲେ। ନୂଆପଡ଼ା (କଳାହାଣ୍ଡି) ଓ ବଉଦଠାରେ (ଫୁଲବାଣୀ) ଡ଼େପୁଟି ଇନିସ୍‌ପେକ୍ଟର ଭାବରେ କାମ କରିଥିଲେ। କଳାହାଣ୍ଡି ଜିଲ୍ଲାରେ D.I ଜିଲ୍ଲା ଶିକ୍ଷା ନିରୀକ୍ଷକ ଭାବରେ କାମ କରିଥିଲେ। କେନ୍ଦ୍ରାପଡ଼ାଠାରେ ଜଲ୍ଲା ଶିକ୍ଷା ନିରୀକ୍ଷକ ଭାବରେ କାମ କରିଥିଲେ।

C.T Training School ରଗଡ଼ି ବାଙ୍କିଠାରେ ପ୍ରଧାନ ଶିକ୍ଷକ ଭାବରେ କାମ କରିଥିଲେ। ସେତେବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥିଙ୍କ ସମୟରେ ଅବସରର ସମୟ ୫୫ ବର୍ଷ କରିଥିଲେ। ଅବସର ପରେ ଜଗନ୍ନାଥ ବିଦ୍ୟାପୀଠ (ଖଣ୍ଡସାହି) ନିଶ୍ଚିନ୍ତକୋଇଲି ଠାରେ ପ୍ରଧାନଶିକ୍ଷକ ଭାବରେ ମଧ୍ୟ କାମ କରିଥିଲେ। ୨୦୦୦ ମସିହାରେ ତାଙ୍କର ପରଲୋକଗମନ ହୋଇଥିଲା।

**ଜଗତପୁର, କଟକ**

# ମୋ ବାପା

## ଡକ୍ଟର ବିଷ୍ଣୁଚରଣ ସାହୁ



ମୋ ପିତା ଅନାମ ଚରଣ ସାହୁ, ଓଡିଶାର ଅବିଭକ୍ତ କଟକ ଜିଲ୍ଲା, ଅଧୁନା ଯାଜପୁର ଜିଲ୍ଲାର ବିଞ୍ଝାରପୁର ଥାନା ଅନ୍ତର୍ଗତ ନାଉପାଳ ଗ୍ରାମରେ ୧୯୦୫ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ରଥ ସାହୁ । ରଥ ସାହୁଙ୍କର ବହୁଦିନ ପର୍ଯ୍ୟନ୍ତ ସନ୍ତାନ ନହେବାରୁ ସେ ଗୋଟିଏ ପୋଷ୍ୟପୁତ୍ର କରିଥିଲେ। ଅବଶ୍ୟ ତାପରେ ବାପା ଜନ୍ମ ହେଲେ । ଅତଏବ ସେମାନେ ୨ଭାଇ ଥିଲେ, ତାଙ୍କର ଭଉଣୀ ନଥିଲେ । ରଥ ସାହୁ ତାଙ୍କ ସମୟରେ ଜମିଦାର ଥିଲେ । ବାପା ଜନ୍ମ ବେଳକୁ ତାଙ୍କର ଜମିଦାରୀ ଆସ୍ତେ ଆସ୍ତେ ଉଚ୍ଛେଦହୋଇ ଆସୁଥାଏ । ବାପା ଜମିଦାର ଘରର ପିଲା ହେଲେ ବି, ତାଙ୍କର ଯୁବକବେଳେକୁ ପ୍ରାୟ ଜମିଦାରୀ ପ୍ରଥା ବନ୍ଦ ହେବା ଅବସ୍ଥାରେ ଥିଲା। ବାପାଙ୍କୁ ଲୋକେ ଜମିଦାର ବା ସାଆଁନ୍ତେ ନାମରେ ଡାକୁଥିଲେ । ଯେଉଁଠାରେ ଖଜଣା ଆଦାୟ କରାଯାଉଥିଲା ଆଜିଯାଏ ସେ ଚଉପାଢ଼ି ସୂଚାଇ ଦିଏ, ଜମିଦାରଙ୍କର କାର୍ଯ୍ୟକ୍ରମ ବିଷୟରେ । ବାପା ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିଲେ, ତାପରେ ଉଚ୍ଚ ଶିକ୍ଷା ପାଇଁ ବି ସୁବିଧା ନଥିଲା । ତାଙ୍କ ସମୟରେ ସେ ଆମ ଗ୍ରାମର ସବୁଠାରୁ ଉଚ୍ଚ ଶିକ୍ଷିତ ଥିଲେ । ବାପା ସବୁଠାରୁ ଅଧିକ ପାଠ ପଢିଥିବା ଜମିଦାର ଘରର ପିଲା ହୋଇଥିବାରୁ, ତାଙ୍କୁ ୨୬ବର୍ଷ ହେଲାବେଳକୁ ଆମ ଗ୍ରାମର ସବୁଠାରୁ ବଡ ବ୍ୟବସାୟୀଙ୍କର ଜ୍ୱାଇଁ ହୋଇପାରିଥିଲେ । ସେତେବେଳକୁ ମୋ ବୋଉର ବୟସ ୧୧ବର୍ଷ ଥିଲା। ତାପରେ ଆମ୍ଭେ ୪ଭାଇ ଓ ୨ଭଉଣୀ ଜନ୍ମ ନେଇଥିଲୁ । ସମସ୍ତଙ୍କ ଭିତରେ ବ୍ୟବଧାନ ଥିଲା ୫ବର୍ଷ ଲେଖାଏଁ । ମୁଁ ବାପା ମା'ଙ୍କର ୪ର୍ଥ ସନ୍ତାନ ଥିଲି। ବାପା ଆମ ଭାଇ ଭଉଣୀ ସମସ୍ତଙ୍କୁ ଶିକ୍ଷା ଦେବାରେ ଅବହେଳା କରୁନଥିଲେ। ଆମେ ୪ଭାଇ ସମସ୍ତେ ଶିକ୍ଷକତା କରୁଥିଲୁ । ଦୁଇ ଭଉଣୀ ମଧ୍ୟ ୨ଜଣ ଶିକ୍ଷକଙ୍କୁ ବିବାହ କରିଥିଲେ । ବାପା ଶିକ୍ଷକମାନଙ୍କୁ ବହୁତ

ଭଲପାଉଥିଲେ । ବାପା ଜଣେ ଭଲ ଚାଷୀ ଥିଲେ । ମୋ ପିଲାବେଳେ ଦେଖିଛି ଆମ ଚାଷ ଜମି ଓ ବଗିଚାରେ ବର୍ଷସାରା ପ୍ରତ୍ୟେକ ଦିନ ଲୋକମାନେ କାମ କରୁଥାନ୍ତି । ଗାଈ ବଳଦ ଇତ୍ୟାଦି ବହୁତ ଥାନ୍ତି । ଯେଉଁମାନେ ଆମ ଜମି ଓ ବଗିଚା ଇତ୍ୟାଦିରେ ଚାଷ କରୁଥିଲେ, ସନ୍ଧ୍ୟାବେଳକୁ ମଜୁରୀ ବାବଦରେ ଧାନ, ଚାଉଳ ଇତ୍ୟାଦି ଆମ ଘରୁ ନେଉଥିଲେ । ଅବଶ୍ୟ ଯେଉଁମାନଙ୍କର ଚାଷଜମି ଅଧିକ ନଥାଏ ସେମାନେ ମଜୁରିଆମାନଙ୍କୁ ଟଙ୍କା ଦେଉଥିଲେ । ଆମ୍ଭେ ଭାଇଭଉଣୀ ଯେତେବେଳେ ପାଠ ପଢୁଥିଲୁ ବାପା ଆମର ପାଠ ପଢା ଖର୍ଚ୍ଚ ଭରଣା କରିବା ପାଇଁ ଚାଷ ସାଙ୍ଗରେ କିଛି ବ୍ୟବସାୟ ମଧ୍ୟ କରୁଥିଲେ । ଯାହାଫଳରେ ଆମ୍ଭେମାନେ ଭଲରେ ପାଠ ପଢିପାରିଲୁ । ମୋ ବୋଉ ଜଣେ ଗୃହିଣୀ ଥିଲା । ପାଠ ପଢି ନଥିଲେ ବି ବାପାଙ୍କ ପାଖେ ପାଖେ ରହି ସବୁ କାର୍ଯ୍ୟରେ ସାହାଯ୍ୟ କରୁଥିଲା। ଆମେମାନେ ଭଲ ପାଠ ପଢୁଥିବାରୁ ବାପାଙ୍କର ଅସୀମ ଆନନ୍ଦ ଥିଲାବେଳେ, ବୋଉ ମଧ୍ୟ ବହୁତ ଖୁସି ରହୁଥିଲା। ଶେଷରେ ୨୦୧୦ ମସିହା ସେପ୍ଟେମ୍ବର ୧୩ ତାରିଖରେ ଭୁବନେଶ୍ୱରରେ  ମୋ ନିକଟରେ ଥାଇ  ବାପା ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ବାପାଙ୍କର ସାମାଜିକବଦ୍ଧତା, ଧାର୍ମିକ ବ୍ୟାକୁଳତା, ନିଜର ଜନ୍ମ ମାଟି ପାଇଁ ମମତା ଓ ପ୍ରଗତିର ଉତ୍ସୁକତା ପାଇଁ ସେ ୧୦୫ବର୍ଷ ବଞ୍ଚିଥିଲେ । ୧୦୦ବର୍ଷ ପର୍ଯ୍ୟନ୍ତ ସେ ନିଜକୁ କର୍ମଠ ରଖି ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିପାରୁଥିଲେ । ତାଙ୍କର ଅପାର କରୁଣା, ସ୍ନେହ ଓ ଆଶୀର୍ବାଦରେ ମୁଁ ଆଜି ନିଜକୁ ମନ୍ଥନ କରିପାରୁଛି ଓ ବାଟ ଚାଲିବାର ରାହା ଖୋଜି ପାଇଛି ।

ବାପାଙ୍କର କର୍ତ୍ତବ୍ୟ ପରାୟଣତା ଓ ଦାୟିତ୍ୱବୋଧ କେବଳ ପରିବାର ଓ ପଡୋଶୀଙ୍କ ପାଖରେ ସୀମିତ ନ ରହି ପାଖାପାଖି ପଡିଶା ଅଞ୍ଚଳକୁ ବ୍ୟାପିଥିଲା । ତାଦ୍ୱାରା ପ୍ରଥମେ ଗାଁ ପିଲାଙ୍କର ଶିକ୍ଷା ବ୍ୟବସ୍ଥାକୁ ସାକାର କରିବାପାଇଁ ଗ୍ରାମବାସୀଙ୍କର ମିଳିତ ଉଦ୍ୟମରେ ଆମ ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଗଠନ କରିବା ସଙ୍ଗେ ସଙ୍ଗେ ଆମ ପଞ୍ଚାୟତରେ ଗୋଟିଏ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ

କରି ସଫଳ ହୋଇପାରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମରେ ବାରମ୍ବାର ଆଲୋଚନା କରି ନିଜ ଗ୍ରାମ ରାସ୍ତାଗୁଡିକୁ ତିଆରି କରି, ଯିବା ଆସିବାର ବାଟକୁ ସୁଗମ କରିପାରିଥିଲେ । ତାଙ୍କର ସବୁଠାରୁ ଆକର୍ଷଣୀୟ କର୍ତ୍ତବ୍ୟ ସାଧନର ମୂକସାକ୍ଷୀ ଭାବରେ ଆମ ଗ୍ରାମର ଭାଗବତ ମନ୍ଦିର ଆମକୁ କାମ କରିବାର ପ୍ରେରଣା ଯୋଗାଇଛି । ୧୦୦ବର୍ଷ ବୟସରେ ମଧ୍ୟ ବାପା ଘରୁ କଟକ ଓ ଭୁବନେଶ୍ୱରରେ ଥିବା ଏଣ୍ଡାମେଣ୍ଟ ଅଫିସ୍ ଓ ଅନ୍ୟାନ୍ୟ ଅଫିସ ଯାଆସ କରି ମନ୍ଦିର ତଥା ଗ୍ରାମର ଉନ୍ନତି କରାଉଥିଲେ । ମୁଁ ମନା କଲେବି ସେ ଶୁଣୁନଥିଲେ, ବରଂ ମନ୍ଦିରର ପ୍ରଗତି ଓ ଉନ୍ନତିର ନିଶା ତାଙ୍କ ବୃଦ୍ଧ ଜୀବନରେ ତାଙ୍କର ସବୁଠାରୁ ବଡ ଶକ୍ତି ଥିଲା ।

ତାଙ୍କର ଶେଷ ଇଚ୍ଛା, ପ୍ରାୟତଃ ସଫଳ ହୋଇଥିଲା । ତାଙ୍କର ଶେଷ ୫ବର୍ଷ ମୋ ପାଖରେ ଭୁବନେଶ୍ୱରରେ କଟାଇଛନ୍ତି । ମୋତେ ଆନନ୍ଦର ବାର୍ତ୍ତା ଦେଇଛନ୍ତି । କର୍ତ୍ତବ୍ୟର ସ୍ୱୀକୃତି ଦେଇଛନ୍ତି ଓ ସମାଜ ପ୍ରତି ଆକର୍ଷିତ କରାଇଛନ୍ତି । ଆର୍ଥିକ ଅଭାବଗ୍ରସ୍ତ ଓ ମେଧାବୀ ପିଲାମାନଙ୍କର ଶିକ୍ଷାର ଦାୟିତ୍ୱ ମୋତେ ସମର୍ପଣ କରିଛନ୍ତି । ସର୍ବପରି ମାନବିକତାବୋଧର ଅମୃତ ଭାବ ମୋତେ ଦେଇଯାଇଛନ୍ତି ।

ସି-୭, ସହିଦ ନଗର, ଭୁବନେଶ୍ୱର
ଦୂରଭାଷ-୯୪୩୭୧୩୦୫୦୦

# ବାପା

**ରବୀନ୍ଦ୍ର ନାଥ ସାମଲ**






ମୋର ବାପାଙ୍କ ନାମ ମଧୁସୂଦନ ସାମଲ। ତାଙ୍କ ଜନ୍ମ ୧୯୨୭ ମସିହାରେ। ସେ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ଜଣେ ଖୁବ୍ ସୁନାମଧନ୍ୟ ଶିକ୍ଷକ ହିସାବରେ ତାଙ୍କୁ ସମସ୍ତେ ଜାଣନ୍ତି। ଘରଠାରୁ ୫/୬ କି.ମି ଦୂର କଳାଶ୍ରୀ ପ୍ରାଥମିକ ବିଦ୍ୟାଳୟରେ ସେ ୩୦ ବର୍ଷ ଧରି ଶିକ୍ଷକତା କରିଥିଲେ। ୧୯୮୫ ଅଗଷ୍ଟ ମାସରେ ଚାକିରିରୁ ଅବସର ନେଇଥିଲେ। ସେ ଖୁବ୍ ଚୁପ୍‌ଚାପ୍ ସ୍ୱଭାବର ମଣିଷଟିଏ । ଖୁବ୍ ଲାଜକୁଳା ଥିଲେ। ମୁଁ ତାଙ୍କର ବଡ଼ପୁଅ। ସେ ଖୁବ୍ କ୍ୱଚିତ୍ ମୋ ସହିତ କଥା ହୁଅନ୍ତି। ମତେ ଥରେ ପଚାରିଲେ ସତରେ କ'ଣ ୟୁ.ଜି.ସି. ତମକୁ ଏତେଟଙ୍କା ଦରମା ଦେବ? ସେ ଖାଲି ଆଖିରେ ଖବରକାଗଜକୁ ବିସ୍ତୃତ ଭାବରେ ପଢ଼ନ୍ତି। ତା'ର କିଛିଦିନ ପରେ ମତେ ପଚାରିଲେ, ଦରମା ମିଳିଲା ନା ନାହିଁ? ମୁଁ ହଁ କହିଲି। ତାଙ୍କ ପେନ୍‌ସନର ଟଙ୍କା ମୋତେ ବ୍ୟାଙ୍କ୍ ଚେକ୍‌ରେ ଦେଇ ଦେଉଥିଲେ। ସବୁ ବିଷୟରେ ନିରାସକ୍ତ ଥିଲେ। ମୋ ବୋଉ ସବୁକଥା ବୁଝୁଥିଲା। ମୋ ବଡ଼ଭଉଣୀ ବିଭାଘର ପାଇଁ ସ୍ୱୀକାର ପତ୍ର ଲେଖାସରିଲା ପରେ ସେ ସ୍କୁଲ ଛୁଟିକରି ୪.୩୦ ମିନିଟ୍‌ରେ ଘରେ ପହଞ୍ଚିଥିଲେ। ବୋଉ ବିରକ୍ତ ହୋଇ କହିଲା, ତମେ କ'ଣ ଏକୁଟିଆ ମାଷ୍ଟ୍ର ହେଇଛ। ମୋ ବୋଉ ତାଙ୍କୁ ଗାଳି ଗୁଲଜ କଲେବି ସେ କିଛି କୁହନ୍ତି ନାହିଁ। ମୋ ବଡ଼ଭଉଣୀ ବିଦୁ ଦେଇ ବୋଉକୁ କହେ, ବାପା ଖାଇଲାବେଳେ ତୁ କାହିଁକି ଗାଳି କରୁଛୁ। ସେ ଖାଇ ସାରନ୍ତୁ। ସେ କିଛି ପ୍ରତିବାଦ ନକରି ପୂରାପୂରି ଖାଇ ଉଠିଯାନ୍ତି। କେବେ ରାଗ କରନ୍ତି ନାହିଁ। ତାଙ୍କୁ ରାଗିବା କେହି ଦେଖିନାହାନ୍ତି। ପ୍ରତି ଶନିବାର ସ୍କୁଲ ଶେଷକରି ଘରକୁ ଆସନ୍ତି। ସାଇକେଲ୍ ଖୁବ୍ ଧୀରେ ଚଳାନ୍ତି। ଅନ୍ୟଦିନମାନଙ୍କରେ ସ୍କୁଲ ପିଲାଙ୍କୁ ମାଗଣାରେ ସ୍କୁଲ ବାରଣ୍ଡାରେ ପାଠ

ପଢ଼ାନ୍ତି। ସେ ମାଟ୍ରିକ୍ ଫେଲ ହୋଇଥିଲେ ଏବଂ ଇ.ଟି. ଟ୍ରେନିଂ ପରେ ଚାକିରି କରିଥିଲେ। ସେ ଓଡ଼ିଆ ଓ ଇଂରାଜୀରେ ନିର୍ଭୁଲ ଭାବରେ ଦରଖାସ୍ତ ଲେଖୁଥିଲେ। ତାଙ୍କ ଜୀବନକୁ ନେଇ କେତେକ ତାଙ୍କୁ ସ୍ଥିତପ୍ରଜ୍ଞ ବୋଲି କହନ୍ତି। ଗାଁର ଲୋକମାନେ ତାଙ୍କୁ ଧର୍ମ ଯୁଧିଷ୍ଠିର ବୋଲି କହନ୍ତି। ତାଙ୍କର ତାସ୍‌ଖେଳ ଭାରି ପ୍ରିୟ ଖେଳ। ଭାରତ, ପାକିସ୍ତାନ କ୍ରିକେଟ ଖେଳରେ ଭାରତ ହାରିଗଲେ ସେ ଭାରି ମନଦୁଃଖ କରନ୍ତି। ବାରମ୍ବାର ଟି.ଭି ପାଖରୁ ଉଠିଆସି ପାନପିକ ପକାନ୍ତି। ପୁଣି ଭୋଟ୍ ସମୟରେ କଂଗ୍ରେସ ଭୋଟ ଗଣା ବେଳେ ପଛରେ ପଡ଼ିଗଲେ ସେ ସହିପାରନ୍ତି ନାହିଁ। ମାଙ୍କଡ଼ ଗୋଡ଼ାଇବାରେ ତାଙ୍କର ଆନନ୍ଦ ଥାଏ। ଦିନେ ମରିବାର, ୨ ବର୍ଷ ପୂର୍ବରୁ ସେ ବାଡ଼ିଧରି ଚାଲୁଥିଲେ। ହଠାତ୍, ବାଡ଼ିଧରି ବାରିପଟେ ମାଙ୍କଡ଼କୁ ଢ଼େଲାମାରି ଘଉଡ଼ାଉଥିଲେ। ଆମେ ସମସ୍ତେ ଅବାକ୍ ହେଲୁ। ସେ କହିଲେ, ମୁଁ ଯୁବକ ବେଳେ ନଡ଼ିଆ ଗଛରୁ ନଡ଼ିଆ ଢ଼େଲାମାରି ଖସାଉଥିଲି। ଏବେ ଏ ପିଲା କିଛି କାମକୁ ନୁହଁନ୍ତି।

ମୁଁ ଦେଖିବାରେ, ସେ ତାଙ୍କର ଦୁଇ ଝିଅ ଓ ଜ୍ୱାଇଁଙ୍କ ମୃତ୍ୟୁରେ ଶୋକାତୁର ନଥିଲେ। ସବୁବେଳେ ଚୁପ୍ ରହୁଥିଲେ। କିନ୍ତୁ ତାଙ୍କର ସାନ ନାତି (ରିଙ୍କୁ)ର ଅକାଳ ବିୟୋଗରେ ଖୁବ୍ କାନ୍ଦିବା ଓ କ'ଣ କ'ଣ କହିବା ମୁଁ ଖୁବ୍ ନିକଟରୁ ଦେଖିଛି। ସେ ମେଧାବୀ ଛାତ୍ରମାନଙ୍କୁ ଭଲପାଉଥିଲେ। ଥରେ ଜଣେ ପ୍ରୋଜେକ୍ଟ ଡାଇରେକ୍ଟର ତାଙ୍କୁ ଦେଖା କରିବାକୁ ଆସିଥିଲେ। ତାଙ୍କର ଚୁଟି ସବୁ ଧୋବ ଫରଫର। ବାପା ତାଙ୍କ ଶୋଇବାଘର ପାଖକୁ ଆସିଲେ। ସେ ତାଙ୍କର ପାଦଛୁଇଁ ନମସ୍କାର କଲେ। ପରିଚୟ ଦେଲେ ମୁଁ ଆପଣଙ୍କ ଛାତ୍ର ଥିଲି, ମୋତେ ଚିହ୍ନିପାରୁଛନ୍ତି। ସେ ଖୁବ୍ ନିରୀକ୍ଷଣ କରି ମନାକଲେ ମୁଁ ଜାଣିପାରୁନାହିଁ। ସେ ତାଙ୍କ ନାମ କହିଲେ, ବାପା ତାଙ୍କ ବାପାଙ୍କ ନାମ ପଚାରିଲେ, ସେ ତାଙ୍କ ବାପାଙ୍କ ନାମ କହିବାରୁ ସେ ଖୁସିହେଲେ ଏବଂ କହିଲେ, ଏବେ ମୁଁ ଜାଣିଲି। ଆଉ ତମେ ଆମ ଘାତପୁତରେ ମାଜିଷ୍ଟ୍ରେଟ୍ ଥିବାର ଶୁଣିଥିଲେ। ତାଙ୍କ ସହିତ ବହୁ ସମୟ କଥାବାର୍ତ୍ତା ହେଲେ। ସେ ନିଜେ ପ୍ରଚାରଧର୍ମୀ ନଥିଲେ।

ତାଙ୍କର ଜଣେ ଛାତ୍ର ଅବସର ପରେ ତାଙ୍କୁ କଳାଶ୍ରୀ ଗାଁକୁ ନବାକୁ ଚାହିଁଲେ । ପ୍ରଥମେ ମନାକରୁଥିଲେ, ସେ ବାରମ୍ବାର ଆସିବାରୁ ହଁ ଭରିଲେ । ସେ ଛାତ୍ରଟି ଜଣେ ସ୍କୁଲ ଶିକ୍ଷକ ଥିଲେ । ସେ ଦିନସାରା ଘର ଘର ବୁଲିଲେ, ସମସ୍ତଙ୍କ ଘରେ କିଛି ନା କିଛି ଖାଦ୍ୟ ଗ୍ରହଣ କଲେ । ସେଦିନ ସନ୍ଧ୍ୟାରେ ମୋ ସ୍ତ୍ରୀ ଆଗରେ ଖୁବ୍ ଆନନ୍ଦରେ ବଖାଣିଥିଲେ ଓ ସେମାନେ ଦେଇଥିବା ଖଦଡ଼ ଲୁଗା, ଜୋତା ଇତ୍ୟାଦି ଦେଖାଇ ଖୁସି ହୋଇଥିଲେ । ତାଙ୍କର ଜଣେ ମୁସ୍‌ଲିମ୍ ଛାତ୍ର ତାଙ୍କର ସାର୍ଟ ତିଆରି କରୁଥିଲେ । ସେ ତାଙ୍କୁ ପିନ୍ଧି ଖୁବ୍ ଖୁସି ହେଉଥିଲେ । ଜଣେ ସ୍ନେହୀ ଶିକ୍ଷକ ଭାବରେ, ସେ ପିଲାମାନଙ୍କୁ ମଣିଷ କରିବାରେ ଲାଗିପଡ଼ିଥିଲେ ।

ଅବସରପ୍ରାପ୍ତ ପ୍ରାଧ୍ୟାପକ (ଓଡ଼ିଆ ବିଭାଗ)
ବରଦା ,ବାଲିଚନ୍ଦ୍ରପୁର,ଯାଜପୁର



# ଦଶପଇସି

ଡ଼କ୍ଟର ପୂର୍ଣ୍ଣଚନ୍ଦ୍ର ଓଝା

(ସୁରଲୋକବାସୀ ମୋର
ପୂଜ୍ୟ ପିତା ଗଣେଶ୍ୱର ଓଝାଙ୍କ ସ୍ମୃତିରେ)

ସେଦିନ ମାଡ଼ଖାଇ ଶୋଇଥିଲି। କିଛି ଖାଇନଥିଲି। ଭୋକ

ପେଟରେ ନିଦବି ଆସୁନଥିଲା ଆଖିକୁ। କଇଁ କଇଁ ହୋଇ କାନ୍ଦୁଥିଲି ବିଛଣାରେ ପଡ଼ି। ଅଫିସ୍‌ରୁ ବଡ଼ ଭାଇ ଆସି ପହଞ୍ଚିଲେ। ଦେଖିଲେ ମୁଁ ଶୋଇଛି। ମୋତେ ଡ଼ାକିଲେ। ମୁଁ ଉଠିଲି ନାହିଁ। ଯେତେ ବୁଝାଇଲେ ବି ବୁଝିଲିନି। ଭାଇ ମୋତେ ବେଶି ଭଲ ପାଆନ୍ତି। ତେଣୁ ତାଙ୍କଠାରେ ଅଭିମାନ କରିବା ସ୍ୱାଭାବିକ। ତେବେ କ'ଣ ହୋଇଛି ବୋଲି କାହାକୁ ପଚାରିବେ ? ମା' (ବୋଉ)ତ ନଥିଲା। ଏହି ଦିନକୁ ଦୁଇବର୍ଷ ହେବ ପରପାରିକୁ ଚାଲିଯାଇଥିଲା। ସାନ ଭଉଣୀ ଖେଳୁଥିଲା; ତାକୁ ପଚାରିଲେ। ସେ କହିଲା ବାପା ବାଡ଼େଇଛନ୍ତି। ଏହି ସମୟରେ ବାପା ଆସି ପହଞ୍ଚିଲେ। ଭାଇ ବାପାଙ୍କୁ ପଚାରିବାରୁ। ବାପା କହିଲେ: ନଖାଉ ସିଏ। ସେମିତି ଶୋଇଥାଉ। ଭୋକ ହେଲେ ବଳେ ମଲିମଲି ହୋଇ ଆସି ଖାଇବ। କେହି ତାକୁ ଡ଼ାକନା। ବଦ୍‌ମାସ ହୋଇଗଲାଣି। ତୁ ତ ଜାଣୁ, ଆମେ କେତେ କଷ୍ଟରେ ଚଳୁଛେ। ତୁ ଏବେ ୧/୨ ମାସ ହେବ ଚାକିରି କରିଛୁ। ଚାକିରି ବି ସ୍ଥାୟୀ ହୋଇନାହିଁ। କ'ଣ ୨୦୦ / ୩୦୦ ଟଙ୍କା ପାଉଛୁ। ମୁଁ କଲିକତା ଛାଡ଼ିବା ଦିନରୁ ରୋଜଗାର କାହିଁ ! ଏଠି ବହୁଗ୍ରାମରେ କଡ଼େଇ କାରଖାନା (ପଞ୍ଚାୟତ ଇଣ୍ଡଷ୍ଟ୍ରି)ରେ କାମକରି ୩୦/୪୦ ଟଙ୍କା ପାଉଛି। କରିଥିବା ଋଣ ଶୁଝି ହଉନି। ଘର କିପରି ଚଳିବ ତୁ କହ। ଏ ପିଲାଟା ବୁଝୁନି। ଥରେ ନୁହେଁ, ଏମିତି ୩/୪ ଥର କଲାଣି। ଆଜି ମୋତେ ନକହି ମୋ ଜାମା ପକେଟ୍‌ରୁ ଗୋଟାଏ ଦଶପଇସି ନେଇଯାଇଛି। ତାକୁ ନେଇ ଗନ୍ଧିଆ ସାହୁ ଦୋକାନରୁ ଚୁଚୁମା (ପିଲାମାନେ ଚୁଚୁମି ଖାଉଥିବା ଲଜେଞ୍ଚ୍) ଆଣି ଖାଇଛି। ମୁଁ ଦୋକାନକୁ ଯାଇଥିଲି। ଗନ୍ଧିଆ ଏକଥା କହିଲା। ହଁ ନେଲା ; ପଇସା /

ଦିପଇସା ନେଇଥାଆନ୍ତା ! ଦଶପଇସା ନେଲା। ପୁଣି ଏତେ ଚୁଚୁମା କିଣି କାହାକୁ କିଛି ନଦେଇ ଏକା ଖାଇଲା। ଏକଥା ପଚାରିବାକୁ ମୋତେ ଏଣୁତେଣୁ ମିଛ କହି କଥା ବୁଲାଇଲା। ଜମା ମାନିଲା ନାହିଁ। ତେଣୁ ମୁଁ ତାକୁ ବାଡ଼େଇଛି। ଆଜିଠୁ ମିଛ କହିଲାଣି, ଚୋରି କଲାଣି। ବଡ଼ ହେଲେ କ'ଣ ନକରିବ ! ବଡ଼ ଚୋର ହେବ। ବାପା ନାଁ ପକେଇବ। ତୁ ତାକୁ କିଛି କହନା, ସେ ସେମିତି ଶୋଇଥାଉ।

ବାପାଙ୍କଠାରୁ ଏସବୁ ଶୁଣି ଭାଇ ମୋତେ ବୁଝାଇଶୁଝାଇ ଉଠାଇଲେ। କହିଲେ : ଯା'। ବାପା ପରା। ତୁ ତାଙ୍କଠାରୁ ମାଗିକରି ପଇସା ନେଲୁ ନାହିଁ। ସେ କ'ଣ ଦେଇନଥାଆନ୍ତେ ! ନହେଲେ ମୁଁ ଆସିଥିଲେ, ମୋତେ ମାଗିଥାଆନ୍ତୁ। ମୁଁ ତୋତେ ଦି'ଟା ଦଶପଇସି ଦେଇଥାଆନ୍ତି। ତୁ ନକହି ତାଙ୍କ ପକେଟ୍‌ରୁ ଚୋରିକଲୁ। ସେ ରାଗିବେନି ! ହଉ ଆ' ଖଇବା ରାତି ହେଲାଣି। ମୋତେ ବି ଭୋକ ହେଲାଣି। ବାପା ରୋଷେଇ ସାରି ଦୋକାନକୁ ଯାଇଥିଲେ। ଖାଇବା ଚାଲ୍। ଆଉ କ'ଣ ତାଙ୍କର ରାଗ ଅଛି ! ତୋତେ ବାଡ଼େଇଥିବାରୁ ତାଙ୍କ ମନରେ କେତେ ଦୁଃଖ ଜାଣିଛୁ ! ସେ ତୋ ପାଇଁ ବିସ୍କୁଟ ଲଜେଞ୍ଜ୍ ଦୋକାନରୁ ଆଣିଛନ୍ତି। ଚାଲ୍ ବାପାଙ୍କୁ ଭୁଲ୍ ମାଗେ। ବାପା ଖୁସି ହେବେ। ମୁଁ ବି କଟକରୁ ଛେନାପୋଡ଼, ପକୁଡ଼ି ଆଣିଛି। ଆସେ ସମସ୍ତେ ମିଶିକରି ଖାଇବା। ଭାଇ ମୋତେ ଉଠାଇ କୋଳକରି ଆଣିଲେ। ବାପାଙ୍କୁ ମୁଁ ଓଳଗି ହେଲି। ଆଉ କେବେ ତାଙ୍କୁ ନକହି ତାଙ୍କ ପକେଟରୁ ପଇସା ନେବିନି ବୋଲି କାନ୍ଦିକାନ୍ଦି କହିଲି। ବାପା ମଧ୍ୟ କାନ୍ଦି ପକେଇଲେ। ମୋତେ କୋଳେଇ ନେଇ ଦୋକାନରୁ ଆଣିଥିବା ବିସ୍କୁଟ ଓ ଲଜେଞ୍ଜ୍ ଦେଲେ।

ସେଦିନ ଚାଲିଯାଇଛି। ବାପା ଆଜି ସଂସାରରେ ନାହାନ୍ତି। ମା' (ବୋଉ)ତ ପିଲାବେଳୁ ଚାଲିଯାଇଥିଲେ। ମୁଁ ଷଷ୍ଠ ଶ୍ରେଣୀରେ ପଢୁଥିବାବେଳେ ବାପାଙ୍କର ମଧ୍ୟ ଦେହାନ୍ତ ଘଟିଲା। ଯେଉଁ ସମୟରେ ମା' ବାପାଙ୍କର ସ୍ନେହ, ମମତା ଓ ଅନୁଶାସନ ଆମକୁ ଦରକାର ଥିଲା, ସେଥିରୁ ଆମେ ଭାଇଭଉଣୀ ବଞ୍ଚିତ ହେଲୁ। ଭାଇ ଆମ ଉପରେ ବଡ଼ଥିବାରୁ ସେ

ଆମର ଯତ୍ନ ନେଲେ ଓ ଆମେ ବଡ଼ ହେଲୁ। ବାପାଙ୍କ କଥା ଅଧିକାଂଶ ସମୟରେ ମନେପଡ଼େ। ମା'ଙ୍କ କଥା ଆହୁରି ବେଶି। ବାପା କଲିକତାରେ ଥିଲାବେଳେ ଯେତେବେଳେ ଗାଁକୁ ଆସନ୍ତି ଆମପାଇଁ ବହୁତ ଜିନିଷ ଆଣିଥାଆନ୍ତି। ଯେଉଁ ବର୍ଷ ଆସିପାରୁନଥିଲେ ସେଠାରେ ଥିଲାବେଳେ ସେହି ଚାକିରି କରିଥିବା ଅନ୍ୟକେହି ଗାଁକୁ ବା ଗାଁ ପାଖ ଗାଁ - ପାଟପୁର, ପଦ୍ମପୁର, ପାଗା, ଛାଣିପୁର, ସାଲେପୁରକୁ ଆସୁଥିବାବେଳେ ତାଙ୍କ ହାତରେ ସେତେବେଳର କଲିକତାର ମିଠା, ଜିଲାପି, ବିସ୍କୁଟ୍, ଲୁଗାପଟା ଆଦି ପଠାଇଥିଲେ। ଭଲ ଗୁଆଘିଅ ମଧ୍ୟ ପଠାଉଥିଲେ। ମୋର ମନେଅଛି ମାଆ ଥିଲାବେଳେ ସେଇ ଗୁଆଘିଅରେ ସେ ଆମକୁ ପରଟା ଓ ପୁରିକରି ଖାଇବାକୁ ଦେଉଥିଲେ। ଆମେ ଭାରି ଖୁସି ହେଉଥିଲୁ।

ସେ ସମୟରେ ସେପରି ସୁବିଧା ନଥିବାରୁ ଓ ଅର୍ଥାଭାବରୁ ହୁଏତ ବାପା କିମ୍ବା ମାଆଙ୍କର ଫଟୋଚିତ୍ରଟିଏ ମଧ୍ୟ ଆଜି ଆମପାଖରେ ନାହିଁ। ନଚେତ୍ ମୁଁ କେତେ ଖୁସି ହୋଉନଥାନ୍ତି ଆଜି ତାଙ୍କୁ ସେହି ଫଟୋରେ ଦେଖି। ଏବେ ବାପା ଓ ବୋଉଙ୍କ ଉପରେ କେଉଁଠି କେତେବେଳେ ସଭାସମିତିରେ କହୁଥିବାବେଳେ ଏବଂ ଲେଖାଲେଖି କରୁଥିଲାବେଳେ ପଣ୍ଡିତମନ୍ୟ ହୋଇ, ନିଜର ବଡାଇ ଦେଖେଇ କେତେକଥା କହି ହୋଇଯାଉଛି ସିନା କିନ୍ତୁ ବହୁଦିନ ହୋଇଯାଇଥିଲେ ମଧ୍ୟ ତାଙ୍କଠାରୁ ସେ ସମୟରେ ପାଇଥିବା ସ୍ନେହ ମମତାକୁ ଭୁଲି ହେଉନାହିଁ। ଅନୁଭବ କରୁଛି ଗଭୀର ଭାବରେ ଯେ ମାଆ, ବାପାଙ୍କ ପରି କେହି ବି ଏ ସଂସାରରେ ନିଜର ବା ବଡ଼ ହୋଇପାରିବେନାହିଁ। ବାପା, ମାଆ ହେଉଛନ୍ତି ଆମର ଜୀବନ୍ତ ଠାକୁର। ତେଣୁ ପରା କୁହାଯାଇଛି - "ଭୂମେର୍ଗରୀୟସୀ ମାତା ସ୍ୱର୍ଗାଦୁଚ୍ଚତରଃ ପିତା"। ବାପା ମାଆଙ୍କର ସେବାରେ ଦେବତାମାନେ ଖୁସି ହୁଅନ୍ତି। ଏହି ଜୀବନ୍ତ ଦେବତାଙ୍କ ପୂଜା, ଅର୍ଚ୍ଚନା, ସେବା, ଭକ୍ତି ଯେ କେତେ ପୁଣ୍ୟ ଦାୟକ ଓ ଆତ୍ମସନ୍ତୋଷ ଦାୟକ ତାହା ମୁଁ ଆଜି ମର୍ମେ ମର୍ମେ ଅନୁଭବ କରୁଛି। ପରନ୍ତୁ ଦିନକୁ ଦିନ ସମାଜ ପାଶ୍ଚାତ୍ୟାଭିମାନୀ ହୋଇ ଏଥିରୁ ପରାଙ୍ମୁଖ ହେଉଛି। ଏହା ଅତି ଦୁଃଖଦାୟକ କଥା। ତେବେ

ମୋର ସେହି ବାପା ଆଜି ଥିଲେ ତାଙ୍କର ସେବାକରି ମୁଁ ନିଜକୁ ଧନ୍ୟ ମନେକରୁଥାନ୍ତି। ମାଆଙ୍କୁ ମଧ୍ୟ। ଆଜି ଏହି ଲେଖା ଲେଖିଲାବେଳେ ବାପା ବହୁତ ମନେପଡ଼ିଯାଉଛନ୍ତି।

ବାପା ! ମୁଁ ତୁମର ସେଇ ପୁଅ – "ଦଶପଇସି" ତୁମ ପକେଟ୍‌ରୁ ଚୋରିକରି ତୁମ ପାଖରୁ ମାଡ଼ ଖାଇଥିଲି। ତୁମେ ଭାଇଙ୍କୁ ବୁଝାଇ କହିଥିଲ ସେଦିନ, "ସେ ପଇସା (ଦଶପଇସି) ନେଲା ନେଉ ପଛେ, ମତେ ନକହି ବା ନମାଗି କାହିଁକି ଚୋରିକଲା ? ଏହି ଚୋରି କରିବା ଅଭ୍ୟାସ ରହିଯିବ। ପରେ ବଡ଼ ଚୋର ହୋଇଯିବ। ସେତେବେଳେ ହାତ କାତ ପାଇବନାହିଁ। ଭଲ ହେବ ତ !" ଠିକ୍ କଥା ବାପା, ଚୋରି କରିବା ବଡ଼ପାପ – ଛୋଟ ହେଉ ବା ବଡ଼ ହେଉ। ସେତେବେଳେ ମୁଁ ଏକଥା ବୁଝି ନଥିଲି। ତୁମେ ବାଡ଼େଇଥିଲ ସିନା କିନ୍ତୁ, ଅନ୍ତରରେ ଥିଲା ଏକ ଅମାପ ସ୍ନେହଶ୍ରଦ୍ଧା। ତା'ନହୋଇଥିଲେ ମୋ ପାଇଁ କ'ଣ ଦୋକାନରୁ ବିସ୍କୁଟ ଲଜେନ୍ସ ଆଣିଥାଆନ୍ତ ! କିନ୍ତୁ ବାପା ! ମୁଁ ଥିଲି ବଡ଼ ଅଭିମାନୀ, ତୁମେ ବାଡ଼େଇଥିଲାବେଳେ କହିଥିଲି ଯେ, ତୁମ ଦଶପଇସି ଆଣି ଦେଇଦେବି। ଏକଥାରେ ରାଗି ପୁଣି ବାଡ଼େଇଥିଲ। କହିଥିଲ, "ଆଉ କେଉଁଠୁ ଦଶପଇସି ଚୋରିକରି ଆଣି ମୋତେ ବେଜିତ୍ କରିବୁ ?" ନାହିଁ ବାପା ମୁଁ ଆଉ ଚୋରିକରି ନାହିଁ। କିନ୍ତୁ ମୁଁ ଦଶପଇସି କଥା ଭୁଲିପାରିଲିନାହିଁ। ଯେତେବେଳେ କେତେବେଳେ ଭଲ ଭଲ ନୂଆପରି ଚିକ୍‌ଚିକ୍ କରୁଥିବା ଦଶପଇସି ପାଉଥିଲି ତାକୁ ସାଇତି ରଖିବାକୁ ଲାଗିଲି। ସେ ସମୟରୁ ଆଗରୁ ପ୍ରଚଳିତ ଥିବା ଅଣି, ଦୋଅଣି, ସୁଉକି, ଆଠଣି, କଣା ପଇସାର ପ୍ରଚଳନ ବନ୍ଦ ହେବାକୁ ଲାଗିଥାଏ। ମୁଁ ଅଣିର ବ୍ୟବହାର ନିଜେ କରିଛି। ତେବେ ନୂଆ ନୂଆକରି ପଚାଶ ପଇସି, ପଚିଶି ପଇସି, ଦଶ ପଇସି, ପାଞ୍ଚପଇସି, ତିନି ପଇସି, ଦୁଇ ପଇସି, ଟିକି ଏକ ନୂଆ ପଇସି ପ୍ରଚଳିତ ହେଲା। ପିତ୍ତଳର କୋଡ଼ିଏ ପଇସି, ଦଶପଇସି ମଧ୍ୟ ଏହାର କିଛିଦିନ ପରେ ପ୍ରଚଳିତ ହେଲା। ମୁଁ ନୂଆ ନୂଆ କିଛି ମୁଦ୍ରା ସାଇତି ରଖୁଥାଏ ଖୁସିରେ। କିନ୍ତୁ ଭଲ ଭଲ ଦଶ ପଇସି ପାଇଲେ ଅତି ଆନନ୍ଦରେ ସାଇତି ରଖିଲି। ଆଉ ଏବେ ସେସବୁ ମୁଦ୍ରାଗୁଡ଼ିକର

ପ୍ରଚଳନ ନାହିଁ। ଚଳିବ ନାହିଁ ବୋଲି ଯାହା ପାଖରେ ଯାହା ଥିଲା ସେସବୁ ସେମାନେ ଆଗରୁ ଆଗରୁ ଚଳାଇଦେଲେ। କିନ୍ତୁ ମୁଁ ଦଶପଇସିଗୁଡ଼ିକୁ ସାଇତି ରଖିଛି ଆଜିଯାଏଁ। ଘରେ ପାଟି କରି କହନ୍ତି, "କାହିଁକି" - ଏଗୁଡ଼ିକ ସାଇତି ରଖିଛ ? ଆକୁ ତ ଆଉ କେହି ନେଉନାହାନ୍ତି। ଭିକାରୀ ବି ନେବାର ପ୍ରଶ୍ନ ଉଠୁନାହିଁ। ଯାହା ପାଖରେ ଯିଏ ସାଇତି ରଖିଥିଲା ସବୁ ଦେଇ ଦେଉଛନ୍ତି। ଓଜନରେ ବିକ୍ରି ହେଉଛି। ତାକୁ ନେଇ ଅନ୍ୟ କାମରେ ଲଗାଯାଉଛି। ଲୋକ କିଏ ମରିଗଲା ପରେ ତା'ର ଶବଯାତ୍ରାରେ ଫୁଲ, କଉଡ଼ି, ଖଇ ସହିତ ଏହି ପଇସାଗୁଡ଼ିକ ପକାହେଉଛି। ଆଉ ଆର ମୂଲ୍ୟ କ'ଣ ? ଏଗୁଡ଼ିକ ରଖି ଖାଲି ବୋଝ ବଢୁଛି।" ଏମାନଙ୍କ କଥା ଶୁଣି ମୁଁ ବିରକ୍ତିରେ କହେ, "ଥାଉ ତୁମେମାନେ କ'ଣ ମୁଣ୍ଡେଇଛ ! ଯଦି ହେବ ମୁଁ ମଲାପରେ ବଜାରରୁ ଆଉ ପୁରୁଣା ପଇସା କାହିଁକି କିଣି ମୋ ଶବଯାତ୍ରାରେ ପକାଇବ; ଏହି ପଇସାକୁ ପକାଇବ। ନହେଲେ ମୁଁ ମଲାପରେ ତମେମାନେ ଯାହା ମନେକରିବ, କରିବ। ଏଗୁଡ଼ିକ ମୁଁ ମଲାପର୍ଯ୍ୟନ୍ତ ମୋ ପାଖରେ ଥାଉ।" ଏକଥାରେ ଏବେ ଆଉ ଏହି ଦଶପଇସି ବିଷୟରେ କେହି କିଛି କହୁନାହାନ୍ତି।

ଦେଖ ବାପା ! କିଏ ବୁଝିବ ମନର କଥା ! ମନ ମନରେ ଥିବାଯାଏ କେବେ ମନ ବୁଢ଼ା ହେବାରେ କିଏ ଦେଖିଛି ? ପୁଣି ସ୍ମୃତି। ଏହା ମନରେ କାହାକୁ ଭୀତି ଦେଖାଯାଏ ତ; କିଏ ଏଥିରୁ ପ୍ରୀତିଲାଭ କରିଥାଆନ୍ତି। ସ୍ମୃତି ତ ନୁହେଁ କେବେ ଭୁଲିବାର.....। ପୁଣି ତୁମ ସ୍ମୃତିକୁ ବହନ କରୁଥିବା ଏହି ଦଶପଇସିଗୁଡ଼ିକୁ କେବେ କରଛଡ଼ା କରିପାରିବି କି ! ତୁମେ କୁହନା ବାପା ! ତୁମେ ସ୍ୱର୍ଗରେ ଥାଇ ଏକଥା ଜାଣିଲେ ଖୁସି ହୋଇପାରିବ କି ? ନା ବାପା ନା ! ସାଇତି ରଖିଥିବା ଅନ୍ୟ ମୁଦ୍ରାଗୁଡ଼ିକ କାହାକୁ ଦେଇ ଦେଇପାରେ ବା ଫୋପାଡ଼ି ଦେଇପାରେ, ପରନ୍ତୁ ଏ ଦଶପଇସିଗୁଡ଼ିକୁ ନୁହେଁ। ବେଳେବେଳେ ଏଇ ଦଶପଇସି ସବୁ ବାହାର କରିଦେଖେ। ମନେ ମନେ କାନ୍ଦେ, ପୁଣି ଖୁସି ହୁଏ ତୁମ କଥା ମନେପକେଇ। ଏଗୁଡ଼ିକୁ ଦେଖୁଥିଲାବେଳେ ଅନୁଭବ କରେ ତୁମେ ଯେପରି ମୋ ପାଖରେ ଠିଆହୋଇ ମୋ ସହିତ କଥା ହେଉଛ ! ଏ ଦଶପଇସି ସବୁ ଅଛି ତ,

ବାପା ! ତୁମେ ଆରପାରିରେ ଥିଲେ ବି ମୋ ପାଖେ ପାଖେ ଥିବା ପରି ମନେ ହୁଅ । ତେଣୁ ଏଗୁଡ଼ିକ କିପରି ମୋ ପାଖରୁ ଦୂରେଇ ଦେବି, ତୁମେ କୁହତ । କଦାଚିତ୍ ନୁହେଁ ।

ଯିଏ ପଛେ ଯାହା କହୁ, ମୋର କି ଯାଏ
ପରପାରିରେ ଥିଲେ ବି -
ମୁଁ ମୋ ବାପାଙ୍କୁ ଭଲପାଏ
ତାଙ୍କ ସ୍ମୃତିରେ ସାଇତା ଥିବା
ଏସବୁ ଦଶପଇସିକୁ
ଭଲପାଏ, ଭଲପାଏ, ଭଲପାଏ ॥

**ସିଂହମାପୁର, ବହୁଗ୍ରାମ, କଟକ**
**ଡାକ ସୂଚନାଙ୍କ - ୭୫୪୨୦୦**
**ମୋ - ୯୮୬୧୯୬୧୧୭୩**

# ମୋ ବାପା ଥିଲେ ସାହିତ୍ୟ ଓ ସଂସ୍କୃତିପ୍ରେମୀ

**ଆଶିଷ କୁମାର ରାୟ**





ମୋ ବାପା ସ୍ୱର୍ଗତ ଯୋଗେନ୍ଦ୍ରନାଥ ରାୟ ଥିଲେ ଜଣେ ସାଧାରଣ ବ୍ୟକ୍ତି । ସେ କୌଣସି ଉଚ୍ଚପଦସ୍ଥ କର୍ମଚାରୀ ନଥିଲେ କି ନେତା ମଧ୍ୟ ନଥିଲେ । ସେ କବି ବା ଲେଖକ ନଥିଲେ କି ଗାୟକ ବା ବାଦକ ମଧ୍ୟ ନଥିଲେ । ତେବେ ସାହିତ୍ୟ, ସଂସ୍କୃତି ପ୍ରତି ଥିଲା ତାଙ୍କର ଗଭୀର ରୁଚି । ଲେଖାଲେଖି କରୁନଥିଲେ ମଧ୍ୟ ଓଡ଼ିଆ, ବଙ୍ଗଳା, ହିନ୍ଦୀ ଓ ଇଂରାଜୀର ଅନେକ ବହି ଓ ପତ୍ରପତ୍ରିକା କିଣି ପ୍ରତିଦିନ ପଢୁଥିଲେ । ସେହିଭଳି ନିଜେ ଜଣେ ଗାୟକ ହୋଇ ନଥିଲେ ହେଁ ଶ୍ରୋତା ଭାବେ ବିଭିନ୍ନ ସଂଗୀତ ସମାରୋହରେ ସାମିଲ ହୋଇଯାଉଥିଲେ । ବହି କିଣିବା ଭଳି ରେଡିଓ ଶୁଣିବା ଏବଂ ସଂଗୀତର କ୍ୟାସେଟ୍ ଓ ସି.ଡି. କ୍ରୟ କରି ଟେପ୍ ରେକର୍ଡର ମାଧ୍ୟମରେ ତାହା ଶୁଣିବା ଥିଲା ବାପାଙ୍କର ଅଉ ଏକ ସଉକ । ବିଶେଷ କରି ଜଗନ୍ନାଥଙ୍କ ଭଜନ ଶୁଣିବାକୁ ସେ ଅଧିକ ଭଲ ପାଉଥିଲେ । ଏତଦ୍‌ବ୍ୟତୀତ ପାଲା, ଦାସକାଠିଆ ଓ କୀର୍ତ୍ତନ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରି ମଧ୍ୟ ସେ ବେଶ୍ ଆନନ୍ଦିତ ହେଉଥିଲେ । ସେଥିପାଇଁ ଚାନ୍ଦାଭେଦା ଦେବା ସହିତ ଗାୟକ, ବାଦକମାନଙ୍କୁ ଘରକୁ ଡାକି ଆଣି ଚା’ ଜଳଖିଆରେ ଆପ୍ୟାୟିତ କରୁଥିଲେ । ଆଉ ସ୍ଥାନୀୟ ଅଞ୍ଚଳରେ ନାଟକ ପରିବେଷଣର କାର୍ଯ୍ୟକ୍ରମ ବେଳେ ସେ କେବଳ ଯେ ଜଣେ ଜଣେ ଦର୍ଶକର ଭୂମିକାରେ ଅବତୀର୍ଣ୍ଣ ହେଉଥିଲେ ତାହା ନୁହେଁ, ବରଂ ରିହର୍ସଲ ବେଳେ ପ୍ରାୟତଃ ଉପସ୍ଥିତ ରହିବା ସହିତ ସେମାନଙ୍କର ପ୍ରଶଂସା କରୁଥିଲେ ଏବଂ ଦୋଷତ୍ରୁଟି ଦେଖିଲେ ନିଜସ୍ୱ ମତାମତ ମଧ୍ୟ ଦେଉଥିଲେ । ସେ ମଧ୍ୟ କେତୋଟି ନାଟକରେ ଛୋଟମୋଟ ଭୂମିକାରେ ଅଭିନୟ କରିଥିଲେ । ଏଭଳି କିଛି ନାଟକରେ ତାଙ୍କର ଅଭିନୟ ମୁଁ ପିଲାଦିନେ ଦେଖିଛି । ପରବର୍ତ୍ତୀ ସମୟରେ କିନ୍ତୁ ସେ ଅଭିନୟ ପ୍ରତି ମନୋନିବେଶ ନକରି କେବଳ ଜଣେ ସୁଧୀ ଦର୍ଶକ ଭାବେ ତାହା ଉପଭୋଗ କରିବାରେ ସମୟ ଦେଇଥିଲେ ।

ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗର ଜଣେ କର୍ତ୍ତବ୍ୟନିଷ୍ଠ ସରକାରୀ କର୍ମଚାରୀ ଭାବେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସେ କାର୍ଯ୍ୟ କରିଥିଲେ। ଯେଉଁଠିକୁ ବି ଯାଉଥିଲେ ସେଠାରେ ସ୍ଥାନୀୟ ବ୍ୟକ୍ତିମାନଙ୍କ ସହିତ ବେଶ୍ ପରିଚିତ ହୋଇଯାଉଥିଲେ ଏବଂ ସେ ଅଞ୍ଚଳରେ ହେଉଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ସହାୟତାର ହାତ ମଧ୍ୟ ବଢ଼ାଇ ଦେଉଥିଲେ। ସାହିତ୍ୟ ଓ ସଂସ୍କୃତିପ୍ରେମୀ ହେବା ସହିତ ସେ ମଧ୍ୟ ଥିଲେ ଜଣ କ୍ରୀଡ଼ାପ୍ରେମୀ ବ୍ୟକ୍ତି। ଫୁଟବଲ ଥିଲା ତାଙ୍କର ସର୍ବାଧିକ ପସନ୍ଦଯୋଗ୍ୟ ଖେଳ। ଆଖପାଖରେ ଯେବେ ଫୁଟବଲ ମ୍ୟାଚ୍ ହେଉଥିଲା ସେଠାରେ ସେ ପହଞ୍ଚି ଖେଳାଳିଙ୍କୁ ଉତ୍ସାହିତ କରୁଥିଲେ। ଏପରିକି ସ୍ଥାନୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲିଥିବା ସମୟରେ ପ୍ରତିଦିନ ଅପରାହ୍ନରେ ତାଙ୍କୁ ସେଠାରେ ଦେଖିବାକୁ ମିଳୁଥିଲା। ଏତଦ୍‌ବ୍ୟତୀତ ସେ କ୍ରିକେଟ, ଭଲିବଲ ଓ ଅନ୍ୟ କେତେକ ଖେଳ ମଧ୍ୟ ଦେଖିବାକୁ ଭଲ ପାଉଥିଲେ। ଘରକୁ ଟେଲିଭିଜନ୍ ଆସିବା ପରଠାରୁ ସେଥିରେ ସେ ନୃତ୍ୟଗୀତର କାର୍ଯ୍ୟକ୍ରମ ଉପଭୋଗ କରିବା ସହିତ ବିଭିନ୍ନ ଖେଳର ପ୍ରସାରଣ ମଧ୍ୟ ଦେଖିବାକୁ ଭଲ ପାଉଥିଲେ। ସବୁଠାରୁ ବଡ଼ କଥା ହେଲା ନିଜ ଶରୀରକୁ କାର୍ଯ୍ୟକ୍ଷମ ରଖିବା ନିମନ୍ତେ ସେ ପ୍ରତିଦିନ ପ୍ରାତଃଭ୍ରମଣ ଓ ସାନ୍ଧ୍ୟଭ୍ରମଣ କରୁଥିଲେ। ଏପରିକି ୭୦/୮୦ବର୍ଷ ବୟସରେ ମଧ୍ୟ ସବୁଦିନ ସକାଳୁ ନିତ୍ୟକର୍ମ ସାରି ବାହାରି ଯାଉଥିଲେ ଏବଂ କମ୍‌ସେ କମ୍ ପାଞ୍ଚ କିଲୋମିଟର୍ ଚାଲୁଥିଲେ। ସେହିଭଳି ଅପରାହ୍ନ ୫ଟା ସମୟରେ ମଧ୍ୟ ପ୍ରାୟ ପାଞ୍ଚ କିଲୋମିଟର ଚାଲି ସନ୍ଧ୍ୟା ସମୟରେ ଘରକୁ ଫେରୁଥିଲେ।

ମୋ ଜୀବନ ଉପରେ ମଧ୍ୟ ତାଙ୍କର ଥିଲା ଗଭୀର ପ୍ରଭାବ। ମୁଁ ଯଦି ଆଜି ଜଣେ ଲେଖକ ହୋଇପାରିଛି, ସେ ଦିଗରେ ମୋ ବାପା ଯୋଗେନ୍ଦ୍ରନାଥ ରାୟ ଓ ମାଆ କଲ୍ୟାଣୀ ରାୟଙ୍କ ଭୂମିକା ବହୁତ ଅଧିକ ରହିଛି। ପିଲାଦିନେ ସେ ଅନେକ ଶିଶୁ ପତ୍ରିକା ଆଣି ଦେଉଥିଲେ। ସେତେବେଳେ ଆମ ଘରକୁ ପ୍ରତିମାସ କମ୍‌ସେ କମ ୮/୧୦ଟି ଶିଶୁ ପତ୍ରିକା ଆସୁଥିଲା, ଯାହାକୁ ମୁଁ ଓ ମୋର ଦୁଇ କନିଷ୍ଠ ଭ୍ରାତା ପଢୁଥିଲୁ। ସେସବୁ ପଢ଼ି ପରବର୍ତ୍ତୀ ସମୟରେ ମୁଁ ନିଜେ ମଧ୍ୟ ଲେଖାଲେଖି ପ୍ରତି ଆଗ୍ରହୀ ହୋଇଥିଲି। ମୋ'ର କେତେଜଣ

ସାଙ୍ଗ ମଧ୍ୟ ଆମ ଘରକୁ ଆସି ସେହି ପତ୍ରିକାଗୁଡ଼ିକ ପଢୁଥିଲେ। ଆମେ କେତେଜଣ ସାଙ୍ଗ ମିଶି ଗୋଟିଏ ଛୋଟ ପାଠାଗାରଟିଏ କରିଥିଲୁ ଏବଂ ଅନ୍ୟମାନଙ୍କୁ ବହି ପଢ଼ିବାକୁ ଦେଉଥିଲୁ। ବାପା ଆମକୁ ଏଦିଗରେ ଉତ୍ସାହିତ କରିଥିଲେ। ୧୯୮୩ ମସିହାରେ ମୋ'ର ପ୍ରଥମ ଲେଖା ପ୍ରାଣନାଥ କଲେଜ, ଖୋରଧାର ପତ୍ରିକା – 'ପ୍ରତୀକ'ରେ ପ୍ରକାଶିତ ହୋଇଥିଲା। ବାପା ଓ ମାଆ ସେହି ଲେଖାକୁ ପଢ଼ି ବହୁତ ଖୁସି ହୋଇଥିଲେ। ପରେ ପରେ ମୋ ଦ୍ୱାରା ଲିଖିତ କ୍ରୀଡ଼ା ସମ୍ବନ୍ଧୀୟ ଲେଖାମାନ ପ୍ରଜାତନ୍ତ୍ର, ଧରିତ୍ରୀ, ପ୍ରଗତିବାଦୀ, ସମ୍ବାଦ, ସମାଜ, ସମୟ, ସମ୍ବାଦ କଳିକା, ଓଡ଼ିଶା ଏକ୍ସପ୍ରେସ୍, ସୂର୍ଯ୍ୟପ୍ରଭା ଓ ନିର୍ଭୟ ଭଳି ଦୈନିକ ସମ୍ବାଦପତ୍ର ତଥା ଟିଉଜ୍‌ଡେ, ପୌରୁଷ, ନବରବି, ଗୁଗ୍‌ଲୀ, ଦୂରଦର୍ଶୀ ଓ ଆମରି ସତ୍ୟ ଆଦି ସାପ୍ତାହିକ ଓ ମାସିକ ପତ୍ରିକାମାନଙ୍କରେ ପ୍ରକାଶିତ ହୋଇଥିଲା। ସେସବୁକୁ ମଧ୍ୟ ସେ ଆମୂଳଚୂଳ ପଢୁଥିଲେ ଏବଂ ଅନ୍ୟମାନଙ୍କୁ ଦେଖାଉଥିଲେ। ସେ ଥରେ କହିଥିଲେ – ତୁ କ'ଣ କେବଳ ଖେଳ ଉପରେ ଲେଖା ଲେଖିବୁ, ଅନ୍ୟ କିଛି ଲେଖିବୁ ନାହିଁ। ତାଙ୍କ କଥାକୁ ସମ୍ମାନ ଦେଇ ପରବର୍ତ୍ତୀ ସମୟରେ ମୁଁ କ୍ରୀଡ଼ା ବ୍ୟତୀତ ଅନ୍ୟାନ୍ୟ ମୌଳିକ ଲେଖା ଓ ଅନୁବାଦ କାର୍ଯ୍ୟରେ ମଧ୍ୟ ମନୋନିବେଶ କଲି। ତାହା ଦେଖି ସେ ବହୁତ ଖୁସି ହୋଇଥିଲେ।

ଏବେ ସେ ନାହାନ୍ତି। ୯– ନଭେମ୍ବର– ୨୦୧୫ରେ ୮୫ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଯାଇଛି। ତେବେ ତାଙ୍କର କର୍ତ୍ତବ୍ୟନିଷ୍ଠା, ସାହିତ୍ୟ, ସଂସ୍କୃତି ଓ କ୍ରୀଡ଼ା ପ୍ରତି ତାଙ୍କର ଅନୁରାଗ ଏବେ ମଧ୍ୟ ମୋ ପାଇଁ ପ୍ରେରଣା ହୋଇ ରହିଛି। ତାଙ୍କର ଆଶୀର୍ବାଦ ଯୋଗୁଁ ମୁଁ ଜଣେ ଛୋଟକାଟିଆ ଲେଖକରେ ପରିଣତ ହୋଇ ପାଠକମାନଙ୍କର ସଦିଚ୍ଛା ଲାଭ କରିବାରେ ସମର୍ଥ ହୋଇଛି। ଏହି ଆଲେଖ ମାଧ୍ୟମରେ ମୁଁ ମୋ'ର ପ୍ରେରଣାଦାତା ସେହି ସ୍ୱର୍ଗତ ପିତାଙ୍କର ଅମର ଆତ୍ମା ପ୍ରତି କୋଟି କୋଟି ପ୍ରଣାମ ଜଣାଉଛି।

ଭାଲିଆବାଡ଼ି, ଖୋରଧା
ଫୋନ୍– ୯୪୩୭୬୨୭୫୧୪





# ବାପାଙ୍କ ପାଇଁ

**ତେଜସ୍ୱିନୀ ସାହୁ**

ତୁମେ ଯୋଦ୍ଧା କର୍ଣ୍ଣ, ଅର୍ଜୁନ କି ଏକଲବ୍ୟ ହୋଇନପାର ତଥାପି ତୁମେ ଯୋଦ୍ଧା। ଜୀବନ ଯୁଦ୍ଧରେ ତୁମେ ଜଣେ ସଫଳ ସଂଗ୍ରାମୀ କିନ୍ତୁ ଏଯାବତ୍ ତୁମର ଯୁଦ୍ଧ ନିରବଚ୍ଛିନ୍ନ ଭାବେ ଚାଲିଛି। ତୁମ ଯୁଦ୍ଧ କୌଶଳ ଯୋଗୁଁ ତୁମେ ଆମର ଆଦର୍ଶ ଓ ଚିରନମସ୍ୟ। ହୁଏତ ତୁମ ତୀର ଚାଳନା ସବୁବେଳେ ଲକ୍ଷ୍ୟ ଭେଦକରିନପାରେ, କିନ୍ତୁ ତୁମ ପ୍ରୟାସ ହିଁ ତୁମକୁ ପ୍ରଶଂସିତ କରେ। ନିଜ ଆଶ୍ରିତମାନଙ୍କୁ ସୁରକ୍ଷିତ ରଖିବାକୁ ତୁମେ ବଦ୍ଧପରିକର। ନିଜ କ୍ଷତକୁ ଦୃଷ୍ଟି ନଦେଇ ଆଗେଇ ଚାଲିଥିବା ବୀରଟିଏ ତୁମେ। ସେଇ ପରମ ସୌଭାଗ୍ୟ ପ୍ରାପ୍ତ ଆଶ୍ରିତମାନଙ୍କ ଆଗ ଧାଡ଼ିରେ ମୋ ମା' ଓ ଆମେ ଭାଇ ଭଉଣୀମାନେ ତୁମ କୌଶଳର ପ୍ରତ୍ୟକ୍ଷଦର୍ଶୀ ସାଜି ତୁମ ଜୀବନ ଦର୍ଶନରୁ କିଞ୍ଚିତ୍ ନିଜ ନିଜ ଜୀବନରେ ଆପଣେଇ ନେଇଛୁ। ହେତୁ ପ୍ରାପ୍ତ ହେବା ଦିନରୁ ତୁମ ପ୍ରଶଂସାରେ କର୍ଣ୍ଣ ଦୁଇଟି ଅଭ୍ୟସ୍ତ ତେଣୁ କେବେ କେବେର ବ୍ୟତିକ୍ରମରେ ଖଣ୍ଡ ବିଖଣ୍ଡିତ ହେଇଯାଏ ହୃଦୟର କୋଣ ଅନୁକୋଣ। ତୁମ ଉଦ୍ଦେଶ୍ୟରେ ଖୋଲିଥିବା ଓଠ ଗୁଡ଼ିକରୁ ଶବ୍ଦମାନେ ଫୁଲ ହୋଇ ଝଡ଼ିବା ସମୟରେ କେବେକେବେ କର୍ଦ୍ଦମାକ୍ତ କି କଣ୍ଟକିତ ହୋଇ ଝଡ଼ିଗଲେ ଅଭ୍ୟସ୍ତ ନଥିବା ଏ ଆଶ୍ରିତମାନେ। ବ୍ୟଥିତ ହୋଇ ପଡ଼ନ୍ତି। କିନ୍ତୁ ଯନ୍ତ୍ରଣାରେ କାନ୍ଦିବା ତୁମ ଜୀବନ ଆଦର୍ଶକୁ ବିରୋଧ କରେ। ତେଣୁ ଅନ୍ଧକାରରେ ଲୁହ ଭିଜା ଆଖିରେ କେବଳ ତୁମର ପ୍ରତିଚିତ୍ର ଭାସିଆସେ ଆଉ ଏ ଆଶ୍ରିତ ମାନେ ସଜାଗ୍ ହେଇଯାଆନ୍ତି। ଆଉ ଏକ ସୁଯୋଗକୁ ଅପେକ୍ଷା ରୁହେ କେବେ ଏ ଯୋଦ୍ଧା, ଯୁଦ୍ଧ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ସପକ୍ଷରୁ ସମୟ ଆସିବ ଓ ଉପଯୁକ୍ତ ନୀରବ ଯବାବ ସମସ୍ତଙ୍କୁ ଚୁପ୍ କରିଦେବ।

ଯୋଦ୍ଧାରୁ ତୁମେ ତୁମ ଅଜାଣତରେ ଦ୍ରୋଣ ସାଜି ସାରିଲଣି ଆଉ ଏବେ ଆମେମାନେ ଅର୍ଜୁନ ସାଜିବାକୁ ଚେଷ୍ଟା କରୁଛୁ। ତୁମ ଜୀବନ ଆଦର୍ଶକୁ ପାଥେୟ କରି ଆମେ ପାଲଟିଯିବୁ ତୁମ ଭଳି ଭୟଶୂନ୍ୟ, ଧୈର୍ଯ୍ୟ ରହିତ ସଫଳ ଜୀବନ ସଂଗ୍ରାମୀ। ଆମ ସଫଳତା ଶ୍ରେୟର ମୁକୁଟଧାରୀ କେବଳ ତୁମେ।। "ଆମ ବାପା"।

**ଏମ୍. ଏ., ବିଇଡ୍, ସରକାରୀ ଉଚ୍ଚବିଦ୍ୟାଳୟ**
**କୁଶମାଟି ଛଣଘର**



# ମୋ ପିତା (ନନା)

**ଡ.ଶରଚ୍ଚନ୍ଦ୍ର ମହାପାତ୍ର**

ଆମ ଆଡ଼େ ବ୍ରାହ୍ମଣ ଘରେ ପିତାଙ୍କୁ ନନା ବୋଲି ଡ଼ାକନ୍ତି । ଏଣୁ ମୁଁ ସେଇ ଭାବରେ ଡ଼ାକୁଥିଲି ଓ ସେଇ ଭାବରେ ମନେ ପକାଏ । ନିଜ ପିତାମାତାଙ୍କୁ ପ୍ରାୟତଃ ସମସ୍ତେ ଭଲ ପାଆନ୍ତି ଓ ଭକ୍ତି କରନ୍ତି । ସବୁଠାରୁ ସେ ନିଜର ଭାବନ୍ତି । ମୋ ନନାଙ୍କ ନାମ ଗଙ୍ଗାଧର ମହାପାତ୍ର । ସେ କେଉଁ ମସିହାରେ ଜନ୍ମ ଗ୍ରହଣ କରିଥିଲେ, ମୁଁ ଜାଣିନି, କେବେ କାହାକୁ ପଚାରିନି ମଧ୍ୟ । ତେବେ ଅନୁମାନ କରୁଛି ସେ ୧୯୧୮ ବା ୧୯ ମସିହାରେ ଜନ୍ମଗ୍ରହଣ କରିଥିଲେ ।

ତାଙ୍କର ପିତାଙ୍କ ନାମ ଗଦାଧର ମହାପାତ୍ର ସେ କକେଇ ଦାମୋଦର ମହାପାତ୍ରଙ୍କର ପୁଅ ହୋଇଥିଲେ । ଦାମୋଦର ମହାପାତ୍ର ନିଃସନ୍ତାନ ଥିଲେ ଓ ପରେ ପତ୍ନୀ ବିୟୋଗ ହେଲା । ତେବେ ଆମର ଯୌଥ ପରିବାର । ନନା, ଦଦେଇ, କକେଇମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଥିଲା । ବଡ଼ମାନଙ୍କୁ ସମସ୍ତେ ଭକ୍ତି କରୁଥିଲେ ।

ନନା ଥିଲେ ସରଳ ଓ ମେଳାପୀ । ମୋଠାରେ ମେଳାପୀ ଗୁଣ ନଥିଲା ଅର୍ଥାତ୍ ମୁଁ ସମସ୍ତଙ୍କ ସହ ଖୋଲାଖୋଲି ମିଶିପାରେ ନାହିଁ । ଏଥିପାଇଁ ନନା ମୋ ଉପରେ ଅସନ୍ତୁଷ୍ଟ ଥିଲେ । ସିଏ ସମସ୍ତ ବନ୍ଧୁବାନ୍ଧବଙ୍କୁ ଭଲ ପାଉଥିଲେ । ସେମାନଙ୍କ ସହ ମିଶୁଥିଲେ । ସେମାନଙ୍କ ଘରକୁ ଯାଉଥିଲେ । କିଏ ପଚାରିଲା କିଏ ନ ପଚାରିଲା ଏହା ଉପରେ ଆଦୌ ଗୁରୁତ୍ୱ ଦେଉନଥିଲେ । ଆମର ସେ ସମୟରେ ବହୁ ଭୂସମ୍ପତ୍ତି ଥିଲା । ନନା ଏଥିପାଇଁ ସକାଳୁ ସେ ସ୍ଥାନକୁ ଯାଇ ରାତିରେ ଆସନ୍ତି । ମୋର ମନେପଡୁଛି ଯେ ସେ ନଫେରିଲା ପର୍ଯ୍ୟନ୍ତ ମୁଁ ଶାନ୍ତି ପାଏନାହିଁ ।

ମୋ ଜୀବନ ଗଢ଼ିବାରେ ତାଙ୍କର ଅବଦାନ ସବୁଠାରୁ ବେଶି । ନନା ସରଳ ଥିଲେ ମଧ୍ୟ ଦୃଢ଼ମନା ଥିଲେ । ଗୋଟିଏ ଉଦାହରଣ ଦେଉଅଛି । ମୁଁ

ନିରାକାରପୁର କଲେଜରେ ଗୋଟିଏ ବର୍ଷ ପଢ଼ିଛ । ହଷ୍ଟେଲରେ ଥିଲି । କଅଣ ମନକୁ ଆସିଲା ବାହାରେ ମେସ୍‌ରେ ରହିବି ବୋଲି ଜିଦ୍ କଲି । ଆମ ଯୌଥ ପରିବାରର ସମସ୍ତେ ରାଜି ହେଲେ ମାତ୍ର ନନା ରାଜି ହେଲେ ନାହିଁ । ସେ କହିବା କଥା ବାହାରେ ରହିଲେ ମୋ ସ୍ୱାସ୍ଥ୍ୟ ଖରାପ ହୋଇଯିବ । କୁସଙ୍ଗରେ ମିଶିବାର ସମ୍ଭାବନା ଅଛି । ସେ ମୋତେ କହିଲେ ଯେ, ବରଂ ମୋ ପାଠପଢ଼ା ବନ୍ଦ କରିଦେବେ ମାତ୍ର ବାହାରେ ରହିବାକୁ ଦେବେନାହିଁ । ବାଧ ହୋଇ ହଷ୍ଟେଲରେ ରହିଲି । ଏବେ ଭାବୁଛି ସେ ଠିକ୍ କହିଥିଲେ ।

ସେହିପରି ଏମ୍.ଏ. ପରୀକ୍ଷା ଦେଇ ମୁଁ ସ୍ଥିର କରିଥିଲି ବାହାରେ କିଛିଦିନ ବୁଲାବୁଲି କରି ମଜା କରିବି । କିନ୍ତୁ ନନା କହିଲେ ଗାଁ ପାଖ ହାଇସ୍କୁଲରେ ରହିବା ପାଇଁ । ମୁଁ ଟିକିଏ ବିରକ୍ତି ପ୍ରକାଶ କଲି । କିନ୍ତୁ ସେ ଶୁଣିଲେ ନାହିଁ । ସେ ସ୍କୁଲରେ ଯୋଗଦେଲି । ଏବେ ଭାବୁଛି ଏହା ଠିକ୍ ଥିଲା । ପ୍ରଥମତଃ ମୁଁ ଇଂରାଜୀ ପଢ଼ାଉଥିଲି । ଏଣୁ ଇଂରାଜୀ ବ୍ୟାକରଣରେ ମୋର ଗଭୀରତା ଆସିଲା ଓ ପଢ଼ାଇବାର ପ୍ରଣାଳୀ ଜାଣିଲି । ପରବର୍ତ୍ତୀ ସମୟରେ କଲେଜରେ ପଢ଼ାଇବାରେ ଅସୁବିଧା ହେଲା ନାହିଁ ।

ମୁଁ ବି.ଏ. ପାସ୍ କରିବା ପରେ ଦେଖିଲି ଯେ ଆମ ଘରର ଆର୍ଥିକ ସ୍ଥିତି ଭଲନାହିଁ । ଏଣୁ ମୁଁ ଏମ୍.ଏ. ପଢ଼ି ନନାଙ୍କୁ କାହିଁକି ଖର୍ଚ୍ଚାନ୍ତ କରାଇବି, ସେ ଏକା ଜିଦ୍ ଧରିଲେ ମୁଁ ଏମ୍.ଏ. ପଢ଼ିବି । ଦରକାର ପଡ଼ିଲେ ମୋ ପାଇଁ କିଛି ଜମି ବିକିଦେବେ । ତାଙ୍କ କଥା ରକ୍ଷାକରି ଏମ୍.ଏ. ପଢ଼ିଲି । ସେ ଆବଶ୍ୟକୀୟ ଅର୍ଥ ମୋ ପାଇଁ ପଠାଇଛନ୍ତି । ପରେ ଜାଣିଲି କିଛି ଜମି ବିକି ଦେଇଥିଲେ ।

ଆଉ ଗୋଟିଏ କଥା ଏଠି ଉଲ୍ଲେଖ କରୁଛି । ତାହା ହେଉଛି ଯେ ମୁଁ ଜଗତସିଂହପୁର କଲେଜରେ ଯୋଗଦେବାର ୭ଦିନି ପରେ ବାରିପଦା ସରକାରୀ କଲେଜରେ ଯୋଗଦେବାର ପତ୍ର (ଅର୍ଡ଼ର) ପାଇଲି । ନନା ସେଇଟିକୁ ଧରି ଜଗତସିଂହପୁର ଆସିଲେ ଓ ଜିଦ୍ କଲେ ମୋତେ ବାରିପଦା କଲେଜରେ ଯୋଗଦେବା ପାଇଁ । ମୁଁ କିନ୍ତୁ ମନାକଲି । ବେଶି କହିଲାରୁ ମୁଁ

କହିଲି, ଏ ବିଷୟରେ ପ୍ରଫେସରଙ୍କ ସହ ଆଲୋଚନା କରି ଯାହା ନିଷ୍ପତ୍ତି ନେବି। ଉଭୟେ ବାଣୀବିହାର ଗଲୁ। ହଠାତ୍ ବାଟରେ ଜଣେ ଅଧ୍ୟାପକଙ୍କ ସହ ଦେଖାହେଲା। ସେ କହିଲେ, ଯଦି ଗୋଟେ କଲେଜରେ ଅଛି ତେବେ ପରିବର୍ତ୍ତନ କରିବା ଉଚିତ୍ ହେବନାହିଁ। ନନାଙ୍କ ମନ ଖରାପ ହୋଇଗଲା। ଉଭୟେ ଷ୍ଟେସନକୁ ଗଲୁ। ସେଠାରୁ ମୁଁ ଟ୍ରେନରେ କଟକ ଯାଇ ଜଗତ୍‌ସିଂହପୁର ଯିବି। ମାତ୍ର ଟ୍ରେନ୍ ଛାଡ଼ିଦେଲା। ଆମେ ଯାଇପାରିଲୁ ନାହିଁ। ରାତିରେ ଆମ ଗ୍ରାମର ଜଣକ ଘରେ ରହିଲୁ। ତାଙ୍କ ସାନ ଭାଇ ମୋର ବାଲ୍ୟବନ୍ଧୁ। ସେ ଥିଲା ଇଞ୍ଜିନିୟର୍। ସେ ସବୁକଥା ଶୁଣି ନନାଙ୍କୁ ସମର୍ଥନ କଲା ଏବଂ ମୋତେ କହିଲା ମୁଁ କାହିଁକି ସରକାରୀ କଲେଜରେ ଯୋଗନଦେଇ ବେସରକାରୀ କଲେଜରେ ରହୁଛି। ମୁଁ କହିଲି, ଆଡ଼ହାକ୍‌ରେ ରହିବାକୁ ହେବ। ସେ ମୋତେ କହିଲା, ମୋର ପି.ଏ.ସି. ରେ ନିଶ୍ଚୟ ଭଲ ହେବ। ଡ଼ରିବାର କାରଣ ନାହିଁ। ନନା ଓ ସେ ଉଭୟ ସେ ରାତିରେ ମୋର ମନକୁ ପରିବର୍ତ୍ତନ କରିଦେଲେ। ମୁଁ ବାରିପଦାରେ ଯୋଗଦେଲି। ନନା ଠିକ୍ ପରାମର୍ଶ ଦେଇଥିଲେ।

ଏଠି ଅନ୍ୟ ଏକ ବିଷୟ ଲେଖୁଅଛି। ମୁଁ ଚାକିରି କରିବାର ସାତ ଆଠବର୍ଷ ପରେ ଗ୍ରାମରେ ଗ୍ରୀଷ୍ମଛୁଟିରେ ଥିଲି। ହଠାତ୍ ଗୋଟିଏ ଜିପ୍ ଆମ ଦାଣ୍ଡ ଦୁଆରେ ରହିଲା। ଏଥିରୁ ଜଣେ ସାହେବ ଓହ୍ଲାଇଲେ ଏବଂ ତାଙ୍କର ସାଙ୍ଗରେ ଥିଲା ଆମ ଗ୍ରାମର ଜଣେ ପିଲା ଯେକି ଏସ୍.ବି.ନାଇନ୍‌ରେ କାମ କରୁଥିଲା। ସେ କହିବା ଅନୁଯାୟୀ ସାହେବ ଥିଲେ ଜର୍ମାନର ହାଇଡ଼ଲ୍ ବର୍ଗ ବିଶ୍ୱବିଦ୍ୟାଳୟର ଆନ୍ଥ୍ରୋପୋଲଜିର ପ୍ରଫେସର ଓ ଓଡ଼ିଶାର ବ୍ରାହ୍ମଣ ଶାସନ ଉପରେ ଗବେଷଣା କରୁଛନ୍ତି। ନନା ତାଙ୍କର ରହିବାର ସୁବିଧା କରିଦେଲେ ତାଙ୍କ ସଙ୍ଗେ ବହୁତ ମିଶୁଥାଆନ୍ତି। ସେ ଆମ ଘରେ ୩ଦିନ ଧରି ଖାଇଛନ୍ତି। ନନା ପାଖରେ ବସି ଖାଇବା କଥା ବୁଝୁଥାଆନ୍ତି। ମୋତେ ଏ ସବୁ ଭଲ ଲାଗୁନଥିଲା। ଏଣୁ ମୁଁ ଦୂରେଇ ରହୁଥିଲି। ନନା ଏହାଦେଖି ମୋ ଉପରେ ଅସନ୍ତୁଷ୍ଟ ହେଉଥିଲେ। ଶୀତଳଷଷ୍ଠୀ ପୂର୍ବଦିନ ଶିବ ବିବାହ। ଆମ ଗ୍ରାମରେ ମନ୍ଦିର ପ୍ରାଙ୍ଗଣରେ ଏହା ଅନୁଷ୍ଠିତ ହୁଏ। ସାହେବ ଚାହିଁଲେ

ଏହା ଦେଖିବେ, ଫଟୋ ଉଠାଇବେ। କେତେକ ବ୍ରାହ୍ମଣ ପ୍ରତିବାଦକଲେ। ନନା ସେମାନଙ୍କୁ ବୁଝାଇଲେ ଯେ, ସେତ ଗର୍ଭ ଗୃହକୁ ଯାଉନାହାନ୍ତି। ବାହାର ପ୍ରାଙ୍ଗଣରେ ଦେଖିବେ। ପରେ ବ୍ରାହ୍ମଣମାନେ ରାଜି ହେଲେ ଏବଂ ସାହେବ ଏହି ବିବାହ ଉତ୍ସବରେ ଫଟୋ ନେଲେ। ମୁଁ ପରେ ଜାଣିଲି ଏ ସାହେବ ହେଉଛନ୍ତି ପ୍ରଫେସର୍ କୁଲ୍‌କେ। ମୋର ସମ୍ପର୍କୀୟ ଇତିହାସ ବିଭାଗର କିଛି ଛାତ୍ର ମୋତେ ଏହା କହିଛନ୍ତି। ନନା ଇଂରାଜୀରେ ତାଙ୍କ ସହ କଥାବାର୍ତ୍ତା କରୁଥାଆନ୍ତି। ମୋତେ ଏହା ଭଲ ଲାଗୁନଥିଲା। କିନ୍ତୁ ସାହେବ ତାଙ୍କର ସରଳତାକୁ ପସନ୍ଦ କରୁଥାଆନ୍ତି। ସାହେବ ଯେତେବେଳେ ଗ୍ରାମରୁ ବିଦାୟ ନେଲେ ମୋତେ କହିଥିଲେ, "I am extremely graterful to your father for his hospitality". ସାହେବଙ୍କର ଏ ଉକ୍ତି ମୋତେ ବହୁତ ଆନନ୍ଦ ଦେଲା। ପ୍ରକୃତରେ ନନା ତାଙ୍କର ସବୁକଥା ବୁଝୁଥିଲେ। ନନା ସବୁବେଳେ ମୋତେ କହୁଥିଲେ ଯେ, ସମସ୍ତଙ୍କୁ ନିଜର ମନେକର। ଅନ୍ୟମାନଙ୍କ ସହ ମିଶ। କିଏ ଆମକୁ ପଚାରିଲା ନପଚାରିଲା ଏହା ଉପରେ ଗୁରୁତ୍ୱ ଦିଅନାହିଁ। ମୁଁ ବାହାରେ ସମର କଲାବେଳେ ସେ ମୋ ପାଖକୁ ଆସି ଆମର ଭଲମନ୍ଦ ବୁଝୁଥିଲେ। ୧୯୪୮ ମସିହାରେ ମାତ୍ର ୬୫ ବା ୬୬ ବର୍ଷରେ ସେ ଆମକୁ ଛାଡ଼ିଗଲେ। ଯଦି ଜୀବନରେ ସଫଳତା ଲାଭ କରିଛି ତେବେ ତାଙ୍କରି ପ୍ରେରଣା ଓ ଆଶୀର୍ବାଦ ଯୋଗୁଁ; କଷ୍ଟ ପାଇଛି ମୋ ଭୁଲ ପାଇଁ। ସେ ଚିର ନମସ୍ୟ।

ମଙ୍ଗଳା ନଗର,ଖୋରଧା
ଦୂରଭାଷ-୯୮୬୧୮୮୦୭୨୮





# ମୋ ବାପା

**ଶକୁନ୍ତଳା ରଥ**

କୃପା - ବର୍ଷାର ଅନ୍ୟନାମ 'ବାପା'। ତାଙ୍କ ସ୍ନେହରେ ଶୁଖିଲା ଭୂଇଁ ହୁଏ ଓଦା ସରସର। ମୂର୍ଖ ହୁଏ ପାଠୁଆ। ଦୁର୍ବଳ ହୁଏ ବଳବାନ୍। ଫକୀର ହୋଇପାରେ ଅମିର। ପିଲାଙ୍କ ପାଇଁ ସେ ସବୁ ସହିବାକୁ ପ୍ରସ୍ତୁତ। ସଂସାରର ଡ଼ହକ ସାଙ୍ଗକୁ ଉଖୁରା ଘା'ର ପୋଡ଼ାଜଳା ସବୁକୁ ସହି ସହି ସେ ହୋଇଯାଆନ୍ତି ଖରାଖିଆ ମହାଦେବ। ଦୁଃଖର ଗରଳ ପିଇ ପିଲାଙ୍କୁ ସୁଖର ଅମୃତ ଟିକିଏ ଚଟାଇବା ପାଇଁ ଯାହାଙ୍କର ସାରା ଆୟୁଷ ନିଅଣ୍ଟ ସେ ହିଁ ମୋ 'ବାପା'।

ବାପାମାନେ ରାସ୍ତାରୁ କଣ୍ଟା ସାଉଁଟି ସମତୁଲ କରି ଫୁଲ ବିଛାନ୍ତି। ବାପା, ମଣିଷ - ବିରୋଧୀ ଧର୍ମ ଗଢ଼ି ବାବା ହୁଅନ୍ତିନି। ଅସତ୍ ଉପାୟରେ ଉପାର୍ଜନ କରି ଅର୍ଥନୀତିଜ୍ଞ ହୁଅନ୍ତିନି କି, କଳବଳ କୌଶଳରେ ନିର୍ବାଚନ ଜିତି ହୁଅନ୍ତିନି ରାଜନୀତିଜ୍ଞ। ପିଲାଙ୍କ ପାଇଁ ଦୁଃଖର ଗଡ଼ଖାଇ ଭିତରେ ଉଦାସ ଫକୀର ଭଳି ନିର୍ବାସନ ଭୋଗିପାରନ୍ତି ବାପା। ଦୁଃଖ ସବୁ ବୋଝ ହୋଇଗଲେ ସେ ହୋଇଯାଆନ୍ତି ବିଷାଦଯୋଗୀ। ସଂସାରର ଭେଳିକି ଭିତରେ ସେ କେତେବେଳେ ବୁଦ୍ଧତ, କେତେବେଳେ ଯୀଶୁ ପାଲଟିଯା'ନ୍ତି। ବାପା, ଏମିତି ଏକ ବରଗଛ, ଯାହାର ସତ୍ତା, ମହାବାତ୍ୟା କି ପ୍ରଳୟରେ ଥିବ।

ସବୁ ବାପା ହିରଣ୍ୟ କଶିପୁ କି ଉତ୍ତାନପାଦନୁହଁନ୍ତି। ସବୁ ପୁଅଙ୍କ ପାଖରେ ପ୍ରହ୍ଲାଦକି ଧ୍ରୁବଙ୍କ ନିଷ୍ଠା ଓ ଏକାଗ୍ରତା ନଥାଏ। ପରାଶରଙ୍କ ଭଳି ପିତା ହିଁ ଗଢ଼ିପାରନ୍ତି ଆତ୍ମଜ୍ଞାନୀ ବ୍ୟାସଦେବ। ବିଶ୍ୱନାଥ ଦତ୍ତଙ୍କ ଭଳି ପିତା ଗଢ଼ିପାରନ୍ତି ନରେନ୍ଦ୍ର ନାଥଙ୍କୁ ସ୍ୱାମୀ ବିବେକାନନ୍ଦ କରି।

ବାପା ପୁଅ ପିଠିରେ ହାତ ରଖିଲେ ତା' ଦେହସାରା ଖେଳିଯାଏ ନିର୍ଭୟ ସ୍ପନ୍ଦନ। କାନ୍ଧରେ ହାତ ରଖିଲେ ତାଙ୍କ ଅଭୟର ଭୁବନ ଭୁଲା ଶୀହରଣ ପିଲାର ଦେହସାରା ଉଦ୍‌ବେଳିତ ହୁଏ। ବାପା ମୁଠାଏ ମାଟିକୁ

ଚନ୍ଦନ କରିବାର ମନ୍ତ୍ର ଶିଖାନ୍ତି। ପୁଣି ତାଙ୍କ ଗନ୍ଧରୁ ଉଦ୍ଧାର କରି ମହକିତ କରନ୍ତି ଭଲ ପାଇବାର ବାସ୍ନାରେ। ପିଲାପାଇଁ ସେ ସର୍ବଦା ହିଁ ଅସରନ୍ତି ସୁ - ସମାଚାର। ପଚୁଆ ପୁଅର ଭଲ ବହିର ବାସ୍ନାରେ ମହକୁଥା'ନ୍ତି ବାପା। ହଲୁଆ ପୁଅର ଝାଳୁଆ ଗାମୁଛାରେ ବାସନ୍ତି ବାପା .....। ବାପା ନିଅନ୍ତିନି କିଛି, ଦେଇଯା'ନ୍ତି। ମାଗନ୍ତିନି କିଛି, ଯାହା ଅଛି ବାଣ୍ଟିଦିଅନ୍ତି। ଛାତିର ଉଷ୍ମତା ଓ ରକ୍ତର ନିବିଡ଼ତାରେ ଗଢ଼ିଥିବା ପିଲାଙ୍କୁ ସେ ଅବା କ'ଣ ମାଗିବେ? ଜୀବନ ସାରା ଦେଇ, ଦେଇ ସେ ନିଃସ୍ୱ ହୋଇଯା'ନ୍ତି। ବାପାମାନେ କାଳେକାଳେ ତ୍ୟାଗୀ। ପିଲାଙ୍କ ସୁଖ ଗୁରୁଣ୍ଡିବାବେଳକୁ ସେ ନଥା'ନ୍ତି। ବାପାମାନେ ଯେଉଁ ବିପଦମୁକ୍ତ ପଥ ଦେଖାଇଛନ୍ତି ତାକୁ ଆମ ପାଦଛୁଇଁପାରେନା। ସେମାନେ ଯେଉଁ ପାବନୀ ତୁଠ ତିଆରି କରିଛନ୍ତି, ସେଠାରୁ ଟୋପେ ପାଣି କ'ଣ ଛିଞ୍ଚି ହୋଇପାରିଛୁ ଆମେ? ରୋଗଗ୍ରସ୍ତ ବାପାଙ୍କ ପେଜୁଆ ଆଖିରୁ ଲୁହଟୋପା ଶୋଷିବାକୁ ମାଛିଟିଏ ଚେଷ୍ଟା କରୁଥିବାବେଳେ ତଥାପି ତାଙ୍କ ଛାତିରେ ଆମ ପାଇଁ ଠୁଳଥିବ ଦମ୍ଭପଣ।

କର୍ତ୍ତବ୍ୟର ଧୂଳିଝଡ଼ରେ ଭାଙ୍ଗି ପଡୁଥିବା ପିଲାଏ ମାତାପିତାଙ୍କ ପାଇଁ କ'ଣ ଏତିକି କରିପାରିବେ ନାହିଁ? ପିଲାଦିନେ ଦିଅଁଦର୍ଶନ ପାଇଁ ବାପାଙ୍କୁ ସାଙ୍ଗରେ ନେବାକୁ ଜିଦ୍ ଧରୁଥିବା ନିର୍ବୋଧ ପିଲାଟି କିନ୍ତୁ ବୁଝିପାରେନା ଯେ ସେ ସ୍ୱୟଂ ଦିଅଁଙ୍କୁ ସାଙ୍ଗରେ ନେଇକରିଯାଉଛି। ସେ ବୁଝେ ଯେତେବେଳେ ତିନିହାତ ଚାଖଣ୍ଡେ ଶରୀରକୁ ଘୋରି ଶେଷରେ ବାପା ସମର୍ପିଦିଏ ନିଜକୁ। ଆମେ ସିନା ପିତୃଭକ୍ତ ପର୍ଶୁରାମ ହୋଇପାରିବା ନାହଁ, ମରା ହେବା ପର୍ଯ୍ୟନ୍ତ ରାମଙ୍କ ଗୁଣର ସାମାନ୍ୟ କଣିକାଟିଏର ମହନୀୟତା କ'ଣ ରଖିପାରିବା ନାହିଁ? ସନ୍ତାନ ସନ୍ତତିଙ୍କ ପାଇଁ ପିତା ହିଁ ପରମ ଧର୍ମ, ପିତାହିଁ ସ୍ୱର୍ଗ ଓ ପିତାଙ୍କର ସେବାହିଁ ଶ୍ରେଷ୍ଠ ତପସ୍ୟା। ପିତା ତୃପ୍ତ ହେଲେ ସ୍ୱର୍ଗର ତେତ୍ରିଶ କୋଟି ଦେବତା ସ୍ୱତଃ ପ୍ରୀତିଲାଭ କରିଥାନ୍ତି।

ମୋ ବାପା' ମୋ ପାଇଁ ସତ୍ୟ, ଶିବ, ସୁନ୍ଦର। ସେ ମୋ ଅତୀତ, ବର୍ତ୍ତମାନ, ଭବିଷ୍ୟତ। କେଉଁ ଶବ୍ଦରେ ବା ତୁମକୁ ଆବାହନ କରିବି। ମୋ ନିଃଶବ୍ଦ ପୃଥିବୀର ଅବଗୁଣ୍ଠିତ ଚେତନାରେ ତୁମେ ତ ଓଁକାର। ତୁମେ ସ୍ରଷ୍ଟା ମୁଁ ସୃଷ୍ଟି ଅସହାୟ। ସେହି ମୋ ଅନ୍ତରର ଉଚ୍ଚାରଣ 'ମୋ ବାପା'।

ଗାନ୍ଧୀ ନଗର,ଜଟଣୀ,ଖୋରଧା

# ଅପୂରଣୀୟ ଶୂନ୍ୟସ୍ଥାନ

ଆରତି ପ୍ରହରାଜ





ଫୋନ୍ ରିଙ୍ଗ୍‌ରେ ଛାଇ ନିଦଟା ହଠାତ୍ ଭାଙ୍ଗିଗଲା। ଘଡ଼ିରେ ବାଜିଥାଏ ରାତି ସାଢ଼େ ବାରଟା। ବଡ଼ଭାଇଙ୍କର କୋହଭରା କଣ୍ଠରେ ସେଇ ପଦକ "ବାପା ଚାଲିଗଲେ ରେ" ଆଜି ବି ଗୁଞ୍ଜରି ଉଠୁଛି ମୋ କାନରେ। ଜନ୍ମ ହେଲେ ତ ଦିନେ ମରିବା, ଏଇଟା କିଛି ବଡ଼କଥା ନୁହେଁ କିନ୍ତୁ ମୋ ବାପାଙ୍କ ଆକସ୍ମିକ ଭାବରେ ଚାଲିଯିବାଟା ମୋ ପାଇଁ ଜମାରୁ ସହଜ ନଥିଲା। ମୋ ବାପାଙ୍କର ବଳିଷ୍ଠ ହୃଷ୍ଟପୃଷ୍ଟ ଚେହେରା, କାର୍ଯ୍ୟଦକ୍ଷ ହାତ ଦୁଇଟି, ଆତ୍ମୀୟତାରେ ଝଲମଲ କରୁଥିବା ହସ ଟିକକ, ଜୀବନକୁ ବୁଝିବା ଭଳି ହୃଦୟବାନ ମନଟିଏ ହଠାତ୍ ଯେ ମୋ ପାଖରୁ ଦୂରେଇ ଯିବ କଳ୍ପନା ସୁଦ୍ଧା କରିପାରୁନଥିଲି। ସାରା ଦୁନିଆର ଖୁସି ଯେଉଁଠି ଠୁଳ ହୋଇ ଗୋଟିଏ ଜାଗାରେ ମିଳିଥାଏ ସେ ହେଉଛନ୍ତି ମୋ ବାପା। କେମିତି ସେ ଜାଣିପାରନ୍ତି ଆମ ମନକଥା, କେମିତି ସେ ବୁଝିପାରନ୍ତି ଆମେ କଣ କରିବାକୁ ଚାହୁଁଛୁ, କେଉଁଠି ଭୁଲ୍ କରୁଛୁ,କେତେବେଳେ ଦୁଃଖୀ ଅବା ଖୁସି ହେଉଛୁ। ବାପା ବୋଉଙ୍କର ମଜାଳିଆ ଆକ୍ଷେପଭରା କଥା, ଭାତଥାଳିରେ ବୋଉ ପାଇଁ ଟିକିଏ ଟିକିଏ ଖାଇବା ଛାଡ଼ିଦେବା ପଛର ଆନ୍ତରିକତା, ବୋଉ ଗାଳି ଦେଲେ ଆମ ସପକ୍ଷରେ ସଫେଇ ଦେବାର ଅନ୍ତରଙ୍ଗତା ସବୁକିଛି ଉଭେଇଗଲା ଯେମିତି ନିମିଷକରେ। ମନେହେଲା ମଥାରୁ ଆଶୀଷର ହାତଟି କାଢ଼ିନେଲା କିଏ ଯେପରି। ବାପାବିନା ଦୁନିଆଟା ପାଲଟିଗଲା ମରୁଭୂମି ସଦୃଶ। ସବୁକିଛି ଶୂନ୍ୟ ଶୂନ୍ୟ। ସବୁକିଛି ରଙ୍ଗହୀନ। ମୋ ବାପା ପାଲଟିଗଲେ ଅତୀତ।

ଆମ ଭାଇଭଉଣୀଙ୍କୁ ଖୁସିରେ ରଖିବାକୁ ବାପା କ'ଣ କ'ଣ ଯେ ନକରିଛନ୍ତି ତାହା ଆଜିବି ମନେପଡ଼େ ମୋର। ସମସ୍ତ ସମସ୍ୟାର ସମାଧାନ କରନ୍ତି ବାପା। ପାଠ ନଆସିଲେ ବାପା, କିଛି କିଣିଦେବାକୁ କହିଲେ ବାପା,

ମନର ସ୍ୱପ୍ନ ପୂରଣ କରନ୍ତି। ମୋ ବାପା ହିଁ ମୋ ହିରୋ। ମୋ ବାପା ଜୀବନର ସର୍ବୋତ୍କୃଷ୍ଟ ବ୍ୟକ୍ତି। ଜୀବନରେ ଉତ୍ତମ ଶିକ୍ଷାର ଆଦିଗୁରୁ। ଦୁଃଖ ସମୟରେ ଧୈର୍ଯ୍ୟ ଦିଅନ୍ତି ସେ, ମୋ ବାପା। ଆମ ପରିବାରରେ ଯାହାଙ୍କୁ ଆମେ ସବୁଠୁ ବେଶି ଭଲପାଉ, ସମ୍ମାନ ଦେଉ, ସେ ହିଁ ବାପା।

ବିଭିନ୍ନ ପରିପେକ୍ଷୀରେ ଛୋଟ ଛୋଟ ବହୁତ କଥା ମନେପଡ଼େ। ମ୍ୟାଟ୍ରିକ୍ ଟେଷ୍ଟ ପରୀକ୍ଷା, ଭୂଗୋଳରେ କମ୍ ନମ୍ବର ରଖି ଘରେ ଆସି କାନ୍ଦିଥିଲି, ବାପା ଆଶ୍ୱାସନା ଦେଇ ମୂଳ ଭୂଗୋଳରୁ ଖୁବ୍ ସରଳ ଭାବରେ ବୁଝାଇ ଥିଲେ ଯାହାଫଳରେ ସର୍ବୋଚ୍ଚ ନମ୍ବର ରଖି ପାସ୍ ହୋଇଥିଲି ଭୂଗୋଳରେ। ଗଣିତଟିଏ ବୁଝାଇଲେ ଏତେ ଟିକିନିଖି କରି କହିବେ ଯେ ଜୀବନରେ ତାହା ଅଭୁଲା ହୋଇ ରହିଯିବ। କେତେ ସକାରାତ୍ମକ ତାଙ୍କ ଚିନ୍ତାଧାରା। ତାଙ୍କର କିଛି ଟେଷ୍ଟ ପାଇଁ ଡାକ୍ତରଖାନାରେ ଆଡ୍‌ମିଟ୍ ହେଲେ। ଡାକ୍ତର ପଚାରିଲେ, ବାପା ହସିଦେଲେ କହିଲେ କାହିଁକି ଡକ୍ଟର ଆପଣ ବରଂ ପଚାରନ୍ତୁ ? ମୁଁ ତ କହିବି ମୋ ବାପା ସର୍ବଜ୍ଞ। ବାପା ଯେ କୋଉ କଥା ଜାଣିନାହାନ୍ତି ତାହା ମୁଁ କେବେ ଅନୁଭବ କରିନାହିଁ। ନାତି, ନାତୁଣୀଙ୍କଠାରୁ ଆରମ୍ଭକରି ଆମ ସମସ୍ତଙ୍କୁ ସେ ଶିଖାଇଛନ୍ତି ଜୀବନକୁ ଜୀବନ୍ତ ଆକାରରେ ଜିଇଁବାକୁ। ଯେତେ ଝଡ଼ଝଞ୍ଜା ଆସିଲେ ବି କୁଶଳତା ସହ ପାର କରିବାକୁ। ଜୀବନରେ ମଣିଷ ପରି ମଣିଷଟିଏ ହେବାକୁ। ସେସବୁକୁ ତ ପାଥେୟ କରି ମୁଁ ଆଜି ଆଗେଇ ଚାଲିଛି ଜୀବନର ଯାତ୍ରା ପଥରେ। ଅନୁଭବ କରେ ଅଦେଖା ହାତର ଆଶୀର୍ବାଦମଥା ଉପରେ। ମୋ ବାପା ଯେଉଁଠି ଅଛନ୍ତି ଭଲରେ ଥାଆନ୍ତୁ। ସର୍ବଦା ଆମକୁ ଦିଗ୍‌ଦର୍ଶନ ଦିଅନ୍ତୁ। ଏମିତି କାମନା।

**ଭି.ଏସ୍.ଏସ୍.ନଗର, ଭୁବନେଶ୍ୱର**



# ମୋ ବାପା - ମୋ ଈଶ୍ୱର

**ସୌଦାମିନୀ ମହାରଣା**



ବାପା ! ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଏବେ ମୋ ଭିତରର ଅପୂରଣୀୟ ଶୂନ୍ୟସ୍ଥାନଟିଏ ମୋ ବାପା । ବାହାରେ ଖୋଜିଲେ ସେ ଆଉ ମିଳନ୍ତି ନାହିଁ କିନ୍ତୁ ଜୀବନର ଚଲାପଥରେ ପ୍ରତି ପଦେପଦେ ସେ ତାଙ୍କ ଉପସ୍ଥିତି ଜାହିର କରନ୍ତି । ଭୁଲ୍ କରିବାରୁ ପ୍ରତି ମୁହୂର୍ତ୍ତରେ ବିରତ କରନ୍ତି ବାପା । ମିଛ କହିବାକୁ ଚିନ୍ତା ବି ଆସିବାକୁ ଦିଅନ୍ତିନି ବାପା । ସ୍ୱାର୍ଥପର ଭାବନା ମନକୁ ଆସିଲେ ବାପାଙ୍କ ସ୍ୱର କାନରେ ବାଜିଉଠେ 'ବସୁଧୈବ କୁଟୁମ୍ବକମ୍' । ବାପା ଆଉ ଛାଡ଼ିଗଲେ କେତେବେଳେ ପାଖରୁ ? ବାପା ପ୍ରତି ମୁହୂର୍ତ୍ତରେ ପାଖେ ପାଖେ, ଖାଲି ଯାହା ଧରି ହୁଏନି, ଛୁଇଁ ହୁଏନି ତାଙ୍କୁ, କିନ୍ତୁ ଅନୁଭବରେ ସବୁବେଳେ ପାଖରେ ବାପା । ମୋ ବାପା ୰ ଭୋଳାନାଥ ମହାରଣା । ଯାହାଙ୍କ ଜନ୍ମ ୧୯୨୬ ମସିହାରେ । ତିରୋଧାନ ଜୁନ୍ ୩୦ ତାରିଖ ୨୦୦୯ ମସିହା । ଦୀର୍ଘ ତେୟାଅଶୀ ବର୍ଷର ଜୀବନଯାତ୍ରା । ବୃତ୍ତିରେ ଶିକ୍ଷକ । କେତେ ଯେ ଛାତ୍ରଛାତ୍ରୀ ତିଆରି ନ କରିଛନ୍ତି; ଛାତ୍ରଛାତ୍ରୀ ନୁହଁନ୍ତି ବରଂ ମଣିଷ ତିଆରି କରିଛନ୍ତି କହିଲେ ଠିକ୍ ହେବ । ଆମ ଘର ଘର ନଥିଲା ଥିଲା ମଣିଷ ତିଆରି କାରଖାନା । ବାପା ଥିଲେ ସେ କାରଖାନାର ଏକମାତ୍ର ମୁଖ୍ୟ ବିନ୍ଧାଣୀ । ଛାତ୍ରଟିଏର ଚରିତ୍ର ଗଠନ କରିବାବେଳେ ସେ ବଡ଼ କଠୋର । ମାତ୍ର ହୃଦୟ ଲହୁଣୀ ପରି ନରମ । ଧନୀ, ଦରିଦ୍ର, ଉଚ୍ଚ, ନୀଚ, ଜାତି, ଅଜାତି ଏସବୁ ବିଚାରର ଊର୍ଦ୍ଧ୍ୱରେ ଥିଲେ ବାପା । ଯେମିତି ସ୍ନେହୀ, ସେମିତି ପରୋପକାରୀ । ଦୟା, କ୍ଷମା, ସହିଷ୍ଣୁତା, ସତ୍ୟନିଷ୍ଠା, କର୍ତ୍ତବ୍ୟନିଷ୍ଠା, ଦାୟିତ୍ୱଜ୍ଞାନ, ସମୟାନୁବର୍ତ୍ତିତା, ଯତ୍ନଶୀଳତା, ସଙ୍କୋଚତା, ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ଧୈର୍ଯ୍ୟର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମୋ ବାପା ।

ସବୁଠାରୁ ବଡ଼ କଥା ବାପା ଖୁବ୍ ଭଗବତ୍ ବିଶ୍ୱାସୀ। ଭଗବାନ୍ ଶ୍ରୀକୃଷ୍ଣଙ୍କର ପରମଭକ୍ତ। 'ସବୁକିଛି ଈଶ୍ୱରଙ୍କ ଇଚ୍ଛାରେ ଘଟୁଛି ମନୁଷ୍ୟ ନିମିତ୍ତ ମାତ୍ର। ତାଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସତ୍ୟନିଷ୍ଠ ହୋଇ ନିଜର କର୍ତ୍ତବ୍ୟ କଲେ ସେ ସଦାସର୍ବଦା ତୁମର ଦାୟିତ୍ୱ ବହନ କରନ୍ତି।' ଏହା କେବଳ ତାଙ୍କର ଉଚ୍ଚାରଣ ନଥିଲା ତାଙ୍କ ଆଚରଣରେ ଏହା ଫୁଟି ଉଠୁଥିଲା। ତେଣୁ ତାଙ୍କର କଥା ତାଙ୍କ ସଂସ୍ପର୍ଶରେ ଆସୁଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ ଓ ଅନ୍ୟମାନଙ୍କୁ ପ୍ରଭାବିତ କରୁଥିଲା। ଭଲମଣିଷ ତିଆରି କରିବା ଥିଲା ତାଙ୍କ ଜୀବନର ବ୍ରତ। ସେ ବ୍ରତକୁ ସେ ଆଜୀବନ ନିଷ୍ଠାପର ଭାବରେ କରିଆସୁଥିଲେ। କେବଳ ମଣିଷ ନୁହଁନ୍ତି ଭଗବାନଙ୍କର ସୃଷ୍ଟ ସମସ୍ତ ଜୀବଜଗତ, ବୃକ୍ଷ ଆଦି ଭିତରେ ସେ ଈଶ୍ୱରଙ୍କୁ ଦେଖୁଥିଲେ। ଜୀବେ ଦୟା ଓ ଅହିଂସ ସ୍ୱଭାବ ଯୋଗୁ ତାଙ୍କ ହାତରୁ କାଉ, ପାରା ନିର୍ଭୟରେ ଖାଦ୍ୟ ଗ୍ରହଣ କରୁଥିଲେ। କୁକୁର, ବିଲେଇ, ଗାଈ, ବଳଦବେମାର ପଡ଼ିଲେ ସେ ନିଜେ ସେମାନଙ୍କର ସେବାଯତ୍ନ କରୁଥିଲେ। ସେ ସ୍ୱଭାବରେ ଖୁବ୍ ନରମ ଥିଲେ। ଆମେମାନେ ସାତ ଭାଇ ଓ ଭଉଣୀ ଥିଲୁ। ମୁଁ ଥିଲି ତୃତୀୟ ସନ୍ତାନ। ପିଲାଦିନେ ଆମ ଭିତରୁ କେହି ଅସୁସ୍ଥ ହେଲେ ସେ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଭିତରେ ମଧ୍ୟ ଆମମାନଙ୍କ ଯତ୍ନ ନେବାକୁ ଭୁଲୁନଥିଲେ। ମୁଁ ପଞ୍ଚମ ଶ୍ରେଣୀରେ ପଢ଼ିବା ସମୟରେ ଥରେ ଭୀଷଣ ଟାଇଫଏଡ୍ ଜ୍ୱରରେ ଆକ୍ରାନ୍ତ ହୋଇଥାଏ। ଆମ୍ଭେମାନେ ସେତେବେଳେ କେନ୍ଦ୍ରାପଡ଼ାରେ ଅବସ୍ଥାନ କରୁଥିଲୁ। ଆମ୍ଭେ କେହି ଅସୁସ୍ଥ ହେଲେ ଡାକ୍ତର ସରୋଜକାନ୍ତ କାନୁନ୍‌ଗୋ ଆସି ଦେଖାଶୁଣା କରନ୍ତି। ତେଣୁ ବାପା ତାଙ୍କୁ ମୋ ଚିକିତ୍ସାର ଦାୟିତ୍ୱ ଦେଇଥାଆନ୍ତି। ଦିନେ ଖରାବେଳେ ଖାଇବା ଛୁଟିରେ ବାପା ସ୍କୁଲରୁ ମୋତେ ଦେଖିବାପାଇଁ ସାଇକେଲ୍‌ରେ ଧାଇଁ ଆସିଥାଆନ୍ତି। ଠିକ୍ ସେହି ସମୟରେ ଡାକ୍ତର ବାବୁ ଆସି ମୋତେ ପରୀକ୍ଷା କରୁଥାଆନ୍ତି। ସେ ବାପାଙ୍କୁ ଦେଖି କହିଲେ, 'ଆପଣ ମୋତେ ଦାୟିତ୍ୱ ଦେଇ ପୁଣି ନିଜେ କାହିଁକି ଆସିଛନ୍ତି ? ମୋ ଉପରେ କ'ଣ ଆପଣଙ୍କର ଭରସା ନାହିଁ ?' ଏକଥା ସତ ଯେ ବାପା ଡାକ୍ତରଙ୍କୁ ଦାୟିତ୍ୱ ଦେଇଥିଲେ, ମାତ୍ର ଜଣେ ପିତା ହିସାବରେ ରୋଗଣା

ସନ୍ତାନ ପ୍ରତି ତାଙ୍କର ଶ୍ରଦ୍ଧା ଓ କର୍ତ୍ତବ୍ୟବୋଧ ତାଙ୍କୁ ସ୍କୁଲରୁ ଘରକୁ ଟାଣି ଆଣିଥିଲା।

ମନେପଡ଼େ ଆମ୍ଭେମାନେ ଯେତେବେଳେ ଖୁବ୍ ଛୋଟ ଛୋଟ ଥିଲୁ ପ୍ରାଇମେରୀ ସ୍କୁଲରେ ପଢୁଥିଲୁ, ବାପା ଆମ୍ଭମାନଙ୍କୁ ଭୋର୍‌ରୁ ଉଠେଇ ଆମ ସମସ୍ତଙ୍କୁ ପାଖରେ ଥିବା ପାର୍କକୁ ନେଇ ଯାଉଥିଲେ। ସେଠାରେ ଦୋଳି ଖେଳେଇବା, ଦଉଡ଼େଇବା, ଉଠାପକା ଖେଳରେ ଖେଳେଇବା, ସଟ୍‌ପୁଟ୍ ଉଠେଇବା ପାଇଁ କହିବା ଇତ୍ୟାଦି କରାଉଥିଲେ। ସେ ଚାହୁଁଥିଲେ ତାଙ୍କ ପିଲାମାନେ ପ୍ରତ୍ୟୁଷରୁ ଉଠିବା ଅଭ୍ୟାସ କରନ୍ତୁ ଏବଂ ଶାରୀରିକ ସୁସ୍ଥ ରୁହନ୍ତୁ। ଶାରୀରିକ ପରିଶ୍ରମ କରିବାକୁ ସବୁବେଳେ ଉତ୍ସାହିତ କରନ୍ତି। ଘରେ ସ୍କୁଲରୁ ଫେରି ଆମ୍ଭମାନଙ୍କ ସହ ଭଲି ବଲ୍ ଖେଳନ୍ତି ଓ ଖେଳାନ୍ତି। ମାନସିକ ବୃଦ୍ଧି ପାଇଁ ଆମ ସହ ଚେସ୍, କ୍ୟାରମ୍ ଖେଳନ୍ତି। ବାପା ଏକୁଟିଆ କିଛି ଖାଇବାକୁ ଭଲପାଆନ୍ତି ନାହିଁ। ତେଣୁ ବାହାରେ କିଛି ଖାଆନ୍ତି ନାହିଁ, ସେଇ ଜିନିଷ ଘରକୁ କିଣିଆଣନ୍ତି। ବଜାର ଗଲେ ଆମମାନଙ୍କୁ ସାଥିରେ ନେଇ ଯାଆନ୍ତି ଏବଂ ବାଛି ବାଛି ଭଲ ଜିନିଷ କିଣନ୍ତି। ସବୁପ୍ରକାର ଫଳମୂଳ, ପନିପରିବା ଖାଇବାପାଇଁ ଶିଖାନ୍ତି। ତାଙ୍କ ସହିତ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ଶିଖିବାକୁ ମିଳେ। ବଡ଼ମାନଙ୍କୁ କେମିତି ସମ୍ମାନ କରିବା ଉଚିତ୍ ଓ ସେମାନଙ୍କ ପ୍ରତି କେମିତି ଯତ୍ନଶୀଳ ହେବା ଉଚିତ୍ ତାଙ୍କଠାରୁ ହିଁ ଶିକ୍ଷାକରିଛି। ଆମ୍ଭେମାନେ ଭୁଲ୍ କଲେ ସେ କଠୋର ହୃଦୟ ହୋଇ ଶିକ୍ଷାଦିଅନ୍ତି। ଅତିଥି କେହି ଘରକୁ ଆସିଲେ ସେ ଖୁବ୍ ଖୁସି ହୁଅନ୍ତି ଓ ତାଙ୍କ ଆତିଥ୍ୟରେ ଯେମିତି ଟିକେ ବି କିଛି ଉଣା ନହୁଏ ସେଥିପାଇଁ ଲାଗିପଡ଼ନ୍ତି। ପରିଷ୍କାର, ପରିଚ୍ଛନ୍ନତାକୁ ସେ ଖୁବ୍ ବେଶୀ ଗୁରୁତ୍ୱ ଦିଅନ୍ତି। କୌଣସି କାମକୁ ସେ ଛୋଟ ମଣନ୍ତି ନାହିଁ। ବାଡ଼ି ବଗିଚାରେ ଗଛ ଲଗାଇବା ଠାରୁ ଆରମ୍ଭ କରି ଘରର ଅଳନ୍ଧୁ ଝାଡ଼ିବା ପର୍ଯ୍ୟନ୍ତ କାମ କରିବାକୁ ସେ ପଛାନ୍ତି ନାହିଁ। ସେ ଥିଲେ ମିତବ୍ୟୟୀ। ଖାଇବା ଓ ପାଠପଢ଼ାରେ ସେ ବେଶି ପଇସା ଖର୍ଚ୍ଚ କରୁଥିଲେ କିନ୍ତୁ ଅଯଥା ଗୁଡ଼ାଏ ଲୁଗାପଟା କିଣିବା ବିଳାସ ବ୍ୟସନରେ ଦିନ କାଟିବା ତାଙ୍କର ରୁଚି ବିରୁଦ୍ଧ। ସେ ଖୁବ୍

ପରିଶ୍ରମୀ ଥିଲେ। ତାଙ୍କର ତାଙ୍କ ବାପା-ମାଙ୍କ ପ୍ରତି ଖୁବ୍ ଭଲପାଇବା ଥିଲା। କୌଣସି ପ୍ରକାର ଅନ୍ୟାୟକୁ ସେ ପ୍ରଶୟ ଦେଉନଥିଲେ। ମିଥ୍ୟାପ୍ରତି ତାଙ୍କର ଚରମ ଘୃଣାଥିଲା। ଘରେ ସର୍ବଦା ଗୀତା, ଭାଗବତ ପାଠ କରାଯାଉଥିଲା। ମୋ ମାଆ (ବୋଉ) କୁ ସେ ବହୁତ୍ ଭଲ ପାଉଥିଲେ କାରଣ ବୋଉ ଯେମିତି ସ୍ନେହୀ ସେମିତି ଭଗବତ୍ ବିଶ୍ୱାସୀ। ଆମ୍ଭମାନଙ୍କୁ ଗୀତା, ଭାଗବତ ପଢ଼ି ଶୁଣାଇବାକୁ କହୁଥିଲେ। ସ୍କୁଲ ଲାଇବ୍ରେରୀରୁ ବଡ଼ବଡ଼ ଲେଖକଙ୍କର ରଚିତ ଗ୍ରନ୍ଥାବଳୀ ଘରକୁ ଆଣୁଥିଲେ। ସେ ବହି ପଢ଼ି ଆମ୍ଭେମାନେ ଅନେକ କଥା ଶିଖିବୁ ଏହାଥିଲା ତାଙ୍କର ଉଦ୍ଦେଶ୍ୟ। ମହାପୁରୁଷମାନଙ୍କର ଜୀବନୀ ସେ ଶୁଣାଉଥିଲେ। ବଡ଼ ବଡ଼ ଖ୍ୟାତନାମା ଇଂରାଜୀ ଲେଖକଙ୍କର ନାଟକ ଶୁଣାଉଥିଲେ। ଈଶ୍ୱରଙ୍କ ସମ୍ବଳିତ କବିତା ପଢ଼ି ଶୁଣାଇଲାବେଳେ ସେ ଭାବରେ ଗଦ୍‌ଗଦ୍ ହୋଇଯାଉଥିଲେ। ସେ ଏମିତି ତନ୍ମୟ ହୋଇ ଭଗବାନଙ୍କ କଥା ଶୁଣାଉଥିଲେ ଯେ ଆମ୍ଭମାନଙ୍କ ଆଖିରୁ ଲୁହ ଝରି ଆସୁଥିଲା। କାହାରି ଦୁଃଖ ସେ ସହି ପାରୁନଥିଲେ। ବିପଦରେ ପଡ଼ିଥିବା ଲୋକଙ୍କୁ ସେ ଉଦାର ହୃଦୟରେ ସାହାଯ୍ୟ କରୁଥିଲେ।

ସେ ଥିଲେ ଜଣେ କୃତି ଶିକ୍ଷକ। ଇଂରାଜୀ, ବିଜ୍ଞାନ ଓ ଗଣିତ ବିଷୟରେ ଶିକ୍ଷକତା କଲେ ମଧ୍ୟ ତାଙ୍କର ସବୁ ବିଷୟରେ ଦକ୍ଷତା ଥିଲା। ଭୁଗୋଳ, ସାହିତ୍ୟ, ଇତିହାସ ଓ ସଂସ୍କୃତ ସବୁ ବିଷୟ ସେ ବିଷଦଭାବେ ପଢ଼େଇ ପାରୁଥିଲେ। ସବୁବେଳେ ଆଧ୍ୟାତ୍ମିକ ପୁସ୍ତକମାନ ପାଠ କରୁଥିଲେ ଏବଂ ଚେତନାର ଏକ ଉଚ୍ଚତମ ପାହାଚରେ ବାସ କରୁଥିଲେ। ସେ ସମ୍ମାନ, ପ୍ରଶଂସା, ନିନ୍ଦା ପ୍ରତି ଥିଲେ ଉଦାସୀନ। ସେ ଏକପ୍ରକାର କର୍ମଯୋଗୀ ଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ।

ଚାକିରି ଜୀବନରୁ ଅବସର ଗ୍ରହଣ ବେଳକୁ ସେ ଆମର ପାଞ୍ଚ ଭାଇ ଓ ଭଉଣୀଙ୍କର ପାଠପଢ଼ା ଓ ବିବାହ କାର୍ଯ୍ୟ ଶେଷ କରିଥିଲେ। ଆଉ ଦୁଇ ଭାଇଭଉଣୀଙ୍କ ବିବାହ କାର୍ଯ୍ୟ ସେ ପରବର୍ତ୍ତୀ ସମୟରେ ସମ୍ପନ୍ନ କରିଥିଲେ। ସେହି ସମୟ ପରେ ପରେ ସେ ଏକାନ୍ତ ବାସରେ ରହିବାକୁ ପସନ୍ଦ କରୁଥିଲେ। ଘରେ ରାଧାକୃଷ୍ଣଙ୍କ ମନ୍ଦିର ନିର୍ମାଣ କରି ସ୍ୱହସ୍ତରେ ରନ୍ଧନ କରି ପ୍ରଭୁଙ୍କ

ପାଖରେ ପ୍ରସାଦ ଅର୍ପଣ କରୁଥିଲେ। ସେହି ସମୟରେ ସେ କେତେ ଖଣ୍ଡି ଆଧ୍ୟାତ୍ମିକ ପୁସ୍ତକ ରଚନା କରିଥିଲେ। ସେଗୁଡ଼ିକ 'ରସବତୀ ହରିକଥା', 'ଦିବ୍ୟ ଚେତନା', 'ରାଧାମାଧବ ଲୀଳା ବିଳାସ' ଓ ଅନ୍ୟାନ୍ୟ। ବହିଗୁଡ଼ିକ ପାଠକଲେ ହୃଦୟରେ ଭକ୍ତିରସର ଉଦ୍ରେକ ହୁଏ। ଶେଷ ସମୟ ପର୍ଯ୍ୟନ୍ତ ସେ ବିଭୁ ଚିନ୍ତନରେ ସମୟ ବ୍ୟତୀତ କରୁଥିଲେ। ବାପାଙ୍କ ସହିତ ସମୟ କଟାଇଲେ ଆନନ୍ଦ ଲାଗେ କାରଣ, କେବଳ ହରିକଥା, ହରିଚିନ୍ତନ ଓ ତାଙ୍କର ଲୀଳା ଶ୍ରବଣରେ ସମୟ କଟେ। ଆଲୋଚନା ବେଳେ ସେ କୁହନ୍ତି ଗୀତାରେ କୁହାଯାଇଛି।

"ଅନ୍ତକାଳେ ଚ ମାମେବ ସ୍ମରେନ୍ ମୁକ୍ତ୍ୱା କଳେବରମ୍
ଯ ପ୍ରୟାତି ତ୍ୟଜନ୍ ଦେହଂ ସ ଜାତି ପରମଂ ଗତିଂ।"

ଅର୍ଥାତ୍ ଅନ୍ତିମ ମୁହୂର୍ତ୍ତରେ ହେ କୃଷ୍ଣ କହି ଶେଷ ନିଶ୍ୱାସ ତ୍ୟାଗ କଲେ ବ୍ୟକ୍ତି ପରମଗତି ଲାଭ କରେ। ତାଙ୍କର ଅନ୍ତିମ ସମୟରେ ତାହା ହିଁ ଘଟିଥିଲା। ସେ କୃଷ୍ଣ କୃଷ୍ଣ ଜପ କରୁଥାନ୍ତି, ତାଙ୍କର ପ୍ରାଣପକ୍ଷୀ ମରଶରୀର ଛାଡ଼ି ଉଡ଼ିଯାଇଥିଲା। ତାଙ୍କର - ପରମଗତି ହେଲା କି ନା ସେକଥା ଈଶ୍ୱର ଜାଣନ୍ତି।

ବାପା ଇହଲୀଳା ସମ୍ବରଣ କରିବା ତେରବର୍ଷ ହେଲାଣି ମନେହୁଏ ବାପା ସୂକ୍ଷ୍ମ ସତ୍ତାରେ ପାଖେ ପାଖେ ରହିଛନ୍ତି ଏବଂ ପ୍ରତି କଥାରେ ମୋତେ ପଥ ପ୍ରଦର୍ଶନ କରୁଛନ୍ତି।

ଏହା ମୋର ଅନୁଭବର କଥା। ମୁଁ ଭାବେ ମୁଁ ଜୀବନରେ ଯାହା ହୋଇଛି ତାହା ଈଶ୍ୱର ଓ ମୋ ବାପା-ମାଙ୍କ ଆଶୀର୍ବାଦର ଫଳ। ଯେଉଁଦିନ ଚାକିରୀରେ ପ୍ରଥମ କରି ଜଏନ୍ କରି ବାପାଙ୍କ ଆଶୀର୍ବାଦ ନେବାପାଇଁ ଯାଇଥିଲି ବାପା ଖୁସିରେ କାନ୍ଦି ପକାଇଥିଲେ। ଢ଼େର ଆଶୀର୍ବାଦ ଦେଇଥିଲେ ତା'ସହ ଢ଼େର୍ ତାଗିଦା ମଧ୍ୟ। ବିନା ପ୍ରସ୍ତୁତିରେ ଶ୍ରେଣୀଗୃହକୁ ଯିବୁନାହିଁ। ପାଠ୍ୟପୁସ୍ତକର ପାଠ ପଢ଼େଇବା ସହ ପିଲାଙ୍କ ଚରିତ୍ର ଗଠନ କରିବୁ। ଶିକ୍ଷକତା ଦାୟିତ୍ୱ ଖୁବ୍ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଭଗବାନ ତୋତେ ଯୋଗ୍ୟ ଭାବି ଏ ଦାୟିତ୍ୱ ଦେଇଛନ୍ତି। ତାକୁ ଠିକ୍‌ଭାବେ ସଂପାଦନ କରିବୁ।

ପିଲାମାନଙ୍କର ଆଧ୍ୟାତ୍ମିକ ବିକାଶ ନିତାନ୍ତ ଜରୁରୀ ତାହା ଯେମିତି ତୋର ସ୍ମରଣରେ ରହେ। ବାପା ତାଙ୍କ ଝିଅକୁ ଠିକ୍ ଭାବେ ଜାଣିଥିଲେ। ତଥାପି ଜଣେ ବାପାର କର୍ତ୍ତବ୍ୟ ସେ ପାଳନ କରିଥିଲେ ଓ ସମୟ ଉପଯୋଗୀ ଉପଦେଶ ଦେଇଥିଲେ।

କେବେ କେମିତି ଯଦି କୌଣସି କାରଣରୁ ଶ୍ରେଣୀ ଗୃହରେ ଠିକ୍ ଭାବେ କର୍ତ୍ତବ୍ୟ ସଂପାଦନ କରିହୁଏନାହିଁ, ବାପାଙ୍କର କଥାଗୁଡ଼ାକ ହାତୁଡ଼ି ପ୍ରହାର ପରି ହୃଦୟକୁ ଆଘାତ କରେ, ମୁଁ ନିଜକୁ ଦୋଷୀ ମନେକରେ। ସମୟକ୍ରମେ ଅଧ୍ୟାପିକା ଓ ପ୍ରାଧ୍ୟାପିକା ପଦବୀକୁ ଉନ୍ନିତ ହେବାପରେ ବାପାଙ୍କୁ ମୁଁ ଫୋନ୍ ମାଧ୍ୟମରେ ଜଣାଇଥିଲି। ବାପା ଖାଇ ବସିଥିବାରୁ ବୋଉ ଫୋନ୍ ରିସିଭ୍ କରି ବାପାଙ୍କୁ ଜଣାଇଥିଲା। ବାପା ସଙ୍ଗେ ସଙ୍ଗେ କହିଥିଲେ "ଝିଅକୁ ଜଣାଇଦିଅ, ଏତିକି ନୁହେଁ ଈଶ୍ୱରଙ୍କ ଆଶୀର୍ବାଦରୁ ସେ ଦିନେ ଅଧ୍ୟକ୍ଷା ହେବ"। ବୋଉ ମୋତେ ଏକଥା ଜଣାଇବାରୁ ମୁଁ କାନ୍ଦି ପକାଇଥିଲି। ଭାବିଲି ବାପାଙ୍କ ହୃଦୟ କେଡ଼େ ବିଶାଳ। ସବୁ ବାପା ବୋଧେ ଏମିତି ହୋଇଥିବେ। ସତକୁ ସତ ମୁଁ ଦିନେ ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କଲି। ସେଦିନ ବାପାଙ୍କୁ ମନେ ମନେ ସ୍ମରଣ କରି କହିଲି ବାପା, ତୁମେ ଆଜି ସଶରୀରେ ନାହିଁ ସିନା ତୁମ ଆଶୀର୍ବାଦରୁ ଆଜି ଏ ଦାୟିତ୍ୱ ଗ୍ରହଣ କରୁଛି। ତୁମେ ମୋର ପଥ ପ୍ରଦର୍ଶକ ହୋଇ ସବୁକାର୍ଯ୍ୟ ମୋର କରାଇନେବ। ବାପା ନିଶ୍ଚୟ ମୋ କଥା ଶୁଣିଥିବେ। ସୁରୁଖୁରୁରେ ସେ ଦାୟିତ୍ୱ ତୁଲାଇ ମୁଁ ଚାକିରିରୁ ଅବସର ଗ୍ରହଣ କଲି। ଏ ସବୁକିଛି ତାଙ୍କ ଆଶୀର୍ବାଦର ଫଳ। ମୋ ବାପା ମୋର ଆଦର୍ଶ। ମୋ ବାପଙ୍କ ଭଳି ଭଲ ମଣିଷଟିଏ ମୁଁ ଆଉ ଦେଖିନାହିଁ। ସେଭଳି ମଣିଷ ନଥିବେ ନୁହେଁ, ମୁଁ ହୁଏତ ସେଭଳି ମଣିଷଙ୍କ ସଂସ୍ପର୍ଶରେ ଆସିନାହିଁ। ମୋ ବାପା ମୋ ପାଇଁ ଭଗବାନ, ଜୀବନ୍ତ ଈଶ୍ୱର। ମୋ ପାଖରେ ଥିଲେ, ମୁଁ ବଞ୍ଚିଥିବାଯାଏଁ ମୋ ଭିତରେ ରହିଥିବେ ମୋର ପଥ ପ୍ରଦର୍ଶକ ସାଜି, ଆଶୀର୍ବାଦର ଛତାଟିଏ ହୋଇ ମୋତେ ଆପଦବିପଦରୁ ରକ୍ଷା କରିବାପାଇଁ।

**ପ୍ରାକ୍ତନ ଅଧ୍ୟକ୍ଷା,**
**ଇନ୍ଦିରାଗାନ୍ଧୀ ମହିଳା କଲେଜ,**
**ସେଲଟର ଛକ, କଟକ**





# ବାପା

**ଆଶିଷ କୁମାର ସ୍ୱାଇଁ**

ଯେତେବେଳେ ସଂସାରରେ ଭୂମିଷ୍ଠ ହେଲି ଅନ୍ଧକାରରୁ ଆଲୋକକୁ ଆସିଲି ଅଜବ ଦୁନିଆଁ ଗଜବ ଦୃଶ୍ୟ ଦେଖିଲି ସେଇ ଅଜବ ଗଜବ ଦୃଶ୍ୟ ଭିତରେ ଦୁଇ ଚଳନ୍ତି ବିଗ୍ରହ ଠାକୁରଙ୍କୁ ପାଇଲି । ସେ ହେଉଛନ୍ତି ମୋ ବାପା ଆଉ ବୋଉ । ଆଜି ଆପଣମାନଙ୍କୁ ମୋ ବାପା (ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସ୍ୱାଇଁ) ମୋ ପାଇଁ କ'ଣ ତାହା ପୁଣି ବର୍ଣ୍ଣନା ସଂକ୍ଷିପ୍ତରେ କାହିଁକି ନା ସେଭଳି ବ୍ୟକ୍ତିତ୍ୱଙ୍କ ବର୍ଣ୍ଣନା ଅବର୍ଣ୍ଣନୀୟ । ଭାଷା କେଉଁଠୁ ଆଣିବି ଯେ ଅବର୍ଣ୍ଣନୀୟକୁ ବର୍ଣ୍ଣନା କରିବି ? ତଥାପି କଲମ ଚଳଣା କରୁଛି ମୋ ବାପାଙ୍କ ବିଷୟରେ ଲେଖିଦେବାପାଇଁ । କି ହୃଦୟ ! କି ଭାବନା ! କି ମଣିଷ ! ଯାହାଙ୍କ ପାଇଁ ଆଜି ମୁଁ ।

ଛୋଟପିଲା ବେଳେ ମୁଁ ସ୍ଲେଟ୍ ଆଉ ଚକ୍ ଧରୁନଥିଲି ପାଠପଢ଼ିବାପାଇଁ । ଏହା ଦେଖି ବାପା ମୋତେ ଘରେ ଥିବା ଏକ ବେତରେ ବାଡ଼େଇ ବାଡ଼େଇ ନେଇ ଗାଁ ଚଟଶାଳୀରେ ବସେଇକି ଆସିଲେ । ହେଲେ ମୁଁ କାନ୍ଦି କାନ୍ଦି ଚଟଶାଳୀରେ ବସିଲି । ବାପା ଘରେ ଆସିକି କାନ୍ଦିଲେ । ବୋଉକୁ କହିଲେ ଶିକ୍ଷକ ପୁଅ ଆଜି ମୁର୍ଖ ହୋଇଯିବ । ଯେତେବେଳେ ଚଟଶାଳୀରୁ ଆସିଲି କୋଳେଇକି ନେଇ କୁଣ୍ଢେଇ ପକେଇଲେ । ସେଇ ଦିନଠାରୁ ପାଠ ପଢ଼ିବାକୁ ଗଲି । ଆଉ ପାଠପଢ଼ାରେ ବ୍ୟତିକ୍ରମ ହେଲାନାହିଁ ।

୨୪ ବର୍ଷ ବୟସରେ ମୁଁ ଆଶିଷ କୁମାର ସ୍ୱାଇଁ ପଦାର୍ପଣ କରିଛି । ସମସ୍ତେ କୁହନ୍ତି ମୁଁ ଶୁଣିଛି ଆଉ ମଧ୍ୟ ଜାଣିଛି ବୁଝିଛି ମୋ ବାପା ମୋ ସାଙ୍ଗ । ବାସ୍ତବିକ କାହା କଥା ମୁଁ କହୁନାହିଁ । ମୋ କଥା ମୁଁ କହୁଛି ମୋ ବାପା ମୋ ସାଙ୍ଗ । ଆମ ଘରଲୋକ ଏକଥା ଖାଲି ଜାଣିନାହାନ୍ତି । ଆମ ଗାଁର ପ୍ରତିଟି ଘରର ଲୋକମାନେ ଜାଣିଛନ୍ତି । ସାଙ୍ଗଭାବେ ଥଟ୍ଟା ମଜା, ସାଙ୍ଗ ଭାବେ ମିଳିମିଶି ଭୋଜି ଖାଇବା, ସାଙ୍ଗ ଭାବେ ବୁଲାବୁଲି କରିବା ଆଜି ପର୍ଯ୍ୟନ୍ତ ଏହା କ୍ରମାଗତ ଚାଲିଛି । ଲୋକମାନେ ମଧ୍ୟ ଆମ ସମ୍ପର୍କକୁ

ନେଇ ଆଶ୍ଚର୍ଯ୍ୟ, ବାକ୍‌ଶୂନ୍ୟ। ଏ ବାପା ପୁଅ ନା ସାଙ୍ଗ। ମୋତେ ସେ କେତେ ଭଲପାଆନ୍ତି ତାହା କଳ୍ପନା ବାହାରେ। ତାହାର ଏକ ଜ୍ୱଳନ୍ତ ଉଦାହରଣ ଆପଣମାନଙ୍କୁ ମିଛ ମୋତେ ମୋ ଗାଁକୁ ସତ ଆଜି ପର୍ଯ୍ୟନ୍ତ ମୋ ପୋଷାକ ସଫା କରିଆସୁଛନ୍ତି। ମୁଁ ସକାଳୁ ଡ଼େରିରେ ଉଠେ। ମୋ ବାପା ମୁଁ ଶୋଇଥିବା ବିଛଣା ଉଠାଇଦିଅନ୍ତି। କୁହନ୍ତି କେବେ ମଣିଷ ହେବ କେଜାଣି। ନିଜ କାମ ନିଜେ କରିବ। ନିଜପାଇଁ ଖର୍ଚ୍ଚ କରିବା କେବେବି ଦେଖିନି। ଆଜିପର୍ଯ୍ୟନ୍ତ ସାଧାରଣତଃ ଖଣ୍ଡେ ଚକୋଲେଟ୍ ନିଜେ ଖାଆନ୍ତି ନାହିଁ। ଆଜି ପର୍ଯ୍ୟନ୍ତ ଯୁଆଡ଼େ ଗଲେ ବି ନିଜେ ନଖାଇ ଆମ ସମସ୍ତିଙ୍କ ପାଇଁ ଖାଦ୍ୟ ନେଇ ଆସନ୍ତି। ଆଣିବା ପଛରେ ସୁନ୍ଦର ସୁନ୍ଦର ମହତ୍ୱ ଭାବନା ଥାଏ ଆମେ ସମସ୍ତେ ମିଳିମିଶି ଖାଇବା। ଏକାଠି ସ୍ନେହ ଭଲପାଇବା ଆଦାନପ୍ରଦାନ କରିବା। କେବେବି ଝଗଡ଼ା ଲାଗିବାନି। କିନ୍ତୁ ବେଳେ ବେଳେ ଝଗଡ଼ା ହୋଇଯାଏ। ବାପା ଆଉ ବଡ଼ବାପାଙ୍କ ସହ ଝଗଡ଼ା ହେବା ଫଳରେ ଆମକୁ ଭିନ୍ନ କରିଦେଲେ। ବାପା କିଣିଥିବା ଆମ ଜିନିଷପତ୍ର ବାଣ୍ଟି ନେଇଗଲେ। ମୁଁ, ମୋ ଅପା, ମୋ ବୋଉ ମାମୁ ଘରକୁ ଆସିଲୁ ହେରି। ସେ ଏକା ନରହି ପାରି ତା'ପରଦିନ ମାମୁଘରକୁ ଆସିଥାନ୍ତି, କିନ୍ତୁ ଆମକୁ ନପାଇ ପଣସପଦାରେ ଆମ ବାରିରେ ଅଛୁ ବୋଲି ଆଈଙ୍କଠୁ ବୁଝି ଦେଖିବାପାଇଁ ଗଲେ। ଆମେ ସେତେବେଳକୁ ଅପାର ମୋର ଆମ୍ବ ଗଛ ମୂଳେ କଷି ଆମ୍ବ ଗୋଟାଉଥାଉ। ଏହା ଦେଖି ଭୋ ଭୋ ହୋଇ କାନ୍ଦି ନିଜ ଗାମୁଛାରେ ପୋଛାପୋଛି କରି ଆମକୁ ଗାଁକୁ ଆଣିଲେ। ଏବେ ସେକଥା ମନେପଡ଼ିଲେ ତାଙ୍କ ଆଖି ଲୁହରେ ଜକେଇଯାଏ। ଜଣେ ବରିଷ୍ଠ ସାହିତ୍ୟିକ, ଆଦର୍ଶ ଶିକ୍ଷକ, ସମାଜସେବୀ, ସୁବକ୍ତା ଭାବେ ଆମ ପୁରୀ ଜିଲ୍ଲାରେ ନିଜର ଖ୍ୟାତି ସୁନାମ ଅର୍ଜନ କରିସାରିଛନ୍ତି। ସେ ନିଜେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଇବା ସହ ମୋତେ ସେ ରାସ୍ତାରେ ବାଟ କଢ଼ାଇ ନେଇଛନ୍ତି। ଯାହା ଫଳରେ କି ପଦ୍ୟ ସାହିତ୍ୟ, ଗଦ୍ୟ ସାହିତ୍ୟ, ଗଳ୍ପ ଇତ୍ୟାଦି ସୃଷ୍ଟି, ସମାଜ ସେବାରେ ନିଜ ଜୀବନକୁ ନିୟୋଜିତ କରିବା ଏବଂ ବିଭିନ୍ନ ମଞ୍ଚରେ ଉପସ୍ଥାପକ ଭାବେ ନିଜକୁ ପ୍ରତିଷ୍ଠିତ କରେଇବାରେ ମୋ ଗୁରୁ ମୋ ବାପାଙ୍କ ଆଶୀର୍ବାଦହାତ ସଦାସର୍ବଦା ମୋ ମୁଣ୍ଡ ଉପରେ

ରହିଛି । ଭାଷଣ କିମ୍ବା ସାହିତ୍ୟ ପ୍ରତି ଅନୁରାଗ ସ୍ନେହଶ୍ରଦ୍ଧା ବଢ଼ିଛି କେବଳ ମୋ ବାପାଙ୍କ ପାଇଁ । ମୋତେ ସଭାସମିତି ଉତ୍ସବ ଯେଉଁଠିକି ନିଅନ୍ତି କହିବା ପାଇଁ କୁହନ୍ତି । ପ୍ରଥମେ ପ୍ରଥମେ ମୁଁ ମନାକରେ ମୁଁ କହିପାରିବିନି । ଏମିତି ବାରମ୍ବାର କହିବା ପରେ ମୋ ମନୋବଳକୁ ବଢ଼ାଇଲେ ମୁଁ କହିବା ଆରମ୍ଭ କଲି ପୁଣି ମୋ ବାପଙ୍କ ଉପସ୍ଥିତିରେ । ମୋ ବାପା ପୁଣି ସେଇ ସଭାରେ ଅତିଥି ହୋଇକି ଯାଇଥାନ୍ତି । ମୋତେ ଭୟ ଲାଗୁଥାଏ କିନ୍ତୁ ମୁଁ କହି ଚାଲୁଥାଏ । ବୃତ୍ତି ଶିକ୍ଷକତା ହେଲେ ମଧ୍ୟ ବଗିଚା, ବିଲ, ପୋଖରୀ ଇତ୍ୟାଦି କାର୍ଯ୍ୟ ନିତିଦିନିଆ । ନା ଖରା ତାଙ୍କୁ କାଟେ ନା ବର୍ଷା । ଅଦ୍ଭୁତ ମଣିଷଟେ ସେ । ମୁଁ କାମ ନକଲେ କିଛିବି କୁହନ୍ତିନି । ନିଜେ ଏକା ସବୁ କରନ୍ତି । ଏବେ ଟିକେ ଟିକେ ବିରକ୍ତ ହେଉଛନ୍ତି । ମୁଁ ଭାବୁଛି ବୟସ ହୋଇଗଲାଣି ଆଉ ପାରୁନାହାଁନ୍ତି । ମୋର ଗୋଟିଏ କଥା ତାଙ୍କର ମନେପଡ଼େ ପାପୁନି ମୁଁ ମରିଗଲେ ମୋତେ ଗାଁ ଶ୍ମଶାନରେ ମୋ ଶରୀର ଦାହ କରିବୁ । ଅନ୍ତିମ କାର୍ଯ୍ୟ ସମ୍ପନ୍ନ କରିବୁ । ସ୍ୱର୍ଗଦ୍ୱାର ନେବୁନାହିଁ । ମୋ ଗାଁରେ ଜନ୍ମ ହୋଇଥିଲି । ମୋ ଗାଁ ମାଟି, ପାଣି, ପବନରେ ବଢ଼ିଥିଲି । ମୋ ଗାଁ ଶ୍ମଶାନରେ ମୋ ମରଶରୀର ଗାଁ ମାଟିରେ ମିଶି ବର୍ଷା ଜଳ ସହ ଭାସି ଚିଲିକା ଜଳରେ ମିଶି ମହୋଦଧିରେ ମିଶିଯିବ ମୋ ଆତ୍ମାକୁ ଶାନ୍ତି ମିଳିବ । ମୋତେ ସବୁବେଳେ କୁହନ୍ତି ବାୟାଟା ମୁର୍ଖଟା କ'ଣ ହେଉଛୁ ? ଜୀବନରେ କ'ଣ କରିବୁ କେଜାଣି ? ଜୀବନରେ କିଛି କରିପାରିବୁନି । ପୁଣି କୁହନ୍ତି ମୋ ପୁଅଭଳି କେହି ହେବେନି । ମୋତେ ବହୁତ ଗେହ୍ଲରେ ବଢ଼େଇଛନ୍ତି । ଆଜି ପର୍ଯ୍ୟନ୍ତ ମୋତେ କିଏ କ'ଣ କହିଲେ ସେ ସହ୍ୟ କି ବରଦାସ୍ତ କରିପାରନ୍ତିନାହିଁ । ତାହାକୁ ଉଚିତ ଜବାବ ଦିଅନ୍ତି । ଏଭଳି ଦେବତୁଲ୍ୟ ବ୍ୟକ୍ତିତ୍ୱଙ୍କୁ ମୁଁ କେବେ ପାଇବିନି । ମୋ ବାପା ମୋ ପାଇଁ ମୋ ଆଦର୍ଶ । ମୋ ବାପା ମୋ ପାଇଁ ମୋ ଠାକୁର । ମୋ ବାପା ମୋ ପାଇଁ ମୋ ଜୀବନ । ମୋ ବାପା ମୋ ପାଇଁ ମୋ ଭଲ ସାଙ୍ଗ । ମୋ ବାପା ମୋଇ ପାଇଁ ମୋ ଦୁନିଆ । ଆଉ ସବୁକିଛି....... ।

**ସାବିତ୍ରୀ ଭବନ, ସିଆରା, ପୁରୀ**
**ମୋ - ୮୧୧୪୩୩୪୪୯୬**



# ମୋ ବାପା

**ଅଜୟ କୁମାର ସାହୁ**

ପିତାମାତା ଯେଉଁଭଳି ହୁଅନ୍ତୁ ନା କାହିଁକି ପ୍ରତ୍ୟେକ ପୁତ୍ର ଓ କନ୍ୟାପାଇଁ ସେମାନେ ପୂଜ୍ୟ। ମୋର ହେତୁ ହେବା ଦିନଠାରୁ ମୁଁ ବାପା ଏବଂ ବୋଉଙ୍କର ସ୍ନେହ ଓ ଶ୍ରଦ୍ଧା ପାଇଥିବାର ଅନୁଭବ କରିଛି। ବାପା ସବୁବେଳେ ସତ୍‌ବାଟରେ ଯିବାକୁ ଶିଖାଉଥିଲେ। ପିଲାଦିନର ଖେଳଛାଡ଼ି ପାଠ ପଢ଼ିବାପାଇଁ ମୋର ଆଗ୍ରହ ନଥିଲା। କିନ୍ତୁ ବାପା ମୋତେ ବୁଝାଇ ସୁଝାଇ ସ୍କୁଲକୁ ନେଉଥିଲେ। ମନଦେଇ ପାଠ ପଢ଼ିବା ପାଇଁ ସବୁବେଳେ ତାଗିଦ୍ କରୁଥିଲେ। ଏପରିକି ମୋ ଚାକିରୀ ଜୀବନରେ ମୋର କର୍ତ୍ତବ୍ୟରେ ଅବହେଳା ନକରିବାପାଇଁ ବାରମ୍ବାର ପରାମର୍ଶ ଦେଉଥିଲେ। ବାପାଙ୍କ ପରାମର୍ଶକୁ ଅକ୍ଷରେ ଅକ୍ଷରେ ପାଳନ କରି ମୁଁ ଆଜି ସମାଜରେ ମୋର ସ୍ଥିତି ଦୃଢ଼ କରିପାରିଛି। ମୋ ପ୍ରଭାବରେ ମୋର ପିଲାମାନେ ମଧ୍ୟ ଉଚ୍ଚ ପଦପଦବୀରେ ଅଛନ୍ତି। ତେଣୁ ମୋର ଧାରଣା ଯେ ବାପାଙ୍କର ଆଦର୍ଶ ଏବଂ ଅନୁଶାସନ ହିଁ ସମାଜରେ ମୋର ସ୍ଥିତି ଦୃଢ଼ କରିପାରିଛି।

ବାପା ଆମ ଗାଁର ଜଣେ ମୁଖିଆ ଲୋକଥିଲେ। ସମସ୍ତେ ତାଙ୍କୁ "ସାହୁକାର" ବୋଲି ସମ୍ବୋଧନ କରିଥାନ୍ତି। ବାପା ଆମ ଗାଁର ପ୍ରାଥମିକ ସ୍କୁଲର ଏବଂ ଦଶଦୋଳ ଯାତ୍ରା କମିଟିର ସଭାପତି ଥିଲେ। ଗ୍ରାମ ପଞ୍ଚାୟତରେ ନାଏବ ସରପଞ୍ଚ ଭାବରେ ପାଞ୍ଚବର୍ଷ ପର୍ଯ୍ୟନ୍ତ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପନ୍ନ କରିଥିଲେ। ଗାଁ ସଭାରେ ସମସ୍ତ ମାଲିମକଦ୍ଦମା ବିଚାର କରି ଉପଯୁକ୍ତ ନ୍ୟାୟ ଦିଆଯାଉଥିଲା। ଆମ ଗାଁ ଆଖପାଖ ଗାଁରେ କୌଣସି ମାଲିମକଦ୍ଦମା ଥିଲେ ବାପାଙ୍କ ନେତୃତ୍ୱରେ ଆମ ଗାଁ କମିଟିର ସଭ୍ୟମାନେ ଯାଇ ଦୁଇପଟର ବୟାନକୁ ବିଚାରକରି ଶେଷ ନିଷ୍ପତ୍ତି ନେଉଥିଲେ। ଏଣୁ ଆମ ଗାଁ ଏବଂ ଆଖପାଖ ଗାଁର ମାଲିମକଦ୍ଦମା କୋର୍ଟ କଚେରୀ ଯାଉନଥିଲା। ବେଳେ ବେଳେ ଗୋଟିଏ ଗୋଟିଏ ମକଦ୍ଦମା ପାଇଁ ସଭା ଶେଷ ହେଲା ବେଳକୁ

ରାତି ପାହିଯାଉଥିଲା । ତ୍ୱରିତ ବିଚାର ଯୋଗୁ ସମସ୍ତଙ୍କୁ ଉପଯୁକ୍ତ ନ୍ୟାୟ ମିଳୁଥିଲା । ବାପାଙ୍କ ମତରେ ଯାହା ଆମେ ସହଜରେ ତୁଟାଇ ପାରିବା ତାହାକୁ ଅଯଥାରେ କୋର୍ଟ କଚେରୀକୁ ନେଇ ଗରିବ ଗୁରୁବାମାନେ କାହିଁକି ସର୍ବହରା ହେବେ । ଗାଁର ଝିଅ ବୋହୂମାନେ ମଧ୍ୟ ପାରିବାରିକ ଅସନ୍ତୋଷ ବେଳେ ବାପାଙ୍କର ସାହାଯ୍ୟ ଲୋଡ଼ିଥାନ୍ତି । ଏସବୁ ଘଟଣାରେ ବାପା ନିଜର ସମସ୍ତ କାମକୁ ପଛରେ ରଖି ସେମାନଙ୍କୁ ଘରକୁ ଯାଇ ସହଜରେ ସମସ୍ୟାର ସମାଧାନ କରିଥାନ୍ତି ।

ବାପାଙ୍କ ପ୍ରଚେଷ୍ଟାରେ ଗାଁର ପ୍ରାଥମିକ ଏବଂ ମାଇନର ସ୍କୁଲ ସମୂହର ଯଥେଷ୍ଟ ଉନ୍ନତି ହୋଇଥିଲା । ବାପାଙ୍କର ଏହି ଗୁଣଟି ମୋ ଉପରେ ଯଥେଷ୍ଟ ପ୍ରଭାବ ପକାଇଥିଲା । ଯାହାଦ୍ୱାରାକି ପରବର୍ତ୍ତୀ ସମୟରେ ମୁଁ ଆମ ଗାଁ ଉନ୍ନୟନ କମିଟିର ସେକ୍ରେଟାରୀ ଥିଲାବେଳେ ଉଚ୍ଚ ବାଳିକା ବିଦ୍ୟାଳୟ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପ୍ରତିଷ୍ଠା କରିବା ସହ ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ ସେବାପାଇଁ ଚନ୍ଦପୁରସ୍ଥ (ନୟାଗଡ଼ ଜିଲ୍ଲା) ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସର ତତ୍କାଳ ସୁପରିଟେଣ୍ଡେଣ୍ଟ ଡାକ୍ତର. ଆର୍.ଏନ୍. ଚୌଧୁରୀଙ୍କ ଅକୁଣ୍ଠ ସାହାଯ୍ୟରେ General Out Door ଖୋଲିଥିଲା ।

ବାପା ସବୁବେଳେ ଆମମାନଙ୍କୁ ସତକଥା କହିବା ଏବଂ ସତ୍ ବାଟରେ ଯିବାପାଇଁ ପରାମର୍ଶ ଦେଉଥିଲେ । ସେ କହୁଥିଲେ ତୁମେ କାହାର ଉପକାର କରିନପାର କିନ୍ତୁ ଅପକାର କରନାହିଁ । ଅନ୍ୟର ଅନିଷ୍ଟ ଚିନ୍ତାକଲେ ପ୍ରକାରାନ୍ତରେ ନିଜର ଅନିଷ୍ଟ ହୋଇଥାଏ ।

କୌଣସି କାରଣରୁ ବାପା କେବେ ରୁଷିକରି ନଖାଇ ଉପାସ ରହିବା ମୁଁ ଦେଖିନାହିଁ । ତାଙ୍କ ମତରେ ଘରର ମୁରବି ହୋଇ ମୁଁ ଯଦି ଉପାସ ରୁହେ ମୋ ପାଇଁ ଅନ୍ୟମାନେ ଉପାସ ରହି ନଖାଇ ନପିଇ କଷ୍ଟ ଭୋଗକରିବେ । ବାପାଙ୍କର ଅସୀମ ଧୈର୍ଯ୍ୟଥିଲା । କୌଣସି ବିପଦ କିମ୍ବା ସମସ୍ୟା ସମ୍ମୁଖୀନ ହେଲେ ଅପୂର୍ବ ଧୈର୍ଯ୍ୟ ସହକାରେ ତାହାକୁ ମୁକାବିଲା କରୁଥିଲେ । ବାପା ସବୁବେଳେ ମୋ ବୋଉ ଏବଂ ଖୁଡ଼ୀଙ୍କୁ ଜେଜେବାପା ଏବଂ ଜେଜେମା'ଙ୍କର ସେବାରେ ଅବହେଳା ନକରିବାପାଇଁ ତାଗିଦ୍ କରୁଥିଲେ । ତାଙ୍କ ମତରେ

ବାପା ମାଆଙ୍କ ଆଶୀର୍ବାଦ ଥିଲେ ଜଣେ ଜଗତଜିତା ହୋଇପାରିବ।

ବାପାଙ୍କର ଆଦର୍ଶ, ସ୍ନେହ, ମମତା ଏବଂ ତାଗିଦ ପ୍ରଭାବରେ ମୁଁ ଆଜି ସମାଜରେ ଏକ ପ୍ରତିଷ୍ଠିତ ବ୍ୟକ୍ତି ହିସାବରେ ଠିଆହୋଇ ମୋର ସାମାଜିକ ସ୍ଥିତି ଦୃଢ଼ କରିପାରିଛି। ଆଜି ଏ ପରିଣତ ବୟସରେ ପ୍ରତ୍ୟହ ମୋର ବାପାଙ୍କ କଥା ମନେପଡ଼େ ଏବଂ ସ୍ୱତଃ ତାଙ୍କ ପାଦତଳେ ମୋର ମସ୍ତକ ନତ ହୋଇଯାଏ। ବାପାଙ୍କ କଥା ସ୍ମରଣବେଳେ ମୋର ମନ କହିଥାଏ, "ତୁମ ହାତଧରି ଗାଁ ଦାଣ୍ଡେ ବାପା ଯାଇଥିଲି ଚାଟଶାଳୀ, ତୁମରି ଆଦର୍ଶ ଅନୁସରି ମୁହିଁ ଏତେ ବାଟ ଗଲି ଚାଲି"।

ପ୍ଲଟ୍ ନଂ - ଏନ୍‌୫/ ୨୨୩
ଆଇ.ଆର୍.ଭି.ଭିଲେଜ
ଭୁବନେଶ୍ୱର - ୧୫





# ବାପା

**ଅଶୋକ ରାୟସିଂ**

***"ପିତା ଧର୍ମ ପିତା ସ୍ୱର୍ଗ; ପିତା ହିଁ ପରମ ତପ;***
***ପିତରି ପ୍ରୀତିମା ପନ୍ନେ ପ୍ରିୟନ୍ତେ ସର୍ବଦେବତା।"***

ମୋ ଜୀବନ ଗଢ଼ିବା ପାଇଁ ଯିଏ ରକ୍ତକୁ ପାଣିକରି ନିଗାଡ଼ି ଦେଇଛନ୍ତି, ମୋତେ ପୂର୍ଣ୍ଣିମାର ଆଲୋକ ଦେବାପାଇଁ ଯିଏ ଅମାବାସ୍ୟାର ଅନ୍ଧକାରକୁ ଅଙ୍ଗୀକାର କରି ନେଇଛନ୍ତି, ସେହି ମହାନ୍ ଦେବତା ମୋର ପିତୃଦେବ ଦିଂବଗତ ଚନ୍ଦ୍ରମଣି ପରିଡ଼ା, ନୟାଗଡ଼ ଜିଲ୍ଲା, ରଣପୁର ଥାନା, ଝାଡ଼ପଡ଼ା ଗ୍ରାମପଞ୍ଚାୟତରେ ଏକ କୁଳୀନ ଖଣ୍ଡାୟତ ପରିବାରରେ ଜନ୍ମ। ପରିଡ଼ା ଘର କହିଦେଲେ ସମସ୍ତେ ବାପାଙ୍କ କଥା କହନ୍ତି। ଓଳସିଙ୍ଗ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍‌କରି ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଚାକିରୀ କରିଥିଲେ। ଅବସର ଗ୍ରହଣ କରିବା ପରେ ଗ୍ରାମର ସର୍ବବିଧ ଉନ୍ନତି ପାଇଁ ଯତ୍ନଶୀଳ ହୋଇଥିଲେ। ଜଣେ ସ୍ପଷ୍ଟବାଦୀ, ନିର୍ଭୀକ, ପରୋପକାରୀ ତଥା ରାଜନୀତି କ୍ଷେତ୍ରରେ ନିଜର ପାରଙ୍ଗମତା ପ୍ରତିପାଦନ କରି ରଣପୁର ଅଞ୍ଚଳରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିବାରେ ସମର୍ଥ ହୋଇଥିଲେ। କୋଉ କାମ କରିହେବ ନାହିଁ ବା ଭାରି କଷ୍ଟକର କହି ପଥଘୁଞ୍ଚା ଦେବା ତାଙ୍କ ଜାତକରେ ନଥିଲା।

ପିତାଙ୍କର ତିରୋଧାନ ଏ ଭିତରେ ଦଶ ବର୍ଷ ବିତିଗଲାଣି। ସେ ଭଲ ପାଉଥିଲେ ମାଆକୁ, ଭିଟାମାଟିକୁ। ବେଳେ ବେଳେ ନିରୋଳାରେ ବସି ପ୍ରବଚନାକୁ। ଜୟ ଜୟକାର କରୁଥିଲେ ସ୍ୱ ମଣିଷପଣିଆକୁ। ବେଳେ ବେଳେ ନିରୋଳାରେ ବସି ଭାବେ ସିଏ ହେଉଛନ୍ତି ମୋ ବାପା ଯିଏ ସଂସାର ଜଞ୍ଜାଳର ବୋଝ ମୁଣ୍ଡାଇଥିବା ବେଳେ ଦିହ ଚାପି ସହିଯାଉଥିଲେ ଯନ୍ତ୍ରଣା। ଯେତେ ଅଭାବରେ ଥିଲେ ବି କେବେ କାହାଠାରୁ କିଛି ଆଶା କରିନାହାନ୍ତି।

ମୋ ଆଖିର ଲୁହ ବସୁଧାରେ ପଡ଼ିବା ପୂର୍ବରୁ ସେ ବଢ଼ାଇ ଦିଅନ୍ତି ନିଜ ଆଞ୍ଜୁଳା। ଦିହରୁ ଲହୁ ଟୋପାଏ ବୋହିଗଲେ ଗାମୁଛାରେ ପୋଛି ଦେଇ ଡାକ୍ତରଖାନାକୁ ନେଇଯାଆନ୍ତି ସହସା। ମୋ ହାତଧରି ଚଲି ଶିଖାଇଛନ୍ତି। ଘାସକଟାଠାରୁ ଘୋଡ଼ାଚଢ଼ା, ପାହାଡ଼ ଚଢ଼ାଠାରୁ ପୂରନ୍ତା ନଈରେ ପହଁରିବା ଯାଏଁ ମୋ ପାଖେ ପାଖେ ଥାଇ ସାମୟିକ ଭାବେ ହାତ ବଢ଼େଇ ଧରନ୍ତିନାହିଁ। ଝୁଣ୍ଟିଆ ପଡ଼ି ହଠାତ୍ ଗୋଡ଼ରୁ ଧାର ଧାର ରକ୍ତ ବୋହି ଯାଉଥିଲେ ମଧ୍ୟ ପାଖକୁ ଆସନ୍ତି ନାହିଁ। କାରଣ, ତାଙ୍କର ଇଚ୍ଛା ପୁଅ ଅଙ୍ଗେ ନିଭାଇଥିବା କଥା ସବୁ ଶିଖୁ। ଆଗକୁ ବଢ଼ିବାପାଇଁ ତା'ମନରେ ଆତ୍ମପ୍ରତ୍ୟୟ ଭାବ ସୃଷ୍ଟି ହେଉ।

ଏବେ ବାପା ହେଲାପରେ ବୁଝୁଛି ବାପାଙ୍କର ପୂର୍ଣ୍ଣିମାପଟର ସୁଖ ତୁଳନାରେ ଅମାବାସ୍ୟାପଟର ଦୁଃଖ ଢ଼େର୍ ଅଧିକ। ସତରେ ବାପା ଅବର୍ଣ୍ଣନୀୟ। ଆକାଶଠାରୁ ସେ ପ୍ରଶସ୍ତ, ଦରିଆଠାରୁ ସେ ଗଭୀର, ବଜ୍ରଠାରୁ ଶକ୍ତ ଆଉ ହିମାଳୟ ପରି ସ୍ଥିର। ତାଙ୍କ ଉପମାର ପଟାନ୍ତର ନାହିଁ। ଶବ୍ଦ ସବୁ ଅସମର୍ଥ ବଖାଣିବାକୁ ତାଙ୍କର ଗୁଣ।

ଶେଷରେ ତୁଣ୍ଡରୁ ବାହାରିଯାଏ -

ତୁମର ଚରଣ ରେଣୁ ମୋ ପାଇଁ କୈବଲ୍ୟ, ମୁଣ୍ଡଝାଳ ମୋ ପାଇଁ ଗଙ୍ଗାଜଳ, ତୁମ ଲୁହ ଆଉ ଲହୁରେ ମୋର ଅଧିକାର ଥିବାରୁ ତୁମେ ମୋର ବାପା, ଚଳନ୍ତି ଠାକୁର। ଦ୍ୱିତୀୟ ଈଶ୍ୱର ନୁହେଁ ପ୍ରଥମ ଈଶ୍ୱର।

ଖୋରଧା
ଦୂରଭାଷ-୯୫୫୬୭୯୩୮୨୨୪



# ମୁଁ ତାଙ୍କୁ ଯେମିତି ଜାଣେ

## ସୁଜିତକୁମାର ମିଶ୍ର



ଶରୀର ଅନିତ୍ୟ । ଆତ୍ମା ଅମର, ଧନ ମଧ୍ୟ ଚିରସ୍ଥାୟୀ ନୁହେଁ । ମୃତ୍ୟୁର କରାଳ ଦୃଶ୍ୟ ଅହରହ ପ୍ରକଟିତ । ଏହାରି ମଧ୍ୟରେ କିଛି ଧର୍ମ ଓ ପୁଣ୍ୟ କାର୍ଯ୍ୟ କରିପାରିଥିବାରୁ ଖୋରଧା ଭୂଖଣ୍ଡରେ ପ୍ରାତଃ ସ୍ମରଣୀୟ ଓଡ଼ିଆ ସାହିତ୍ୟର କିମ୍ବଦନ୍ତୀ ପୁରୁଷ ପ୍ରଫେସର ଲକ୍ଷ୍ମୀନାରାୟଣ ମିଶ୍ର ଚିର ବନ୍ଦିତ । ନିଜର ଈଶ୍ୱରଦତ୍ତ ପ୍ରତିଭା ଦ୍ୱାରା ଅନେକ ପ୍ରବନ୍ଧ ଓ କବିତା ରଚନା କରି ସେ ଓଡ଼ିଆ ଭାଷାକୁ ବିଭିନ୍ନ ଦିଗରୁ ସମୃଦ୍ଧ କରିଛନ୍ତି । ହେଲେ ଜଣେ ସ୍ୱଧର୍ମାଶ୍ରୟୀ ଭାବେ ସେ ଯେଉଁ ଆଦର୍ଶ ସୃଷ୍ଟି କରିଛନ୍ତି, ତାହା ଓଡ଼ିଆ ସାହିତ୍ୟ ପାଇଁ ମାଇଲଖୁଣ୍ଟ ହୋଇ ରହିଛି । ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜର ସାଧୁତା ଓ ନୈତିକତା ସହିତ ସେ କେବେ ସାଲିସ କରି ନଥିଲେ । ଚାକିରି କାଳରେ ଅସତ୍ ଉପାୟରେ ଅର୍ଥ ଉପାର୍ଜ୍ଜନ ନକରି ସମ୍ମାନର ସହ ବଞ୍ଚିବା ପାଇଁ ସେ ଇଚ୍ଛା ପୋଷଣ କରିଥିଲେ ।

ସାଧାରଣ ଲୋକଙ୍କ ଧାରଣା ରହିଛି ଯେ ପ୍ରତିଭାବାନ ଲୋକଙ୍କ ପାଖରେ ସାଧାରଣତଃ ଟିକେ ବ୍ୟତିକ୍ରମ ଦେଖିବାକୁ ମିଳେ । ସେମାନେ ସ୍ୱାଭାବିକ ଭାବେ ବଞ୍ଚିବା ପ୍ରାୟ ସେମାନଙ୍କ ଜାତକରେ ନାହିଁ । ସେମାନେ ଯାହା କଲେ ବି ତାଙ୍କୁ ସାତ ଖୁଣ ମାଫ ନ୍ୟାୟରେ ତାଙ୍କର ପ୍ରତିଭା ତାଙ୍କ ଖାମଖିଆଲିକୁ ଘୋଡ଼ାଇ ଦେଇଥାଏ । କିନ୍ତୁ ଯେଉଁ କ୍ୱଚିତ ମଣିଷ ପ୍ରତିଭାବାନ ହୋଇ ମଧ ମହତ ଜୀବନ ବିତାଇଛନ୍ତି ସେମାନଙ୍କ ମଧ୍ୟରୁ ପ୍ରଫେସର ଲକ୍ଷ୍ମୀନାରାୟଣ ମିଶ୍ର ଅନ୍ୟତମ ।

ପ୍ରଫେସର ମିଶ୍ର ଖୋରଧା ସହରଠାରୁ ଦକ୍ଷିଣକୁ ମାତ୍ର ୭କିମି ଦୂର ବାଜପୁର ଗ୍ରାମର ଏକ ସଂଗ୍ରାମୀ ପରିବାରରେ ଜନ୍ମ ନେଇଥିଲେ । ପରିବାରର ଆର୍ଥିକ ଦୁରବସ୍ଥା ଯୋଗୁଁ ଛାତ୍ର ଜୀବନରେ ସେ ଭଲ କୁର୍ତ୍ତା ଖଣ୍ଡିଏ ମଧ ପିନ୍ଧି ପାରି ନଥିଲେ । ଅଭାବବୋଧ କେବେ ବି ତାଙ୍କ ପିଛା ଛାଡ଼ି ନଥିଲା । ଏପରି

ଅବସ୍ଥାରେ ଥାଇ ସୁଦ୍ଧା ସେ କେବେ ଅନ୍ୟ ପାଖରେ ନିଜର ଦାରିଦ୍ର୍ୟ ବଖାଣି ସାହାଯ୍ୟ ପାଇବାକୁ ଚେଷ୍ଟା ହିଁ କରିନାହାନ୍ତି । ତାଙ୍କ ପିତା ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ର ଖ୍ୟାତନାମା କବି ଡ଼ଃ ମାୟାଧର ମାନସିଂହଙ୍କ ଅଧୀନରେ କଟକରେ ଓଡ଼ିଆ ଜ୍ଞାନକୋଷ ବିଭାଗରେ କାର୍ଯ୍ୟ କରୁଥିଲେ । ପଣ୍ଡିତ ମିଶ୍ର ଭାରତ ଛାଡ଼ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରି ଜଣେ ସଚ୍ଚା ଦେଶସେବୀର ପରିଚୟ ଦେଇଥିଲେ । ଅନ୍ୟପକ୍ଷରେ ପ୍ରଫେସର ମିଶ୍ର ଜଣେ ଯୋଗ୍ୟ ପିତାର ସୁଯୋଗ୍ୟ ସନ୍ତାନ ଭାବେ ଆଦର୍ଶ ପିତା ଓ ସ୍ନେହମୟୀ ଜନନୀ ଉଭୟଙ୍କ ନାମ ବହନ କରି ତାଙ୍କ ନାମ 'ଲକ୍ଷ୍ମୀନାରାୟଣ' ହୋଇଥିଲା ।

ପ୍ରଫେସର ମିଶ୍ର ଜୀବନରେ ବହୁ ଦୁଃଖ ଭୋଗିଛନ୍ତି, ଅପମାନ ସହିଛନ୍ତି କିନ୍ତୁ ନିଜର ବିବେକାନୁମୋଦିତ ମାର୍ଗରୁ ତିଳେମାତ୍ର ବିଚ୍ୟୁତ ହୋଇ ନାହାନ୍ତି । ଜୀବନର ଅନେକ ପାହାଚରେ ସେ ନିଜର ସ୍ପଷ୍ଟବାଦିତା, ଅନମନୀୟତା, ଦୃଢ଼ବ୍ୟକ୍ତିତ୍ୱ, ଉଦାରତା ଓ ସାହାଯ୍ୟ ମନୋଭାବର ଉତ୍କୃଷ୍ଟ ନମୁନା ଛାଡ଼ି ଯାଇଛନ୍ତି ।

ଏକଦା ନିଶ୍ଚିତତାକୁ ପାଦରେ ଠେଲି ଅନିଶ୍ଚିତତାକୁ ଆପଣାଇ ସେ ଉଚ୍ଚ ଆଦର୍ଶ ସୃଷ୍ଟି କରିଥିଲେ । ବାଜପୁର ହାଇସ୍କୁଲରେ ଶିକ୍ଷକତା କରୁଥିବାବେଳେ ନିଜର ପ୍ରତିଭା ତଥା ଦକ୍ଷତା ବଳରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ତାଙ୍କ ପରାମର୍ଶ କ୍ରମେ ଶ୍ରୀ ମିଶ୍ରଙ୍କୁ ବୋଲଗଡ଼ସ୍ଥିତ ପରମାନନ୍ଦ କଲେଜ ଅଫ ଏଜୁକେଶନରେ ଅଧ୍ୟାପକ ରୂପେ ଯୋଗ ଦେବାକୁ ପଡ଼ିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କୁ ଗୁରୁଜଙ୍ଗସ୍ଥିତ ଶିକ୍ଷକ ମହାସଂଘ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବାକୁ ପଡ଼ିଲା । ଶିକ୍ଷକଙ୍କ ସମସ୍ୟା ନେଇ ସର୍ବଦା ଶିକ୍ଷକ ମହାସଂଘ ସରକାରଙ୍କୁ ବିରୋଧ କରୁଥିବାରୁ ସବୁଦିନ ପାଇଁ ଏହି ସଂସ୍ଥାକୁ ହଟାଇଦେଲେ ଏଭଳି ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ବୋଲି ଭାବି ସରକାର ଏହି ସଂସ୍ଥାକୁ ବନ୍ଦ କରିଦେଲେ । ଫଳରେ ପ୍ରଫେସର ମିଶ୍ର ବାଧ୍ୟହୋଇ ମହିଳା ମହାବିଦ୍ୟାଳୟରେ ଯୋଗ ଦେଇଥିଲେ ।

ବ୍ୟକ୍ତିଗତ ଭାବେ ସେ ସରଳ ଥିବାବେଳେ ନିରାଡ଼ମ୍ବର ଜୀବନ ବିତାଇବାକୁ ପସନ୍ଦ କରୁଥିଲେ। ନିଜ ଦ୍ୱାରା ଯେତେ ଦୂର ସମ୍ଭବ ଶାରିରୀକ ଓ ମାନସିକ ପରିଶ୍ରମ କରି ଯାହା ଅର୍ଜନ କରୁଥିଲେ ସେଥିରେ ସନ୍ତୁଷ୍ଟ ରହୁଥିଲେ । କୌଣସି ସ୍ୱାର୍ଥ ହାସଲ ପାଇଁ ଅଯଥାରେ କାହା ସହ ବିବାଦ କରିବାକୁ ସେ କେବେ ବି ଇଚ୍ଛା ପୋଷଣ କରି ନଥିଲେ। ଜନ୍ମମାଟି ବାଜପୁରରେ ପ୍ରତିକୂଳ ପରିସ୍ଥିତିରେ ସେ ବାଳିକା ବିଦ୍ୟାଳୟଟିଏ ପ୍ରତିଷ୍ଠା କରିଥିଲେ।

କହିବାକୁ ଗଲେ, ସେ ଏକାଧାରରେ ଜଣେ ଶିକ୍ଷାବିତ୍, ସଂଗଠକ, ସାରସ୍ୱତ ସାଧକ ଓ ସମାଜସେବୀ ଥିଲେ। ଜଣେ ସାଧାରଣ ମନୁଷ୍ୟ ଭାବେ ସେ ଯେଉଁ ମହତ ଜୀବନ ବିତାଇଛନ୍ତି ତାହା ତାଙ୍କ ପ୍ରତିଭା ଠାରୁ ଅଧିକ ଶ୍ରଦ୍ଧା ଓ ସମ୍ମାନ ଦାବି କରେ । କାହିଁକି ନା ଗୋଟିଏ ଭଲ ମଣିଷ ଭାବେ ବଞ୍ଚିବା ଆଜିକାଲି ନୁହେଁ ସବୁ ସମୟରେ ଅତ୍ୟନ୍ତ କଷ୍ଟକର ବ୍ୟାପାର ।

ଶ୍ରୀ ମିଶ୍ରଙ୍କ ସମସ୍ତ ସ୍ମୃତି ବିଜଡ଼ିତ ଦିନଗୁଡ଼ିକର ଘଟଣାବଳୀକୁ କ୍ଷୁଦ୍ରାୟତନ ମଧ୍ୟରେ ଲେଖି ହେବ ନାହିଁ। ଫୁଟୁଥିବା ଭାତହାଣ୍ଡିରୁ ଗୋଟିଏ ବା ଦୁଇଟି ଅନ୍ନ ଆଣି ପରୀକ୍ଷା କଲେ, ଭାତର ପରିପକ୍ୱତା ଜଣାପଡ଼େ।

ସେମିତି ଛୋଟ ଘଟଣାଟିଏ। ଯାହା ଏ ପର୍ଯ୍ୟନ୍ତ ମନଛୁଆଁ ହୋଇ ରହିଛି ତାହାର ଅବତାରଣା କରୁଛି। ଆଗକୁ ଥାଏ ମହାଳୟା ଶ୍ରାଦ୍ଧ। ସେ ମଉକାରେ ବ୍ୟବସାୟୀମାନେ ପରିବା ଦର ଟିକେ ଉଚ୍ଚା କରିଥାନ୍ତି। ଶ୍ରାଦ୍ଧ ପାଇଁ ନିହାତି ଦରକାର ସାରୁ, କଞ୍ଚାକଦଳୀ, ଖମ୍ବଆଳୁ ଆଦିର ଦର ଢ଼େର ଅଧିକ। ସେଦିନ ଘର ପାଇଁ ତାଙ୍କର ପରିବା କିଣା ସରିଥାଏ। ସାଇକଲ ହ୍ୟାଣ୍ଡଲରେ ବ୍ୟାଗଟି ଓହଳାଇ ଫେରୁଥାନ୍ତି। ଏହି ସମୟରେ ନିହାତି ମଳିମୁଣ୍ଡିଆ ଲୋକଟିଏ ପଚାରିଲା ବାବୁ, ସାରୁ କେତେରେ କିଣିଲେ ? ଛୋଟ ଉତ୍ତରଟିଏ ଦେଲେ, ଦର ଡ଼ବଲ ହୋଇଛି। ଲୋକଟି କହିଲା, ଏଥିରେ ଆମେ ପିତୃପୁରୁଷଙ୍କୁ କି ଶ୍ରାଦ୍ଧ ଦେବୁ ? - କେତେ ସାରୁ ଦରକାର ଥିଲା ? - ଆପଣ ଯାଆନ୍ତୁ, ଏ ସାଲ ବୋଧେ ଶ୍ରାଦ୍ଧ ଦିଆଯାଇପାରିବନି। - ଟିକେ ଶୁଣନ୍ତୁ, ଆମ ପରିବାରରେ ଲୋକ କମ୍। ଘରେ ପରିବା କିଛି ଥିଲା। ଏଣୁ ମୁଁ ଯେଉଁ

ପରିବା ଆଣିଛି, ସେଥିରୁ କିଛି ନିଅ। - ନାହିଁ ବାବୁ ଥାଉ। - ଥିବ କାହିଁକି ? ତମ ଶ୍ରାଦ୍ଧ ହେବ ଆମ ଶ୍ରାଦ୍ଧ ବି ହେବ। ନିଅ, ମନା କରନାହିଁ। ମୁଣିରୁ କିଣିଥିବା ସବୁ ପରିବା ସେ ଲୋକଟିର ଗାମୁଛା କାନିରେ ଢ଼ାଳି ଦେଲେ ଶ୍ରୀ ମିଶ୍ର। ସେଦିନ ମୁଁ ପାଖରେ ଥିଲି।

ବିସ୍ମିତ ହେଲି। ଅଜବ ଏ ମଣିଷ। ଚଢ଼େଇ ପେଟର ଭୋକ ଚିହ୍ନିଲା ବାଲା। ଏମିତି ଅନେକ ଘଟଣା। ସବୁ ଲେଖି ବସିଲେ ଗ୍ରନ୍ଥ ହେବ। ଆଜି ସମାଜରେ କାହାଁନ୍ତି, ସେଭଳି ଲୋକ। ଦେହ ସିନା ମାଟିରେ ମିଶିଯାଇଛି। ମୁହଁଟି ଏବେ ବି ଜଳଜଳ ହୋଇ ଦେଖାଯାଉଛି।

ସହ ସମ୍ପାଦକ ତଥା ଅଫିସ ଇନ ଚାର୍ଜ
"ସମାଜ" କାର୍ଯ୍ୟାଳୟ
କେନ୍ଦୁଝର ସଂସ୍କରଣ

# ବାପା- ମୋ ପ୍ରେରଣା

**ଦେବବ୍ରତ ବାରିକ**





ପ୍ରତ୍ୟେକ ପୁଅ ନିଜ ବାପାଙ୍କ ପରିଚୟ ନେଇ ବାଟଚାଲେ ଏବଂ ବାପାଙ୍କ ପରିଚୟରେ ଗର୍ବ ଅନୁଭବ କରେ। ବାପା ସତରେ ତୁମର ମହାନତା ଅବର୍ଣ୍ଣନୀୟ, ବାପା ଶବ୍ଦର ତୁଳନା ନାହିଁ। ବାପାଙ୍କ ବିଷୟରେ ବର୍ଣ୍ଣନା କରିବା ପାଇଁ ଶବ୍ଦ କମ୍ ଏବଂ ମୋର ସେ ସାମର୍ଥ୍ୟ ନାହିଁ। ବାପାଙ୍କ ବିଷୟରେ କିଛି ଅକୁହା କଥାକୁ ଲେଖିବା ପାଇଁ ମନ ଆନ୍ଦୋଳିତ କରିଲା। ଗୋଟିଏ ଛୋଟ ପ୍ରୟାସ ଜଣେ ବାପାଙ୍କର ମହାନତା, ସଂଘର୍ଷ, ଭଲପାଇବା, କଠୋର ଅନୁଶାସନର ଦିଗଦର୍ଶନକୁ ଆଜି ଅଳ୍ପକେ ବର୍ଣ୍ଣନା କରୁଛି। ଆଶାକରେ ଆପଣଙ୍କୁ ଭଲ ଲାଗିବ ଡ଼ାଡ଼ି।

ମୁଁ ମୋ ବାପାଙ୍କୁ ଡ଼ାଡ଼ି ବୋଲି ଡାକେ। ମୋ ଡ଼ାଡ଼ି ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ବାରିକ। ଡ଼ାଡ଼ିଙ୍କର ଗୋଟିଏ ସେଲୁନ୍ ଦୋକାନ ଅଛି। ସେ ଦୋକାନରୁ ଯାହା ଆୟ ହୁଏ ଆମ ଛୋଟ କୁଟୁମ୍ବ ହସଖୁସିରେ ଚଳିଯାଉ। ସ୍ୱର୍ଗତ ହରି ବାରିକ ଏବଂ ମା କଡ଼ି ବାରିକଙ୍କର ଦ୍ୱିତୀୟ ସନ୍ତାନ ହେଉଛନ୍ତି ମୋ ଡ଼ାଡ଼ି। ମୋ ଡ଼ାଡ଼ି ପିଲାଦିନରୁ ଭାରି ଶାନ୍ତ ସ୍ୱଭାବର ବୋଲି ଜେଜେମା ଆମକୁ କହେ। ବୋଉ କହୁଥିଲା ମୋ ଡ଼ାଡ଼ିଙ୍କର ବିବାହର ଦୁଇବର୍ଷ ପରେ ଜେଜେ ଆଉ ବଡ଼ବାପା ସବୁ ମିଶି ଡ଼ାଡ଼ିଙ୍କୁ ଅଲଗା କରିଦେଇଥିଲେ। ଡ଼ାଡ଼ି ଏବଂ ବଡ଼ବାପାଙ୍କର ଗୋଟିଏ ଦୋକାନ ଥିଲା ସେଇ ସମୟରେ ଡ଼ାଡ଼ି ଆଉ ବଡ଼ବାପା ଏକାସାଙ୍ଗରେ ମିଳିମିଶି କାମ କରନ୍ତି କିନ୍ତୁ ଡ଼ାଡ଼ିଙ୍କୁ ଏକା କରିଦେଲେ ପରିବାରରୁ ଦୋକାନରୁ ମଧ୍ୟ। ଏବେ ଡ଼ାଡ଼ି କରିବେ ତ କରିବେ କ'ଣ? କେମିତି ଘର ଚଳାଇବେ ବୋଉ ତା ସହିତ ଜନ୍ମ ନେଇଥିବା ନବଜାତ ଶିଶୁ। ବହୁକଷ୍ଟରେ ଘରଠାରୁ କିଛି ଦୂରରେ ଦୋକାନଟିଏ ଦେଲେ ବହୁ ଦୁଃଖକଷ୍ଟରେ ପରିବାର ଭଲମନ୍ଦ କଥା ବୁଝନ୍ତି। ପ୍ରଥମେ ବଡ଼ଭାଇ

ତା'ପରେ ବଡ଼ଭଉଣୀ ସବୁଠୁ ସାନ ମୁଁ। ଯେତେ ବାଧାବିଘ୍ନ ଆସିବା ପରେ ମଧ୍ୟ ଡ଼ାଡ଼ି ଆମ ତିନି ଭାଇଭଉଣୀଙ୍କୁ କେବେ ଅଭାବ ଅନୁଭବ ହେବାକୁ ଦେଇନାହାନ୍ତି। ଡ଼ାଡ଼ି ତାଙ୍କର ଆଦର୍ଶ ଅନୁଶାସନ ଭିତରେ ବଡ଼ କରିଛନ୍ତି ଆମମାନଙ୍କୁ। ସେ ସମୟରେ ଆଉ ସେ ବୟସରେ ଡ଼ାଡ଼ି ଯାହା ସବୁ କରିଛନ୍ତି ଏବଂ ସହିଛନ୍ତି ଯଦି କହିବି ବା ଲେଖିବି ସତରେ ବାରିକ ପରିବାରର ବଡ଼ଲୋକ ମାନଙ୍କୁ ନିହାତି ଭାବେ କଷ୍ଟହେବ। ଏ ଆଖିର ଲୁହର ବର୍ଷା ଆରମ୍ଭ ହୋଇଯିବ।

ମୋ ଡ଼ାଡ଼ି ମୋ ପ୍ରେରଣାର ଉତ୍ସ : ......................

ମୁଁ ପଢ଼ାପଢ଼ିରେ ଭାରି ଠକ, ଘରର ସାନ ପୁଅ, ବୋଉର ଆଉ ଡ଼ାଡ଼ି, ଭାଇଭଉଣୀଙ୍କର ଗେହ୍ଲା। ସେଥିପାଇଁ ମୁଁ କିଛି କରିଲେ କେହିକିଛି କୁହନ୍ତି ନାହିଁ। ଭାରି ଜିଦଖୋର। ଡ଼ାଡ଼ି ସବୁବେଳେ ବୁଝାନ୍ତି, ହେଲେ କେବେ ହାତ ଉଠାନ୍ତି ନାହିଁ। କିଛି ପୁରୁଣା ସ୍ମୃତି ଯାହା ଆଜିବି ଆଖି ଆଗରେ ନାଚିଉଠେ ଏବଂ ତତ୍ ସହିତ ଆଜି ମୋତେ ଏକ ନୂତନ ପରିଚୟ ଦେଇଛି। ମୋ ଡ଼ାଡ଼ି ଦୋକାନରେ ଯେମିତି ମନଜିତି କାମକରନ୍ତି ସେମିତି ତାଙ୍କ କଲମ ମୁନର ଶବ୍ଦ ସବୁ ଜୀବନ୍ତ ପରି ଜୀଇଁ ଉଠନ୍ତି ତାଙ୍କର ସେଇ ଡ଼ାଏରୀରେ। ଯେତେବେଳେ ଫାଙ୍କା ସମୟ ପାଆନ୍ତି କଲମ ଆଉ ଡ଼ାଏରୀ ଟିଏ ଧରି ଲେଖନ୍ତି ଅନେକ କିଛି। ଯଥା - କବିତା, ଗଳ୍ପ ଗୀତ ଏମିତି ଅନେକ କିଛି ଯୁବାବସ୍ଥାରେ ନାଟକରେ ଅଭିନୟ ମଧ୍ୟ କରୁଥିଲେ। ସେ ଯେତେବେଳେ ଡ଼ାଏରୀଟିଏ ଧରି ଲେଖନ୍ତି ମୁଁ ବି ଯାଇ ବସି ଯାଏ ତାଙ୍କ ପାଖରେ।

- ଡ଼ାଡ଼ି କ'ଣ ଲେଖୁଛ ?
- କବିତାଟିଏ ଲେଖୁଛି।

ତା ପରେ ପରେ ଲେଖିଥିବା ଗୀତ କିମ୍ବା କବିତା ପଢ଼ି ମୋତେ ଶୁଣାନ୍ତି। ଏମିତି ଗୋଟେଦିନ ଆମ ସ୍କୁଲରେ ସାର୍ କହିଲେ ଗଳ୍ପ ଏବଂ କବିତା ପ୍ରତିଯୋଗିତା ହେବ। ମୁଁ ଖୁସିରେ ଡ଼ାଡ଼ିଙ୍କୁ ଆସି କହିଲି।

- ଡ଼ାଡ଼ି, ଡ଼ାଡ଼ିଜାଣିଛ ଆମସ୍କୁଲରେ କବିତା ଏବଂ ଗଳ୍ପ ଲେଖା ପ୍ରତିଯୋଗିତା

ହେବ। ଯିଏ ପ୍ରଥମ ହେବ ତାକୁ ପୁରସ୍କାର ପ୍ରଦାନ ସକରାଯିବ।

- ଏହାତ ଭଲକଥା, ପୁଣି ଅସୁବିଧା କ'ଣ ?

- ମୋତେ ତ ଲେଖି ଆସେନା ..... ମୋ ପାଇଁ ତମେ ଲେଖିଦେବ ମୁଁ ନେଇସ୍କୁଲରେ ଦେଇଦେବି।

ଡ଼ାଡ଼ି ମୋ ମୁଣ୍ଡରେ ହାତ ମାରିଦେଇ କହିଲେ, ମୁଁ ଲେଖିଲେ ତୁ ଜାଣିବୁ କେମିତି ? ତା' ଛଡ଼ା ସେଇଟା ଚୋରି ବୋଲି ପ୍ରମାଣିତ ହେବ। ନିଜେ ଲେଖିଲେ ସବୁକିଛି ଶିଖିବୁ ଜାଣିବୁ।

- ଯଦି କିଛି ଭୁଲ ହେଲା ତେବେ।

- ଭୁଲହେଲେ ତାକୁ ସଂଶୋଧନ କରିବା।

ତୁ ଚେଷ୍ଟାକର ଲେଖିବା ପାଇଁ। ସବୁ ଠିକ୍ ହେବ, ଆଉ ଭଲ ବି ଲାଗିବ। ଡ଼ାଡ଼ିଙ୍କର ଏଇ କେଇପଦ କଥା ମୋ ମନରେ ଭରିଦେଲା ଅଜସ୍ର ସାହସ ..... ମନେମନେ ଭାବିଲି କ'ଣ ପାଇଁ ହେବନାହିଁ, ନିହାତି ହେବ। ହେଲେ ମନରେ ଡ଼ର କେବେ କିଛି ଲେଖିନାହିଁ। କ'ଣ ଲେଖିବି କାହା ବିଷୟରେ କ'ଣ ଲେଖିବ। ବ୍ୟାଗରୁ ଖାତା ଆଉ କଲମଟିଏ ଆଣି ବସିପଡ଼ିଲି ଦାଣ୍ଡ ପିଣ୍ଡାରେ। ଲେଖିବା ଆରମ୍ଭ କଲି। ଦୁଇଧାଡ଼ି ଲେଖୁଥାଏ ତାକୁ ପୁଣି କାଟୁଥାଏ। ଏମିତିରେ ଗୋଟେ ଦିନ ବିତିଗଲା ହେଲେ ଭଲ କବିତାଟିଏ ଲେଖିପାରିଲି ନାହିଁ। ଘରେ ଥିବା ବହିଟିଏ ପଢ଼ିଲି ଭାବିଲି ବୋଧେ ଲେଖିବାର କିଛି ପ୍ରସେସ ମିଳିଯିବ ହେଲେ ତା ବି ହେଲାନି। ମନକୁ ଦୃଢ଼ କଲି ପୁଣି ତା'ପରଦିନ ସକାଳୁ ଲେଖିବା ଆରମ୍ଭ କଲି। ଯାହା ହେଉ ଯେନେତେନେ କି ଲେଖିଦେଲି କବିତାଟିଏ ହେଲେ ତାହା କେତେ ଠିକ୍ କେତେ ଭୁଲ୍ ଜଣାନଥିଲା ମୋତେ। ଅପେକ୍ଷା କରି ରଖିଲି ଡ଼ାଡ଼ିଙ୍କ ଆସିବା ବାଟକୁ। ପ୍ରଥମଥର କବିତାଟିଏ ଲେଖିଛି ଖୁସି କହିଲେ ନସରେ। ଡ଼ାଡ଼ି ଆସି ପହଞ୍ଚୁ ପହଞ୍ଚୁ ମହାଆନନ୍ଦରେ ଲେଖିଥିବା କବିତାଟିଏ ଦେଖାଇଦେଲି ଡ଼ାଡ଼ିଙ୍କୁ।

ଡ଼ାଡ଼ି ଦେଖି ଖୁସି ହୋଇ କହିଲେ ଆରେ ବାଃ ବହୁତ ସୁନ୍ଦର ହୋଇଛି ଲେଖାଟି। ପିଠିରେ ହାତ ମାରି ଡ଼ାଡ଼ି କହିଲେ ବାପାରେ ଚେଷ୍ଟାକଲେ ସବୁକିଛି ସମ୍ଭବ ହୋଇପାରେ। କାହାଠାରୁ ନିଜକୁ କମ୍ କି

ବେଶି ଭାବିଲେ ଆଗକୁ ଯାଇପାରିବୁ ନାହିଁ।।

- ଡ଼ାଡ଼ି ଠିକ୍ ଅଛି ତ ସବୁ ?

- ହଁ ହେଲେ ..... ଟିକେ ଟିକେ ଭୁଲ ଅଛି। ଧୀରେ ଧୀରେ ଲେଖିବା ଆରମ୍ଭ କର ସବୁ ଠିକ୍ ଲାଗିବ ସହଜ ବି ହବ ସବୁକିଛି।

ଡ଼ାଡ଼ିଙ୍କର ସେଇ କେଇପଦ କଥା ମୋ ପାଇଁ ଥିଲା ପ୍ରେରଣା। ଯଦିଓ ଆଜି ମୁଁ ଏ ଜାଗାରେ ପହଞ୍ଚି ପାରିଛି, ଲୋକ ଲୋଚନରେ ଏକ ପରିଚୟ ପାଇଛି, ତାହା କେବଳ ମୋ ଡ଼ାଡ଼ିଙ୍କ ପାଇଁ ସମ୍ଭବ ହୋଇପାରିଛି।

ମୁଁ ଯେତେବେଳେ ମୋ ଡ଼ାଡ଼ିଙ୍କୁ ଦେଖେ ଭାବେ, ଜଣେ ଲୋକ ଏତେ ଭଲ କେମିତି ?

କେତେ ଧୈର୍ଯ୍ୟ ଆଉ ସହିବା ଶକ୍ତି ତାଙ୍କ ପାଖରେ। ଏତେ ଅଭାବ ଅନାଟନ ଭିତରେ ଆମ ଭାଇଭଉଣୀମାନଙ୍କୁ କେବେ ଅଭାବର ଅନୁଭବ ହେବାକୁ ଦେଇନାହାନ୍ତି। ମୁଁ କଥା ଦେଉଛି ଡ଼ାଡ଼ି, ତୁମେ ଦେଖାଇଥିବା ମାର୍ଗରେ ଆଗେଇ ଚାଲି ସମାଜର ମଙ୍ଗଳ ପାଇଁ ଆମେ ତିନି ଭାଇଭଉଣୀ ସର୍ବଦା ସତ୍ୟ ଆଉ ଅହିଂସା ପଥରେ ଅଗ୍ରସର ହୋଇଚାଲିବୁ। ତୁମ ପାଇଁ ଯେତେ ଲେଖିଲେ କି କହିଲେ ନିହାତି କମ୍ ହେବ। ଆଶା କରେ, ମା ତାରିଣୀଙ୍କ ଦୟାରୁ ମୋ ଡ଼ାଡ଼ି ଦୀର୍ଘାୟୁ ହୁଅନ୍ତୁ। ଆମ ତିନି ଭାଇ ଭଉଣୀଙ୍କର ଏତିକି ବିନତି 'ମାଆ'ଙ୍କ ନିକଟରେ।

"ଅବୁଝା ହେଲେ ତ ବୁଝାଇ ଦିଅ,
ସତ୍ୟ ପଥେ ମାର୍ଗ ଦେଖାଉଥାଅ,
ତୁମ ସ୍ନେହ ଆଉ ଅନୁଶାସନ,
ଅବୁଝା ହେଲେ ବି ତୁମ ସନ୍ତାନ।।"

ଆନନ୍ଦପୁର, କେନ୍ଦୁଝର





# ବାପା

**ଡକ୍ଟର ଅଜୟ କୁମାର ସ୍ୱାଇଁ**

***ପିତାଧର୍ମ ପିତା ସ୍ୱର୍ଗ ପିତାହିଁ ପରମତପଃ***
***ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ***

ଆମପରିବାରରେ ପିତାଙ୍କୁ ବାପା ଓ ମାତାଙ୍କୁ ବୋଉ ବୋଲି ଡ଼ାକିଥାଉ। ମୋ ବାପା, ମନୁ ସ୍ୱାଇଁ ନୟାଗଡ଼ ଜିଲ୍ଲା, ରଣପୁର ମଣ୍ଡଳର ବାଲିଆ ଗ୍ରାମରେ ୧୯୩୯ ମସିହାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାମ ଚକ୍ରଧର ସ୍ୱାଇଁ। ମୋ ବାପାଙ୍କର ବାଲ୍ୟକାଳ ବହୁ କଷ୍ଟରେ କଟିଥିଲା। କାରଣ ମୋ ଜେଜେବାପା ସେ ସମୟରେ ସୁଦୂର ରେଙ୍ଗୁନ ଯାଇଥିଲେ। ୨ୟ ବିଶ୍ୱଯୁଦ୍ଧ ପାଇଁ ପ୍ରାୟ ୧୦ ବର୍ଷ ପର୍ଯ୍ୟନ୍ତ ଗ୍ରାମକୁ ଫେରିପାରି ନଥିଲେ।

କୃଷି ଥିଲା ମୋ ବାପାଙ୍କର ମୁଖ୍ୟ ବୃତ୍ତି। କେତେବର୍ଷ ଆମ ଗ୍ରାମ ବାଲିଆରେ ଦୋକାନ ମଧ୍ୟ ଦେଇଥିଲେ। ବହୁ ଅଭାବ ଅନଟନ ମଧ୍ୟରେ ଆମମାନଙ୍କୁ ଖାଇବା ଓ ପିନ୍ଧିବା ପାଇଁ ଦେବାରେ ହେଳା କରିନାହାନ୍ତି।

ସଂକୀର୍ତ୍ତନ ଗାୟକ ଭାବରେ ଏବେବି ତାଙ୍କର ଆମ ଅଞ୍ଚଳରେ ଖୁବ୍ ପରିଚିତି ଅଛି। ଚାଷବାସ ବ୍ୟତୀତ ବଦା, ପଟା, କହୁଣିଆ ଆଦି ମାଛଧରା ଯନ୍ତ୍ର ପ୍ରସ୍ତୁତ କରିବା ଆଦି କାର୍ଯ୍ୟରେ ସେ ନିପୁଣ। ପିଲାବେଳୁ ବିଭିନ୍ନ କାର୍ଯ୍ୟ କରିବା ପାଇଁ ଓ ପରିଶ୍ରମ କରିବା ପାଇଁ ସେ ଆମମାନଙ୍କୁ କହନ୍ତି। ମୁଁ ମୋ ବାପାଙ୍କଠାରୁ ପରିଶ୍ରମ କରିବା ଏବଂ ସମସ୍ତ କାର୍ଯ୍ୟ ଶିକ୍ଷା କରିଛି।

ସଚ୍ଚୋଟପଣ ହେଉଛି ମୋ ବାପାଙ୍କର ଏକ ବିଶେଷ ଗୁଣ। ମୁଁ ଶୁଣିଛି ଥରେ ସେ ଶଗଡ଼ରେ ଧାନ ନେଇ ରଣପୁର ଯାଉଥିଲେ। ସେ ସମୟରେ ଦେଖିଲେ ଗୋଟେ କନା ପୁଡ଼ିଆ ତଳେ ପଡ଼ିଛି। ତୁରନ୍ତ ଶଗଡ଼ରୁ ଓହ୍ଲାଇ ତାକୁ ଗୋଟାଇଲେ ଏବଂ ତାଙ୍କ ଆଗେ ଆଗେ ଯାଉଥିବା ଶଗଡ଼ିଆଙ୍କୁ ଯାଇ ପଚାରାନ୍ତେ ଜଣାପଡ଼ିଲା, ସେ ପୁଡ଼ିଆ ତାଙ୍କର। ସଙ୍ଗେ ସଙ୍ଗେ ସେ

ଟଙ୍କା ପୁଡ଼ିଆ ତାଙ୍କୁ ଦେଇକରିଆସିଲେ। ମୋ ବାପାଙ୍କ ବୋଉ ଏକଥା ଶୁଣି ବାପାଙ୍କୁ ଗାଳି କରିବାରୁ ମୋ ଜେଜେବାପା, ଜେଜେମାଆଙ୍କୁ ପାଟି କରିଥିଲେ ଓ କହିଥିଲେ, ସେ ଠିକ୍ କରିଛି। ପର ସମ୍ପତ୍ତି ଆମର କ'ଣ ହେବ ?

ମୋ ଜୀବନର ସଫଳତା କେବଳ ତାଙ୍କରି ଆଶୀର୍ବାଦ।

ବାଲିଆ,

ତାରିଆ, ରଣପୁର

# ମୋ ବାପା

ମୋନାଲିସା ସୁବୁଦ୍ଧି





"ବାପା ବୋଲି ଯେଉଁ ଦୁଇଟି ଅକ୍ଷର
ଆଶିଷ ତାଙ୍କର ସଦା ମୋ ଉପର।"

ବାପା ମାଆଙ୍କ ପାଇଁ ମୋର ପରିଚୟ। ଠାକୁରଙ୍କ ଆଶୀର୍ବାଦରୁ ମୁଁ ବଡ଼ଝିଅ ଭାବେ ବାପା ମାଆ ଓ ଶ୍ରୀକୃଷ୍ଣ ଉଚ୍ଚ ପରିବାରରେ ଜନ୍ମଗ୍ରହଣ କରିଥିବାରୁ ମୁଁ ଗର୍ବିତ। ମନେପଡ଼େ ପିଲାବେଳ କଥା। ଆମେ ଦୁଇଭଉଣୀ ଟିନା, ମୁନା ଓ ଭାଇ ହାପି ବାପାଙ୍କଠାରୁ କେତେ ଯେ ଗାଳି ମାଡ଼ ଖାଇଛୁ ଭାବିଲେ ଲୋମ ଟାଙ୍କୁରି ଉଠୁଛି। ସଦାସର୍ବଦା ରାସ୍ତା ମଝିରେ ଗଲେ ନିଜର ତଥା ସମାଜର କ୍ଷତିହେବ। ଭୁଲ ଭାବନା, କାର୍ଯ୍ୟ ନକରିବାର କଟକଣା, ବଡ଼ତୋଟାରେ ସାହୁ ପରିବାରର ସମ୍ମାନ, ଶ୍ରଦ୍ଧା, ଟେକ କିପରି ରହିବ। ପାଞ୍ଚ ପଚିଶ ଭଲ କହିବେ, ସଦା ଚିନ୍ତା ଓ ଚେତନାରେ ମଗ୍ନ। ନିଜେ ଉଚ୍ଚ ଶିକ୍ଷିତ ହୋଇ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଭାବେ ବଡ଼ତୋଟା ବେଲପଡ଼ା ସରକାରୀ ଉଚ୍ଚବିଦ୍ୟାଳୟ ଓ ଚିକିତ୍ସାଳୟ ଗଢ଼ିବାରେ ଆନନ୍ଦ। ରାମ ମନ୍ଦିର ରାସ୍ତାଘାଟ କାର୍ଯ୍ୟ, ଅବହେଳିତ ଅଶିକ୍ଷିତକୁ ଶିକ୍ଷିତ କରାଇବା, ଶିକ୍ଷା ସାମଗ୍ରୀ ମାଗଣାରେ ଆଦି ଯୋଗାଇବା ଆଦିରେ ବାପାଙ୍କ ଆନନ୍ଦ କହିଲେ ନସରେ। ଜଟଣୀ - ଖୋରଧା - ଭୁବନେଶ୍ୱରର ବହୁ ଅନୁଷ୍ଠାନରେ କର୍ମକର୍ତ୍ତା ରହି ସମାଜ ସେବା କରିବାରେ ବାପାଙ୍କ ଆନନ୍ଦ।

ବାପାଙ୍କୁ ଭଗବାନ ଜେଜୀ ମା ଦୁଲାମଣି ଦେବୀଙ୍କୁ ଶତାୟୁ କଲା ଭଳି ଶତାୟୁ, ନିରାମୟ, ଏକାନ୍ନ ପରିବାରରେ ରଖିବାପାଇଁ ଅନୁରୋଧ। ମୋ ବାପା ମାଆଙ୍କ ବିକଳ୍ପ ପ୍ରତିକଳ୍ପ ଦେଖୁନାହିଁ ।

॥ ଇତି ॥

ମୁନି

ମାର୍ଫତ୍ - ଇଂ.ଲଲାଟେନ୍ଦୁ କେଶରୀ ସାହୁ

ହାଲ, ସୁନାବେଢ଼ା, କୋରାପୁଟ

# ସମାଜସେବୀ କ୍ଷେତ୍ରବାସୀ କର ମୋର ବାପା

**ପ୍ରାଧ୍ୟାପକ ପଙ୍କଜ କୁମାର କର**





୨୦୨୦, ଅପ୍ରେଲ ୧୫, ବୁଧବାର ସକାଳ ୯ଟା। ମୋ ବାପା ଚମ୍ପୁଆର ବିଶିଷ୍ଟ ସମାଜସେବୀ କ୍ଷେତ୍ରବାସୀ କରଙ୍କ ୯୨ ବର୍ଷରେ ପରଲୋକ ହୋଇଛି।ବାର୍ଦ୍ଧକ୍ୟ ଜନିତ କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ଆମେ ୩ ପୁଅ ଉତ୍ତମ, ପଙ୍କଜ, କାଜଲ ଓ ପରିବାର ବର୍ଗ ଉପସ୍ଥିତ ଥିଲୁ। ତାଙ୍କ ବିୟୋଗରେ ଚମ୍ପୁଆରେ ଶୋକର ଛାୟା ଖେଳିଯାଇଛି। କ୍ଷେତ୍ରବାସୀ କର ଦୀର୍ଘଦିନ ଧରି ଜନତା ଦଳ ସଂଗଠନ ଦାୟିତ୍ୱରେ ଥିଲେ। ଚନ୍ଦ୍ରଶେଖର ମହାବିଦ୍ୟାଳୟ, ଚମ୍ପୁଆ ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସେଥିପାଇଁ ଫୁଟବଲ ଚ୍ୟରିଟି ମଧ୍ୟ କରି ଲବ୍ଧ ଅର୍ଥକୁ କଲେଜର ବିକାଶ ପାଇଁ ବିନିଯୋଗ କରିଥିଲେ। ଏହା ବ୍ୟତିତ ସେ ଜଣେ ଭଲ ଫୁଟବଲ ଖେଳାଳି ଭାବେ ପରିଚିତ ଥିଲେ। ଦୀର୍ଘଦିନ ଧରି ଜିଲ୍ଲା ଫୁଟବଲ ଟିମ୍‌ରୁ ଖେଳି ପୁରସ୍କୃତ ମଧ୍ୟ ହୋଇଥିଲେ। ଚମ୍ପୁଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ନେହେରୁ ଷ୍ଟାଡିୟମ କରିବରେ ତାଙ୍କର ଭୁମିକା ଅନେକ ଥିଲା। ପରବର୍ତ୍ତୀ ସମୟରେ ଚମ୍ପୁଆ ଆଥ୍‌ଲେଟିକ୍ ଆସୋସିଏସନରେ ଉପସଭାପତି ଭାବେ ମଧ୍ୟ କାର୍ଯ୍ୟ ତୁଲାଇଥିଲେ। ସେ ଅଞ୍ଚଳରେ ପ୍ରଶାସନର ସହଯୋଗରେ ଜାଗର ମେଳା କରିବାରେ ତାଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ ଥିଲା। ଯାହା ଆଜି ସେହି ମେଳା ପ୍ରସିଦ୍ଧ ମେଳାରୂପେ ପରିଚିତ ହୋଇପାରିଛି।

ମୋ ବାପା ଆମକୁ ସବୁବେଳେ ତାଗିଦ କରୁଥିଲେ। ସବୁବେଳେ ବାପାଙ୍କୁ ଆମର ଡର ଥିଲା। ଜଣେ ସମାଜସେବୀ ଭାବରେ ତାଙ୍କର ସୁନାମ ଥିବାରୁ ଆମେ ମଧ୍ୟ ସମାଜସେବା ପ୍ରତି ଆକୃଷ୍ଟ ହୋଇଥାଉ। କୌଣସି ଅନୁଷ୍ଠାନ ଗଢ଼ିବା ଏବଂ ଉନ୍ନତିପାଇଁ ମୁଁ ଆପ୍ରାଣ ଉଦ୍ୟମ କରିଥାଏ।

ଯେଉଁଠାରେ ମୁଁ ଥାଏ ଏବଂ କାର୍ଯ୍ୟ କରେ ସେଠାର ଉନ୍ନତି ପାଇଁ ମୋର ମନ ଆପେ ଆପେ ଟାଣିହୋଇଯାଏ।

ବାପା ଆମ ତିନି ପୁଅଙ୍କୁ ଏକାଠି ରଖିପାରିଛନ୍ତି। ଚମ୍ପୁଆ ଗଲେ ଆମକୁ ଯେପରି ଏକ ସ୍ୱର୍ଗ ସୁଖ ଲାଗେ। ବାପାଙ୍କର ସେବା କରିବାର ସୁଯୋଗ ମିଳିବନି ଆଉ। କିନ୍ତୁ ମୋ ବାପା ମୋର ସବୁବେଳେ ମନରେ ରହି ଅନ୍ୟର ଉପକାର କରିବାକୁ ପ୍ରେରଣା ଦେଉଥିବେ।

ଭୁବନେଶ୍ୱର

# ନନା, ତୁମେ ଅଟ ମହାନ

ଶିବ ପ୍ରସାଦ ପାଢ଼ୀ





ଶିଶୁଟି ଜନ୍ମହେଲେ, ଭିନ୍ନ ଭିନ୍ନ ସ୍ତରନେଇ ଗତିକରେ ତା'ରି ଜୀବନ ରଥ। ହୋଇପାରେ ଦର୍ପଦଳନ, ନନ୍ଦିଘୋଷ.......। କିନ୍ତୁ କଢ଼ାଇ ନିଏ ପଥ ତାହାରି ସାରଥୀ। ସେହିଭଳି ଜୀବନ ପଥରେ ପ୍ରଥମ ସାରଥୀ ହୋଇଥାନ୍ତି ପିତାମାତା। ସେମାନଙ୍କ ପଥ ପ୍ରଦର୍ଶନ ନେଇଥାଏ ରଥକୁ ଉଚିତ୍ କିମ୍ବା ଅନୁଚିତ୍ ରାସ୍ତାରେ। ମୋ ଜୀବନ ରଥରେ ଏଭଳି ପିତାଙ୍କ ନିଦର୍ଶନ ଆଜି ମୋତେ ଯାହା କରିଛି ତାହା ନିର୍ଣ୍ଣୟ କରୁଥିଲେ ଜନସାଧାରଣ।

ପିତା (ନନା) ବେଶି ଅଧ୍ୟୟନ କରିନଥିଲେ, କିନ୍ତୁ ମୋତେ ଅଧ୍ୟୟନ କରିବାକୁ ସମସ୍ତ ପ୍ରଯୋଶୋଷ ଦେଇଥିଲେ। ଗଣିତରେ ମୁଁ ଯେତେବେଳେ ଅର୍ଦ୍ଧବାର୍ଷିକ ପରୀକ୍ଷା (୨ୟ ଶ୍ରେଣୀ)ରେ ୦୮ ଆଣିଥିଲି, ନନା ମୋତେ ଝାଡୁରେ ଯେଉଁ ପ୍ରହାର ଦେଇଥିଲେ, ତାହାର ଦୃଶ୍ୟ ଆଜି ବି ମନେପଡୁଛି। ଭୟରେ କାନ୍ଥ ଏବଂ ଦ୍ୱାରବନ୍ଧ ମଧ୍ୟରେ ଥିବା ଫାଙ୍କା ଜାଗାରେ ପଶିଯାଇଥିଲି। ତଥାପି ଚାଲିଥାଏ ମାଡ଼, ମୋତେ ରକ୍ଷାକରିବାକୁ ଆସି ମା'ଙ୍କର ହାତମୁଠାକୁ ମଧ୍ୟ ମାଡ଼ ବସିଥିଲା। ସେହିଦିନ ସନ୍ଧ୍ୟାରେ ପଢୁଥିବା ବିଦ୍ୟାଳୟର ଗଣିତ ଶିକ୍ଷକଙ୍କ ପାଖରେ ଘରୋଇ ପାଠପଢ଼ିବାର ସୁଯୋଗ ଦେଇଥିଲେ। ବାର୍ଷିକ ପରୀକ୍ଷାରେ ୮୦ ନମ୍ବର ଆସିଲା ଏବଂ ସ୍ନାତକ ପର୍ଯ୍ୟନ୍ତ ପ୍ରତ୍ୟେକ ଗଣିତ ପରୀକ୍ଷାରେ ୮୦ରୁ କମ୍ ଆସିନଥିଲା।

ନନାଙ୍କର ଏହି ଉକ୍ତି ମନେପଡ଼େ, "ଧାଇଁ ଧାଇଁ କ୍ଷୀର ପିଇବା ଯାହା, ଚାଲି ଚାଲି ପାଣି ପିଇବା ସେଇଆ।" ପରିସ୍ଥିତିରେ ଋଣକରି ଚାଲିବା ଅପେକ୍ଷା ବିନା ଋଣରେ ସାଧାରଣ ଜୀବନ ଧାରଣ ଠିକ୍। ଏହିକଥାକୁ ଆଜି ପର୍ଯ୍ୟନ୍ତ ମୋ ଜୀବନରେ ପାଳନ କରିଛି।

ଘରର କୌଣସି ଜିନିଷ ଏପଟସେପଟ ହୋଇରହିଲେ ସେ ପସନ୍ଦ କରନ୍ତି ନାହିଁ। ସେହି ଗୁଣ ଆଜି ମଧ୍ୟ ମୋ ପାଖରେ ପ୍ରତିଫଳିତ ହୋଇଛି। ବହୁତ ଲୋକଙ୍କ ସହ ସଂପର୍କ ରଖନ୍ତି ନାହିଁ ଏବଂ ଅର୍ଜିତ ଧନର ସୁପଯୋଗ କରନ୍ତି। ମୋର ଖର୍ଚ୍ଚ ପାଇଁ ମାସର ଦରମା ପାଇବା ଦିନ ପଚାଶ ଟଙ୍କା ୧୯୮୩ରେ ଦିଅନ୍ତି, ଯେଉଁଥିରୁ ତିରିଶି ଟଙ୍କା ଖୋର୍ଦ୍ଧା ଯିବା ଆସିବାରେ ଖର୍ଚ୍ଚ ହୁଏ। ତେଣୁ ଟଙ୍କାର ବ୍ୟବହାର ପିଲାଦିନୁ କଷ୍ଟରେ କରିଥିବାରୁ ଆଜି ମଧ୍ୟ ଅଯଥା ଖର୍ଚ୍ଚକୁ ପ୍ରତିବାଦ କରିଥାଏ।

ନନା କହୁଥିଲେ, ଆମର ବିଲ, ଜମି, ଗଚ୍ଛିତ ସମ୍ପତ୍ତି ନାହିଁ, ତେଣୁ ନିଜ ଗୋଡ଼ରେ ନିଜେ ଠିଆ ହେବା। ମୋର ଯେତିକି କର୍ତ୍ତବ୍ୟ କରିବା କଥା କରୁଛି, ତୁମେ ପାଠପଢ଼ି ମଣିଷ ହୁଅ। ଭଗବାନ ମୁଁ ନୁହେଁ ତାଙ୍କରି ସମସ୍ତ ସନ୍ତାନକୁ ଭଲରେ ରଖିଛନ୍ତି।

ଜଟଣୀ,ଖୋରଧା





# ଛତା, ଛାତ, ଛତି

**ସତ୍ୟନାରାୟଣ ସାମନ୍ତରାୟ**

୨୦୦୦ମସିହାର ଜୁଲାଇ ମାସ ୨୩ ତାରିଖ। ସକାଳଟା ସେଦିନ ଖୁବ ଭଲରେ ପାହିଥିଲା । ଦିନଯାକର ଜଞ୍ଜାଳ ନଥିଲା ବୋଲି ମନଟା ହାଲୁକା ଥିଲା । କାରଣ, ସେଦିନ ଥିଲା ରବିବାର ।

ସବୁ ଚାକିରିଆଙ୍କ ଜୀବନରେ ରବିବାରଟା ଗୋଟେ ସ୍ୱତନ୍ତ୍ର ସ୍ଥାନରେ ଥାଏ। ଅନ୍ୟଦିନସବୁର ଧରାବନ୍ଧା ଜୀବନଚର୍ଯ୍ୟାରୁ ସାମୟିକ ନିଷ୍କୃତି ଏହି ଦିନଟାରେ ମିଳେ। ପରିବାରସହ ହସଖୁସି, ବୁଲାବୁଲି, ପଚରାସଙ୍ଗୋଳା ପାଇଁ ରବିବାରଟା ଅତ୍ୟନ୍ତ ପ୍ରଶସ୍ତ।

ସେଦିନ ଦିନବେଳାଟା ଖୁବ ଭଲରେ ଭଲରେ କଟିଗଲା। ରାତି ଖିଆପିଆ ବି ସରିଗଲା। ଶୋଇବାକୁ ଯାଉଛି, ଲ୍ୟାଣ୍ଡଫୋନ୍ ବାଜିଲା। ବାଜିବା ବି ସ୍ୱାଭାବିକ ଥିଲା। କାରଣ, ବାପାବୋଉ ଦୁହେଁ ମଝିଆଁ ଭାଇ ପାଖକୁ ଫିରୋଜପୁର ଯାଇଥାନ୍ତି ବୁଲିବାକୁ। ପ୍ରାୟ ରାତିରେ ଆମ ସହିତ କଥା ହୁଅନ୍ତି।

ଫୋନ୍ ଉଠାଇଲି। ସେପଟରୁ ମଝିଆଁ ଭାଇ ଫୋନ୍ କରିଥିଲା। କହିଲା, ‘ବାପା ଚାଲିଗଲେ’ !

କଥାଟାକୁ ହଠାତ୍ ଠଉରେଇ ପାରିଲିନି। ପଚାରିଲି, କଣ ହେଲା – – କଣ କହୁଛୁ ?

ସିଏ ଥରିଲା ଥରିଲା କଣ୍ଠରେ କହିଲା, “ବାପା ଚାଲିଗଲେ--- ବାପା ଆଉ ନାହାଁନ୍ତି ! ଆଜି ସକାଳ ୯ଟା ବେଳେ ହାର୍ଟ ଆଟାକ୍‌ରେ ସିଏ ଆମକୁ ଛାଡ଼ି ଚାଲିଗଲେ”।

ହଠାତ୍ ଅନୁଭବକଲି, ଏକ ବିରାଟ ଶୂନ୍ୟତା ଭିତରକୁ ମୋତେ ଯେମିତି କିଏ ଧକ୍କା ମାରି ଠେଲି ଦେଇଛି। ମୁଁ ଶୂନ୍ୟରୁ ଶୂନ୍ୟକୁ ଯାଇ

ମହାଶୂନ୍ୟରେ କ୍ରମେକ୍ରମେ ମୋର ଅସ୍ତିତ୍ୱ ହଜେଇ ଦେଇଛି। ମୋର ଅନୁଭବ, ଅନୁଭୂତି, ନିଜସ୍ୱ ଆତ୍ମସତ୍ତା, ଇନ୍ଦ୍ରିୟଗତ ସକଳ ଚେତନା ଓ ଦେହାଭିମାନ ଅପସରି ଯାଇଛି। ପାର୍ଥିବତାର ମୋହ, ମାୟା, ଜଞ୍ଜାଳ, ଆପଣାପଣିଆସବୁର ଅଳୀକତା ସେଇ ମୁହୂର୍ତ୍ତରେ ମୋ ଠାରୁ ମୋର 'ମୁଁ' କୁ ନେଇ ଭିନ୍ନ ଏକ ଜଗତରେ ଛାଡ଼ିଦେଇଛି।

ସେ ଜଗତରେ କେହି ନଥିଲେ - କେବଳ 'ମୁଁ' ଥିଲି - ଏକ 'ମୁଁ'କାରହୀନ 'ମୁ ଁ'ଭାବରେ !

ସତରେ, ଯାହାର ବାପା ନାହିଁ ତା'ପାଖରେ 'ମୁଁ'ର ଅହଂକାର ଆସିବ କୁଆଡୁ ?

କଥାରେ ପରା ଅଛି, ବାପ ଥିଲା ପୁଅ ସଭାରେ ହାରେନା
ମାଆ କୋଳେ ପୁଅ ଦୁନିଆଁ ଡରେନା।

ପିଲାଟି ପାଇଁ ତା' ବାପା ଛତା. ଛାତ ଓ ଛତି !

ଆହା, ରାହା ଓ ସାହାର ପରିଭାଷା ହେଉଛନ୍ତି ବାପା !

ଭରସା, ବିଶ୍ୱାସ ଓ ଆଶ୍ୱାସନାର ପ୍ରତିନାମ ହେଉଛନ୍ତି ବାପା !

ଏକ ଦୁର୍ଦ୍ଧର୍ଷ, ଅଦମନୀୟ, ଅପରାଜେୟ ସାହାପକ୍ଷର ନାମାନ୍ତର ହେଉଛନ୍ତି ବାପା !

ବାପା ଏକ ଅପେକ୍ଷମାଣ ଚରିତ୍ର, ଯିଏ ଅପେକ୍ଷା କରନ୍ତି, ଅପେକ୍ଷା ରଖନ୍ତି ଓ ଯାହାଙ୍କୁ ଅପେକ୍ଷା କରାଯାଇପାରେ !

ସିଏ ଅପେକ୍ଷା କରନ୍ତି, ସନ୍ତାନର ଫେରିବାକୁ, ଅପେକ୍ଷା ରଖନ୍ତି ସନ୍ତାନର ସଫଳତାକୁ ଓ ତାଙ୍କର ସ୍ୱୀକୃତି କିମ୍ୱା ମତାମତକୁ ସନ୍ତାନ ବି ଅପେକ୍ଷା କରେ।

ବାପା ଆମମାନଙ୍କୁ ଅପେକ୍ଷା କରୁଥିଲେ। ଆମର ସଫଳତା ପାଇଁ ଅପେକ୍ଷା ରଖୁଥିଲେ ଓ ତାଙ୍କ ସ୍ୱୀକୃତିକୁ ଆମେମାନେ ବି ଅପେକ୍ଷା କରୁଥିଲୁ।

ବୋଉକୁ କହନ୍ତି, "କାଇଁ କିଛି ତ କହୁନି ! ତାର ବୋଧେ ଫର୍ମ ଫିଲପ୍ ଏଇ ଭିତରେ କେବେ ହବ ନା କଣ ? ତାକୁ ପଚାରିଲ ! ନଇଲେ, ହଠାତ୍ ପଇସା ମାଗିବ"।

ବୋଉ ମୋତେ ପଚାରେ। ପ୍ରକୃତରେ ଫର୍ମ ଫିଲପ୍ ଆଉ ଦି'ଦିନ ଥିବ। କେମିତି ଜାଣିଲା ଭଳିଆ ବାପା ପଚାରିଥିବେ।

ବୋଉ ମୋ ଉପରେ ବିରକ୍ତ ହୁଏ।

ବାପା କିନ୍ତୁ କିଛି କହନ୍ତିନି ! ଧାନ ବସ୍ତେ କି ଦି'ବସ୍ତା ବିକିଦେଇ ବୋଉକୁ ପଇସା ଧରେଇ ଦିଅନ୍ତି। ବୋଉଠୁ ପଇସା ନେଇ ମୁଁ ଫର୍ମ ଫିଲପ୍ କରେ।

ସିଏ ହେଉଛନ୍ତି ମୋ ବାପା, ଯିଏ ମୋ ଫେରନ୍ତା ବାଟକୁ ଏକଲୟରେ ଚାହିଁରହିଥା'ନ୍ତି। ଅଫିସ୍ କାମରେ ପ୍ରାୟ ଭୁବନେଶ୍ୱର ଯିବାକୁ ହୁଏ ଓ ଫେରିବାବେଳକୁ କେତେବେଳେ କେମିତି ରାତି ୧୧ଟା କି ୧୨ଟା ହୋଇଯାଇଥାଏ। ଲକ୍ଷ୍ୟକରେ, ବାପା ସେ ପର୍ଯ୍ୟନ୍ତ ନଖାଇ ଦାଣ୍ଡ ଦୁଆର ଖୁଣ୍ଟକୁ ଆଉଜି ଧ୍ୟାନସ୍ଥ ତପସ୍ୱୀପରି ଗାଁ ମୁଣ୍ଡ ବୁଲାଣି ଯାଏଁ ଚାହିଁରହିଥା'ନ୍ତି। ବୋଉ ଖାଇବାକୁ ଡାକିଲେ ତାକୁ ବିରକ୍ତ ହୋଇ କହନ୍ତି, "ତମକୁ କଣ ଜଣାପଡୁନି, ପିଲାଟା ସକାଳୁ ଗଲାଣି " ?

ମୁଁ ଫେରେ। ବାପା ଦୀର୍ଘ ନିଃଶ୍ୱାସ ଛାଡ଼ନ୍ତି। କେବଳ କହନ୍ତି, "ଆଉ ଟିକିଏ ଶିଘ୍ର ଫେରିଲେ ହୁଅନ୍ତା ନି" !

ଦେହଲଗା ଅନୁଭୂତି ତ ଅନେକ। ତାଙ୍କର ଅବର୍ତ୍ତମାନରେ ଅନୁଭୂତିସବୁକୁ ପାଥେୟକରି ମୁଣ୍ଡରେ ମୁଣ୍ଡେଇ ନିରାପଦ ଚଟିଘରଟିଏ ଖୋଜୁଖୋଜୁ ବୟସର ପ୍ରାୟ ତିନିଚତୁର୍ଥାଂଶ ଅତିକ୍ରମ ହେବା ଉପରେ। ତଥାପି ଚାଲିବାରେ ବିରାମ ନାହିଁ କି ଚଟିଘର ଖୋଜାରେ ବିରତି ଆସିନି। ବିରତି ତ ସ୍ଥାଣୁତାର ପ୍ରତୀକ। କାରଣ, ଏବେ ବି ବାପା ନିରୋଳାରେ ଓ ନିରବରେ ମୋତେ କହନ୍ତି ଥକି ପଡ଼ିବୁନି, ଅଧୈର୍ଯ୍ୟ ହେବୁନି କି ଭାଙ୍ଗିପଡ଼ିବୁନି ! ଆଗେଇ ଚାଲିବୁ ! ଭାବିବୁନି ତୋ ଉପରେ ଛତାଟେ ନାହିଁ ବୋଲି। ଅନୁଭବ କରିବୁନି ତୋ ଉପରୁ ଛାତଟା ଉଡ଼ିଯାଇଛି ବୋଲି। କେବେ ହତାଶ ହେବୁନି, ତୋ ଉପରେ ମୋର ହାତ ନାହିଁ ବୋଲି। ମୁଁ ପରା ଏବେ ତୋରି ଆଶ୍ରାରେ, ତୋରି ପାଖରେ ଅଛି – ତୋରି ଛତା ତଳେ ! ତୋରି ପିଲାଛୁଆଙ୍କ ଭିତରେ ମୋତେ ଖୋଜ -- ମୁଁ ସେଇଠି ତାଙ୍କରି

ଭିତରେ ଅଛି ! ତୋରି ଛତା ତଳେ ଆମେ ସମସ୍ତେ ଅଛୁ। ତୋରି ଛାତ ତଳେ ଆମେ ସମସ୍ତେ ଆଶ୍ରୟ ନେଇଛୁ। ତୁ ଏବେ ଆମର ଛତା, ଛାତ ଓ ଛତି !

ଏବେ ଅନୁଭବ କରୁଛି, ମୋ ଉପରେ ସିନା ମୋ ବାପାଙ୍କର ଛତା ନାହିଁ କି ଛାତ ନାହିଁ କିନ୍ତୁ ମୁଁ ମୋ ଅଜ୍ଞାତରେ ଆଉ କାହା ପାଇଁ ଏକସଙ୍ଗେ ଛତା ଓ ଛାତ ହୋଇଯାଇଛି ଏବଂ ଆଗେଆଗେ ଯାଉଛି ଛତିଟିଏ ପରି !!!

ବେଗୁନିଆ,ଖୋରଧା

# ମୋ ନନା

**ମନୋରମା ପାଢ଼ୀ**





ମୋ ନନା, ମୋ ପାଇଁ ଜଣେ ଜୀବନ୍ତ ଠାକୁର। ଗଞ୍ଜାମ ଜିଲ୍ଲାର କଙ୍କୋରଡ଼ା ଗ୍ରାମରେ ତାଙ୍କର ଜନ୍ମ। ବହୁ କଷ୍ଟରେ ଆ.ଏ. ପାସ୍ କରି କଟକରେ ସର୍ଭେ ଆଣ୍ଡ ମ୍ୟାପ୍ ପବ୍ଲିକେସନ ଅଫିସରେ ଚାକିରି ପାଇଥିଲେ। ଆମେ ୪ ଭଉଣୀ ୧ ଭାଇ। ନନାଙ୍କର ସ୍ୱଳ୍ପ ଦରମାରେ ଆମମାନଙ୍କୁ ଭଲରେ ରଖିବା ପାଇଁ ଚେଷ୍ଟା କରିଛନ୍ତି।୬ ମାସ କ୍ୟାମ୍ପ , ବଣ ଜଙ୍ଗଲରେ କଟାନ୍ତି। ୬ ମାସ କଟକରେ ଆମମାନଙ୍କ ସହିତ ରୁହନ୍ତି। ନନାଙ୍କୁ ଦେଖିଲେ ଭୟଲାଗେ। ସାମ୍ନାରେ ମୁଁ ଆଜିଯାଏ ଠିଆ ହେବାକୁ ସଂକୋଚ ବୋଧ କରେ। କିନ୍ତୁ ସେ ଆଜି ଯାଏ ମୋତେ ଜୋର କରିକି କିଛି ବି କହି ନାହାଁନ୍ତି। ସେ ବହୁତ ଧୀର ସ୍ଥିର ସ୍ୱଭାବର। ଠିକ୍ ସମୟରେ ଠିକ୍ କାମ କରନ୍ତି।

ଦଶହରାରେ ମୋତେ ଓ ମୋ ଭଉଣୀକୁ ସାଇକଲରେ ବସାଇ ପୁରା କଟକ ବୁଲାନ୍ତି। ଚାଲି ଚାଲି ମଧ୍ୟ ତାଙ୍କ ସହିତ ଦଶହରା ବାଲିଯାତ୍ରା ଆମେ ଦେଖୁ ମୋ ଜୀବନରେ ଯେତେ ଦୁଃଖ କଷ୍ଟ ସମୟରେ ମୋ ନନା ମୋ ପାଖରେ ଛିଡ଼ା ହୋଇଛନ୍ତି। ଘର ଖଣ୍ଡେ ନ ଥିଲା ବୋଲି ଲାଗି ଲାଗି ଘର କିଣିବାରେ ସାହାଯ୍ୟ କରିଛନ୍ତି ଏବଂ ଘର ତିଆରି କିପରି ହେବ ସେଥିପାଇଁ ମଧ୍ୟ ଚେଷ୍ଟା କରିଛନ୍ତି। ସେତେବେଳେ ନନା ମୋ ପାଖରେ ୮ ମାସ ପାଇଁ ରହିଥିଲେ। ସାଇକଲରେ ଯାଇ ଘର କିପରି ତିଆରି ହେବ ସେହି କଥା ମଧ୍ୟ ବୁଝିଛନ୍ତି। ନନା, ବୋଉଙ୍କୁ ବହୁତ ଭଲ ପାଉଥିଲେ। ସ୍ୱାମୀ ସ୍ତ୍ରୀ ଙ୍କ ସଂପର୍କ ତାଙ୍କଠାରୁ ଆମେ ଶିଖିବାର କଥା। ବୋଉ ଚାଲିଯିବା ପରେ ସେ ବର୍ତ୍ତମାନ ଭାଇଙ୍କ ପାଖରେ ରହୁଛନ୍ତି। ତାଙ୍କର ଠିକ୍ ସମୟରେ ଖାଇବା ଓ ଠିକ୍ ସମୟରେ ସବୁ କାମ କରିବା ଆଜିଯାଏ ତାଙ୍କୁ ସୁସ୍ଥ ରଖିଛି। ନନାଙ୍କୁ ବର୍ତ୍ତମାନ ୮୪ ବର୍ଷ ବୟସ। ଦିଲ୍ଲୀରେ ରହି ସବୁବେଳେ ଆମେମାନେ କିପରି ଅଛୁ ବୁଝାବୁଝି କରୁଛନ୍ତି। ଭଗବାନଙ୍କ ପାଖରେ ପ୍ରାର୍ଥନା ସେ ନିରାମୟ ଜୀବନଯାପନ କରନ୍ତୁ। ଶତାୟୁ ହୁଅନ୍ତୁ।

**ଦୂରଭାଷ-୯୪୩୮୧୫୩୪୭୮**

# ମୋ ବାପାଙ୍କ ପାଖକୁ ପତ୍ର

ଅଧ୍ୟାପିକା ସୁକାନ୍ତି ମହାପାତ୍ର





ପୂଜ୍ୟସ୍ପଦ ବାପା,

ମୋର ଭୂମିଷ୍ଠ ପ୍ରଣାମ ଆପଣଙ୍କ ପ୍ରଶସ୍ତ ଅନ୍ତରରେ ସ୍ଥାନ ଦେବେ ବୋଲି ମୋର ଆଶା ଓ ବିଶ୍ୱାସ । ବାପା ଏବେ ମୁଁ ଅନୁଭବ କରୁଛି 'ବାପା' ଶବ୍ଦର ଅର୍ଥ କେତେ ମହାନ୍ । ଦୁଇଟି ବର୍ଣ୍ଣର ମିଳନରେ 'ବାପା' ଶବ୍ଦର ଅର୍ଥ । ସେ ଅସୀମ ଓ ଅନନ୍ତ । ଏହି ଶବ୍ଦଟି କେତେ ଆପଣାର, କେତେ ଯେ ମଧୁର ଆଭାସ, ଆଉ କେତେ ଯେ ହଜିଲା ଦିନର ସ୍ମୃତି ଅନ୍ତରରେ ଭରିଦିଏ ଅସୀମ ଆନନ୍ଦ ତାହା କେବଳ ଜଣେ ଅନୁଭବୀ ହିଁ ଜାଣେ। ବାପା ମୁଁ ଆଜି ସାଉଁଟୁଛି ସେହି ପିଲାଦିନର ହଜିଲା ସ୍ମୃତିକୁ ।

ଆମକୁ ଖୁସିରେ ରଖିବା ପାଇଁ ତୁମେ ସାରା ଜୀବନ ଖଟି ଖଟି ନିଜକୁ ତିଳ ତିଳ କରି ଜାଳିଦେଇଛ, ଯେପରି ଏକ ସାଧାରଣ ଧୂପକାଠି ନିଜକୁ ତିଳ ତିଳ କରି ଜାଳି ମହାନ୍ ଏକ ଦେବତାଙ୍କୁ ସନ୍ତୁଷ୍ଟ କରିଥାଏ । ପ୍ରତି ମୁହୂର୍ତ୍ତରେ ଯେତେ ବାଧାବିଘ୍ନ ଆସିଲେ ତୁମେ ଆମ୍ଭ ସମ୍ମୁଖରେ ଦଣ୍ଡାୟମାନ ରହୁଥିଲ । ବାପା, ତୁମେ ଯେଉଁମାନଙ୍କୁ ଆପଣାର କଲ ଲହୁ, ଲୁହ, ସ୍ୱେଦ ଓ ମାଂସ ଦେଇ ଓହ୍ଲାଇ ଆଣିଲ ଏହି ପୃଥିବୀକୁ, ନିଜେ ଦିନକୁ ରାତି ରାତିକୁ ଦିନ କରି ଖଟିଚାଲିଲ । କେବଳ ସେତିକି ନୁହେଁ, ତୁମେ ନଖାଇ ନପିଇ ଗଢ଼ିତୋଳିଛ ତୁମର ରକ୍ତର ସନ୍ତାନମାନଙ୍କୁ ଏବଂ ଶିଖାଇଥିଲ ଶିବାଜୀଙ୍କ ବୀରତ୍ୱଠାରୁ ଗାନ୍ଧୀଙ୍କ ଉଦାରତା ଯାଏଁ । ତୁମର ସେବା,ତ୍ୟାଗ, ପରୋପକାର ର ପ୍ରେରଣା ମୋତେ ଆଜି ଗୋଟେ ମଣିଷ ପରି ମଣିଷ ହେବାର ପଥପ୍ରଦର୍ଶନ କରାଇଛି । ପିଲାଟି ଦିନରୁ ତୁମେ ତୁମ ବାପାଙ୍କୁ ହରାଇ ଖଟି ଖଟି ଆମ୍ଭମାନଙ୍କୁ ମଣିଷ ପରି ମଣିଷଟିଏ କରି ଗଢ଼ି ତୋଳିଛ, ତା ପ୍ରତିବଦଳରେ ତୁମେ କିଛି ବି ଚାହିଁନ, ଏହା ତ' ହିଁ ମଣିଷର ବଡ଼ପଣ

ଓ ମାନବିକତା ।

ବାପାଙ୍କ ତୁମେ ତୁମ ପିଲାମାନଙ୍କ ପ୍ରତି ଥିବା କର୍ତ୍ତବ୍ୟରେ କେବେ ବି କିଛି ଅବହେଳା କରିନାହଁ । ବାପାର ଅର୍ଥ କ'ଣ ତାହା ତୁମେ କର୍ମ ମାଧ୍ୟମରେ ଦେଖାଇଦେଇଛ ଏବଂ ଉଦାହରଣ ସାହାଯ୍ୟରେ ବୁଝାଇଦେଇଛ । ମୁଣ୍ଡ ଝାଳ ତୁଣ୍ଡରେ ମାରି ଆଜି ପର୍ଯ୍ୟନ୍ତ ସବୁକିଛି ସମ୍ଭାଳି ଆଣିଛ । ବାପା ତୁମେ ବହୁ ଦୁଃଖ କଷ୍ଟ ସହି ବାଧାବିଘ୍ନ ପଥକୁ ଅତିକ୍ରମ କରି ଆଜି ବାର୍ଦ୍ଧକ୍ୟରେ ଉପନୀତ । ମୁଁ ଜାଣେ ତୁମେ କାହାରି ସାହାଯ୍ୟ ଏପର୍ଯ୍ୟନ୍ତ ଲୋଡ଼ିନାହଁ । କିନ୍ତୁ ଯେତେ ଦୁଃଖ କଷ୍ଟଆସିଲେ ବି ତୁମେ ତାହାକୁ ଏକା ଏକା ସାମ୍ନା କରିଆସୁଅଛ ।

ବାପା, ତୁମର ହୃଦୟ ଆକାଶ ପରି ବିଶାଳ, ଗଭୀର ଓ ମହନୀୟ । ପିଲାଦିନେ ମୋ ଆଖି ସାମ୍ନାରେ ଦେଖିଛି ତୁମର ସେ ଉଦାର ଚିତ୍ତରେ ଅନ୍ୟକୁ ସାହାଯ୍ୟ କରିବାର ଉଚ୍ଚ ଆକାଂକ୍ଷା । କେଉଁଠି କିଛି କାହାର ଅସୁବିଧା ହେଲେ ଆଗଧାଡ଼ିରେ ଯାଇ ତୁମେ ସେଠାରେ ଛିଡ଼ା ହୋଇଯାଉଥିଲ । ଶତ୍ରୁକୁ ମିତ୍ର ମଣି ସେମାନଙ୍କ ଅସୁବିଧାରେ ଦୌଡ଼ି ଯାଉଥିଲ । ଘରେ ସମସ୍ତେ ବାରଣ କଲେ ମଧ୍ୟ ତୁମେ କାହାରି କଥା ଶୁଣୁନଥିଲ ।

ଏବେ ଏହି ଜୀବନର ଶେଷ ପାହାଚରେ ତୁମେ ନିଜର ଯତ୍ନ ନେବା ଆବଶ୍ୟକ । କାରଣ ଆଜିକାଲି ଦୁନିଆରେ ମଣିଷ ପଣିଆ ବିରଳ । ତୁମେ ଜୀବନସାରା ଯେତିକି ଦୁଃଖକଷ୍ଟ ସହି ଆସିଅଛ ତାହା ଅବର୍ଣ୍ଣନୀୟ । ଅଭିଧାନରେ ଯେତେ ଶବ୍ଦ ଖୋଜିଲେ ମଧ୍ୟ ଏ ଶବ୍ଦଟିକୁ ପୂର୍ଣ୍ଣ କରିବା ପାଇଁ ଭାଷାର ସେତେ ନିଅଣ୍ଟ ହୁଏ । ମୁଁ ଯେତେ ଚାହିଁଲେ ବି ସାତ ଜନ୍ମ ପର୍ଯ୍ୟନ୍ତ ତୁମର ଋଣ ସୁଝି ପାରିବି ନାହିଁ । ଝିଅ ଜନମ ତ' ପରଘରକୁ, କ'ଣ ବା କରିପାରିବି ତୁମ ପାଇଁ ।

ଶେଷରେ ମୁଁ ସବୁବେଳେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି, ମୋ ପାଇଁ ମୋ ବାପା ସବୁବେଳେ ଈଶ୍ୱର ସଦୃଶ୍ୟ ପଥପ୍ରଦର୍ଶକ ରୂପେ ବିରାଜମାନ କରିବା ସଙ୍ଗେ ସଙ୍ଗେ ତୁମର

ଆଶୀର୍ବାଦର ହସ୍ତ ଚିରଦିନ ପାଇଁ ମୋ ମୁଣ୍ଡ ଉପରେ ଥାଉ । ବାପା, ସବୁ ଚିନ୍ତା ଦୂର କରି ନିଜକୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ସମର୍ପି ଦିଅ ଯାହା ପ୍ରଭୁଙ୍କ ଇଚ୍ଛା ତାହା ହିଁ ହେବ । ଏହା ହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ।

॥ ଇତି ॥

ତୁମର ଝିଅ

ସୁକାନ୍ତି

**ଗଜପତି ନଗର, ଜଟଣୀ,ଖୋର୍ଦ୍ଧା-୭୫୨୦୫୦**

**ମୋ-୭୯୭୮୫୯୫୪୬୬**





# ମୋ ନନା (ବାପା)

ହରପ୍ରସାଦ ମହାପାତ୍ର

ଜମିକୁ ଜଳସେଚିତ କରି ଚାଷୀମାନଙ୍କ ମୁହଁରେ ହସ ଖେଳେଇବାକୁ ପିଲାଦିନୁ ପଣ କରି ଜଣେ ସଫଳ ଯନ୍ତ୍ରୀ ଭାବରେ ସମଗ୍ର ଓଡ଼ିଶାରେ ସୁଖ୍ୟାତି ଅର୍ଜନ କରିଥିବା ଅବସରପ୍ରାପ୍ତ ସୁପରିନ୍‌ଟେଣ୍ଡେଣ୍ଟ୍ ଇଂଜିନିୟର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୋ ନନା । ତାଙ୍କର ସଦା ହସ ହସ ସୁନ୍ଦର ମୁଖମଣ୍ଡଳ, ଉତ୍ତମ ବ୍ୟବହାର , ପରୋପକାର ମନୋବୃତ୍ତି, ଜ୍ୟେଷ୍ଠମାନଙ୍କୁ ଯଥୋଚିତ ସମ୍ମାନ ଓ କନିଷ୍ଠମାନଙ୍କୁ ସ୍ନେହ , କର୍ତ୍ତବ୍ୟ ପରାୟଣତା, ସଚ୍ଚୋଟ ପଣିଆ, କାର୍ଯ୍ୟଦକ୍ଷତାରେ ସମସ୍ତଙ୍କ ପାଇଁ ଉଦାହାରଣ ସୃଷ୍ଟି କରିଥିବା ସୁଗୁଣ ସଂପର୍କରେ ଯିଏ ଥରେ ଜାଣିଛି, ଥରେ ଦେଖିଛି ସେ ତାଙ୍କୁ ଜୀବନରେ ଭୁଲିବ ନାହିଁ। ବାଙ୍କୀ ଗୋପାଳପୁର ଗ୍ରାମରେ ଜନ୍ମିତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ୧୯୫୯ମସିହାରେ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରୁ ମାଟ୍ରିକ୍ ପାସ୍ କରି କଟକ ଷ୍ଟୁଆର୍ଟ କଲେଜରେ ଦୁଇବର୍ଷ ବିଜ୍ଞାନ ପଢ଼ି ବୁର୍ଲା ଇଂଜିନିୟରିଂ କଲେଜରୁ ସିଭିଲ ଇଂଜିନିୟର ଭାବେ ଶିକ୍ଷା ସମାପ୍ତ କରିଥିଲେ।

୧୯୬୫ମସିହାରେ ଆର.ଇ.ଓ. ଭାବେ ପ୍ରଥମେ କର୍ମନିଯୁକ୍ତି ପାଇ ପିଲାଦିନୁ କରିଥିବା ପଣ ଦେଖିଥିବା ସ୍ୱପ୍ନକୁ ସାକାର କରିବା ପାଇଁ ଅଗେଇ ଚାଲିଲେ। ଜଳସେଚନ ବିଭାଗର ଜଣେ ସଫଳ ଯନ୍ତ୍ରୀ ଭାବରେ କଟକ, ଆଠଗଡ, ବାଙ୍କୀ , ଭଞ୍ଜନଗର, ଦିଗପହଣ୍ଡି ପ୍ରଭୃତି ଅଞ୍ଚଳରେ ଦକ୍ଷତାର ସହ କର୍ଯ୍ୟକରି ଜଣେ ସୁପରିନ୍‌ଟେଣ୍ଡେଣ୍ଟ୍ ଇଂଜିନିୟର ଭାବେ ତା.୩୦.୦୪.୨୦୦୦ରିଖରେ ଭୁବନେଶ୍ୱରରୁ ଅବସର ଗ୍ରହଣ କରିଥିଲେ। ତାଙ୍କ ଚାକିରି ମଧ୍ୟରେ ବାଙ୍କୀରେ କଦମ୍ବନାଳିଆ, ରହଣିଆ, ଢୁଢୁଆ, ଦଣ୍ଡଝର, ଜୋକଲାଞ୍ଚି ପ୍ରୋଜେକ୍ଟ, ଆଠଗଡ ଅଞ୍ଚଳରେ ସାପୁଆ ପ୍ରୋଜେକ୍ଟ, ହୁଲୁହୁଲା ବ୍ରିଜ୍ ଠାରୁ ଆରମ୍ଭ କରି ୧୨୦ଗୋଟି ପ୍ରୋଜେକ୍ଟ, ସମଗ୍ର କଟକ

ଜିଲ୍ଲାରେ ସହସ୍ରାଧିକ ପ୍ରୋଜେକ୍ଟ , ଭଞ୍ଜନଗରରେ ୨ଶହଟି ପ୍ରୋଜେକ୍ଟ କରିବାରେ ସରକାରୀ ଆଦେଶକୁ ନିଷ୍ଠାର ସହ ପାଳନ କରି ସମଗ୍ର ଅଞ୍ଚଳକୁ ସବୁଜିମାରେ ଭରିଦେବାପାଇଁ ଯେଉଁ ପ୍ରୟାସ ତାଙ୍କୁ ସମଗ୍ର ରାଜ୍ୟ ସବୁଦିନ ପାଇଁ ମନେରଖିବ ଏହା ନିଃସନ୍ଦେହ। ଆଠଗଡରେ ଯେତେବେଳେ ୧୨୦ଗୋଟି ପ୍ରୋଜେକ୍ଟ ପୂର୍ଣ୍ଣାଙ୍ଗ ହେଲା ତତ୍କାଳୀନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ.ରାଧାନାଥ ରଥ ଡାକି କହିଥିଲେ "ପୂର୍ଣ୍ଣଚନ୍ଦ୍ର ବାବୁ! ମୋତେ ଆମ ଆଠଗଡର କେଉଁ ପ୍ରୋଜେକ୍ଟ କେଉଁଠାରେ ଚାଲିଛି ଟିକେ ସବିଶେଷ ତଥ୍ୟ ଦିଅ"। ସବୁ ବୁଝିବା ପରେ ପ୍ରଶଂସା କରିଥିଲେ। ଆଠଗଡରେ ଏସ୍.ଡି.ଓ ଥିଲା ବେଳେ ଓଭର ହେଡ୍ ୱାଟର ସପ୍ଲାଏ ପ୍ରଥମ କରି ଆରମ୍ଭ କରି ସମସ୍ତ ଉଚ୍ଚପଦାଧିକାରୀଙ୍କ ଠାରୁ ପ୍ରଶଂସିତ ହୋଇଥିଲେ।

ଚାକିରି ଆରମ୍ଭ ପରେ ପରେ ପିତାଙ୍କର ଅକାଳ ବିୟୋଗ ଜୀବନରେ ଏକ ଗଭୀର ଦୁଃଖ ଥିଲା। ସେତେବେଳେ ତାଙ୍କର ୬ଭାଇ ଓ ୨ଭଉଣୀ ଅଳ୍ପ ବୟସର ଥିଲେ। ସମସ୍ତଙ୍କୁ ଉଚ୍ଚ ଶିକ୍ଷିତ କରି ସମାଜରେ ଜଣେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଭାବେ ପରିଚିତ କରାଇଥିଲେ। ତାଙ୍କ ତଳ ଭାଇ ପଣ୍ଡିତ୍ ଶରତ ଚନ୍ଦ୍ର ମହାପାତ୍ର ଓ ପଣ୍ଡିତ୍ ନଗେନ୍ଦ୍ର କୁମାର ମହାପାତ୍ର ସମଗ୍ର ରାଜ୍ୟରେ ଦୁଇ ଜଣ ସଂସ୍କୃତ ବିଦ୍ୱାନ ଭାବେ ପ୍ରତିଷ୍ଠିତ। ଅନେକ କାବ୍ୟ କବିତା ଓ ସଂସ୍କୃତ ନାଟକ ରଚନା କରି ପ୍ରଶଂସିତ । ଭାଇ ବିବୁଧେନ୍ଦ୍ର ଦାଶ ଓଡ଼ିଶା ଉଚ୍ଚନ୍ୟାୟଳର ଜଣେ ଲବ୍‌ଧ ପ୍ରତିଷ୍ଠିତ ଆଇନଜ୍ଞ ଭାବେ ଯଥେଷ୍ଟ ଖ୍ୟାତି ଅର୍ଜ୍ଜନ କରିଛନ୍ତି। ଭାଇ ଡ.ଅମରେନ୍ଦ୍ର ମିଶ୍ର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଭାବେ କାର୍ଯ୍ୟକରି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦରେ ଅଧିଷ୍ଠିତ ହୋଇ ଅବସର ଗ୍ରହଣ କରିଛନ୍ତି। ସର୍ବକନିଷ୍ଠ ଭାଇ କୃଷ୍ଣଚନ୍ଦ୍ର ମହାପାତ୍ର ମଧ୍ୟ ବାଙ୍କୀରେ ଆଇନଜୀବୀ ଭାବେ ପ୍ରଶଂସିତ।

ଖଣ୍ଡପଡାର ସୁନାମଧନ୍ୟ ରଥ ପରିବାରରେ ଲୋକନାଥ ରଥଙ୍କର କନ୍ୟା ନିର୍ମଳା ରଥ (ମୋ ବୋଉ)ଙ୍କୁ ସହଧର୍ମିଣୀ ଭାବେ ପାଇଥିଲେ।

ତାଙ୍କର ଗତ ତା.୧.୮.୨୦୨୦ରିଖରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଗଲା। ତାଙ୍କର ବିୟୋଗରେ ଆମର


ସମସ୍ତ ପରିବାର ବର୍ଗ ବନ୍ଧୁପରିଜନ,ସାହିପଡିଶା,ଗ୍ରାମବାସୀ ତଥା ସଂପର୍କୀୟମାନେ ଦୁଃଖରେ ମ୍ରିୟମାଣ ହୋଇ ପଡିଥିଲେ। ଖବର ପାଇ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କଠାରୁ ଆରମ୍ଭ କରି ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି, ସେକ୍ରେଟାରିଏଟର ବହୁ ଉଚ୍ଚପଦସ୍ଥ ଅଧିକାରୀ, ସମାଜସେବୀ ,ମାନ୍ୟଗଣ୍ୟ ବ୍ୟକ୍ତି ଶୋକବାର୍ତ୍ତା ଜଣାଇବା ସହ ଶେଷ ଦର୍ଶନ ପାଇଁ ଆସିଥିଲେ । ଆଜି ତାଙ୍କ ସଂପର୍କରେ ସାମାନ୍ୟ କିଛି ଲେଖି ନିଜକୁ ଭାଗ୍ୟବାନ ମନେକରୁଛି।

ବାଙ୍କୀ

# ମୋ ବାପା

ପ୍ରାଃ ମନୋଜ କୁମାର ମହାପାତ୍ର





ଅଗଷ୍ଟ ୧୫ ତାରିଖ ୨୦୦୫ ମସିହା। ସେଦିନ ସକାଳ ୬.୩୦ମିନିଟ୍‌ରେ ମୁଁ ଆମ ଘରୁ ବାହାରି ରମାମଣି ମହାବିଦ୍ୟାଳୟ କଣ୍ଟାବାଡକୁ ଗଲି, କାରଣ ସେଦିନ ସ୍ୱାଧୀନତା ଦିବସରେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଜାତୀୟପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଏବଂ ଦିନ ୧୧.୩୦ମିନିଟ୍‌ରେ ଘରକୁ ଫେରି ଆସିଲି । ସେ ସମୟରେ ବାପା ଆମ ଅଗଣାରେ ଏକ ଚୌକିରେ ବସିଥାନ୍ତି ଓ ବାରିକ ତାଙ୍କର ଦାଢ଼ି କାଟୁଥିଲେ। ତା'ପରେ ହଠାତ୍ ଏକ ଫୋନ୍ କଲ୍ ପାଇ କଳା , ସାହିତ୍ୟ ଓ ସଂସ୍କୃତି ପରିଷଦର ଏକ ଭୋଜି ସକାଶେ ଗଲି ଏବଂ ସମୟ ୨ଟାରେ ଘରେ ପହଞ୍ଚି ଦେଖିଲି ବାପା ବସି ଖବର କାଗଜ ପଢୁଥିଲେ। ପରେ ମୁଁ ବିଶ୍ରାମ ନେଲି ଓ ୪.୩୦ମିନିଟ୍‌ରେ ବଜାରକୁ ଗଲି କିଛି କାର୍ଯ୍ୟ ପାଇଁ ଏବଂ ଠିକ୍ ୫ଟା ବେଳେ ଘରୁ ଫୋନ୍ ଗଲା ବାପାଙ୍କ ଦେହ ଅସୁସ୍ଥ। ମୁଁ ଶୀଘ୍ର ଘରେ ପହଞ୍ଚି ଦେଖିଲି ବାପାଙ୍କର ଜୋରରେ ଶ୍ୱାସ ହେଉଥିଲା। ବାପା ମୋତେ ଦେଖି ପାଣି ମାଗିଲେ। ମୁଁ ତାଙ୍କ ପାଟିରେ ସଙ୍ଗେ ସଙ୍ଗେ ପାଣି ପିଆଇ ଦେଲି। ଠିକ୍ ୫ମିନିଟ୍ ପରେ ସାନ ଭାଇ ଡାକ୍ତରଙ୍କୁ ଧରି ଆଣିଲେ ଶ୍ୱାସ ପାଇଁ ଇଞ୍ଜେକସନ୍ ଦେବା ପାଇଁ।ଏହି ସମୟରେ ତାଙ୍କର ଶ୍ୱାସ ହଠାତ୍ ବନ୍ଦ ହୋଇଗଲା । ଡାକ୍ତର ଆସି ଦେଖିବା ବେଳକୁ ବାପା ଚାଲି ଯାଇଥିଲେ ଆରପାରିକୁ। କିଛି ବୁଝିବା ପୂର୍ବରୁ ସବୁ କିଛି ଶେଷ ହୋଇଗଲା। କିନ୍ତୁ ମୁଁ ଆସିବା ସମୟରେ ବୋଉ ସେହି ଘରେ କାନ୍ଦୁଥିବାର ଦେଖିଲି। ପରେ ମୁଁ ପଚାରିଲି ବୋଉକୁ, କ'ଣ ପାଇଁ କାନ୍ଦୁଥିଲ। ବୋଉ କହିଲେ ବାପା କୁଆଡେ ଆଗରୁ କହିଥିଲେ ମୋର ସମୟ ଶେଷ ହୋଇଗଲା, ତେଣୁ ତୁମେ ଏଠାରୁ ପଳାଇ ଯାଅ। ଏଇଟା ହିଁ ଥିଲା ଶେଷ

କଥା । ବାପା ଜଣେ କର୍ମଠ ଓ କର୍ତ୍ତବ୍ୟ ପରାୟଣ ବ୍ୟକ୍ତି ଭାବେ ବେଶ୍ ପରିଚିତ । ମୃତ୍ୟୁର ଏକମାସ ପୂର୍ବରୁ ମୋତେ ଦୁଇଥର ଡାକି କହିଥିଲେ ସେ ଆଉ ବେଶି ଦିନ ସଂସାରରେ ରହିପାରିବେ ନାହିଁ, ଯାହା ବୁଝିବା କଥା ବୁଝି ଯାଅ । କିନ୍ତୁ ମୁଁଏହାକୁ ଗୁରୁତ୍ୱ ଦେଇନଥିଲି କିମ୍ବା ମୋର ବୁଝିବାରେ ଅସୁବିଧା ହୋଇଥିଲା । ସେ ଅସୁବିଧା ଆଜି ପର୍ଯ୍ୟନ୍ତ ଅକୁହା ହୋଇ ରହିଗଲା ।

ମୋ ବାପା ସ୍ୱର୍ଗତ ହଳଧର ମହାପାତ୍ରଙ୍କ ୧୯୩୬ମସିହା ମେ ମାସ ୧୧ତାରିଖ ଏକ ମହେନ୍ଦ୍ର ବେଳାରେ ପିତା ସ୍ୱର୍ଗତଃ ନବୀନ ଚନ୍ଦ୍ର ମହାପାତ୍ରଙ୍କ ସବା ସାନ ପୁଅ ଭାବେ ଜନ୍ମ ନିଯନ୍ତି ରାମଚନ୍ଦ୍ରପୁର ଗ୍ରାମରେ । ଏବେକାର ରାମଚନ୍ଦ୍ରପୁର ଗ୍ରାମଠାରୁ ପଶ୍ଚିମ ଦିଗକୁ ଦୁଇ କି.ମି. ଗଲେ ମହାନଦୀ କୂଳରେ ଭେଡାଗ୍ରାମ ରହିଥିଲା ଓ ସେଠାରେ ସ୍ୱର୍ଗତ ନବୀନ ଚନ୍ଦ୍ର ମହପାତ୍ର ନଭେମ୍ବର ୧୧, ୧୮୭୯ମସିହାରେ ପିତା ସ୍ୱର୍ଗତ ନାଗା ଗୋଛିଙ୍କ ସାନପୁଅ ଭାବେ ସେଠାରେ ଜନ୍ମଗ୍ରହଣ କରିଥିଲେ । ଖ୍ରୀ.୧୮୮୫ମସିହାରେ ପ୍ରଳୟଙ୍କରୀ ମହାନଦୀ ବନ୍ୟାରେ ଭେଡାଗ୍ରାମଟି ଅସ୍ତିତ୍ୱ ହରେଇବାରୁ ଅଧିବସୀମାନେ ଏକ ସମତଳ ଉଚ୍ଚ ଗ୍ରାମରେ ବସବାସ କଲେ ତାହା ହିଁ ହେଉଚି ରାମଚନ୍ଦ୍ରପୁର ଗ୍ରାମ । ପ୍ରଭୁ ରାମଚନ୍ଦ୍ର ବନବାସ ସମୟରେ ମହାନଦୀ କୂଳେ କୂଳେ ଏହି ସ୍ଥାନ ଦେଇ ଯାଇଥିବାରୁ ଜନଶ୍ରୁତି ରହିଛି । ତେଣୁ ପ୍ରଭୁଙ୍କ ନାମରେ ରାମଚନ୍ଦ୍ରପୁର ଗ୍ରାମ ନାମରେ ନାମିତ କରାଯାଇଛି । ବନବନାନୀ ଶୋଭିତ ଗ୍ରାମର ଦୁଇ ପାର୍ଶ୍ୱରେ ଉତ୍ତର ଓ ଦକ୍ଷିଣ ଦିଗରେ ପର୍ବତମାନ ରହିବା ସ୍ଥଳେ ଉତ୍ତର ଦିଗରେ ଉତ୍କଳର ଗଙ୍ଗା ମହାନଦୀ ଏବଂ ପଶ୍ଚିମ ଦିଗରେ ଭେଡା ଦଳ ଗହୀର ସବୁଜକ୍ଷେତ୍ର ଶୋଭା ପାଉଛି । ସ୍ୱର୍ଗତଃ ନବୀନ ଚନ୍ଦ୍ର ମହାପାତ୍ର ଜଣେ ଆଦର୍ଶ ଶିକ୍ଷକ ଓ ଲୋକାଲ୍ ବୋର୍ଡର ସଦସ୍ୟ ଥିଲେ । ତାଙ୍କର ୬ପୁଅ ମଧ୍ୟରୁ ସାନପୁଅ ସ୍ୱର୍ଗତଃ ହଳଧର ମହାପାତ୍ର ଉଚ୍ଚ ଶିକ୍ଷିତ ଓ ସରକାରୀ ଚକିରି କରିଥିଲେ । ଖ୍ରୀ.୧୯୫୫ମସିହା ନଭେମ୍ବର ୨୩ତାରିଖ ଦିନ ସରକାରୀ ଚାକିରିରେ ଯୋଗଦାନ କରି ଖ୍ରୀ.୧୯୯୬ମସିହା ନଭେମ୍ବର ୩୦ରେ ସରକାରୀ ଚାକିରୀରୁ ଅବସର ନେଇଥିଲେ । ବାପା ଜଣେ ସମାଜସେବୀ , ସଂଗଠକ, ଶିକ୍ଷାବିତ୍ ଓ ଧାର୍ମିକ ବ୍ୟକ୍ତିଭାବେ ସାରା

ବାଙ୍କୀରେ ଜଣାଶୁଣା। ବିଶେଷ କରି ନିଜ ଗ୍ରାମରେ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଭାଗବତ ଟୁଙ୍ଗୀ ଆଦି ସ୍ଥାପନ କରିଥିଲେ। ଏତଦ୍ ବ୍ୟତିତ ନିଜର ଖାଲି ସ୍ଥାନରେ ପ୍ରାୟ ୫ଏକର ଜମିରେ ବିଭିନ୍ନ ପ୍ରକାରର ବୃକ୍ଷ ତଥା ନଡିଆ ,ଆମ୍ବ ,ପଣସ, ଶାଗୁଆନ, ବାଉଁଶ ଆଦି ଅନେକ ବୃକ୍ଷ ରୋପଣ କରିଛନ୍ତି। ପରିବେଶ ଓ ବୃକ୍ଷରୋପଣକୁ ସର୍ବଦା ସେ ଗୁରୁତ୍ୱ ଦେଉଥିଲେ। ଗ୍ରାମରେ ଜଳାଶୟର ଅଭାବ ପୂରଣ ପାଇଁ ଗ୍ରାମର ଉତ୍ତର ପଟେ ବାଙ୍କୀ ବୈଦ୍ୟେଶ୍ୱର ରାସ୍ତାକଡରେ ଏକ ବିରାଟ ଜଳାଶୟ ୧୯୮୦ମସିହାରେ ସୃଷ୍ଟି କରିଥିଲେ। ଏଠାରେ ଗ୍ରାମର ସମସ୍ତ ଜନସାଧାରଣ ସେମାନଙ୍କ ନିତ୍ୟକର୍ମ କରିଥାନ୍ତି। ନିଜ ବୁଢ଼ାବାପା ନାଗା ଗୋଛିଙ୍କ ନାମରେ ନାମିତ ଏହି ଜଳାଶୟର ନାମ ନାଗାପୋଖରୀ ରଖାଯାଇଛି। ବାପା ଜଣେ ପରୋପକାରୀ ବ୍ୟକ୍ତି ଭାବେ ବହୁ ଗରୀବ ଓ ଅସହାୟ ଲୋକମାନଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ ସାହାଯ୍ୟ ଦେଇଛନ୍ତି। କାହା ଠାରୁ ଲାଞ୍ଚ ନନେବା , ମିଛ ନକହିବା ଓ ସତ୍ୟପଥରେ ଯିବା ତାଙ୍କର ସହଯାତ ପ୍ରକୃତି ଥିଲା। ସେ କୁହନ୍ତି ତାଙ୍କ ବାପାଙ୍କ ଠାରୁ ଏହା ଶିକ୍ଷା କରିଥିଲେ ଓ ଏହି ପଥରେ ସେ ଆଗେଇ ଚାଲିଛନ୍ତି।

ବାପାଙ୍କ ମାମୁ ଘର ବାଙ୍କୀ ସହରଠାରୁ ପୂର୍ବକୁ ୧୦କି.ମି. ଗଲେ ଇନ୍ଦୁମତୀ ପାଟଣା ଗ୍ରାମ ଓ ସେ ସେଠାରେ ବାଲ୍ୟ ଶିକ୍ଷା ଲାଭ କରିଥିଲେ। ପରବର୍ତ୍ତୀ ସମୟରେ ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ଓ ବାଙ୍କୀ ମହାବିଦ୍ୟାଳୟର ପ୍ରଥମ ବ୍ୟାଚର ଛାତ୍ରଭାବେ ପାଠ ପଢ଼ିଥିଲେ। ଯେହେତୁ ବାପାଙ୍କର ଠାକୁର ଓ ଧର୍ମପ୍ରତି ଅଗାଧ ବିଶ୍ୱାସ ଥିଲା ପରବର୍ତ୍ତୀ ସମୟରେ ଇନ୍ଦୁମତୀ ପାଟଣାସ୍ଥ ମା'ଅରାଚଣ୍ଡୀ ପୀଠ ଠାରେ ପ୍ରତିବର୍ଷ ବାର୍ଷିକ ଯଜ୍ଞ ପ୍ରଥମେ ଆରମ୍ଭ କରିଥିଲେ ଓ ଏହା ଏବେବି ଚାଲୁ ରହିଛି। ବାପା ଶିଶୁଆ ଗ୍ରାମର ବିଶିଷ୍ଟ ଜମିଦାର ସ୍ୱର୍ଗତଃ ଦିଗମ୍ବର ରାଉତଙ୍କ ଝିଅଙ୍କୁ ବିବାହ କରିଥିଲେ। ଚାକିରି କାଳ ବାଙ୍କୀ ବ୍ଲକରୁ ଅରମ୍ଭ ହୋଇଥିଲା ପରେ ସୁନ୍ଦରଗଡ ଜିଲ୍ଲାର ସବ୍‌ଡେଗା ବ୍ଲକ, ବାଙ୍କୀ ଡମପଡ଼ା ବ୍ଲକ, ନରସିଂହ ପୁର ବ୍ଲକ, ବାଙ୍କୀ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଓ ଶେଷରେ ବାରଙ୍ଗ ବ୍ଲକରେ ଦୀର୍ଘ

୪୦ବର୍ଷ ଧରି ମୁଖ୍ୟ କିରାଣୀ ଭାବେ ଚାକିରିରୁ ଅବସର ନେଇଥିଲେ। ଅବସର ପରେ ଓ ଛୁଟି ଦିନମାନଙ୍କରେ ନିଜ ଗାଁରେ କୃଷକ ସେବା ସଂଘ ଲାଇବ୍ରେରି ଗଠନ କରି ଗାଁରୁ ଯୁବକମାନଙ୍କୁ ନେଇ ନାଟକ ପରିବେଷଣ, ଗ୍ରାମ୍ୟ ସଫେଇ ଓ କୃଷକମାନଙ୍କ ପାଇଁ ବହୁବିଧ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରୁଥିଲେ। ସେ କୁହନ୍ତି ଯେ "ଏହି ଜନ୍ମମାଟିରେ ଜନ୍ମ ନେଇଛି, ତେଣୁ ଏହି ଜନ୍ମମାଟି , ସମାଜ ଓ ଦେଶପାଇଁ କାମ କରିବା ମୋର ମୂଳମନ୍ତ୍ର ଅଟେ।" ଏହାକୁ ଆଧାର କରି ଜୀବନ ସାରା ଜନସେବାରେ ସେ ନିଜକୁ ସମର୍ପି ଦେଇଥିଲେ। ଏବେ ବି ଜନମାନସରେ ସେ ଜଣେ ଆଦର୍ଶ ଚରିତ୍ର ହୋଇ ବଞ୍ଚି ଛନ୍ତି ଓ ତାଙ୍କ ଆଶୀର୍ବାଦକୁ ପାଥେୟ କରି ପୁତ୍ରଭାବେ ମୁଁ ଚାଲିଛି।

ବାଙ୍କୀ ସ୍ୱଂୟଶାସିତ ମହାବିଦ୍ୟାଳୟ,ବାଙ୍କୀ

# ବାପା ହେଲାପରେ ଜାଣିପାରିଲି ବାପା ହେବା କେତେ କଷ୍ଟ





**ରୁଷି ପଟ୍ଟନାୟକ**

ଦେଶ ସ୍ୱାଧୀନତା ପାଇବାର ପୂର୍ବ ବର୍ଷ ଅର୍ଥାତ୍ ୧୯୪୬ମସିହାରେ ଏମିତି ଜଣେ ଯୋଗଜନ୍ମାଙ୍କ ଜନ୍ମ । ଅକ୍ଟୋବର ୧୫ ତାରିଖରେ ମୋ ବାପାଙ୍କର ଜନ୍ମ ହୋଇଥିଲା । ଭାରତ ରତ୍ନ, ମିଶାଇଲ୍ ମ୍ୟାନ୍, ଲୋକମାନଙ୍କର ପ୍ରିୟ ରାଷ୍ଟ୍ରପତି ଡ. ଏ.ପି.ଜେ. ଅବ୍ଦୁଲ୍ କାଲାମ୍‌ଙ୍କର ମଧ୍ୟ ୧୫ ଅକ୍ଟୋବରରେ ଜନ୍ମ । ତାଙ୍କରି ତିଥିରେ ଜନ୍ମ ହୋଇ ତାଙ୍କରି ଭଳି ଜଣେ ଶିକ୍ଷକ ହେଲେ ଏବଂ ଶିକ୍ଷା ଓ ଶିକ୍ଷକଙ୍କ ପାଇଁ ନିଜକୁ ଆଜି ବି ଉତ୍ସର୍ଗୀକୃତ । ପୁରୀଜିଲ୍ଲା କଣାସ ବ୍ଲକ୍‌ର ରକ୍ତପଟାଠାରେ ରାଜକିଶୋର ଓ ବିଷ୍ଣୁପ୍ରିୟା କୋଳରେ ୧୯୪୬ ମସିହାରେ ମୋ ବାପା ତ୍ରିନାଥ ସାମନ୍ତରାୟଙ୍କର ଜନ୍ମ ।

ମୋ ବାପାଙ୍କର ଶିକ୍ଷକତା ସହିତ ସବୁଠାରୁ ଯେଉଁ ଗୁଣଟି ମୋତେ ଏବଂ ମୋ ପରିବାର ସହିତ ଅନ୍ୟକୁ ପ୍ରଭାବିତ କରିଛି ସେଇଟା ହେଲା, "ଜନସେବା" । ମୋ ସେବା କରିବାସ, ଶିକ୍ଷାଦାନ ବା ପାଠ ସରିବା ପରେ ଆରମ୍ଭ ହେଲା କିନ୍ତୁ, ମୁଁ ବାପାଙ୍କ ଗାଁକୁ ଗଲାପରେ ଜାଣିଲି ଯେ ସେ ପିଲାଦିନରୁ ସାହାଯ୍ୟକାରୀ । ଜେଜେଙ୍କ ବାପା ନରଣଗଡ଼ ପଞ୍ଚାୟତର ବଳପୁରକୁ ଆସିଯିବାରୁ ବାପା ଓ ଜେଜେ ପରିବାର ସହ ଆସି ଚିନ୍ତାମଣି ବିଦ୍ୟା ନିକେତନଠାରେ ପାଠସାରି ୧୯୬୨ ମସିହାରେ ଭୁବନେଶ୍ୱର ପାଖ କୁହା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମେ ଶିକ୍ଷକ ହିସାବରେ ଯୋଗ ଦେଲେ ସତ, କିନ୍ତୁ ସେବାକୁ ଭୁଲିଲେ ନାହିଁ । ଗାଁର ପିଲାମାନଙ୍କୁ ମାଗଣା ପଢ଼ାଇବା ଏବଂ ଆଖପାଖ ଗାଁର ଲୋକଙ୍କର ସେବାକରିବା ଚାଲିଲା । ନିଜର ୫ଭାଇ, ଦୁଇଭଉଣୀଙ୍କ କଥା ସହିତ ଆମ ପାଞ୍ଚଜଣଙ୍କର କଥା ବୁଝି, ନରଣଗଡ଼ ଅଞ୍ଚଳର ଲୋକମାନଙ୍କ କଥା ମଧ୍ୟ ବୁଝୁଥିଲେ । ମା'କୁହେ ସାତଖଣ୍ଡ

ମଉଜାର ସୁଖଦୁଃଖର ସାଥୀ ହେଉଛନ୍ତି ତ୍ରିନାଥ ସାର୍। ସ୍କୁଲ ଶେଷକରି ଲୋକମାନଙ୍କ କଥା ବୁଝି ପ୍ରାୟ ରାତି ୧୨ଟାରେ ସବୁଦିନ ଫେରି ମୋ ବୋଉଠାରୁ ଗାଳି ଶୁଣନ୍ତି। ତା'ପରେ ହାଡ଼ପଦା ସ୍କୁଲରୁ ଜଟଣୀ ବଦଳି ହେଲାପରେ ୧୯୮୨ ମସିହାଠାରୁ ଜଟଣୀଠାରେ ରହି ଗୋପବନ୍ଧୁ ସାର୍ ବା ଦାଢ଼ି ସାର୍ ନାମରେ ମୋ ବାପା ପରିଚିତ। ଏବେ ଅବସର ନେବାପରେ ସମସ୍ତେ ତାଙ୍କୁ "ଶିକ୍ଷକ ବନ୍ଧୁ" କହି ଡାକନ୍ତି।

ବୋଉ କୁହେ ବାପା ବହୁତ କଷ୍ଟକରି ତାଙ୍କର ଭାଇ ଭଉଣୀଙ୍କୁ ବଡ଼ କରିଛନ୍ତି ଆଉ ଆମପାଇଁ ବି, କିନ୍ତୁ ଅଭାବ ଆଉ କଷ୍ଟରେ ବି ସେବା ପ୍ରତି ମୁହଁ ମୋଡ଼ି ନାହାନ୍ତି।

ବାପାଙ୍କୁ କାହିଁକି କେଜାଣି ଦେଖି ଦେଲେ ଲାଗେ ମୁଁ ମୋ ସ୍ୱର୍ଗ ସୁଖ ପାଇଛି। ତାଙ୍କଠାରୁ ଟିକିନିଖି ସବୁ ଗୁଣକୁ ମୁଁ ପୂରା ମୋର କରିନେଲି। ଏମିତିବି ହେଇଛି ବାପାଙ୍କ ବଂଧୁମାନେ ଫୋନ୍‌ରେ ଭୁଲ୍‌ରେ ମୋତେ ତ୍ରିନାଥ ସାର୍ ଭାବି ନମସ୍କାର ବି ହୋଇଛନ୍ତି। ଆଉ ମୋର ସାଙ୍ଗମାନେ ଫୋନ୍‌ରେ ରୁଷି ଭାବି ବାପାଙ୍କୁ ଗାଳି ଦେଇ କ୍ଷମା ବି ମାଗିଛନ୍ତି।

ବାପା ବି ମୋତେ ଦେଖିଲେ ଏକପ୍ରକାର ଭାବବିହ୍ୱଳ ହୋଇଯାନ୍ତି। ମୁଁ ବି ବୁଝିପାରେନା କାହିଁକି ??? ଏମିତି ଲାଗେ କାହିଁକି ।

"ବାପା ହେଲାପରେ ଆଜି ବୁଝିଲି
ବାପା ହେବା କେତେ କଷ୍ଟ ।"

**(ସମାଜସେବୀ ଓ ଅଭିନେତା)**

# ମୋ ବାପା

**ଇତିଶ୍ରୀ ସାହୁ**





ମୋ ବାପାଙ୍କ ନାମ ୰ ତ୍ରିନାଥ ଚରଣ ସାହୁ। ୧୯୩୫ ମସିହାରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ନିଳାମ୍ବୁ ଚିଲିକା ବ୍ଲକର ଇତିହାସ ପ୍ରସିଦ୍ଧ ବଉଳାବନ୍ଧ ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା। ତାଙ୍କର ପିତାଙ୍କର ନାମ ଭାଗବତ ସାହୁ ଏବଂ ମାତା ଚିତ୍ରାଦେବୀ। ସେ ଥିଲେ ସର୍ବଗୁଣ ସମ୍ପନ୍ନ। ବାପା ସବୁବେଳେ ସତ୍ୟର ପୂଜାରୀ ଥିଲେ। ସେ ଶେଷ ଜୀବନ ପର୍ଯ୍ୟନ୍ତ କେବେ ବି କାହା ମନରେ ଦୁଃଖ ଦେଇନାହାନ୍ତି। ସବୁବେଳେ ନିଜ କାମ ନିଜେ କରୁଥିଲେ, ଅନ୍ୟ ଉପରେ କେବେବି ନିର୍ଭର ହେଉନଥିଲେ। ବାପା ଥିଲେ ଏକାଧାରାରେ ଜଣେ କବି, ଲେଖକ, ବାଦ୍ୟକାର, କଳାକାର, ହୋମିଓପ୍ୟାଥିକ୍ ଚିକିତ୍ସକ ଓ ସମାଜସେବୀ। ଓଡ଼ିଶୀ ନୃତ୍ୟଗୁରୁ ଭାବରେ ମଧ୍ୟ ତାଙ୍କର ଅନେକ ସୁନାମ ରହିଛି। ଭବାନୀଶଙ୍କର ନାଟ୍ୟ ସଂଘରୁ ଆରମ୍ଭ ହୋଇଥିଲା ତାଙ୍କର କଳାକାର ଜୀବନ। ପରେ ପରେ ସେ ଶ୍ରୀମୋହନ ସୁନ୍ଦର ଦେବ ଗୋସ୍ୱାମୀ ଏବଂ ତାଙ୍କର ପୁତ୍ର ଗୋଠିର ସୁନ୍ଦର ଦେବ ଗୋସ୍ୱାମୀଙ୍କର ପ୍ରତିଷ୍ଠିତ ହରମୋହନ ଥିଏଟରସ୍‌ରେ ଜଣେ ସଫଳ ତବଲା ବାଦକ ଏବଂ ହର୍ମୋନିୟଂ ବାଦକ ଭାବରେ କାର୍ଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ସେ ମଧ୍ୟ କେତେକ ବଙ୍ଗଳା ଭାଷାରେ ଲିଖିତ ନାଟକ ଅଶୋକ, ସାରଥୀ, ଅଜାମିଳର ବୈକୁଣ୍ଠ ଲାଭ ଆଦିକୁ ଓଡ଼ିଆ ଭାଷାରେ ଅନୁବାଦ କରି ତାର ନାଟ୍ୟ ନିର୍ଦ୍ଦେଶନା ଦେଇ ସୁନାମ ଅର୍ଜନ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଗ୍ରାମାଞ୍ଚଳରେ ଥିଏଟର ଗୁରୁ ଭାବେ କାର୍ଯ୍ୟ କରି ସମ୍ମାନିତ ହୋଇଛନ୍ତି। ଓଡ଼ିଶାର ପୁରପଲ୍ଲୀରେ ସେ ଜଣେ ସୁନାମଧନ୍ୟ ହୋମିଓପ୍ୟାଥି ଚିକିତ୍ସକ ଥିଲେ। ୨୦୧୪ ମସିହାରେ ତାଙ୍କର ଦେହାନ୍ତ

ହୋଇଥିଲେ ମଧ୍ୟ ଏବେବି ଓଡ଼ିଶାର ବିଭିନ୍ନ ସ୍ଥାନରେ ବାପାଙ୍କର ନାମ ଗୁଞ୍ଜରିତ ହେଉଛି । ବାପା ଇହଧାମ ତ୍ୟାଗ କରିଥିଲେ ମଧ୍ୟ ମୁଁ ତାଙ୍କର କନ୍ୟା ବାପାଙ୍କ ନାମରେ କଳା ଅନୁଷ୍ଠାନ ଗଢ଼ିଚି । ଯାହାର ନାମ ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ରଖାଯାଇଛି ।

ସମ୍ପାଦିକା, ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ
ହାଉସିଂବୋର୍ଡ଼ କଲୋନୀ, ଶ୍ରୀରାମନଗର, ଖୋର୍ଦ୍ଧା
ପିନ୍ - ୭୫୨୦୫୫

# ମୋ ପ୍ରେରଣାର ଉତ୍ସ - ନନା



ଇଂ ରାଜେନ୍ଦ୍ର ପ୍ରସାଦ ନାୟକ



ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ
ପିତରି ପ୍ରୀତିମା ପନ୍ନେ, ପ୍ରିୟନ୍ତେ ସର୍ବ ଦେବତା ।

ଅର୍ଥାତ୍ ପିତା ସ୍ୱର୍ଗ, ପିତା ଧର୍ମ ଓ ପିତା ସର୍ବଶ୍ରେଷ୍ଠ ତପସ୍ୟା। ପିତା ସନ୍ତୁଷ୍ଟ ହେଲେ ସମସ୍ତ ଦେବତା ସନ୍ତୁଷ୍ଟ ହୁଅନ୍ତି। ପାଣି ଓ ପବନର ଅପୂର୍ବ ସମନ୍ୱୟ ହେଉଛନ୍ତି ବାପା। ଯାହାର ଆଭିଧାନିକ ଅର୍ଥ, ବା - ବାୟୁ ଓ ପା - ପାଣି। ମା ଯଦି ସର୍ବସଂହା ଧରିତ୍ରୀ ବାପା ହେଉଛନ୍ତି ବିଶାଳ ଆକାଶ। ମା ନମନୀୟତାର ପ୍ରତୀକ ଆଉ ବାପା ଦୃଢ଼ତାର ପ୍ରତୀକ। ସଦାସର୍ବଦା ସେ ଆଶୀର୍ବାଦର କବଚ ଓ ଜୀବନ ରଙ୍ଗମଞ୍ଚର ନିର୍ଦ୍ଦେଶକ। ପିଲାଙ୍କ ପାଇଁ ସେ ବିଶ୍ୱାସର ବାଇଶି ପାହାଚ ତଥା ଆଦର୍ଶର ମାନଦଣ୍ଡ।

ମୋ ବାପାଙ୍କୁ ମୁଁ ନନା ଡାକେ। ନନାଙ୍କ ସହ ବିତାଇଥିବା ପ୍ରତ୍ୟେକ ମୁହୂର୍ତ୍ତ ମୋର ସୁବର୍ଣ୍ଣ ସ୍ମୃତି ହୋଇ ସଦାସର୍ବଦା ପ୍ରେରଣା ଦିଏ। ସେଇ ପିଲାଦିନକୁ କେବେ ଭୁଲିହୁଏନି। ନନାଙ୍କ ଆଙ୍ଗୁଳିକୁ ଧରି ବହୁତ ଅଝଟ କରେ। ସେ ଯେତେବେଳେ କର୍ମକ୍ଷେତ୍ରରୁ ଫେରିବେ ସେ ରାଜେନ୍ଦ୍ର ରାଜେନ୍ଦ୍ର ଡାକଦେଇ ଘରକୁ ପ୍ରବେଶ କରନ୍ତି। ତୁରନ୍ତ ମୁଁ ଦୌଡ଼ିଯାଇ ଦୁଇହାତ ଦେଖାଇଦିଏ। ସେ ମୋର ପ୍ରିୟ ଖାଦ୍ୟକୁ ନିଜ ପାଖରେ ବସି ଖୁଆଇ ଦିଅନ୍ତି। ସକାଳେ ସନ୍ଧ୍ୟାରେ ଚ଼'ପିଇବା ସମୟରେ ସେ କପ୍‌ରେ ପିଇବା ସହ ମୋତେ ପ୍ଲେଟ୍‌ରେ ଟିକିଏ ଟିକିଏ ଦେବେ। ତା'ପରେ ପାଠ କ'ଣ ପଢ଼ିଲୁ କହ - କହି ପଣିକିଆ ଓ ଶବ୍ଦ ସବୁ ପଚାରିବେ। ଯଦି ଉତ୍ତର ଭୁଲ୍ ହୁଏ ତା'ପରଦିନ ମୋତେ ଚ଼'ପିଇବାକୁ ଦେବେନାହିଁ। ହେଲେ ଚ଼' ମୋର ପ୍ରିୟ ଥିଲା। ଏଣୁ ସବୁବେଳେ ସବୁ ସର୍ତ୍ତକୁ ପୂରଣ କରେ ।

ମୋ ଜୀବନରେ ନନା ମୋତେ କେବଳ ଗୋଟିଏଥର ମାତ୍ର ମାଡ଼ ମାରିଛନ୍ତି । ଯାହା ଏକ ଶକ୍ତ ଚପୁଡ଼ା ଥିଲା । ହେଲେ ସେହିଦିନ ସେ ଖାଇଲେ ନାହିଁ। ତାଙ୍କୁ ସେହିଦିନ ବହୁତ କଷ୍ଟ ହୋଇଥିଲା। ଏହି କଥା ଆଜି ବି ମୋର ମନେପଡୁଛି । ସେହି ଦୃଶ୍ୟ ଏବେବି ମୋ ଆଖି ଆଗରେ ଜଳ ଜଳ ହୋଇ ଭାସିଆସୁଛି । ଏହା ଲେଖିବା ସମୟରେ ମୋ ଆଖିରୁ ଛଳ ଛଳ ହୋଇ ଲୁହ ବାହାରିଯାଉଛି ।

ସେ ଏକ ନିଷ୍କପଟ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି। ଯିଏକି କର୍ମକ୍ଷେତ୍ରରେ ପୁରସ୍କୃତ ହୋଇ ସୁନାମଧନ୍ୟ ହୋଇଥିଲେ। ତାଙ୍କ ନାମ ଯେମିତି କର୍ମ ମଧ୍ୟ ସେମିତି । ସେ ଥିଲେ ଶାନ୍ତ, ସରଳ, ଈଶ୍ୱରପରାୟଣ ବ୍ୟକ୍ତିତ୍ୱ । ପ୍ରକୃତିରେ ସେ ହରିଙ୍କର ବନ୍ଧୁ "ହରିବନ୍ଧୁ" । ସେ ପ୍ରଥମେ ରେଙ୍ଗୁନ୍ ଯାଇଥିଲେ । ତା'ପରେ ବିଶାଖାପାଟଣା ଜାହାଜ କାରଖାନାରେ ଜଣେ ଦକ୍ଷ ବିନ୍ଧାଣୀ ଭାବରେ କାମ କରୁଥିଲେ । ସେ ଏତେ ସଚ୍ଚୋଟ ଥିଲେ ଯେ କେବେ ମିଛ କହିବାକୁ ପସନ୍ଦ କରନ୍ତିନାହିଁ। ତାଙ୍କ ତିନି ଭାଇ ଭାଗରେ ଯାହା ପାଇଥିଲେ ସେ ତାହାକୁ ଆଦରର ସହ ଗ୍ରହଣ କରିଥିଲେ । ବୋଉକୁ ସେ ଘରର ସଂପୂର୍ଣ୍ଣ ଦାୟିତ୍ୱ ଦେଇଥିଲେ ।

ପରବର୍ତ୍ତୀ ଅବସ୍ଥାରେ ସେ ଯେତେବେଳେ ଅବସର ନେଲେ ସେଇ ସମୟରେ ମୁଁ ଚତୁର୍ଥ ଶ୍ରେଣୀରେ ପଢୁଥାଏ । ହେଲେ ତାଙ୍କର ଅଭିଳାଷ ଥିଲା ଜଣେ ଦକ୍ଷ ଯାନ୍ତ୍ରିକ କରିବାପାଇଁ। ତାଙ୍କର ସ୍ୱପ୍ନ ମଧ୍ୟ ସାକାର ହେଲା । ମୁଁ ଓ ମୋ ବଡ଼ଭାଇ ଦୁହେଁ Mechanical Engineering ରେ କୃତକାର୍ଯ୍ୟ ହୋଇ ଉତ୍ତୀର୍ଣ୍ଣ ହେଲୁ। ବଡ଼ଭାଇଙ୍କର ସରକାରୀ ଚାକିରିରେ ଯୋଗଦେବା ସହ ତାଙ୍କର ବାହାଘର ସରିଥିଲା। ସେତେବେଳେ ତାଙ୍କୁ ସେ କହିଥିଲେ ରାଜେନ୍ଦ୍ରର ଦାୟିତ୍ୱ ତୋତେ ଲାଗିଲା। ସେତେବେଳେ ମୋର ଯାନ୍ତ୍ରିକ ପାଠପଢ଼ା ସରିବା ପରେ ଚାକିରୀ ହୋଇନଥାଏ। ହେଲେ ମୋ ଜୀବନରେ ଦୁଇଟି ବଡ଼ ଅବଶୋଷ ରହିଗଲା, ଯାହା ସବୁବେଳେ ବହୁତ ଯନ୍ତ୍ରଣା ଦିଏ। ପ୍ରଥମଟି ହେଲା ମୋ ପାଠପଢ଼ା ସରିବା ପରେ ମୋର ଚାକିରି ଖଣ୍ଡେ ପାଇଁ ସର୍ବଦା ବ୍ୟସ୍ତ ହେବା ସହ ମୋ ବିବାହ ଘର ସ୍ଥିର ପାଇଁ ଚିନ୍ତିତ ଥିଲେ,

ହେଲେ ତାହା ସେ ଦେଖିପାରିନଥିଲେ। ତା'ପୂର୍ବରୁ ସେ ଆମ ସମସ୍ତଙ୍କୁ ଦୁଃଖର ସାଗରରେ ଛାଡ଼ି ଆରପାରିକୁ ଚାଲିଗଲେ ଯାହା କେବେ ଭୁଲିହୁଏନା । ଦ୍ୱିତୀୟଟା ହେଲା ତାଙ୍କର ଅନ୍ତିମ ଦର୍ଶନ ଓ ମୁଖାଗ୍ନିରୁ ଆମେ ଦୁଇଭାଇ ବଂଚିତ ହୋଇଥିଲୁ। ଦୁଇଭାଇ ଭୁବନେଶ୍ୱରରେ ଥିଲୁ। ନନା, ବୋଉ ଗାଁରେ ଥିଲେ। ହଠାତ୍ ପୌଷ ମାସ ରାତ୍ର ୯ ଘଟିକା ସମୟରେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିଲା। ଗ୍ରାମରେ ପହିଲି ଭୋଗ ଲାଗୁଥାଏ, ତେଣୁ ଏହି ସମୟରେ ଗ୍ରାମରେ ଶବ ରଖାଯାଇପାରିବ ନାହିଁ କହି ଆମେ ଗ୍ରାମରେ ପହଞ୍ଚିବା ପୂର୍ବରୁ ତାଙ୍କର ଶବଦାହ କରିସାରିଥିଲେ। ଏହି ଦାରୁଣ ଦୁଃଖକୁ ମୁଁ କେବେବି ସହ୍ୟ କରିପାରୁନାହିଁ। ତାଙ୍କରି ସ୍ଥୁଳ ଶରୀର ଯଦିଓ ମୋ ପାଖରେ ନାହିଁ କିନ୍ତୁ ତାଙ୍କରି ସୂକ୍ଷ୍ମ ଶରୀର ସଦାସର୍ବଦା ମୋ ପାଇଁ ପ୍ରେରଣା ଯୋଗାଇ ଚାଲିଛନ୍ତି। ସେ ମୋର ସଦାସର୍ବଦା ପ୍ରେରଣାର ଉତ୍ସ ।

ପ୍ରାଧ୍ୟାପକ ଯାନ୍ତ୍ରୀକ ବିଭାଗ,
ଜଟଣୀ,ଖୋରଧା

# ବାପା ମୋର ଚଳନ୍ତି ଠାକୁର

ଅବିନାଶ ସାମଲ





ମୋ ଜୀବନର ଚଳନ୍ତି ଠାକୁର
ମୋ ବାପା ଅଶୋକ କୁମାର ସାମଲ।
ବାପା, "ବା"ର ଅର୍ଥ ବାୟୁ ଆଉ "ପା"ର ଅର୍ଥ ପାଣି।
ପାଣି ଓ ପବନର ଅପୂର୍ବ ସମାହାର ହେଉଛନ୍ତି ବାପା।

ବାପା ସବୁବେଳେ ବିଶ୍ୱାସର ବାଇଶି ପାହାଚ। ଯିଏ ସବୁ ଜଞ୍ଜାଳକୁ ମୁଣ୍ଡରେ ମୁଣ୍ଡେଇ ନେଇ ସଂସାରକୁ ସରଗ କରିପାରନ୍ତି, ସିଏ ହେଉଛନ୍ତି ବାପା। ଯାହାଙ୍କର ଗୋଟିଏ ଦୀର୍ଘ ନିଶ୍ୱାସ ସମ୍ମୁଖରେ ଅଟକିଯାଏ ସବୁ ଅଭାବ, ଅନାଟନ। ପାରିବାରିକ ସମ୍ପର୍କ କୋଣାର୍କର ମୁଣ୍ଡି ମାରୁଥିବା ଧର୍ମପଦ ହେଉଛନ୍ତି ବାପା। ନିଜ ପରିବାର, ପ୍ରିୟଜନଙ୍କ ପ୍ରଶସ୍ତିରେ ଆଶ୍ୱସ୍ତି ପାଉଥିବା ସ୍ୱାଭିମାନି ଏକଲବ୍ୟ ସେ। ଯିଏ ସବୁ ଦୁଃଖକୁ ଦୟଣାମାଳ କରିପାରନ୍ତି, ନର୍କରୁ ନିର୍ମାଲ୍ୟ ଗୋଟାଇପାରନ୍ତି, ସେହି ଚିରକାଳ ଆରାଧ୍ୟ ଦେବତା, ଦୁନିଆର ଜୀଅନ୍ତା ଠାକୁର ହେଉଛନ୍ତି ବାପା।

ଏନ୍ତୁଡ଼ିସାଳରୁ ଆରମ୍ଭ କରି ଜୀବନର ପ୍ରତ୍ୟେକଟି ସୋପାନ ଯାଏ ବାପା ସାଜିଥାନ୍ତି ପ୍ରକୃତ ଯୋଦ୍ଧାସବୁ ପିଲାଙ୍କ ପାଇଁ ବାପା ହେଉଛନ୍ତି ଆଦର୍ଶର ମାନଦଣ୍ଡ। ପ୍ରତିଟି ପରିବାରର ସେ ମଉଡ଼ମଣି। ତାଙ୍କ ପାଇଁ ପିଲାଙ୍କର ସବୁ ଅକୁହା ଆଶା ଜୀବନ୍ୟାସ ପାଏ। ବାପା ହେଉଛନ୍ତି ମର୍ତ୍ତ୍ୟ ଜଗତରେ ଆମ ପାଇଁ ଆଶୀର୍ବାଦର ଦିବ୍ୟକବଚ। ଆମ ରଙ୍ଗହୀନ ଜୀବନକୁ ରଙ୍ଗମୟ କରିବାରେ ବାପା ସାଜନ୍ତି ସଫଳ ଚିତ୍ରକର। ବାପା ଆମ ଜୀବନ ରଙ୍ଗମଞ୍ଚରେ ନିର୍ଦ୍ଦେଶକ ସାଜୀ ଆମକୁ ପରିଚିତ କରାନ୍ତି। ଗୋଟିଏ ବାକ୍ୟରେ କହିବାକୁ ଗଲେ ପ୍ରତିଟି ପିଲାଙ୍କର ବାସ୍ତବ ଜୀବନର ହିରୋ ହେଉଛନ୍ତି ବାପା କାରଣ ମାଆ ଆମକୁ ସ୍ନେହ ଆଉ ମମତାର ବନ୍ଧନରେ ବାନ୍ଧି ରଖିଥାଏ ହେଲେ ବାପା ଆମକୁ ଅନୁଶାସନର ମନ୍ତ୍ର ବୁଝେଇଥାନ୍ତି ଆମ ଜୀବନର ରୋଲ ମଡ଼େଲ ସାଜିଥାନ୍ତି ବାପା। ବାପା - ସେ ଆମର ପଥ ପ୍ରଦର୍ଶକ, ବାପା ଆମ

ପାଇଁ ପ୍ରେରଣାର ଉତ୍ସ। ଆମେ ଅଳି କଲେ ସେ ଆମର ଅଝଟକୁ ପୂର୍ଣ୍ଣ କରନ୍ତି। ଭୁଲ ଆଉ ଠିକ ଭିତରେ ତଫାତ ଦେଖାଇଥାନ୍ତି।

ବାପା ହେଉଛନ୍ତି ଅନୁଶାସନର ପ୍ରତୀକଟିଏ, ବାପା ହେଉଛନ୍ତି ଭଲ ପାଇବାର ବିଶାଳ ପରିବାରଟିଏ, ଦୟା କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକଟିଏ ହେଉଛନ୍ତି ବାପା, ବାପା ହେଉଛନ୍ତି ନିଜ ପରିବାର ପାଇଁ ପ୍ରତିଶ୍ରୁତିବଦ୍ଧ ରକ୍ଷା କବଚଟିଏ, ନିଜେ ଖରା ବର୍ଷାର ଦାଉ ସହି ନିଜ ପିଲାମାନଙ୍କୁ ନିଜ ଛାଇ ତଳେ ଆଶ୍ରୟ ଦେଇଥିବା ବରଗଛଟିଏ ହେଉଛନ୍ତି ବାପା, ଭଗବାନଙ୍କ ସୃଷ୍ଟିରେ ଏ "ବାପା" ନାମକ ବ୍ୟକ୍ତିଟି କି ଧାତୁରେ ଗଢ଼ା କେଜାଣି ଯିଏ ନିଜ ଛାତି ଭିତରେ ସଂସାରର ଯାବତୀୟ ଦୁଃଖ କଷ୍ଟକୁ ଚାପି ରଖିବାରେ ସାମର୍ଥ୍ୟ ରଖିଥାନ୍ତି। ଯାହାକୁ ଦେଖିଲେ ଆମ ଭିତରେ ଶତ ସିଂହର ବଳ ଚାଲିଆସେ ସେ ହିଁ ବାପା।

ଏଥର ମୁଁ ମୋ ବାପାଙ୍କର କିଛି ଛୋଟିଆ ଅନୁଭୂତି କଥା କହୁଛି, ପିଲାଦିନେ ବାପାଙ୍କ ସାଇକେଲର ଆଗରେ ଲାଗିଥିବା କୁନି ସିଟ୍‌ଟି ଉପରେ ବସେଇ ବାପା ଯେତେବେଳେ ମତେ ବୁଲେଇ ନିଅନ୍ତି ବାହାରକୁ ସେତେବେଳେ ରାସ୍ତାଘାଟ, ଗଛଲତା ପଶୁପକ୍ଷୀଙ୍କୁ ଦେଖି ଅନେକ ପ୍ରଶ୍ନ ଉଙ୍କିମାରେ ମୋର ଏ ପିଲା ମନରେ। ବାପା ଏଇଟା କଣ? ସେଇଟା କି ଗଛ? ଗଛରେ ସେ ଆମ୍ବଟି ଧଳା ନହୋଇ ସବୁଜ କାହିଁକି? କୁକୁର ଲାଞ୍ଜ ବଙ୍କା କାହିଁକି? କୋଇଲି କାହିଁକି ଗୀତ ଗାଇପାରୁଛି କିନ୍ତୁ କାଉ କାହିଁକି ପାରୁନି? ଗାଈ ପୋକଜୋକ ନଖାଇ ଘାସ କାହିଁକି ଖାଉଛି ବାପା? କୁକୁଡ଼ା ବେଶି ବାଟ ଉଡ଼ିପାରେନା କ'ଣ ପାଇଁ? ଏମିତି ମୋର ପିଲାମନ ଅନେକ ପ୍ରଶ୍ନ ପଚାରିଚାଲେ ବାପାଙ୍କୁ ବୁଲିସାରି ଘରେ ପହଁଚିବା ଯାଏ। ମୋର ଏହି ଶୈଶବର ଚପଳାମିକୁ ଖୁବ୍ ଯତ୍ନ ଆଉ ସ୍ନେହରେ ସାଉଁଟି ନିଅନ୍ତି, ବାପା ହସିହସି ଆଉ ସୁନ୍ଦର ଭାବେ ବୁଝାଇଦିଅନ୍ତି ପ୍ରତିଟି ପ୍ରଶ୍ନକୁ ବିନା ବିରକ୍ତିରେ। ସାଙ୍ଗସାଥିରେ ଖେଳିସାରିବା ପରେ ଯେତେବେଳେ ଧୂଳିମଳି ଲାଗିଥିଲା ଖଣ୍ଡିଆଖାବରା ଦେହଟିଏ ଧରି ମୁଁ ଘରେ ପହଞ୍ଚିଯାଏ ସେତେବେଳେ ବାପା ସାଙ୍ଗେ ସାଙ୍ଗେ ଝାଡ଼ିଝୁଡ଼ି ଦିଅନ୍ତି ମୋ ଦେହକୁ,

ଆଉ ବୋଉ ଆଗରେ ମିଛରେ ବାଲୁଙ୍ଗା ପିଲାଟିଏ ବୋଲି କହି ଗାଳିଦିଅନ୍ତି। ଧୂଳିମଳି ସହ ଦେହର ଯନ୍ତ୍ରଣା ବି ପୋଛି ହୋଇଯାଏ ବାପାଙ୍କର ସ୍ନେହଭିଜା ଗାମୁଛାର ସ୍ପର୍ଶରେ। ବୋଉ ବାଢ଼ି ଦେଇଥିବା ଭାତ ତରକାରୀକୁ ମୁହଁ ପୋତି ଚୁପଚାପ ଖାଇଲା ବେଳେ ଆମ ଭାଇଭଉଣୀଙ୍କ ମୁହଁରୁ କ'ଣ ପଢ଼ିପାରନ୍ତି କେଜାଣି, ତା'ପରଦିନ ବଜାରକୁ ନେଇଆସନ୍ତି ଆଇଁଷ ଟିକିଏ ପିଲାମାନେ ଖାଇବେ ବୋଲି। ମୁଣ୍ଡଝାଳ ତୁଣ୍ଡରେ ମାରି ନିଜେ ଅନେକ ଥର ଉପାସ ରହି ମତେ ମଣିଷ କରିବାକୁ ଚେଷ୍ଟା କରିଛନ୍ତି ବାପା।

ପିଲାଦିନର ଆଉ କିଛି କଥା ମନେପଡୁଛି। ଆମ ଘରର ଆର୍ଥିକ ଅବସ୍ଥା ଏତେ ଖରାପ ଥିଲା ଯେ ପାଣି ହାଣ୍ଡି ଫୁଟୁଥିବ କିନ୍ତୁ ଘରେ ଚାଉଳ ନଥିବ। ବାପା କୁଆଡ଼େ ଯାଇଥିବେ ଚାଉଳ ନେଇ ଆସିବେ ଆଉ ରୋଷେଇ ହେଲେ ସମସ୍ତେ ଖାଇବେ। ବାପା କେତେବେଳେ ସୁକିନ୍ଦାରେ, କେତେବେଳେ ତାଳଚେରରେ ତ ଆଉ କେତେବେଳେ  ନୋଳସାହିରେ ପ୍ରାଇଭେଟ ଚାକିରୀ କରୁଥିଲେ, ବହୁତ କଷ୍ଟରେ ଆମ ପରିବାର ଚଳୁଥାଏ। ବାପା ପରିବାର କେମିତି ଚଳାନ୍ତି ସେ କଥା ସେ ହିଁ ଜାଣନ୍ତି। ଭଗବାନଙ୍କ ଆଶୀର୍ବାଦରୁ ବହୁତ ଡ଼େରିରେ ହେଉ ବରଂ ମୋ ବାପା ପାରାଦୀପରେ ପ୍ରାଇଭେଟ  କମ୍ପାନୀରେ ଚାକିରୀ ପାଇଲେ। ଦରମା ଥିଲା ମାତ୍ର ୯୦୦ ଟଙ୍କା। ଆମ ଘର ପାଖରୁ ପାରଦୀପ ୭୦କିଲୋମିଟର। ସକାଳୁ କ'ଣ ଦିଟା'ଖାଇକିଯାନ୍ତି, ମୋ ବୋଉ କହେ ଖରାବେଳେ ପଇସା ନଥିବାରୁ ଗୋଟେ ଦୋକାନରେ ଚାରିଟି ଇଟିଲି ଖାଇ ପୁଣି ଘରକୁ ଆସି ରାତିରେ ବୋଉ ଯାହା କରିଥାଏ ଖାଇଦେଇ ଶୋଇପଡ଼ନ୍ତି। ପୁଣି ସକାଳ ହେଲେ ସେଇ କଥା। ଯାହାହେଉ ଧୀରେ ଧୀରେ ସମୟ ବଦଳିଲା, ବାପାଙ୍କର ଦରମା ଧୀରେ ଧୀରେ ବଢ଼ିଲା ତା ସହିତ ବାପାଙ୍କୁ ରହିବା ଲାଗି କମ୍ପାନୀ ଗୋଟେ ଘର ବି ଦେଲା। ସେଇ ଅଳ୍ପ ଟଙ୍କାରେ ବାପା ମୋତେ ଉଚ୍ଚ ଶିକ୍ଷିତ ମଧ୍ୟ କଲେ। ଚାଳ ଘର ଆଜି କୋଠା ମଧ୍ୟ ହେଇଚି, ସେଇ ଅଳ୍ପ ଟଙ୍କାରେ ମୋ ଭଉଣୀ ବାହାଘର ବି କରିଛନ୍ତି, କିନ୍ତୁ ଏତେ କଷ୍ଟ କରିଥିବା ବାପାଙ୍କ ଲାଗି ମୁଁ ବୋଧେ କିଛି କରିପାରିନାହିଁ, ଆଜି ବି ବାପା ଯଦି ଗୋଟେ

କିଲୋ ଆଳୁ କିମ୍ବା ଗୋଟେ କିଲୋ ଚିନି ଲାଗି ଦୋକାନକୁ ପଠାନ୍ତି, ମୋ ହାତରେ ଧରାଇଦିଅନ୍ତି ୫୦୦ ଟଙ୍କା, ଆଉ ଜୀବନରେ କେବେହେଲେ ପଚାରି ନାହାନ୍ତି ଆଉ ପଇସା କଣ ହେଲା, ଆଜି ବି ମୋ ମନର କଥା ଜାଣି ସବୁବେଳେ ଭଲ ଭଲ ଖାଇବା ନେଇଆସନ୍ତି , ମୋ ବାପା ମୋ ଲାଗି ଚଳନ୍ତି ଠାକୁର। ସାତ ଜନ୍ମ ଗଲେ ବି ମୋ ପାଇଁ ଯାହା କରିଛନ୍ତି ଆଉ ଏବେବି କରୁଛନ୍ତି ତାଙ୍କ ଋଣ ସୁଝିବା ସମ୍ଭବ ହେଇପାରିବ ନାହିଁ। ଏମିତି ଅନେକ କଥା ଅଛି ଯେତେ ଲେଖିଲେ ବି କାଗଜ ସରିଯିବ କିନ୍ତୁ ମୋ ବାପାଙ୍କ କଥା ସରିବନି। ଖାଲି ଭଗବାନଙ୍କ ପାଖରେ ବାରମ୍ବାର ପ୍ରାର୍ଥନା କରିବି ଆଗାମୀ ଜନ୍ମରେ ମତେ ଯଦି ମଣିଷ ଜନ୍ମ ଦିଅନ୍ତି ତେବେ ଏଭଳି କଥାକୁହା ଠାକୁର ବାପାଙ୍କର ପୁଅହେଇ ନୁହେଁ ବରଂ ମୋ ବାପା ପରବର୍ତ୍ତୀ ଜନ୍ମରେ ମୋ ପୁଅ ହେଇ ଜନ୍ମ ହୁଅନ୍ତୁ ଜାହାଦ୍ୱାରା ମତେ ତାଙ୍କର ସେବା ଯତ୍ନ କରିବାକୁ ସୁଯୋଗ ପାଇବି।

**କ୍ରିକେଟ ଭାଷ୍ୟକାର**
**ଓଡ଼ିଶା କ୍ରିକେଟ ଆସୋସିଏସନ**
**୯୪୩୯୭୩୯୬୪୪**




# ମୋ ବାପା

**ହୃଷିକେଶ ବେହୁରା**

ମୋ ସ୍ୱର୍ଗୀୟ ପିତାଙ୍କର ନାମ ଥିଲା ଶ୍ରୀ ଚରଣୀ ବେହୁରା। ତାଙ୍କର ଜନ୍ମ କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ଅଳିଯୋଡ଼ା ଗ୍ରାମରେ ୦୫.୦୪.୧୯୧୬ରେ ହୋଇଥିଲା। ବିବାହ ପୂର୍ବରୁ ସେ କଲିକତାର ଚଟକଳରେ କାମ କରୁଥିଲେ। ବିବାହ ପରେ ସେ ଆମ ଗାଁରେ ଘରଜ୍ୱାଇଁ ହୋଇ ରହିଥିଲେ, କାରଣ ମୋ ବିଧବା ଆଈଙ୍କର ମୋ ବୋଉ ଗୋଟେ ବୋଲି ଝିଅ ଥିଲା। ଘରେ ଆଉ କେହି ନଥିଲେ, ତେଣୁ ତାଙ୍କୁ ଘରଜ୍ୱାଇଁ ହୋଇ ରହିବାକୁ ପଡ଼ିଥିଲା। ବାପା ୬ ମାସକୁ ଥରେ ଘରକୁ ଆସୁଥିଲେ। ସେତେବେଳକୁ ଆମେ ତିନିଭାଇ ଜନ୍ମ ହୋଇସାରିଥାଉ। ମୁଁ ଥିଲି ମଝିଆଁ। ଆମ ହେତୁ ପାଇଲାବେଳଠୁ ଦେଖିଛୁ ଗୋଟେ ବଡ଼ ଚଟ ଅଖାରେ ସୋରିଷ ତେଲ, ନଡ଼ିଆ ତେଲ, ଜିରା, ସୋରିଷ ଏବଂ ଅନ୍ୟାନ୍ୟ ମସଲା, ଖଜୁରୀ କୋଳି, ଖଜୁରୀ ଗୁଡ଼, ବୋଉ ଆଉ ଆଈଙ୍କ ପାଇଁ ସୂତା ଶାଢ଼ୀ, ଆମ ପାଇଁ ମୋଟା ସାର୍ଟ, ପ୍ୟାଣ୍ଟ ଭରିକି ଆଣିଥାଆନ୍ତି। ଆମର କିନ୍ତୁ ବେଶି ଲୋଭଥାଏ ଖଜୁରୀ କୋଳି ଏବଂ ଖଜୁରୀ ଗୁଡ଼ ଉପରେ ।

ଆସିବା ପୂର୍ବରୁ ପୋଷ୍ଟ କାର୍ଡ଼ରେ ଖଣ୍ଡେ ଲେଖା ଆସିଥାଏ। ବୋଉ ଆମକୁ ବାପାଙ୍କ ଆସିବାକଥା ଜଣାଇଦିଏ। ତେଣୁ ଆମେ ଆଗ୍ରହ ଏବଂ ଆନନ୍ଦର ସହ ବାପାଙ୍କ ଆସିବା ଦିନକୁ ଅନାଇଥାଉ। ସେଦିନ ସ୍କୁଲଯିବା ବନ୍ଦ। ବୋଉ କହେ, ବାପାଙ୍କୁ ମୁଣ୍ଡଲଗାଇ ଜୁହାର ହୁଅ। ବାପା ଆମକୁ ଆନନ୍ଦରେ କୁଣ୍ଢେଇ ଗେଲ କରନ୍ତି। ବୋଉ ଖୁସିରେ ପୋଡ଼ପିଠା ପୋଡ଼ିଥାଏ। ପିଠା କଟା ହେଲେ ଆମେ ସମସ୍ତେ ଏକାଠି ବସି ଖାଉ।

ପରଦିନ ସ୍କୁଲକୁ ଯାଇ ସାର୍‌ମାନଙ୍କୁ ଆମ ପାଠପଢ଼ା କଥା ପଚାରି ବୁଝନ୍ତି। ବାପା ଆମର ଭାରି ସରଳ, ମେଳାପି, ନିଷ୍କପଟ ଏବଂ ନିରହଙ୍କାରୀ ଥିଲେ।

ଗାଁରେ ମେଳା, ମଉସ୍ଛବ, ପର୍ବ-ପର୍ବାଣୀରେ ଆନନ୍ଦର ସହ ଯୋଗଦାନ କରନ୍ତି। କଳି-ଝଗଡ଼ା କିମ୍ବା ଗଣ୍ଡଗୋଳ ହେଲେ ମଝିରେ ପଶି ସମାଧାନ କରନ୍ତି। ପୁଅ-ଝିଅ ବିବାହ ପ୍ରସ୍ତାବରେ ମଧ୍ୟସ୍ଥତା କରନ୍ତି।

କାହାର ଦେହ'ପା ଅସୁସ୍ଥ ହେଲେ, କିମ୍ବା କାହାର ମୃତ୍ୟୁ ହେଲେ ସାଙ୍ଗେ ସାଙ୍ଗେ ସାହାଯ୍ୟ କରିବାକୁ ବାହାରିପଡ଼ନ୍ତି। ତେଣୁ ସମସ୍ତେ ତାଙ୍କୁ ଭଲପାଆନ୍ତି।

୧୯୬୮ ମସିହାରେ ଆମ ଗାଁରେ ପ୍ରବଳ ହଇଜା ଲାଗିଥିଲା। ମସସ୍ତଙ୍କର ତାଟି କବାଟ ପଡ଼ିଯାଇଥିଲା। ବାପା କିନ୍ତୁ ଦଳେ କୀର୍ତ୍ତନିଆଙ୍କ ସାଙ୍ଗରେ ଆମ ଗାଁରୁ ଧରି ଗ୍ରାମଦେବତୀ ମା'ଜାଗୁଳାଇଙ୍କୁ ପଣା ଦେବାକୁ ବାହାରି ପଡ଼ିଲେ। ସେଠାରେ ପଣା ଥୋଇ ଦେଇ ଅଧିଆ ପଡ଼ିଲେ ଏବଂ ଠାକୁରାଣୀ ତାଙ୍କୁ ପ୍ରସନ୍ନ ହେଲେ। ତାଙ୍କୁ କାଳିଶୀ ଲାଗିଲା। ତା'ପରେ ସେ ମୂର୍ଚ୍ଛାହୋଇ ପଡ଼ିଗଲେ।

ବାପାଙ୍କର ସବୁଠାରୁ ପ୍ରିୟ ଖାଦ୍ୟ ଥିଲା କଂସାଏ ନାଲି ଚ' ପାଖରେ ଚୁଡ଼ା କିମ୍ବା ମୁଢ଼ି ଭଜା। ତାକୁ ଖାଇ ସେ ଦିନ ବାରଟା/ଗୋଟାଏ ଯାଏ ରହିଯାଉଥିଲେ।

ମୋତେ ଯେତେବେଳେ ୯ ବର୍ଷ ସେତେବେଳେ ବୋଉ ଆମକୁ ଛାଡ଼ି ଚାଲିଗଲା। ସେତେବେଳେ ଚିକିତ୍ସାର ସୁବିଧା ନଥିଲା। ଭଲ ଡାକ୍ତର ବି ନଥିଲେ। ଛୋଟ ପୁଅଟିଏ ଜନ୍ମଦେଇ ଯନ୍ତ୍ରଣା ସହି ନପାରି ମରିଗଲା। ବାପା ଦୁଃଖରେ ଭାଙ୍ଗି ପଡ଼ିଲେ। ଆମମାନଙ୍କୁ ଛାଡ଼ି ସେ ଆଉ କଲିକତା ଗଲେନାହିଁ। ମୋ ଆଈର କଥାମାନି ଦ୍ୱିତୀୟ ବିବାହ କଲେନାହିଁ। ଯାହାକି ମୋ ବାପାଙ୍କର ଥିଲା ଏକ ମହାନ୍ ତ୍ୟାଗ ଆଉ ଆମ ପ୍ରତି ଭଲପାଇବା।

ତା'ପରେ ସେ ବିଲବାଡ଼ି କାମ କରିବାକୁ ଲାଗିଲେ। ଆମକୁ ବି ସମୟ ସମୟରେ ବିଲକୁ ନେଇ କାମ ଶିଖାଇଲେ। ୧୦ଟା ବେଳେ ସ୍କୁଲକୁ ଯିବା ପୂର୍ବରୁ ଆମେ ବିଲକୁ ଯାଇ ବାପାଙ୍କୁ ସାହାଯ୍ୟ କରୁଥିଲୁ। ବିରି, ମୁଗ, ବାଦାମ ,ଖସା ଅମଳ ସମୟରେ କାମରେ ଲାଗିପଡୁଥିଲୁ। ପରବର୍ତ୍ତୀ ସମୟରେ

ମୁଁ ନିଜେ ଧାନ, ବାଦାମ ଚାଷକରି ବଡ଼ଭାଇଙ୍କୁ Driving Trainning ପାଇଁ କଲିକତା ପଠାଇଲି ଓ ନିଜର ପଢ଼ାଖର୍ଚ୍ଚ ବି ତୁଲାଉଥିଲି । ଭାବୁଥିଲି ବାପା ଯଦି ଆମକୁ ବିଲବାଡ଼ି ସବୁ ଶିଖାଇ ନଥାନ୍ତେ, ତାହାଲେ ଆମେ ପାଠପଢ଼ି ଏପର୍ଯ୍ୟନ୍ତ ଆସିପାରିନଥାନ୍ତୁ । ଥରେ ମୁଁ ଚୁଲିରେ ପଡ଼ିଗଲି । ଗରମ ନିଆଁରେ ମୋର ଡାହାଣ ଗୋଡ଼ ପାଦଟି ପୋଡ଼ିଯାଇ ବଡ଼ ବଡ଼ ଫୋଟକା ହୋଇଗଲା । ବାପା ମୋତେ କାନ୍ଧରେ ବସାଇ ୬ କିଲୋମିଟର ଦୂରରେ ଥିବା ମାହାଙ୍ଗା ଡାକ୍ତରଖାନାକୁ ୧୫ଦିନ ପର୍ଯ୍ୟନ୍ତ ନେବା ଆଣିବା କରିଥିଲେ । ତାଙ୍କ ଋଣ ମୁଁ ଜୀବନରେ ଭୁଲିପାରିବି ନାହିଁ । ଖାଇବା - ପିଇବାରେ ସେ ବହୁତ ସତର୍କ ଥିଲେ । ଯାହାଦ୍ଵାରା କି ସେ ଶେଷ ପର୍ଯ୍ୟନ୍ତ ସୁସ୍ଥ, ସବଳ ରହିପାରିଥିଲେ । ନିଜ କାମ ନିଜେ କରୁଥିଲେ । କାହା ଉପରେ ନିର୍ଭର କରୁନଥିଲେ । ତାଙ୍କ ଆଶୀର୍ବାଦରେ ବଡ଼ଭାଇ ସରକାରୀ ଚାକିରିରେ ଔକ୍ସସଭ କଲେ । ମୋତେ ପ୍ରତିମାସରେ ପଇସା ଯୋଗାଇଲେ, ଯାହାଫଳରେ କି ମୁଁ ରେଭେନ୍ସା କଲେଜରୁ ଗ.ଇ. ପାସ୍ କଲି ।

ତା'ପରେ ବେସରକାରୀ କଲେଜରେ ଅଧ୍ୟାପକଟିଏ ହେଲି, ସାନଭାଇର କିଛି ହେଲାନାହିଁ । ସେ ଜମିବାଡ଼ିର ଦାୟିତ୍ଵ ନେଲା । ମୁଁ ସବୁବେଳେ ବାପାଙ୍କ ପାଇଁ ଫଳ, ହର୍ଲିକସ୍ ପଠାଉଥିଲି । ସେ ବହୁତ ଖୁସି ହେଉଥିଲେ । ତାଙ୍କ ଆଖି ଟେଷ୍ଟକରି ୨ଟା ଚଷମା କିଣିଦେଲି । ପ୍ରତ୍ୟେକ ମାସ ଗାଁକୁ ଗଲେ ତାଙ୍କୁ କିଛି ହାତଖର୍ଚ୍ଚ ଦେଇ ଆସୁଥିଲି । ସେ ତାକୁ ଖର୍ଚ୍ଚ ନକରି ଗୋଟେ ଟିଣ ବାକ୍ସରେ ରଖି ଛୋଟ ଚାବିଟିଏ ପକାଇ କାଠିଟିକୁ ପଇତା ସୂତାରେ ବାନ୍ଧି ରଖୁଥିଲେ । ପରେ  ପରେ ମୋର ଚକ୍ଟଣ୍ଟଣ୍ଟସଭଶ କଳାହାଣ୍ଡିରୁ, ବାରିପଦା, ଯାଜପୁର ଏବଂ ଭଦ୍ରକକୁ ହେଲା । ଡି.ଆଇ. ହେଲା ପରେ ମୁଁ ଏତେ ଗାଁକୁ ଯାଇପାରିଲିନାହିଁ । କାର୍ଯ୍ୟବ୍ୟସ୍ତତା ଯୋଗୁ ବ୍ୟସ୍ତ ରହିଲି । ତେଣୁ ଯେତେବେଳେ ବି ଯାଉଥିଲି ଶୁଖିଲା ଆଖି ଓ ବିକଳ ମୁହଁରେ ମୋତେ ପଚାରୁଥିଲେ ପୁଣି କେବେ ଆସିବୁ ? ମୋତେ ବଡ଼ ଦୁଃଖ ଲାଗୁଥିଲା । ଯେତେବେଳେ ମୁଁ କଟକ ଓ ସାଲେପୁରକୁ ଡି.ଆଇ. ହୋଇ ବଦଳୀ ହୋଇଆସିଲି, ସେତେବେଳକୁ ବାପା ଆଉ ନଥିଲେ ।

ଗାଁରେ ୩ ମହଲା ଘର ଏବଂ ଦେବଦେବ ମହାଦେବଙ୍କର ମନ୍ଦିରଟିଏ ପ୍ରତିଷ୍ଠା ହେଲା । ସେ ବହୁତ ଖୁସିହେଲେ । ପ୍ରତ୍ୟେକ ଦିନ ଗାଧୋଇକି ଦର୍ଶନ କରନ୍ତି । ସଂଧ୍ୟାବେଳେ କୀର୍ତ୍ତନିଆଙ୍କ ସାଙ୍ଗରେ ବସି ଖଞ୍ଜଣି ବାଡ଼ାନ୍ତି । ଏହିପରି ତାଙ୍କରି ସମୟ କଟିଯାଉଥାଏ ।

୨୦୧୧ ମସିହାରେ ତାଙ୍କର ଦେହାନ୍ତ ହେଲା । ସେହିବର୍ଷ ବହୁତ ଥଣ୍ଡା ପଡ଼ିଥିଲା । କାହା କଥା ନମାନି ସେ ଘରେ ଥିବା ବାଥ୍‌ରୁମ୍ ଓ ଟଏଲେଟ୍ ବ୍ୟବହାର ନକରି ନିତ୍ୟକର୍ମ ଏବଂ ଗାଧୁଆ ପାଧୁଆ ଗୋବରୀ ନଦୀରେ ହିଁ କରୁଥିଲେ । ଯାହାଫଳରେ କି ଜ୍ୱର, ଥଣ୍ଡା, କାଶ ହେଲା ଏବଂ ଛାତିରେ କଫ ଜମିଗଲା । ଜ୍ୱର ହେବାର ଖବର ପାଇ ମୁଁ ଗଲି । ଡାକ୍ତର ଦେଖାଇ ଔଷଧ ଦେଇକି ଆସିଲି । ସେଥିରେ ତାଙ୍କର ଥଣ୍ଡା, ଜ୍ୱର କମିଲାନାହିଁ । ସାନଭାଇକୁ କହିଲି, ଗୋଟେ ଗାଡ଼ି କରି ବାପାଙ୍କୁ ଡାକ୍ତରଙ୍କ ପାଖକୁ ନେଇଯିବାକୁ । ହେଲେ ହଠାତ୍ ଚ'ପିଇବା ସମୟରେ ତାଙ୍କର ହାର୍ଟ ଆଟାକ୍ ହୋଇଗଲା । ମନରେ ମୋର ଅବଶୋଷ ରହିଗଲା । ମୁଁ ଭାବୁଥିଲି ଯଦି ମୁଁ ତାଙ୍କ ପାଖରେ ଥାଆନ୍ତି ହୁଏତ ବାପାଙ୍କୁ ବଞ୍ଚେଇ ପାରିଥାଆନ୍ତି । ବାପା ମୋର ଆଉ କିଛିଦିନ ବଞ୍ଚି ରହି ପାରିଥାଆନ୍ତେ । ଜୀବନରେ କେହି ପିତୃ ଋଣ ସୁଝି ପାରିନି କି ପାରିବେ ନାହିଁ । ତେଣୁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି ବାପା ତୁମେ ଯେଉଁଠି ବି ଥାଅ, ଭଲରେ ଥାଅ, ତୁମ ଅମର ଆତ୍ମା ଶାନ୍ତି ଲଭୁ । ଆମକୁ ସର୍ବଦା ଆଶୀର୍ବାଦ କରୁଥାଅ ।

ଅବସରପ୍ରାପ୍ତ ଅଧ୍ୟକ୍ଷ,ଡି.ଆଇ.ଇ.ଟି., ପୁରୀ




# କର୍ମେ ଜୀଏଁ ନର

**ସମରେନ୍ଦ୍ର ବଳିଆରସିଂହ**

'ମାନବ ଜୀବନ ନୁହଇ କେବଳ ବର୍ଷ, ମାସ, ଦିନ ଦଣ୍ଡ: କର୍ମେ ଜୀଏଁ ନର, କର୍ମ ଏକା ତା'ର ଜୀବନର ମାନଦଣ୍ଡ': ଉତ୍କଳମଣି ଗୋପବଂଧୁ ଦାସ।

କର୍ମ ହିଁ ଜୀବନର ସାର୍ଥକତା ପ୍ରତିପାଦିତ୍ୱ କରେ। ଭଗବତ୍ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ମଯୋଗ୍ୟର ମହତ୍ୱ ସଂପର୍କରେ କହିଛନ୍ତି, କର୍ମର ମାହାତ୍ମ୍ୟ ଓ ନିଷ୍କାମ କର୍ମର ପ୍ରେରଣା ଦେଇଛନ୍ତି।

ମଣିଷ ଜୀବନ କ'ଣ କେବଳ ନିଜ ପାଇଁ ବା ନିଜ ପରିବାର ପାଇଁ ବା ବଂଧୁବାଂଧବଙ୍କ ପାଇଁ? ମଣିଷ ଜୀବନ କ'ଣ ଗୋଟେ ଛୋଟ ପରିସୀମା ଭିତରେ ସୀମିତ? ନା, ଜମାରୁ ନୁହେଁ। ଜୀବନ ତ ପରିବ୍ୟାପ୍ତ ମାଟିରୁ ଆକାଶ ପର୍ଯ୍ୟନ୍ତ; ଶୂନ୍ୟରୁ ଅଗଣିତ, ଅସଂଖ୍ୟ ପର୍ଯ୍ୟନ୍ତ। ଜୀବନ ଭାରି ଦୁର୍ଲ୍ଲଭ। ସେଇ ଜୀବନର ରଂଗ ବି ଭାରି ନିଆରା। ଇନ୍ଦ୍ରଧନୁର ସପ୍ତରଂଗ ଠାରୁ ବି ବ୍ୟାପକ ଜୀବନର ରଂଗ। ତେଣୁ ଜୀବନର ରଂଗ ବ୍ୟକ୍ତି ବା ପରିବାରକୈନ୍ଦ୍ରିକ ନୁହେଁ, ଏହା ଗୋଟେ ବୃହତର ସମାଜକୁ ପରିବ୍ୟାପ୍ତ। ହେତୁ ହେବା ଦିନ ଠାରୁ ମୁଁ ଏୟା ହିଁ ଶିଖିଛି। ଶିଖିଛି 'ନିଜେ ବଂଚ ଓ ଅନ୍ୟକୁ ବଂଚିବାକୁ ଦିଅ। ପରୋପକାରାୟ ସ୍ୱର୍ଗାୟ। ସବୁବେଳେ ଅନ୍ୟର ମଂଗଳ ଚିନ୍ତା କର, କାହର ଅନିଷ୍ଟ କରନାହିଁ। ଅନ୍ୟାୟ, ଅନୀତି, ଶୋଷଣ, କଷଣ ବିରୋଧରେ ସଂଗ୍ରାମ କର'। ଏସବୁ କହିବାର ପ୍ରାସଂଗିକତା ହେଲା, Charity begins at home. ବାପା ଆଉ ବୋଉଙ୍କ ଠାରୁ ସେଇ ଶିକ୍ଷା ମତେ ମିଳିଛି, ଯାହାକୁ ଜୀବନରେ କାମରେ ଲଗାଇବାକୁ ଚେଷ୍ଟା କରିଛି। ମୋ ବାପା ବିଶିଷ୍ଟ ଐତିହାସିକ, ଶିକ୍ଷାବିତ୍, ସମାଜସେବୀ ସତ୍ୟବାଦୀ ବଳିଆରସିଂହଙ୍କ ପରିଚୟ ମୋ ପାଇଁ କୋଟିନିଧି। ସମୟାନୁକ୍ରମେ ମୋର ଏକ ନିଜସ୍ୱ ପରିଚୟ ହୋଇଥିଲେ ମଧ୍ୟ ବାପାଂକ ପରିଚୟରେ, ଅମୁକଙ୍କ ପୁଅ ଭାବରେ ମୁଁ

ବଂଚିବାକୁ ଚାହେଁ। ପିଲାଟିବେଳୁ ମୁଁ ତାଂକୁ ଯେମିତି ଦେଖିଛି, ଏବେ ବି ସେମିତି। କେଶ କିଛି ଉପୁଡ଼ିଯାଇଛି, କିଛି ପାଚିଯାଇଛି, କିନ୍ତୁ ସେଇ ଦଂଭ, ସେଇ ଆତ୍ମବିଶ୍ୱାସ ଏବେ ବି ଅଛି। ସେ ଚିର ସବୁଜ। ଚଳଚଂଚଳ କର୍ମମୟ ଜୀବନ ତାଂକର। ଆଳସ୍ୟ ଜମାରୁ ନାହିଁ। ୭୩ ବର୍ଷରେ ବି ଭାରି କର୍ମଚଂଚଳ।

ଆମ ଗାଁ ଐତିହ୍ୟପ୍ରସିଦ୍ଧ ଗାଁ ଗଡ଼ବାଣୀକିଲୋ। ଏଇ ଗାଁ ହେଉଛି ରଣପୁର ପ୍ରଜାଆନ୍ଦୋଳନର ଶହୀଦ ଦିବାକର ପରିଡ଼ାଙ୍କ ଜନ୍ମସ୍ଥଳୀ ଆଉ ହିନ୍ଦୁ-ମୁସଲିମ ସୌହାର୍ଦ୍ଦ୍ୟର ପୀଠସ୍ଥଳୀ, ଗଡ଼ଜାତ ଓ ଖାସମାହାଲର ସୀମାନ୍ତ ଗଡ଼। ମୋ ଅଣଜେଜେ ଚିନ୍ତାମଣି ପରିଡ଼ାଙ୍କର ପିଉସୀ ହେଉଛନ୍ତି ଶହୀଦ ଦିବାକରଙ୍କ ଜେଜି ମା’। ଜେଜେ ବିଶ୍ୱନାଥ ପରିଡ଼ା ବି ଶହୀଦ ଦିବାକରଙ୍କ ସହ ମିଶି ଗାଁ ଗାଁ ବୁଲି ମୁଠି ଚାଉଳ ସଂଗ୍ରହ କରିଥିଲେ। ତେଣୁ ଅନ୍ୟାୟ, ଅନୀତି, ଶୋଷଣ, କଷଣ ବିରୋଧରେ ସଂଗ୍ରାମ ଆମ ବଂଶ ବୁନିୟାଦିରେ ରହିଛି। ଏଥିପାଇଁ ମୁଁ ଗର୍ବିତ। ବାପା ଶିକ୍ଷକତା କରୁଥିଲେ। ବାପାଙ୍କୁ ପୁଲିସ, କଷ୍ଟମସ୍ ଆଦି ଅନେକ ଚାକିରି ମିଳିଥିଲେ ବି ସେ ଶିକ୍ଷକତାକୁ ଆଦରିଥିଲେ, ଯାହାର ଫଳସ୍ୱରୂପ ହଜାର ହଜାର ଛାତ୍ର ଭଲମଣିଷ ହେଇ ଉତୁରିଛନ୍ତି। ନୀତି, ନୈତିକତା, ସଚ୍ଚୋଟତାର ପରିଭାଷା ଥାଏ ତାଂକ ଶିକ୍ଷାଦାନରେ। କେବଳ ଶିକ୍ଷାଦାନ ଭିତରେ ସୀମିତ ନୁହେଁ ତାଂକର ଗତିବିଧି। ବିଭିନ୍ନ ଶିକ୍ଷାନୁଷ୍ଠାନ ଗଠନରେ ତାଂକ ଭୂମିକା ଅନସ୍ୱୀକାର୍ଯ୍ୟ। ଶିକ୍ଷକତା ଜୀବନରେ କେବେ ଟିଉସନ କରିନାହାନ୍ତି ସେ। ସ୍କୁଲରେ ଏକ୍ସଟ୍ରା କ୍ଲାସ୍ ନେଇ ପଢେଇଛନ୍ତି। ଚାକିରିରୁ ଅବସର ନେବା ପରେ ବି ‘ଆମରିସତ୍ୟ’ କାର୍ଯ୍ୟକ୍ରମରେ ମୂଲ୍ୟବୋଧଭିତିକ ଶିକ୍ଷା ଏବଂ ଶିକ୍ଷାରେ ନୈତିକତାର ପ୍ରଚାର, ପ୍ରସାର କରୁଛନ୍ତି। ଶିକ୍ଷକ, ଶିକ୍ଷକ ନେତା, ଶିକ୍ଷା ପ୍ରଶାସକ ଆଦି ବିଭିନ୍ନ ଭୂମିକାରେ ତାଂକ ବ୍ୟକ୍ତିତ୍ୱ ଅନେକଂକ ପାଇଁ ପ୍ରେରଣାର ସ୍ରୋତ।

ପ୍ରତିବର୍ଷ ବାପାଙ୍କ ନେତୃତ୍ୱରେ ଆମ ଗାଁରେ ଶହୀଦ ରଘୁ-ଦିବାକରଙ୍କ ଜୟନ୍ତୀ, ଫାଶୀ ଦିବସ ସହ ବିଭିନ୍ନ ମହାପୁରୁଷମାନଂକର ଜୟନ୍ତୀ ଓ ଫାଶୀ ଦିବସ ମଧ୍ୟ ପାଳିତ ହୋଇଥାଏ। ଦେଶପ୍ରେମ ଓ ପୂଜ୍ୟପୂଜାର ଏଇ ପରମ୍ପରା ମତେ ଉଦ୍‌ବୁଦ୍ଧ କରିଛି ସେଇଦିନ ଠାରୁ। ଆମ ଗାଁରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ

ପାଦ ପଡ଼ିଛି। ପ୍ରଥମ ଗଡ଼ଜାତୀୟ ସ୍ୱାଧୀନତା ସଂଗ୍ରାମରେ ଶହୀଦ ରଘୁ-ଦିବାକରଙ୍କ ବଳିଷ୍ଠ ନେତୃତ୍ୱ ବାପାଂକୁ ପ୍ରେରଣା ଦେଇଥିଲା। ବାପା ଖୋଜିଥଲେ ସବୁ ନଥି, ସାଇକେଲରେ ଗାଁକୁ ଗାଁ ବୁଲିଥିଲେ। ମୁଁ ଦେଖିଛି, ବିଭିନ୍ନ ତଥ୍ୟ ସଂଗ୍ରହ ଓ ସେ ସଂପର୍କିତ ଗବେଷଣା ପାଇଁ ତାଂକର ନିଷ୍ଠା ଓ ଅଧ୍ୟବସାୟକୁ। ତାଂକ ଲେଖନୀରୁ ଉତୁରିଛି ଶହୀଦ ରଘୁ-ଦିବାକର, ରଣପୁର ବିଦ୍ରୋହ, ରଣପୁର ଇତିହାସ ଆଦି ଉପାଦେୟ ପୁସ୍ତକ। ସେଇ ବହି ଏବେ ଦେଶବିଦେଶରେ ପହଂଚିଛି। ସେଇ ବହିରୁ ତଥ୍ୟ ନେଇ ଅନେକ ପିଏଚ୍‌ଡି ମଧ୍ୟ ଲାଭକରିଛନ୍ତି। ବାପାଙ୍କର ଜୀବନର ଆଉ ଏକ ରଂଗ ହେଲା, ସେ ଜଣେ ଭଲ ଫୁଟବଲ ଖେଳାଳି। ଗଡ଼ବାଣୀକିଲୋ ହାଇସ୍କୁଲ ଯାହାଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିଲା, ସେଇ ପୁଣ୍ୟାତ୍ମା ଇବ୍ରାହିମ ଖାଁଙ୍କ ସ୍ମୃତିରେ ବାପାଙ୍କ ନେତୃତ୍ୱରେ ପ୍ରତିବର୍ଷ ଆୟୋଜିତ ହୁଏ ଇବ୍ରାହିମ୍ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟ୍। ଏଥିରେ ରାଜ୍ୟର ଅବିଭକ୍ତ ପୁରୀ ଜିଲାର ବିଭିନ୍ନ ଟିମ୍ ଅଂଶଗ୍ରହଣ କରନ୍ତି। ଖେଳ ଦେଉଥିଲା ଏକତାର ଶିକ୍ଷା। ସେସବୁ ଏବେ ଇତିହାସ। ଗାଁର ବିଭିନ୍ନ ଉତ୍ସବ ଅନୁଷ୍ଠାନରେ ସେତେବେଳେ ବାପାଙ୍କ ଶତ ପ୍ରତିଶତ ସଂପୃକ୍ତି ମତେ ଭାରି ଉଲ୍ଲସିତ କରୁଥିଲା।

ମୋ ଲେଖାଲେଖି ବି ସ୍କୁଲର ପରିବେଶରୁ ଆରଂଭ ହେଇଥିଲା। ବାପାଙ୍କ ଲେଖାଲେଖି ମତେ ଗଭୀର ଭାବେ ପ୍ରଭାବିତ କରିଥିଲା, ବୋଉର ସୃଜନଶୀଳ ଓ ସଂସ୍କାରବାଦୀ ଚିନ୍ତନ ମତେ ଅନୁପ୍ରାଣୀତ କରିଥିଲା। ତେଣୁ ପିଲାଟି ବେଳୁ ଲେଖାଲେଖି ଆରଂଭ ହେଇଥିଲା ମୋର। ସେଇ ଅଧ୍ୟବସାୟ ଏବେ ବି ଜାରି ରହିଛି। ମୋ ସାରସ୍ୱତ ଜୀବନର ମୂଳ ସ୍ରୋତ ହେଉଛନ୍ତି ବାପା। ମୋ ସାମ୍ବାଦିକତାର ଖଡ଼ିପାଠ ମଧ୍ୟ ବାପାଂକ ଯୋଗୁଁ ହେଇଥିଲା। ବାପା ଶିକ୍ଷକତା ସାଂଗକୁ ଲେଖାଲେଖି,ସମାଜସେବା ଆଉ ମୁକ୍ତବୃତି ସାମ୍ବାଦିକତା କରନ୍ତି। ଆମ ଅଚଂଳର ବିଭିନ୍ନ ସମସ୍ୟା, ସଭାସମିତିର ଖବର ବାପା ବିଭିନ୍ନ ଖବରକାଗଜକୁ ପଠାନ୍ତି। ମତେ ଦିଅନ୍ତି ଉତାରିବାକୁ..ଭିନ୍ନ ଭିନ୍ନ ପ୍ରକାରେ ଲେଖିବାକୁ। ଖବର ଲେଖି ଲଫାପା ଭିତରେ ସେସବୁ ପୂରେଇ ଟିକଟ ମାରି ପଠେଇବାର କାମ ମୁଁ କରୁଥିଲି। ପରବର୍ତ୍ତୀ ସମୟରେ ସାମ୍ବାଦିକତାକୁ ବୃତ୍ତି ଭାବରେ ଗ୍ରହଣ କରିବାରେ ବୋଧେ ଏହା ପ୍ରେରଣା

ଯୋଗାଇଥିଲା, ଯଦିଓ ମୁଁ ଏମ୍‌ଏଫ୍‌ସି ବା ଏମବିଏ-ଫାଇନାନ୍ସ ପଢିଥିଲି। ବର୍ତ୍ତମାନ ସମୟରେ ବି ସାମ୍ବାଦିକତା କ୍ଷେତ୍ରରେ ମୁଁ ବାପାଙ୍କର ପରାମର୍ଶ ନଉଛି।

ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ହେଲା ଆମର କର୍ମଭୂମି। ବାପାଙ୍କର ଲୋକସଂପର୍କ ଆହୁରି ବଢିଗଲା। ତା'ପରେ ତାଂକର ଅଭିଯାନ ଆରଂଭ ହେଲା ଖୋର୍ଦ୍ଧାର ଗୌରବମୟ ଇତିହାସକୁ ନେଇ। ୧୮୧୭ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ମାନ୍ୟତା ଦେବାପାଇଁ ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ସହ ସାମିଲ ହୋଇ ନିଜର ସ୍ପଷ୍ଟ ମତ ଓ ଦାବିକୁ ଉପସ୍ଥାପନ କଲେ। ଯାହାଫଳରେ ଭାରତ ସରକାର ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେଲେ। ଇତିହାସ ସହ ଶିକ୍ଷା, ଭାଷା, ସାହିତ୍ୟ, ସଂସ୍କୃତି, ନିଶା ନିବାରଣ ପାଇଁ ତାଂକର ନିଷ୍ଠାକୁ ସମସ୍ତେ ପ୍ରଶଂସା କଲେ। ଏ ସଂପର୍କିତ କାର୍ଯ୍ୟକରୁଥିବା ଅନେକ ଅନୁଷ୍ଠାନର ସେ ହେଲେ ପର୍ଦାପଛର ନାୟକ ବା କିଙ୍ଗ୍ ମେକର। ଜୀବନର ଏସବୁ ରଂଗ ତାଂକୁ କେବଳ ଜଣେ ବ୍ୟକ୍ତି ନୁହେଁ, ଗୋଟେ ବଡ଼ ଅନୁଷ୍ଠାନରେ ପରିଣତ କରିଦେଲା। ଆତିଥେୟତା ବାପାଂକ ଜୀବନର ଆଉ ଏକ ବୈଶିଷ୍ଟ୍ୟ। ଗାଁକୁ ହେଉ କିମ୍ବା ଖୋର୍ଦ୍ଧା ହେଉ, ଆମ ଘରକୁ ଆସୁଥିବା ବ୍ୟକ୍ତିବିଶେଷ କିଛି ନ ଖାଇ, ନ ପିଇ ଗଲେ ବାପାଂକୁ ଭଲ ଲାଗେନି। ଆଶ୍ଚର୍ଯ୍ୟ ଲାଗେ, ଅଜଣା ଲୋକକୁ ବି ସାହାଯ୍ୟ କରିବାକୁ ବାପା ଆଗଭର ହେଇଯାଆନ୍ତି। ବାପାଂକ ସଚ୍ଚୋଟ ଓ ମୂଲ୍ୟବୋଧୀ ଜୀବନ, ବୋଉର ସତ୍ ବିଚାର, ପରିବାରର ସଣ୍ଣା ମୋ ଉପରେ ବେଶ୍ ପ୍ରଭାବ ପକାଇଛି। ଏ ଜନ୍ମରେ ସେମାନଙ୍କ ଋଣ ଶୁଝିହେବନାହିଁ।

**ବିଶ୍ୱାତ୍ମା, ଏମ୍-୨୩, ବକ୍ସି ଜଗବଂଧୁ ନଗର,**

**ବିଡିଏ କଲୋନୀ, ଖୋର୍ଦ୍ଧା**

**ଶୂନ୍ୟଭାଷ: ୯୪୩୭୨୩୨୮୯୮**




# ମାଗୁଣି ମାଷ୍ଟ୍ରେ, ଘଂଟା କଂଟାର ମଣିଷ

**ମମତା ଦାଶ**

ଗୋଟିଏ ଅପନ୍ତରା ଇଲାକାକୁ ନିଜର କର୍ମଭୂମି ରୂପେ ବାଛି ନେଇ ସେଠି ଶିକ୍ଷାର ଆଲୋକବର୍ତ୍ତିକା ଜଳାଇ ପାରିଥିବା କର୍ମଠ ମଣିଷ ଜଣେ ମୋ ବାପା । ସେ ସ୍ୱର୍ଗତ ମାଗୁଣି ଚରଣ ଦୁବେ । ମାଗୁଣି ମାଷ୍ଟ୍ରେ ନାମରେ ସେହି ଅଂଚଳରେ ବିଖ୍ୟାତ ଥିଲେ । ଯେଉଁ ସମୟରେ ସାଧାରଣ ଶିକ୍ଷାଲାଭ କରି ଲୋକମାନେ ସରକାରୀ ଚାକିରି କରି ପାରୁଥିଲେ ସେଇ ସମୟରେ ଉଚ୍ଚଶିକ୍ଷା ପାଇ ମଧ୍ୟ ମୋ ବାପା ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଅଂଚଳର ଲୋକଙ୍କୁ ଶିକ୍ଷା ସଂସ୍କାର ଦେବା ପାଇଁ ଅଂଟା ଭିଡିଥିଲେ । କିଛି ସମଧର୍ମୀ, ସମଚିନ୍ତାଶୀଳ ଲୋକଙ୍କୁ ନେଇ ଅତ୍ୟନ୍ତ ଅବହେଳିତ ଶିକ୍ଷା ଆଲୋକରୁ ଦୂରରେ ଥିବା ଏକ ଗ୍ରାମ ଆଶ୍ରମପାଟଣା ଠାରେ ବିଦ୍ୟାଳୟଟିଏ ଆରମ୍ଭ କଲେ । ଯାହା ଦିନେ ସେଇ ଅଂଚଳର ପାଠୁଆ ମଣିଷ ତିଆରିର ମୂଳଦୁଆ ପକାଇଥିଲା ।

ବାପାଙ୍କର ଆମେ ପାଂଚ ଜଣ ସନ୍ତାନ ଥିଲୁ । ମୁଁ ସର୍ବ କନିଷ୍ଠ । ବାପାଙ୍କ କର୍ମକ୍ଷେତ୍ର ଆଶ୍ରମପାଟଣା ମଧ୍ୟଇଂଗ୍ରାଜୀ ବିଦ୍ୟାଳୟ ପରିସର ରେ ଏକ ଛୋଟବସାଘରେ ଆମେ ବଢିଥିଲୁ । ଆଜି ଅବଶ୍ୟ ଆଶ୍ରମ ପାଟଣା ଏକ ସମୃଦ୍ଧ ବଜାର । ସେଇ ବସାଘରେ ନିରଳସ, ନିରାଡମ୍ବର ଜୀବନ ଓ ଜୀବିକାକୁ ନେଇ ସଂସାର ଗଢିଥିଲେ ମୋ ବାପା ହେଡ୍ ମାଷ୍ଟର ମାଗୁଣି ଚରଣ ଦୁବେ। ସେ ବିଦ୍ୟାଳୟକୁ ଆଶ୍ରମ ଓ ଆମକୁ ଆଶ୍ରମବାସୀ ବୋଲି କହୁଥିଲେ। ରୁଟିନ୍ ବନ୍ଧା ଜୀବନ କେବଳ ବିଦ୍ୟାଳୟ ନୁହେଁ ନିଜ ପରିବାର ପାଇଁ ମଧ୍ୟ ସେ ଲାଗୁ କରିଥିଲେ । ପିଲାଦିନୁ ମୁ ଦେଖିଚି ଓ ଶିଖିଚି ତାଙ୍କର ସମୟ ସାରଣୀରେ ନୀତିନିଷ୍ଠ ଜୀବନ । ମୁଁ ସକାଳୁ ଉଠିଲାବେଳକୁ ବାପା ପ୍ରାତ- ଭ୍ରମଣରୁ ଫେରିସାରିଥାନ୍ତି । ପ୍ରାୟ ୬.୩୦ ଟା ବାଜିବା ବେଳକୁ ସ୍କୁଲ ବଗିଚାରୁ ପୂଜା ପାଇଁ ଫୁଲ ତୋଳନ୍ତି । ସେ ସକାଳୁ ୫ଟା ବେଳେ

ଉଠନ୍ତି । ମୁଁ କେବେ କେବେ  ଶିଘ୍ର ଉଠିଥିଲେ ଦେଖେ ବାପା କାହାକୁ ବ୍ୟସ୍ତ ନକରି ନିଜ ହାତରେ ଷ୍ଟୋଭ ଲଗାଇ ଚା କରି ପିଅନ୍ତି ଓ ପ୍ରାତଭ୍ରମଣ ରେ ବାହାରି  ଯାଆନ୍ତି । ତାପରେ ଫେରି ନିତ୍ୟକର୍ମ ସାରି ୭.୩୦ ରୁ ୮.୩୦ ଯାଏ କିଛି ଗରିବ ମେଧାବି  ଛାତ୍ରଙ୍କୁ ନିଃଶୁଳ୍କ ଶିକ୍ଷାଦାନ କରନ୍ତି । ଠିକ୍ ୯ଟାବେଳେ ଜଳଖିଆ ଖାଇ ବିଦ୍ୟାଳୟ ଅଫିସ୍ ରେ ପହଂଚି ଯାଆନ୍ତି । ତାଙ୍କର ସମୟାନୁବର୍ତ୍ତିତା ପାଇଁ ଅନ୍ୟ  ଶିକ୍ଷକ ତଥା କର୍ମଚାରିମାନେ କାମରେ ଖିଲାପ କରି ପାରନ୍ତି ନାହିଁ ।  ସହକର୍ମିମାନଙ୍କ ସମୟାନୁବର୍ତ୍ତିତାରେ ତୃଟି ଦେଖିଲେ ବହୁତ ବିରକ୍ତ ହୁଅନ୍ତି ।  ଛାତ୍ର ଛାତ୍ରୀ ଙ୍କ ଖିଲାପ ଲାଗି ଦଣ୍ଡ ବ୍ୟବସ୍ଥା କରିଥିଲେ । ମୋର  ମନେ  ଅଛି ଶ୍ରେଣୀରେ ବିଳମ୍ବରେ  ପହଂଚିବାର ଦଣ୍ଡ ଥିଲା ୧୦ ମିନିଟ୍ ବାହାରେ ଆଣ୍ଠେଇବା। ମୁଁ  ନିଜେ ଥରେ  ବିଳମ୍ବ ପାଇଁ  ଦଣ୍ଡ ପାଇଥିଲି । ତା ପରଠୁ ମୋର କଲେଜ ପଢା ସରିବା ପର୍ଯ୍ୟନ୍ତ  କେବେ ହେଲେ ବିଳମ୍ବରେ ଶ୍ରେଣୀରେ ପହଂଚି ନାହିଁ । ଆଜି ମୋର ପିଲାମାନଙ୍କୁ ମଧ୍ୟ ସେଇ ଧାରାରେ ଅନୁପ୍ରାଣିତ କରିପାରିଛି ।

ବାପା ସକାଳ ୯ଟାରୁ ମଧ୍ୟାହ୍ନ ୧.୩୦ ଯାଏ ସ୍କୁଲ କାର୍ଯ୍ୟ ସାରି ମଧ୍ୟାହ୍ନ ଭୋଜନ କରନ୍ତି ।୨.୩୦ ପର୍ଯ୍ୟନ୍ତ ବିଶ୍ରାମ । ପୁଣି ୨.୩୦ ରୁ ୪.୩୦ ଯାଏ ସ୍କୁଲ କାମ । ୪.୩୦ ରେ ବଗିଚାକାମ। ୫.୩୦ ରେ ଘରକୁ ପଢିବାକୁ ଆସିଥିବା କିଛି ପିଲା ଓ ଆମକୁ ନେଇ ପ୍ରାର୍ଥନା ପରେ ଶିକ୍ଷାଦାନ ଚାଲେ । ଠିକ୍ ୯ ଟାରେ ରାତ୍ରିଭୋଜନ ପରେ ଶିଘ୍ର ଶୋଇବା କେବେ ବାହାରାକୁ ଗଲେ ବା ଦେହ ଅସୁସ୍ଥ  ହେଲେ ଏହି ଧାରା ରେ ବ୍ୟତିକ୍ରମ ହୁଏ ।  ଅନ୍ୟଥା ଘଂଟାର କଂଟା ଭଳି ଠିକ୍ ସମୟ ରେ ଠିକ୍ କାମ ଚାଲିଥିବ । ତେଣୁ ତାଙ୍କ ପଛରେ ଆମେ ତାଙ୍କୁ କହୁ ଘଂଟା କଂଟା ର ମଣିଷ ।

ସମୟାନୁବର୍ତ୍ତିତା ଓ ପ୍ରତିକୂଳ ପରିସ୍ଥିତିକୁ ଅତ୍ୟନ୍ତ ସାଧାରଣଢଙ୍ଗରେ ସାମ୍ନା କରିବାର କଳା ବାପାଙ୍କ ପାଖରେ ଭରପୁର ଥିଲା ।  ତାଙ୍କର ଧୈର୍ଯ୍ୟ ଓ ପରିସ୍ଥିତି  ଆକଳନ କରି ନିଷ୍ପତି  ନେବାର  ବିଚକ୍ଷଣତା ତାଙ୍କୁ ଜଣେ

ସର୍ବମାନ୍ୟ ଶିକ୍ଷକ ନେତା ରେ ପରିଣତ କରିଥିଲା ।ଦୀର୍ଘବର୍ଷ ଧରି ସ୍ୱର୍ଗତ ବନମାଳି ବ୍ରହ୍ମଚାରୀ , ଅବନୀନ୍ଦ୍ର ବରାଳ ଆଦି ଶିକ୍ଷକ ନେତା ଙ୍କ ସହ ସେ କାମ କରି ଥିଲେ ।

ତତ୍କାଳୀନ ଅବହେଳିତ ଶିକ୍ଷକ ସମାଜର ନେତୃତ୍ୱ ମଙ୍ଗ ଧରିଥିଲେ । ଷାଠିଏ ଓ ସତୁରୀ ଦଶନ୍ଧିରେ ସେ ଅତ୍ୟନ୍ତ କର୍ମ ପ୍ରଖର ଥିଲେ ।ଓଡିଶା ରାଜ୍ୟ ଶିକ୍ଷକ ସଂଘର ଉପସଭାପତି ପଦରେ ଦୀର୍ଘବର୍ଷ ରହିଥିଲେ । ବିଶେଷତଃ ମଧ୍ୟ ଇଂଗ୍ରାଜି ବିଦ୍ୟାଳୟର ଶିକ୍ଷକମାନଙ୍କୁ ସରକାରୀ କର୍ମଚାରୀ ଘୋଷିତ କରାଇବାରେ ତାଙ୍କର ଶ୍ରମଦାନ ଅନସ୍ୱୀକାର୍ଯ୍ୟ ଅଟେ ।

ବୟସର ସାୟାହ୍ନ ରେ ମୋର ଧୂମିଳ ଆଖି ଆଗରେ ବାପାଙ୍କ ଦୃଢ ବ୍ୟକ୍ତିତ୍ୱ ର ଚିତ୍ର ବେଳେବେଳେ ନାଚି ଉଠେ ।ତାଙ୍କ ସମୟାନୁବର୍ତ୍ତିତା ମୁଁ ଅନୁକରଣ କାରି ପାରିଛି । ହେଲେ ଦୁଃସମୟକୁ ସମ୍ମୁଖୀନ ହେବାର କଳା କୌଶଳ ସମ୍ପୁର୍ଣ୍ଣ ଶିଖି ପାରିଲିନାହିଁ । କେମିତି ନିଜର ସ୍ୱଳ୍ପ ବେତନରେ ୫ ଟି ପିଲା ଙ୍କୁ ମଣିଷ କଲେ । ସମସ୍ତେ ସମାଜରେ ପ୍ରତିଷ୍ଠିତ । ଏହା ସହ ଅନେକ ରକ୍ତ ସମ୍ପର୍କ ବିହୀନ ପିଲାଙ୍କୁ ମଧ୍ୟ ସେ ମଣିଷ କରିଛନ୍ତି । ମୋର ଦୁଇଟି ପିଲାଙ୍କ କଥା ବୁଝୁବୁଝୁ ମୁଁ ଅନ୍ୟ କିଛି କରି ପାରିନି । ହେଲେ ଏତେ ପିଲାଙ୍କ କଥା ସୂଚାରୁ ରୂପେ ବାପା ବୁଝୁଥିଲେ କେମିତି ? ସେତିକି ଶିଖିବା ବାକି ରହିଗଲା । ଥରଟିଏ ଫେରନ୍ତନି ବାପା ?

ମାର୍ଫତ - ପ୍ରଶାନ୍ତ ଦାଶ,

ଗ୍ରା /ପୋ - ପଳଶା, ଜଗତସିଂହପୁର ।





# ଈଶ୍ୱରଙ୍କ ଚଳନ୍ତି ପ୍ରତିମା

## କିଶୋର ଚନ୍ଦ୍ର ଚୌଧୁରୀ

୧୯୬୨ ମସିହା ନଭେମ୍ବର ମାସରେ ତୁଣପୁର ଗାଆଁର ପଧାନ ବୃନ୍ଦାବନ ଚୌଧୁରୀଙ୍କ ପରିବାରରେ ମୋର ଜନ୍ମ। ବୁଢ଼ାବାପା ବୃନ୍ଦାବନ ଚୌଧୁରୀଙ୍କର ୪ପୁଅ ଓ ୪ଝିଅ। ସମସ୍ତଙ୍କ ଭିତରେ ମୋ ବାପା ହେଉଛନ୍ତି ବଡ଼। ବାପାଙ୍କୁ ଯେତେବେଳେ ୧୮ କି ୧୯ ବର୍ଷ ହୋଇଥିଲା ତାଙ୍କ ମାଆ ଚାଲିଗଲେ ଆରପାରିକି। ସବୁ ଭାଇଭଉଣୀମାନଙ୍କୁ ସେ ସମ୍ଭାଳି ଥିଲେ। ସମସ୍ତେ ପ୍ରାୟ ତାଙ୍କୁ ଡ଼ରନ୍ତି। ମୁଁ ଦେଖେ ଦାଦା କି ନାନୀ ଯଦି କିଏ ଦେଖନ୍ତି ବାପା ଆସୁଛନ୍ତି ବୋଲି, ଅନ୍ୟମାନଙ୍କୁ ସତର୍କ କରାଇଦିଅନ୍ତି, ବଡ଼ଭାଇ ଆସୁଛନ୍ତି। ସମସ୍ତେ ମିଲିଟାରୀ ରେଜିମେଣ୍ଟର ଫୁଲ୍ ଆଟେନସନ୍ ପୋଜିସନକୁ ପଳାନ୍ତି। ତାଙ୍କ ସାଙ୍ଗରେ ମୁଁ ବି। ମୁଁ ବି ଦେଖିଚି ବାପା ଟିକିଏ ଟିକିଏ କଥାରେ ନାଲି ଆଖି ଦେଖେଇ କଡ଼ାକଥା କହି ବା ଗାଳି କରି ଚାଲିଯାଆନ୍ତି। ଏଇ ପରିବେଶରେ ମୁଁ ବଡ଼ହେଲି, ମୋର ସ୍କୁଲ ଯିବା ଆରମ୍ଭ ହେଲା। ଆମ ପାଠପଢ଼ା ପାଇଁ ବାପାଙ୍କର ଭାରି ତାଗିଦା। ସନ୍ଧ୍ୟାରେ ପଢ଼ାବେଳେ ଘୁମେଇ ପଡ଼ିଲେ କି ଅନ୍ୟ ବହି ପଢ଼ିଲେ ବାପାଙ୍କ ଠୁ ଗାଳି ଶୁଣିବାକୁ ପଡ଼େ। ବାପା ଚାକିରୀ କରୁଥିଲେ ବାହାରେ। ପନ୍ଦର ଦିନରେ ଥରେ ଘରକୁ ଆସନ୍ତି ଆଉ ସେଇ ସମୟରେ ଏ ସବୁ ଗାଳି ପଡ଼େ। ଏମିତି ଲୋୟର ପ୍ରାଇମେରୀ ଶିକ୍ଷା ସରିଗଲା। ଅପର ପ୍ରାଇମେରୀ ପାଇଁ ପାଖ ଗାଁ ଗୋପୀନାଥପୁର ସ୍କୁଲକୁ ଯିବାକୁ ପଡ଼ିଲା ଦୁଇ କିଲୋମିଟର ଦୂର। ସେଠି ସବୁ ନୁଆସାଙ୍ଗ ହେଇଗଲେ। ଥରେ ରିସେସ୍‌ରେ ଗୋପୀନାଥପୁର ପିଲାଙ୍କ ସାଙ୍ଗେ ମୁଁ ଆଉ ପ୍ରଭାକର (ଆମ ପଡ଼ିଶାଘର ପୁଅ) ଗଲୁ ନଦୀକୂଳକୁ। ସେଠି ଦିପହରିଆ ଅନ୍ୟର ମାଛମରା ହୁଳି ଡ଼ଙ୍ଗା ଫିଟେଇ ନଦୀରେ ଡ଼ଙ୍ଗା ଚଲେଇଲୁ। ଦିନେ ବାପା ଏକଥା ଜାଣି ପ୍ରଭାକର

ଓ ମୋତେ ପ୍ରବଳ ଗାଳି କଲେ। ସେଇଦିନଠୁ ଡ଼ଙ୍ଗା ଚଲା ବନ୍ଦ। ଆମେ ଦିଜଣ ଭାବିଲୁ କେମିତି ବାପା ଜାଣିଲେ ଏସବୁ କଥା। ପରେ ଜଣାପଡ଼ିଲା ଯେ ଆମ ଧୋବଣୀର ଘର ଗୋପୀନାଥପୁର। ସେ ଡ଼ଙ୍ଗା ଯାଗାର ତଳ ତୁଠରେ ଧୋବା ତୁଠ। ଦି - ପହରିଆ ତୁଠ କଲାବେଳେ ଆମକୁ ଦେଖିକି ଚିହ୍ନି ଥିଲା ଆଉ ବାପାଙ୍କୁ ଯାଇ କହିଥିଲା। ସାନ ବାବୁ ଯାଇକି ଗୋପୀନାଥପୁର ବାଲୁଙ୍ଗା ପିଲାଙ୍କ ସାଙ୍ଗରେ ନଦୀରେ ଡ଼ଙ୍ଗା ଚଳଉଛନ୍ତି।

ଅପର ପ୍ରାଇମେରୀ ପରେ ମାଇନର ସ୍କୁଲରେ ଶିକ୍ଷା ଆରମ୍ଭ ହେଲା ସେଇ ଗୋପୀନାଥପୁର ଗାଆଁରେ। ବାପା ସେତେବେଳେ ଦେଖିଲେ ପିଲାଟାର ସ୍ୱାସ୍ଥ୍ୟ ସେତେ ଭଲନାହିଁ ଦୁର୍ବଳିଆ ରହୁଚି। ସେ ଛୋଟା ଗୁଡ଼ିଆ ଦୋକାନୀକୁ କହିଦେଲେ ରିସେସ୍‌ରେ ପୁଅ ସବୁଦିନ ତମ ଦୋକାନକୁ ଆସିବ। ତାକୁ ୧୦୦ଗ୍ରାମ୍ ଦୁଧ ଛେନା ଆଉ ଗୋଟେ ଦେଶୀ ସିଝା ଅଣ୍ଡା ଖାଇବାକୁ ଦବ। ଗୋଟେ ଖାତାରେ ସବୁ ଲେଖୁଥିବ। ମାସ ଶେଷରେ ମୁଁ ଗାଆଁକୁ ଆସିଲେ ମୋ ଠୁ ପଇସା ନବ। ପୁଅକୁ କେବେ ପଇସା ମାଗିବନି। ଦୁର୍ଭାଗ୍ୟର କଥା ମୋତେ ଏଇ ଦୁଇଟାଯାକ ଜିନିଷ ଭଲ ଲାଗେନି। ମୋତେ ଭଲଲାଗେ ଅଣ୍ଡା ଆମ୍‌ଲେଟ୍ ଆଉ ଛେନାପୋଡ଼। କିନ୍ତୁ ବାଧ ହେଇକି ମୁଁ ଖାଇଲି ସିଝା ଅଣ୍ଡା ଆଉ କଞ୍ଚା ଛେନା। ଦିନେ ଦିନେ ଛୋଟା ଗୁଡ଼ିଆ ମୋ ପାଇଁ କଞ୍ଚା ଛେନା ରଖିବାକୁ ଭୁଲିଯାଏ। ସେଦିନ ଛୋଟା ଗୁଡ଼ିଆ ମୋତେ ଟିକିଏ ଭିତିରିଆ ବେଞ୍ଚରେ ବସେଇ ଦେଇକି ଗୋଟେ ପ୍ଲେଟରେ ୧୦୦ଗ୍ରାମ ଛେନାପୋଡ଼ ଧରିକି ଆସିବ ଆଉ ଡ଼ରି ଡ଼ରି କହିବ, ବାବୁ ଆଜି ଛେନା ନାହିଁ ପୋଡ଼ ଖାଇଦିଅ। ବାପାଙ୍କୁ କହିବନି। ମୁଁ ସେଦିନ ମନେ ମନେ ଭାରି ଖୁସି। ପୋଡ଼ ଖାଇ ଦେଇକି ପଳେଇ ଆସେ।

ମନେପଡୁଚି, ଥରେ ମୁଁ ନଦୀରୁ ଗାଧେଇକି ଆସିକି ମୁଣ୍ଡ କୁଣ୍ଡୋଉ ଥିଲି। ବାପା ଦେଖିଦେଲେ କହିଲେ, ଦେଖିବା - ଆରେ କ'ଣ ଏମିତି କୁଣ୍ଡେଇଚୁ। ମୋ ଗାଲ ସହ ଥୋବଣି ଧରି ପକେଇଲେ ବାଁ ହାତରେ। ଏମିତି ଧରିଲେ ଯେ ଆଉ ମୁଣ୍ଡ ହଲଚଲ କରିପାରିବାର ପ୍ରଶ୍ନ ଉଠୁନି। ଡ଼ାହାଣ ହାତରେ ପାନିଆଟା ଧରି ମୁଣ୍ଡ କୁଣ୍ଡେଇ ଦେଲେ। କହିଲେ ଏବେ

ଭଲ ଦେଖାଯାଉଚି । ଯା ଖାଇବୁ ଯା । ଖାଲି ମୋତେ ନୁହେଁ ସବୁ ପିଲାଙ୍କୁ ଭଲପାଆନ୍ତି ସେ । ଛୁଟିଦିନରେ କେବେ କେବେ ସନ୍ଧ୍ୟାବେଳେ ଲଣ୍ଠନଟା ଲଗେଇ ସନ୍ଧ୍ୟା ପ୍ରାର୍ଥନା ସରିଲା ବେଳକୁ ବାପା ଆସିଯାଆନ୍ତି । ଆମ ସାଙ୍ଗରେ ବସନ୍ତି । ଭଜନ ବୋଲିବାକୁ କହନ୍ତି । ଖରାଛୁଟିରେ ପ୍ରାୟ ହୁଏ । ସେତେବେଳେ ପିଇସୀ ନାନୀମାନେ ଆସିଥାଆନ୍ତି, ତେଣୁ ରେଣୁ ନାନୀ, ବୁଢ଼ୀ, ମାମୀ, ମାନସ, ସଣ୍ଟୁ, ସବିତା, ଟୁଟୁ, ବିଜୁ ସବୁଥାଆନ୍ତି । ସମସ୍ତେ ଭଜନ ବୋଲନ୍ତି । ଭଜନ ସନ୍ଧ୍ୟା ସରିଲେ ସେ ଦାଣ୍ଡ ଆଡ଼େ ଯାଆନ୍ତି ତାଙ୍କ ସାଙ୍ଗସାଥୀଙ୍କ ସାଙ୍ଗରେ ଗପସପ ହେବାପାଇଁ ।

ଗୋପୀନାଥପୁରରେ ଅଷ୍ଟମ ଶ୍ରେଣୀ ସରିଲା ପରେ ଯେତେବେଳେ ବାପା ଦେଖିଲେ ମୋର ସେତେଟା ଭଲ ନମ୍ବର ନାହିଁ ପରୀକ୍ଷାରେ । ସେ ମୋର ନାଁ ଲେଖେଇଦେଲେ ବଡ଼ମ୍ବା ହାଇସ୍କୁଲରେ । ଦଶ କିଲୋମିଟର ଦୂର । ତେଣୁ ହଷ୍ଟେଲରେ ରହିଲି । ସେଠି ଗଣିତ, ବିଜ୍ଞାନ ଟିଉସନ୍ ହେଲି । ପୁଣି ଶେଷକୁ ସେଥିରେ ଯୋଡ଼ି ହୋଇଗଲା ସଂସ୍କୃତ ଟିଉସନ୍ । ସେଠି ବି ସ୍କୁଲକୁ ପସରା ଧରିକି ଆସୁଥିବା ବାଲୁଙ୍କୁ ସାହୁକୁ । କହିଦେଲେ ପୁଅକୁ ଯାହା ଦରକାର ଦେଉଥିବୁ ମୋଠୁ ପଇସା ନବୁ । ଗୋଇଙ୍ଗ୍ ଗୋପାଲ୍ ଶୁଣିଲେ ଆମେ ଜାଣିଯାଉ ବାଲୁଙ୍କି ସାହୁ ପସରା ଆସିଗଲା । ସେ ମୋତେ ତା ଇଚ୍ଛାରେ ନିମିକି, ଫେଣୀ, କ'ଣ କ'ଣ ଦେଇକି ଚାଲିଯାଏ । ବାପାଙ୍କଠୁ କେତେ ପଇସା ନିଏ ସେ ଜାଣିଥିବ । ହାଇସ୍କୁଲ ସରିଲା । କଲେଜ ଜୀବନର ଆରମ୍ଭ । ତଥାପି ସେ ବୁଝିନିଅନ୍ତି କାହାଠୁ ନା କାହାଠୁ ମୋର କ'ଣ ଅସୁବିଧା ହଉଚି । କୋଉଦିନ ଛୁଟି ହେବ କେମିତି ଆସିବ ସବୁକିଛି । ଜଣେ ସ୍ୱତନ୍ତ୍ର ଲୋକ କେବେକେବେ କ'ଣ ଜିନିଷ ଧରିକି ମୋ ପାଖକୁ ବାଙ୍କୀ କଲେଜ ଆସେ । ଯଦି ଗାଡ଼ି ସୁବିଧା ନହୁଏ ଜଣେ ଲୋକ ଆସେ ମୋତେ ସାଇକେଲରେ ନେଇକି ଯାଏ । ମୋର ଆଇଏସ୍‌ସିରେ ରେଜଲ୍ଟ ଭଲ ହେଲାନି । ଇଂଜିନିୟରିଂ ପ୍ରବେଶିକା ପରୀକ୍ଷାରେ ବି ହେଲାନି । ତଥାପି ବାପା ରାଗିନଥିଲେ । ସେ ମୋତେ ସାଙ୍ଗରେ ଝାରସୁଗୁଡ଼ା ଇଂଜିନିୟରିଂ ସ୍କୁଲ ନେଇକି ଯାଇଥିଲେ, କାଳେ ସେଠି ଡ଼ିପ୍ଲୋମାରେ ଆଡ଼ମିଶନ୍

ହୋଇପାରିବ। ସେଠି ନହେବାରୁ ବିଏସସି କେମେଷ୍ଟ୍ରି ଅନର୍ସରେ ପଢ଼ିଲି ଅନୁଗୋଳ କଲେଜରେ। ସେକେଣ୍ଡ ଡ଼ିଭିଜନ ହେଲା, ଫାଷ୍ଟ ଡ଼ିଭିଜନ୍‌ରୁ ୪ ନମ୍ବର କମିଲା। ସେ ବର୍ଷ ଉତ୍କଳ ଇଉନିଭରସିଟିରୁ କେମେଷ୍ଟ୍ରି ଅନର୍ସରେ ପାସ୍ କରିଥିବା ପିଲାଙ୍କ ଭିତରେ ମୋ ରାଙ୍କ୍ ୩୮ ନା ୩୯ କ'ଣ ଥିଲା। କିନ୍ତୁ ଉତ୍କଳ ଇଉନିଭରସିଟିରେ ୪୫ଟି ପିଜି ସିଟ୍ ଥିଲା। ମୁଁ ଉତ୍କଳ ଆଉ ରେଭେନ୍ସାରେ ପିଜି ପାଇଁ ଦରଖାସ୍ତ କରି ବସିଗଲି। ମୁଁ ହିସାବକୁ ନେଲିନି ଯେ ଅନ୍ୟ ଇଉନିଭରସିଟି ପିଲା ବି ଏଠିକୁ ଆସିପାରନ୍ତି। ମୋର ହେଲାନି। ଘରେ ବସିଲି। ସେଇ ବର୍ଷ ବାପାଙ୍କର ହଠାତ ଗୋଡ଼ ଅଚଳ ହୋଇଗଲା। ସ୍ଥାନୀୟ ଡ଼ାକ୍ତରଙ୍କ ଠାରୁ ଔଷଧ ଖାଇ କିଛି ଲାଭ ହେଲାନି। ବାଧ୍ୟ ହୋଇ ବାପା କହିଲେ କିଶୋର କଟକ ଯିବା। ବୋଉ ଆଉ ମୁଁ ବାପାଙ୍କୁ ଧରି ମୁନୀ ଦାଦାଙ୍କ ଘରେ ପହଞ୍ଚିଲୁ। ଜଣାପଡ଼ିଲା ବାପାଙ୍କ ସ୍ପାଇନାଲ କଡ଼ରେ ଗୋଟେ ହାଡ଼ ବଢ଼ିକି ନର୍ଭକୁ ଚାପିଦଉଚି। ତେଣୁ ଗୋଟେ ଗୋଡ଼ ଚାଲୁନି। ଅପରେସନ୍ କରିବାକୁ ପଡ଼ିବ। ବାପାଙ୍କର ଅପରେସନ ହେଲା। ମୁଁ ଆଉ ବୋଉ ରହିଲୁ ଡ଼ାକ୍ତରଖାନାରେ। ବହୁତ ଦିନ ଲାଗିଲା ଭଲ ହବାପାଇଁ। ମୁଁ ଭାବିଲି ଯାହାହେଉ ମୋତେ କଲେଜରେ ସିଟ୍ ମିଳିନି ଭଲ ହେଇଚି। ସେଇ ସମୟଟା ମୁଁ ବାପାଙ୍କ ପାଇଁ ଦଉଚି।

ତା'ପରବର୍ଷ ମୁଁ ତିନୋଟି ଯାକ ଇଉନିଭରସିଟିକୁ ପିଜି ପାଇଁ ଦରଖାସ୍ତ କଲି। ସମ୍ବଲପୁର ଇଉନିଭରସିଟିରୁ ମୋତେ ସ୍ପଟ୍ ଆଡ଼ମିଶନରେ ଭାଗ ନେବାପାଇଁ ଚିଠି ଆସିଲା। ଯୋଉଦିନ ପାଇଲି ତା'ପରଦିନ ସମ୍ବଲପୁରରେ ପହଞ୍ଚିବାକୁ ପଡ଼ିବ। ମୁଁ ଘରେ ପହଞ୍ଚିଲାବେଳକୁ ଯୋଗକୁ ବାପା ଘରେ ଥିଲେ। ସେ ମୋ ଇଣ୍ଟିମେସନ୍ ଲେଟର୍ କଥା ଶୁଣିଲେ। କହିଲେ ତୁ ସାଙ୍ଗେ ସାଙ୍ଗେ ବାହାର ଡ଼େରି କାହିଁକି କରୁଚୁ। ମୁଁ ଟଙ୍କା ଦଉଚି। ସେତେବେଳକୁ ସନ୍ଧ୍ୟା ୫ଟା। ପନ୍ଦର ମିନିଟ୍‌ରେ ମୋ ବ୍ୟାଗ୍‌ରେ ସାର୍ଟିଫିକେଟ୍, ହଳେ ପ୍ୟାଣ୍ଟ୍ ସାର୍ଟ ଆଉ ଗାମୁଛା ପୁରେଇଦେଲି। ବହୁ କଷ୍ଟରେ ମୁଁ ଓ ସାନଭାଇ ଟୁଟୁ ଯାଇ ସକାଳୁ ସମ୍ବଲପୁରରେ ପହଞ୍ଚିଲୁ। ସ୍ପଟ୍ ଆଡ଼ମିଶନରେ ଯାହେଉ ମୋର ହେଇଗଲା। ଆଡ଼ମିଶନ କରିକି ଫେରିଲୁ।

ସେଦିନ ସନ୍ଧ୍ୟାରେ ଯଦି ବାପା ଘରେ ନଥାନ୍ତେ, ତେବେ ମୁଁ ଜୀବନରେ ଏମ୍‌ଏସସି କରିପାରିନଥାନ୍ତି। ତାଙ୍କରି ଆଶୀର୍ବାଦ ଯୋଗୁଁ ମୋତେ ବସ୍ ମିଳିଲା ଆଉ ହେଇଗଲା। ପିଜି ସରିଲା ପରେ ବାପା ମୋତେ ନେଇକି ଯାଇଛନ୍ତି ଖଡ଼ଗପୁର। ଖଡ଼ଗପୁର ଆଇଆଇଟିରେ ତାଙ୍କ ସାଙ୍ଗ ପ୍ରଫେସର ଥିଲେ। ପି.ଏଚ.ଡ଼ି କରେଇବା ପାଇଁ। ସେ କହିଲେ ଏବେ ଏମିତି ମାର୍କ ବେସିସ୍‌ରେ ସିଲେକସନ୍ ହଉନି, ଯେମିତି ହେଲେ ଗେଟ୍ କ୍ଲିଅର କରିବାକୁ ପଡ଼ିବ। ତା'ପରେ ପ୍ରାଇଭେଟ୍ କଲେଜ ଲେକ୍‌ଚରସିପ୍ ଛାଡ଼ିଲି, ସମ୍ବଲପୁର ଇଉନିଭରସିଟି ପି.ଏଚ୍.ଡ଼ି ଛାଡ଼ିକି ରାୟଗଡ଼ା କାଗଜ ଏବଂ ମଣ୍ଡ ଗବେଷଣା କେନ୍ଦ୍ରରେ ଯୋଗଦେଲି। ସେଠୁ କାଗଜ କଳ ଭିତରେ ରହିଗଲି। ମୋ ଜୀବନ ସାଥୀ ବାପା ହିଁ ଖୋଜି ଦେଇଛନ୍ତି। ରାୟଗଡ଼ାରେ ସଂସାର ଆରମ୍ଭ କଲାବେଳେ ଗ୍ୟାସ୍ କନେକସନ୍, ଷ୍ଟୋଭ ଆହୁରି ଅନେକ କିଛି ଦେଇକି ପଠେଇଛନ୍ତି ରାୟଗଡ଼ା। ଗୋଟି ଗୋଟି କରି ଖୋଜିଲେ ସବୁକିଛି ତାଙ୍କରି ଯୋଗୁଁ ପାଇଛି। ବାହାଘରର ଆଠ ବର୍ଷପରେ ବାପା ଚାଲିଗଲେ ଆରପାରିକୁ। ତା'ପରେ ମୁଁ ପିଇସି ନାନୀଙ୍କଠୁ ଶୁଣିଛି ଯେ ବାପା ପୁରା ପରିବାରକୁ ଚଳେଇଥିଲେ। ଦାଦାମାନଙ୍କୁ ଡ଼ାକ୍ତରୀ ପଢ଼େଇବାରେ ତାଙ୍କର ଭୂମିକା ବେଶୀ। ପିଇସି ନାନୀମାନଙ୍କ ବାହାଘରର ତାଙ୍କର ଭୂମିକା ଅଗ୍ରଗଣ୍ୟ।

ବାପା ଥିଲେ ଜଣେ ଭଲ ଡ଼ିଟେକ୍ଟିଭ୍। ତାଙ୍କୁ କିଛି ଲୁଚେଇ ହୁଏନି। ଜଣେ ଆଡ଼ମିନଷ୍ଟ୍ରିରଙ୍କର ଏଇ ଗୁଣଟି ଦରକାର। ପୂରା ଘଟଣାବଳୀକୁ ବିଶ୍ଳେଷଣ କଲେ ଜଣାପଡ଼ିବ ସେ ଥିଲେ ଆମ ଯୌଥ ପରିବାରର ଭଗବାନ ଭଳି। ସମସ୍ତଙ୍କ ପାଇଁ କିଛି କିଛି କରିଥିବେ ଯୋଉଟାକୁ ସେମାନେ କେବେ ଭୁଲିପାରିବେନି। ଗାଁରେ ସମସ୍ତେ ତାଙ୍କୁ ବହୁତ ଭଲ ପାଆନ୍ତି। ସେ ଅସୁବିଧା ବେଳେ ଅନ୍ୟକୁ ସାହାଯ୍ୟ କରନ୍ତି। ମେଳାରେ ଯାତ୍ରା ଦେଖିବାକୁ ଗଲାବେଳେ ମୁଁ ଦେଖିଚି, ବାଟରୁ ଯିଏବି ଆମ ସାଙ୍ଗରେ ସାଙ୍ଗ ହେଇଯାଆନ୍ତି ଆଉ କଥା ହେଇକି ଯାଆନ୍ତି, ବାପା ତାଙ୍କ ଯାତ୍ରା ଟିକେଟ ବି କରିଦିଅନ୍ତି। ହୋଟେଲ୍‌ରେ ସମସ୍ତଙ୍କୁ ଜଳଖିଆ ଖୁଆନ୍ତି।

ଅନେକ ସମୟରେ ଆମେ ଈଶ୍ୱରଙ୍କୁ ଖୋଜୁଚେ। ଖୋଜି ଖୋଜି

ନୟାନ୍ତ ହୋଇଯାଉଚେ। କିଏ କହୁଚି ପାଇଲି, କିଏ ପାଇନି। କିନ୍ତୁ ସମସ୍ତେ ବହୁତ ଖୋଜିଛନ୍ତି। ଖୋଜିବା ବହୁତ କଷ୍ଟ। ହେଲେ ଆମେ ଈଶ୍ୱରଙ୍କୁ ଖୋଜୁଚେ କ'ଣ ପାଇଁ। ଆମର କିଛି ସ୍ୱାର୍ଥ ଅଛି ବୋଧେ। କିଏ କହେ ନା ମୋର କିଛି ସ୍ୱାର୍ଥ ନାହିଁ। ମୁଁ ଈଶ୍ୱରଙ୍କୁ ଭକ୍ତି କରେ, ପ୍ରେମ କରେ ସେଇଥିପାଇଁ ଖୋଜୁଚି। ହଁ ସେଇ ଭକ୍ତି ଆଉ ପ୍ରେମରେ ପାଇବାର ଆଶା ମଧ୍ୟ ଗୋଟିଏ ପ୍ରକାର ସ୍ୱାର୍ଥ। କିନ୍ତୁ ଆମେ ଯେଉଁଥିପାଇଁ ଖୋଜୁଚି, ତାଙ୍କଠୁ ଯାହା ପାଇବା ପାଇଁ ଆଶା କରୁଚେ ସେଇଟା ଯଦି ଆଉ କେହି ତାହା ଦେଇଦିଏ ଆମେ ତାକୁ ଈଶ୍ୱର ବୋଲି ମାନିବାକୁ ପ୍ରସ୍ତୁତ ନୁହଁ। କାହିଁକି ନା ଗାଁ କନିଆ ସବୁବେଳେ ସିଂଘାଣିନାକି। ନିଜର ଦୃଷ୍ଟିଭଙ୍ଗୀ ବଦଳେଇଲେ ଈଶ୍ୱରଙ୍କୁ ସବୁବେଳେ ଆପଣଙ୍କ ପାଖରେ ପାଇବେ। ସେ ଆଉ କେହି ନୁହେଁ ବାପାଙ୍କୁ ହିଁ ଦେଖିବେ। ନିଜକୁ ବଦଳେଇବାରେ ଡେ଼ରି କରନ୍ତୁନାହିଁ।

ତୁଣପୁର, ବଡ଼ମ୍ବା, କଟକ
ଶୂନ୍ୟଭାଷା : ୮୪୯୮୦୯୭୬୧୦

## ଯାହା ଅଙ୍ଗେନିଭେଇଛି





**ପ୍ରଶାନ୍ତ ଦାଶ ।**

ସେଦିନ ସକାଳୁ ସାନ ଭାଇ ଠାରୁ ଫୋନ୍ ପାଇଲି, ଭାଇନା ଏଇ ସପ୍ତାହ ଭିତରେ ଯେମିତି ହେଲେ ଟିକେ ଘରକୁ ଆସ, ଜରୁରୀ କାମ ଅଛି । ମତେ ଆଶ୍ଚର୍ଯ୍ୟ ଲାଗିଲା । କିଛି ଅସୁବିଧା ହେଲା କି ? କାରଣ ଗତ ୦୩ ବର୍ଷ ଭିତରେ ମତେ ବାଧ କରି କେହି କେବେ ଘରକୁ ଡାକି ନାହାନ୍ତି । ୨୦୧୨ ମସିହା ଏପ୍ରିଲ୍ ୨୮ ତାରିଖ ଠାରୁ ବାପା ସ୍ୱର୍ଗାରୋହଣ କଲେଣି । ତିନି ବର୍ଷ ବିତି ଗଲାଣି । ସେବେ ଠାରୁ ଘରର ସବୁ ଦାୟୀତ୍ୱ ମୋର ସବା ସାନା ଭାଇ ଉପରେ । କିଛି ଅସୁବିଧା ହେଲେ ବା ଆବଶ୍ୟକତା ପଡିଲେ ହିଁ ସେ ମତେ ସ୍ମରଣ କରେ । ତେଣୁ ମୁଁ ସଜାଗ ଅନୁଭବ କଲି ।

ଦୀର୍ଘ ଦିନରୁ ହୁଏତ ବାପା ବୋଉ ଙ୍କର ମୋ ପ୍ରତି ସୃଷ୍ଟି ହୋଇ ଥିବା ଅବୁଝାମଣା ଅଭିମାନ ଲାଗି ସବୁ ଭାଇ ଭଉଣୀ ମତେ ଅଲୋଡା ଭାବି ନେଇ  ଥିଲେ । ଯଦିଓ ମୁଁ ସମସ୍ତଙ୍କ ଭିତରେ ବଡ । ମତେ ଏକୁଟିଆ -ବାହାରା କରି ଦେଇଥିଲେ । ଘରର ପୂର୍ଣ୍ୟପର୍ବ ତଥା ସମସ୍ତ ଦରକାରୀ କାର୍ଯ୍ୟରେ କିନ୍ତୁ ମୁଁ  ବଳେପଶା ଉପସ୍ଥିତି ଜାହିର୍ କରୁଥିଲି । ସମ୍ପର୍କ ର ସୂତାଖିଅ ଯତ୍ପରୋନାସ୍ତି ଧରିରଖି ଥିଲି । ଛିଡିବାକୁ ଦେଇ ନଥିଲି । ହେଲେ ଛାତି ତଳେମୋର ବି ଛୋଟ ଅଭିମାନର ନିଆଁ ଟିଏ ଦିକ୍ ଦିକ୍ ହୋଇ ଜଳୁଥିଲା । ଯେ ମୋ'ର ଦୁରବସ୍ଥାକୁ ବାପା ବୋଉ ବୁଝିଲେ ନାହିଁ କି ପଚାରିଲେ ନାହିଁ । ଏମିତି ସମୟ ବିତି ଚାଲିଥିଲା । ମୁଁ କ୍ରମଶଃ ବୟସ ତଥା ସମସ୍ୟା ଭାରରେ ନଇଁ ନଇଁକା ଆଗକୁ ବଢୁଥିଲି । ଘରେ ଶୈଶବର ଆଦର ନପାଇ ମଧ୍ୟ ମୋ ପିଲାମାନେ ବଡ

ହୋଇଗଲେ । । ୟାରି ଭିତରେ ବାପା ଆମକୁ ଛାଡି ଚାଲିଗଲେ । ମଶାଣିରେ ବାପାଙ୍କୁ ମୁଖାଗ୍ନି ଦେବା ଅଧିକାର ମୋର ଥିଲା । ଏ ଅଧମ ତାଙ୍କୁ ଖୁସି ଟିକେ ତ ଦେଇ ପାରିଲାନି ହେଲେ ମୁଖାଗ୍ନି ଦେଲା । ତା ପୂର୍ବରୁ ଶ୍ମଶାନରେ ତାଙ୍କ ଶବାଧାର ପାଦ ପାଖରେ ବସି ମୁଁ ତାଙ୍କ ନିର୍ଲିପ୍ତ ମୁଖମଣ୍ଡଳକୁ ଚାହିଁ ଥିଲି , ଅମାନିଆ ଲୁହ ତାଙ୍କ ନିଜର ପାଦରେ ପଡୁଥିଲା । ମନେ ମନେ କହୁଥିଲି ବାପା ମୁଁ ତମକୁ ବୁଝାଇ ପାରିଲିନି । ହେଲେ କାହିଁକି ଲାଗିଲା ବାପା ଯେମିତି କହୁଛନ୍ତି ମୁଁ ସବୁ ବୁଝିଚି । ଆଉ ବ୍ୟସ୍ତ ହ ନା । ତାପରେ ବିତିଗଲାଣି ୩ ବର୍ଷ ।

ଆଜି କାହିଁକି ସାନଭାଇ ଘରକୁ ଯିବାକୁ ଏତେ ଆଦରରେ ବାଧ୍ୟ କରୁଛି । ପର ସପ୍ତାହରେ ଗାଁରେ ଘରେ ପହଂଚିଲି । ଜାଣିଲି ୨ ଟି କାରଣ ପାଇଁ ମତେ ଡକା ଯାଇଛି । ପ୍ରଥମଟି ହେଲା ଆମ ଘରର ଟ୍ରାକ୍ଟର ପାଇଁ ବ୍ୟାଙ୍କ ଋଣ ଲାଗି ଜମା ରହିଥିବା ଟଙ୍କା ଉଠାଣ ଓ ୨ୟଟି ହେଲା କୃଷି ସମବାୟ ସମିତିରେ ବାପାଙ୍କ ନାମରେ ଥିବା ସଭ୍ୟ ପଦର ନବୀକରଣ । ଦୁଇଟି ଯାକ କ୍ଷେତ୍ରରେ ବାପା ମୋତେ ହିଁ ନୋମିନି (ଉତ୍ତରାଧିକାରୀ ) ରଖିଥିଲେ ।

ମୁଁ ଆକାଶରୁ ଗଳି ପଡିଲି । ଅମାନିଆ ଆଖିରୁ ମୋର ଅସରାଏ ଲୁହ ଝରି ଆସିଲା ।ଏଇ ଟ୍ରାକ୍ଟର କିଣା ବେଳେ ମୋତେ ସମସ୍ତେ ସବୁକଥା ଲୁଚାଇ ଥିଲେ । କେତେ ଋଣ ହେଲା , କେମିତି କିଣାଗଲା କିଛି ଜଣାଇ ନଥିଲେ । ମୁଁ ବି ଅଭିମାନରେ ବାପାଙ୍କୁ କିଛି ପ୍ରଶ୍ନ କରି ନଥିଲି । ଧରି ନେଇଥିଲି ସେମାନେ ବାପାଙ୍କୁ ମନାଇ ଆଉ କାହା ନାଁରେ କିଛି କାରସାଦି କରିଛନ୍ତି । ହେଲେ ଏ କଣ ? ବାପା କେବଳ ମତେ ହିଁ ନୋମିନି ରଖିଛନ୍ତି । ସବୁରେ କେବଳ ମୋର ଅଧିକାର । ମୋର ଦସ୍ତଖତରେ ଗ୍ୟାରେଂଟି ଜମା ପଇସା ୩୫୦୦୦/- ( ପଇଁତ୍ରିଶ ହଜାର)ଟଙ୍କା ଉଠିଲା । କାରଣ ନୋମିନି କେବଳ ମୁଁ ଥିଲି ।

୨ୟ କାରଣ ସେବା ସମବାୟ ସମିତିର ସଭ୍ୟ ପଦ । ଯେଉଁଠି ବାପା ପ୍ରତିଷ୍ଠାତା ପ୍ରାଥମିକ ସଦସ୍ୟ ଥିଲେ । ନିୟମ ଅନୁସାରେ ସମିତିର

କୌଣସି ସଭ୍ୟଙ୍କର ମୃତ୍ୟୁ ହେଲେ ସେ ନୋମିନି ରଖିଥିବା ଲୋକଙ୍କୁ ସେହି ସଭ୍ୟ ପଦ ମିଳିବ । ଯେ କି ତାଙ୍କ ପୁଅ ହେବା ଜରୁରୀ ନୁହେଁ। ଏଠାରେ ମଧ୍ୟ ଆଶ୍ଚର୍ଯ୍ୟ ମୋତେ ଅପେକ୍ଷା କରିଥିଲା ମୁଁ ହିଁ ଥିଲି ବାପାଙ୍କ ଲିଖିତ ନୋମିନି (ଉତ୍ତରାଧିକାରୀ ) । ଉଭୟ ଯାଗାରେ ଦସ୍ତଖତ କରି ସରକାରୀ କାଗଜପତ୍ର କାମ ସାରି ମୁଁ ଘରକୁ ଆସିଲି । ଆମ ଦାଣ୍ଡ ପିଣ୍ଡାରେ ଏକ ପିଣ୍ଡି କରି ବାପାଙ୍କ ଅସ୍ଥି-କଳସ ରଖା ଯାଇ ଥିଲା । ପ୍ରତିଦିନ ଫୁଲ ପାଣି ଧୂପ ଦିଆ ଯାଏ । ସମୟ ସୁବିଧା ଦେଖି ଯାହା ଗଙ୍ଗାରେ ବିସର୍ଜନ ପାଇଁ ଯିବ । ଘର ଭିତରକୁ ପଶିବା ପୂର୍ବରୁ ସେ ପିଣ୍ଡିକୁ ଚାହିଁ ମୁଁ କୋହ ସମ୍ଭରଣ କରି ପାରିଲି ନାଁ । ଅସ୍ଥି କଳସ ପିଣ୍ଡିରେ ମୁଣ୍ଡ ପିଟି କାନ୍ଦି ଉଠିଲି । ବାପା ତମେ ମୋତେ ଏତେ ଭଲ ପାଉଥିଲ ? ମୁଁ କଦର୍ଯ୍ୟ ଅପରାଧୀ ତମ ପରି ଦେବତାଙ୍କୁ କେତେ ଭୂଲ୍ ବୁଝିଛି । ଉପରେ ଥାଇ ତମର ଏଇ ଅଯୋଗ୍ୟ ପୁଅକୁ କ୍ଷମା କରିଦିଅ ।

ମୁଁ ପିଲାଦିନୁ ଦେଖିଛି ବାପା ବହୁତ ନ୍ୟାୟ ନିଶାପ କୁ ଯାଆନ୍ତି । ତାଙ୍କ ର ନ୍ୟାୟ ବିଚାର ପାଇଁ ସେ ଆମ ଅଂଚଳରେ ଲୋକପ୍ରିୟ ଥିଲେ । ଲୋକଙ୍କ ଘର କଳି ତୁଟାଇବା ନ୍ୟାୟ ପାଇଁ ପାଖ ଆଖ ଗାଁ ରୁ ତାଙ୍କୁ ବହୁତ ନିମନ୍ତ୍ରଣ ଆସେ । କେବେ ତାଙ୍କ ଠାରେ ପକ୍ଷପାତିତା ବା ଅନ୍ୟାୟ ବିଚାରର ଅପବାଦ କେହି ଦେଇ ନାହାନ୍ତି । ମୋ ପ୍ରତି. ତାଙ୍କ ପୁଅ ପ୍ରତି ସେ ପୁଣି ଅବିଚାର କରିବେ ? ମୁଁ କେତେ ମୂର୍ଖ ସତେ ?

ସେଇରାତି ସାରା ମୁଁ କେବଳ ବାପାଙ୍କୁ ଭାବିଭାବି ଶୋଇଗଲି । ସତରେ ବାପାଙ୍କ ସ୍ପଷ୍ଟବାଦୀତା ଓ ନ୍ୟାୟ ପରାୟଣତା ଗୁଣ ମୋ ଉପରେ ପ୍ରତ୍ୟକ୍ଷ ତଥା ଅପ୍ରତ୍ୟକ୍ଷ ପ୍ରଭାବ ପକାଇଛି । ନିଜ ଜ୍ଞାତସାରରେ ବା ଯୋଜନା କରି ମୁଁ କାହାରି ପ୍ରତି ଜୀବନରେ ଅନ୍ୟାୟ କରିନାହିଁ । ଯଦିବା ନିଜ ଜୀବନଟା ମୋର କେବଳ ସଂଘର୍ଷର ପାଣ୍ଡୁଲିପି । ଯେତେବେଳେ ବାପା ଙ୍କୁ ମୁଁ ସ୍ମରଣ କରେ ତାଙ୍କର ଅକପଟ ନ୍ୟାୟଦୀପ୍ତ ମୁହଁଟି ମୋର ଆଖି ଆଗରେ ନାଚି ଉଠେ ।

ବାପା ତୁମର ପୁଅ ହୋଇ ଥିବାରୁ ମୁଁ ଗର୍ବିତ । ମାତ୍ର ମୁଁ ତମକୁ ଗର୍ବିତ ବାପା କରିପାରିଲି ନାହିଁ । ଏଇ ଜୀବନରେ ଏତିକି ଅବଶୋଷ ରହିଗଲା। ଜନ୍ମେ ଜନ୍ମେ ମୋତେ ତୁମର ପୁଅ ହେବାର ସୌଭାଗ୍ୟ ମିଳୁ । ଏତିକି କାମନା ।

ଏସ୍.ଓ, ସିଏଇଟି,ଓୟୁଏଟି,ଭୁବନେଶ୍ୱର





# ବାପାଙ୍କ ବିଷୟରେ ପଦେ....

ଚିତ୍ତରଞ୍ଜନ ପଣ୍ଡିତ

"ପିତା ଧର୍ମ ପିତା ସ୍ୱର୍ଗ , ପିତା ହିଁ ପରମ ତପ
ପିତରି ପ୍ରୀତିମା ପନ୍ନେ ପ୍ରୀୟନ୍ତେ ସର୍ବ ଦେବତାଃ ।"

ପଦ୍ମ ପୁରାଣରେ ଲେଖାଯାଇଛି ଯେ, ପିତା ସନ୍ତୁଷ୍ଟ ହେଲେ ଦେବତାମାନେ ମଧ୍ୟ ପ୍ରସନ୍ନ ହୋଇଥାନ୍ତି। ବାପାଙ୍କର ସ୍ଥାନ ସବୁଠାରୁ ଉଚ୍ଚରେ। ସେ ସ୍ଥାନ କେହି ବି ପୂରଣ କରିପାରିବେ ନାହିଁ ।

ଆଜି ତାଙ୍କର କିଛି କଥା ଯାହାକି ମୋ ଜୀବନର ମନ୍ତ୍ରହୋଇ ରହିଛି ।

"ପିତାମାତା ସୁକଲ୍ୟାଣେ ପୁତ୍ର ହୁଏ ସୁଖୀ
ପୁତ୍ର ଯଦି ସୁଖୀ ହୁଏ କୁଳଧର୍ମ ରଖି ।"

୧. ସେ ସବୁବେଳେ କୁହନ୍ତି ବିପଦବେଳେ ଧୈର୍ଯ୍ୟହରା ହୁଅନାହିଁ, ମନକୁ ଦୃଢ଼ କର ।

୨. ତୁମ ପାଖରେ ପଇସା ନାହିଁ ତ ଏକଥା କାହା ଆଗରେ ପ୍ରକାଶ କରନାହିଁ, ଏପରିକି ସ୍ତ୍ରୀ ପୁତ୍ରକୁ ମଧ୍ୟ। କାରଣ, ଏକଥା ଅନ୍ୟମାନେ ଜାଣିଲେ ତୁମଠାରୁ ଦୂରେଇବାକୁ ଚେଷ୍ଟା କରିବେ। ସମ୍ପର୍କରେ ବାଧା ସୃଷ୍ଟି ହୋଇପାରେ ।

୩. କୌଣସି ବ୍ୟକ୍ତି ଅସହାୟ ଅବସ୍ଥାରେ ତାଙ୍କ ପାଖରେ ପହଞ୍ଚିଲେ ସେ ଏପରି ଆଶ୍ୱାସନା ଦିଅନ୍ତି ସତେ ଯେମିତି ବଜ୍ରାଘାତରୁ ସେ ରକ୍ଷା ପାଇଗଲା।

୪. ଜାତି ଧର୍ମ ଉପରେ ସେ କହନ୍ତି, ଜାତି ଦୁଇ ପ୍ରକାରର। ପୁରୁଷ ଜାତି ଓ ସ୍ତ୍ରୀ ଜାତି।

୫. ଦୟା ମନୋଭାବ ତାଙ୍କର ଏକ ଭଲଗୁଣ। ଭଲ ଖାଇବା ଓ ଭଲ

ପିନ୍ଧିବା ପରେ ସେ ବେଶି ଗୁରୁତ୍ୱ ଦିଅନ୍ତି। ସେ ଆଉ ଏକ କଥା କୁହନ୍ତି ମିଛ କହିବାଦ୍ୱାରା ଯଦି ଜଣେ ଲୋକ ବଞ୍ଚିଯାଏ ତେବେ ସେପରି କ୍ଷେତ୍ରରେ ମିଛ ପାପ ହେବନାହିଁ ।

ଆଶୀର୍ବାଦର ହାତ ସର୍ବଦା ସନ୍ତାନମାନଙ୍କ ଉପରେ ଥାଏ।

– "ଘରର ଚଳନ୍ତି ଦେବତା ସିଏ ତ ପୂଜିବା ଭକ୍ତି ମନରେ,
ତାଙ୍କ ପାଦଧୂଳି ଲଲାଟରେ ବୋଳି ଧନ୍ୟ ହୋଇବା ସଂସାରେ।"

ରାମେଶ୍ୱର
ମୋ – ୯୫୮୩୭୮୭୮୩୫





# ମୋ ବାପା

ସୁରେଶ ଚନ୍ଦ୍ର ବିଶ୍ୱାଳ

ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ କରମଳା ବାରପଡ଼ା ମଧ୍ୟରୁ ମୂଳବସନ୍ତ ଗ୍ରାମରେ ସ୍ୱର୍ଗତ ବାଞ୍ଛାନିଧି ବିଶ୍ୱାଳ ଏବଂ ସ୍ୱର୍ଗତା ସୁବାସୀ ବିଶ୍ୱାଳଙ୍କ ଔରଷରୁ ମୋ ବାପା ଶ୍ରୀଯୁକ୍ତ ଦୁତିବାମନ ବିଶ୍ୱାଳଙ୍କର ଜନ୍ମ। ୧୯୩୪ ମସିହା ମାଘ ମାସ ଶୁକ୍ଳ ଦ୍ୱିତୀୟା ତିଥିରେ ଜନ୍ମ। ତିନି ଭାଇଙ୍କ ମଧ୍ୟରେ ସେ ଜ୍ୟେଷ୍ଠ। ବର୍ତ୍ତମାନ ତାଙ୍କୁ ୮୬ ବର୍ଷ। ୨୧ ବର୍ଷ ବୟସରେ ସେ ହାରାମଣୀ ବିଶ୍ୱାଳଙ୍କୁ ବିବାହ କରିଥିଲେ।

ଶିକ୍ଷାର ପ୍ରସାର ଘଟିନଥିବାରୁ ପିଲାଦିନରୁ ଗ୍ରାମ୍ୟ ଚାଟଶାଳୀରେ ଅଧ୍ୟୟନ କରିଥିଲେ। ଯୁବକ ସମୟରେ ତାଙ୍କ ଦାଦାଙ୍କ ପ୍ରେରଣାରେ ଅନ୍ଧ ଗୁରୁଙ୍କ ପାଖରେ ମୃଦଙ୍ଗ ବାଦ୍ୟ ଶିକ୍ଷା ଲାଭ କରିଥିଲେ। ଜଣେ ଭଲ ସଂକୀର୍ତ୍ତନ ବାଦ୍ୟକାର ଭାବେ ବାଦ୍ୟ ବଜାଇବା ସମୟରେ ନାଚି ନାଚି ବାଦ୍ୟ ବଜାଇ ମୃଦଙ୍ଗ ଧରି ତଳି ଗଡ଼ି ଯାଇ ଉଠିପଡ଼ି ବାଦ୍ୟ ବଜାନ୍ତି। ବୃଦ୍ଧ ବୟସରେ ମଧ୍ୟ ମୋ ପାଖରେ ଆସି ଜେମାଦେଈ ଠାରେ ରହିଲାବେଳେ ଥରେ ଦୁଇଥର ଜେମାଦେଈ ବାଲୁଙ୍କେଶ୍ୱର ମନ୍ଦିରରେ (ଚନ୍ଦନ ପାଳି ସମୟରେ) ମୃଦଙ୍ଗ ବାଦ୍ୟ ପରିବେଶଣ କରିଛନ୍ତି।

ଆମର ଚାଷ ଜମି ଥିବାରୁ ଚାଷକାମରେ ସେ ଧୁରନ୍ଧର। ଆମ ଗାଁର ସମସ୍ତ ଲୋକଙ୍କ ଠାରୁ ଚାଷ କାମରେ ସେ ଆଗୁଆ। ଚାଷର ସମସ୍ତ କାମ ଭାରି ପରିଷ୍କାର ପରିଛନ୍ନ ମାଧ୍ୟମରେ କରନ୍ତି। ଏବେ ମଧ୍ୟ ଆମ ଗ୍ରାମର ତାଙ୍କ ସମସାମୟିକ ଲୋକ ତାଙ୍କ ଚାଷ କାମ କଥା କୁହନ୍ତି। ପ୍ରକୃତରେ କହିବାକୁ ଗଲେ ସେ ଜଣେ ଆଦର୍ଶ କୃଷକ। ଏବେ ଖୋର୍ଦ୍ଧା ଆସିଲେ ମୋ ଝିଅ ପୁଅମାନେ ଜେଜେଙ୍କ ସହ ଲାଗି କହନ୍ତି ଜେଜେ ଆମକୁ ପଣିକିଆ ଡ଼କା ଶିଖାଅ। ସେ ପଣିକିଆ ଡ଼ାକିଲେ ମୋ ପୁଅ ଝିଅ

ହସନ୍ତି। "ଦୁଇକେ ଦୁଇ କାହାଣ ଦିପଣ" କାହାଣ, ପଣ, ବିଶ୍ୱା, ବୋଡ଼ି ଲଗାଇ ପଣିକିଆ ଡ଼ାକନ୍ତି।

ମୋ ପିଲାବେଳର ସମୟ ଆମର ଏକ ଜମି ସାନଜେଜେ ଆଡ଼ଭାନସ୍ ଆଣି ବିକ୍ରି କରିଦେବାରୁ ବାପାଙ୍କର ମସ୍ତିଷ୍କ ବିକୃତ ଘଟିଲା। ଅନେକ ଉଦ୍ୟମ ପରେ ଯଦିଓ ସେ ଭଲ ହୋଇଛନ୍ତି ସଂପୂର୍ଣ୍ଣ ରୂପେ ନୁହେଁ। କାହାକୁ ଗାଳିମନ୍ଦ କରନ୍ତି ନାହିଁ। ମନ ହେଲେ କିଛି କାମ କରନ୍ତି ନହେଲେ ଘରଦୁଆର ମୁହଁରେ ବସନ୍ତି। ଗାଁରେ ରହିବାକୁ ଅଧିକ ପସନ୍ଦ କରନ୍ତି। ବେଶି ଅଧିକ ତାଙ୍କ ମାମୁଁ ଘର, ଶଶୁର ଘରକୁ ପାଦରେ ଚାଲି ଚାଲି ଯାଆନ୍ତି।

ଯେଉଁ ଯାଗାଟି ଆମର ବିକ୍ରୀ ହୋଇଛି ସେଠାରେ ଏବେ ଘର କରିଥିବା ଲୋକଙ୍କୁ ଗାଳି କରନ୍ତି। ବେଳେବେଳେ ମନେମନେ ଗୀତ ବୋଲନ୍ତି। ଗୋଡ଼ି ଧରି କ'ଣ କାନ୍ଥରେ ଲେଖିଦିଅନ୍ତି। ବାପାଙ୍କର ମୁଁ ପାଠ ପଢ଼ିବା ପ୍ରତି ଆଗ୍ରହ ନଥାଏ। ସେ ସବୁବେଳେ କହନ୍ତି ମୋର ଜେତିକି ଜମି ଅଛି ଚାଷକଲେ କିଏ ଖାଇବ। ଆମର ପାଠ ପଢ଼ିବା କ'ଣ ଦରକାର। ହଳ ବୁଲାଇବାକୁ କହନ୍ତି। ତାଙ୍କ ପରାମର୍ଶରେ ଧାନଚାଷର ସବୁକାମ ପ୍ରାୟ ମୋତେ ଜଣା। ଚାହିଁଲେ ଏବେ ଚାଷ କାମର ସବୁକାମ ନିଜେ କରିପାରିବି।

ବାପା ଜଣେ ଭଲ ସଂକୀର୍ତ୍ତନ ବାଦ୍ୟକାର ତେଣୁ ସଂକୀର୍ତ୍ତନ ପ୍ରତି ମନରେ ଭାରି ଦୁର୍ବଳତା। ସଂକୀର୍ତ୍ତନ ହେଉଥିବା ଦେଖିଲେ ସେଠି ଅଟକି ଯାଏ କିମ୍ବା ଆଖପାଖରେ ସଂକୀର୍ତ୍ତନ ହେବା ଜାଣିଲେ  ସେଠାରେ ଯାଇ ବସିଯାଏ।

ପିଲାଦିନର ଘଟଣା ବାପା ମନେମନେ ବସି ଦାଣ୍ଡଦୁଆରେ ଗୀତ ଗାଇଲାବେଳେ ଗୋଟିଏ ପଦ ଗୀତ ମୋର ମନେଅଛି ଏବଂ ତାହା ମୋ ମନରେ ରେଖାପାତ କରି ଆନ୍ଦୋଳିତ କରେ। ତାହା ହେଲା "ଏମନ୍ତ ଦିଅଁ ଅଛି କାହିଁ ହସ୍ତ ପ୍ରସାରି ଭୋଗଖାଇ।" ଏ ଗୀତ ପଦକ ବିଷୟରେ ବହୁତ ଭାବେ। ଖୋର୍ଦ୍ଧା କଲେଜର (ପ୍ରଫେସର ପ୍ରଫୁଲ୍ଲ ପାଇକରାୟଙ୍କ କ୍ଲାସରେ) ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରୁ "ଏ ଘଟେ ଜଗନ୍ନାଥ ଅଛି ମିଛରେ ପ୍ରତିମା ପୂଜୁଛି।" ଆଉଟିକେ ଭାବିବାକୁ ସୁଯୋଗ ମିଳିଲା। ଏକ ଦ୍ୱାଦଶାହ

ଜଣେ ଗାୟକ ବୋଲିଲେ। ଖାଇବା ଦିଅଁ ମାଗଇ ତାକୁ ମିଳଇ ନାହିଁ ନଖାଇଲା ଦିଅଁ ପାଖରେ ପୂଜୁ ଘଣ୍ଟି ବଜାଇ। ବାପାଙ୍କର ସେହି ଗୀତ ପଦକ ପାଇଁ ଆଉଟିକେ ଖୋରାକ ଯୋଗାଇଲା। ବିଏ ପଢ଼ିଲାବେଳେ (ପ୍ରଫେସର ଆଦରମଣୀ ବରାଳଙ୍କ କ୍ଲାସରେ) ରାଧାନାଥଙ୍କ "ଜିଅନ୍ତେ ନଦେଇ ଭାତ ମଲେ କରୁଅଛୁ ଗୁଣ୍ଡିଚା ଯାତଲୋ ଦେଖିବେ ସାରା ଜଗତ" ଆହୁରି ମନକୁ ଆନ୍ଦୋଳିତ କଲା।। ଥରେ ଏକ ପାଲାରେ ଗାୟକ ଲମ୍ବୋଦର ବେହେରାଙ୍କ।। କିଆଁ ପୂଜିବି ଠାକୁର ମୋ ପାଇଁ ମୋ ପିତାମାତା ଚଳନ୍ତି ଠାକୁର। ଶୁଣିଲା ପରେ ମନେ ମନେ ସ୍ଥିର କରିନେଲି ବାପା ଯେଉଁ ଗୀତ ପଦକ ବୋଲନ୍ତି ତାହା ଅନ୍ୟ କେହି ନୁହଁନ୍ତି। ସେମାନେ ନିଜର ବାପା ଓ ମାଆ। ସହଯେ ସାମ୍ୟବାଦରେ ବିଶ୍ୱାସ ଥିବାରୁ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବା ଅପେକ୍ଷା ନିଜ ବାପା ଓ ମାଆଙ୍କ ସେବା, ପୂଜା କରିବା ଓ ବାପା ମାଆଙ୍କୁ ଆଗ ଭୋଗ ଦେବା ସ୍ଥିର କରିଦେଇଛି।

ଶିକ୍ଷକତା ସମୟରେ ପ୍ରତିବର୍ଷ ପିଲାଙ୍କୁ ପରାମର୍ଶ ଦିଏ ମନ୍ଦିର ଯାଇ ପୂଜା କରିବା ଅପେକ୍ଷା ସକାଳେ ସଞ୍ଜରେ ବାପା ମାଆଙ୍କୁ ମୁଣ୍ଡିଆ ମାର ଅଧିକ ପୂଣ୍ୟ ହେବ। ଆଜି ପର୍ଯ୍ୟନ୍ତ ଯାହା ଉନ୍ନତି କରିଛି ତାହା ପିତାମାତାଙ୍କ ପ୍ରତି ଭକ୍ତି ଓ ତାଙ୍କ ଆଶୀର୍ବାଦରୁ। ପିତାମାତା ସବୁଠାରୁ ବଡ଼ଦିଅଁ ଏହା ମୋ ବାପାଙ୍କ ସେହି ଗୀତ ପଦକରୁ ମୋ ମନରେ ରେଖାପାତ କରିଛି।

ପ୍ରଧାନଶିକ୍ଷକ
ଜୟୀରାଜଗୁରୁ ଉ:ପ୍ରା ବିଦ୍ୟାଳୟ
ଜେମାଦେଈ





# ପ୍ରାଣର ବାବା ..
# ପୁଣ୍ୟାତ୍ମା ବାବା

ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ

ସାତ ସାଗରର ପ୍ରଶାନ୍ତି, ନୀଳମ ଅନନ୍ତ ଆକାଶର ନୀରବତା, ସୂର୍ଯ୍ୟସ୍ନାତ ନଭଶ୍ଚୁମ୍ବୀ ହିମାଦ୍ରିର ଉଜ୍ଜ୍ୱଳତା, ଗଙ୍ଗୋତ୍ରୀରୁ ଝରି ଆସୁଥିବା ଅଳକାନନ୍ଦାର ସ୍ୱଚ୍ଛତା, ଦୂର ତାଳବଣ ଫାଙ୍କରେ ମେଘ ସହ ଲୁଚକାଳି ଖେଳୁଥିବା ଚାନ୍ଦର ଶୀତଳତା , ସାରା ଆକାଶରେ ଛାଇଯାଇଥିବା ସହସ୍ର ସହସ୍ର ପରିବ୍ରାଜକ ଚିତ୍ରିତ ମୋନାର୍କ ପ୍ରଜାପତିଙ୍କ ଶୋଭା ଆଉ କଅଁଳ କିରଣରେ ଶିଶିର ଟୋପାରେ ଝଲସୁଥିବା ଝରାଶେଫାଳିର ଆଭା... ତମକୁ ନିଶବ୍ଦରେ ଥରେ ଡ଼ାକିଦେଲେ ସବୁ ଏକାକାର ହୋଇ ମୋ ହୃଦରେ ଲହଡ଼ି ଭାଙ୍ଗେ । ମେଘ ଚିରି ଧାରା ଶ୍ରାବଣର ଧାର ପରି ମୋ ଅସରା ଲୁହ, ବିଜାପୁର ଗୋଲଗମ୍ବୁଜର ପ୍ରତିଧ୍ୱନି ଭଳି ମୋ ଦୀର୍ଘଶ୍ୱାସ, ଆଗ୍ରା ଦୁର୍ଗରେ ବନ୍ଦୀ ଶା'ଜାହାନଙ୍କ ବିଳାପ ପରି ମୋ କୋହ.. ତମକୁ ଥରେ ଆଖି ବୁଜି ଡ଼ାକିଦେଲେ.. ମୋର ସାରା ଅବୟବ ଥରି ଉଠେ.. ମୋ ମନପ୍ରାଣକୁ ବିନା ବାରିପାତରେ ତିନ୍ତେଇ ଭିଜେଇ ଦିଏ ।

ଆଜୀବନ ଶ୍ୱେତ ଶୁଭ୍ର ପରିଧାନ ପରି ତମ ମନ ଥିଲା ଅନାବିଳ, ସ୍ୱଚ୍ଛ ନିର୍ମଳ । ସେଥିପାଇଁ ତ ତମ ହୃଦ ସିଂହାସନରେ ପରାତ୍ପର ପରମେଶ୍ୱର ପରମ ତୃପ୍ତିରେ ଥିଲେ ଆସୀନ । ମନ୍ଦିର ମସ୍‌ଜିଦ୍ ଗୀର୍ଜା ତମେ ଯାଉଥିଲେ ବି ସବୁଠି ତୁମ ଆଖିରେ ଭାସୁଥିଲା ଈଶ୍ୱରଙ୍କ ଏକଇ ଉଜ୍ଜ୍ୱଳ ପ୍ରତିଛବି , ମନର ମଲାଟରେ ଲାଗିଥିଲା ମନଲୋଭା ସୁନ୍ଦର ଜଳଛବି ...

ଗୌର ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠାତା ବହୁ ଧର୍ମ ଗ୍ରନ୍ଥର ପ୍ରଣେତା ଶ୍ରୀ ଶ୍ରୀଳ ଭକ୍ତିବନ୍ଧୁ ଭିକ୍ଷୁ ମହାରାଜାଙ୍କ ଶ୍ରଦ୍ଧାନୁଭବ - "ଶ୍ରୀ ରାଧାଗୋବିନ୍ଦ ଦାସଙ୍କ ସହ ମୋର ବହୁ ଦିନର ପରିଚିତି । ମୁଁ ଯେତେବେଳେ କଲିକତାର ଗୌଡ଼ୀୟ ମିଶନର ମୁଖ୍ୟ କାର୍ଯ୍ୟାଳୟରେ ଥିଲି ସେତେବେଳେ ସତ୍‌ସଙ୍ଗ

ମାଧ୍ୟମରେ ଶ୍ରୀ ଦାସଙ୍କ ସହ ମଧ୍ୟ ଆଳାପ ହେଉଥିଲା । ଶ୍ରୀଦାସଙ୍କ ବହୁମୁଖୀ ପ୍ରତିଭା ହିଁ ଜଗତର ଲୋକମାନଙ୍କୁ ଆଦର୍ଶ ରୂପେ ଅନୁପ୍ରାଣିତ କରୁଛି ଏବଂ ଭବିଷ୍ୟତରେ ମଧ୍ୟ କରିବ ।''

ଗୀତା ଭବନର ପ୍ରାକ୍ତନ ସଭାପତି ପ୍ରଫେସର୍ ସନାତନ ମିଶ୍ର ଗୀତାର ଷୋଡ଼ଶ ଅଧ୍ୟାୟର ଦ୍ୱିତୀୟ ଶ୍ଳୋକକୁ ଉଦ୍ଧୃତ କରି ତୁମ ପାଇଁ ଲେଖିଥିଲେ .. "ଅହିଂସା, ସତ୍ୟଭାଷଣ, କ୍ରୋଧ ଶୂନ୍ୟତା, ସାଂସାରିକ କାମନା ତ୍ୟାଗ, ଅନ୍ତଃ କରଣରେ ରାଗଦ୍ୱେଷ ଜନିତ ଅସ୍ଥିର ନ ହେବା, ପରନିନ୍ଦା ଓ ଚୁଗୁଲି ନ କରିବା, ଜୀବେ ଦୟା, ଅନ୍ତଃକରଣରେ କୋମଳତା- ଉପରୋକ୍ତ ଦୈବୀଗୁଣଗୁଡ଼ିକର ସେ ହେଉଛନ୍ତି ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କର ପିତୃଦତ୍ତ ନାମ ରାଧାଗୋବିନ୍ଦ , ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ରାଧାଗୋବିନ୍ଦଙ୍କର ଯୁଗଳମୂର୍ତ୍ତି । ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ଓ ବ୍ୟବହାରରେ ଆମେ ଦୈବୀଗୁଣର ଆଭାସ ପାଉ''

ସଚ୍ଚିବାଳୟର ଯୁଗ୍ମ ସଚିବ ଗୋପୀନାଥ ପ୍ରସାଦ ପ୍ରଧାନ ତାଙ୍କର ଗୁଣ ସୁମରଣା କରିଥିଲେ- "ତାଙ୍କର ଅମାୟିକ ବ୍ୟକ୍ତିତ୍ୱ, ହସହସ ମୁଖ, ସରଳତା, ନିଷ୍କପଟତା, ଛନ୍ଦକପଟବିହୀନ ମନ, ଖୋଲାକଥା, କୁଶଳ ଜିଜ୍ଞାସା - ସମସ୍ତଙ୍କ ମନପ୍ରାଣ କିଣି ନିଏ । ଗର୍ବ ଅହଙ୍କାର ଅଭିମାନ ତାଙ୍କ ପଦସ୍ପର୍ଶ କରିନାହିଁ । ଏଭଳି ସରଳ, ନିଷ୍ପାପ, ବ୍ୟକ୍ତିଙ୍କୁ ପାଇ ବସୁମାତା ମଧ୍ୟ ଧନ୍ୟ । ସେ ମନୁଷ୍ୟତ୍ୱର ଅଧିକାରୀ, ଏଭଳି ଭଲ ମଣିଷ ଆଜିକାଲି ବିରଳ ।''

ବାବା ମୁଁ ପରା ତମ ଆତ୍ମଜ ତମ ଆତ୍ମାର କୀୟଦଂଶ , ତମ ଜୀବକୋଷର କୋଉ ଗୁଣସୂତ୍ରର ଅଣୁମାତ୍ର ଗୁଣର ମୁଁ ଅଧିକାରୀ ହୋଇପାରିଲି ଯେ ! ଘନ ବନରେ ଭ୍ରମିତ ମୁଢ଼ ଶବର ପରି ରକ୍ତସ୍ନାତ ଗଜମୋତିକୁ ଚିହ୍ନି ନ ପାରି ବଦରିକା ସଂଗ୍ରହରେ ସାରାଜୀବନ ଯାହା ବୃଥାରେ ଜୀଇଁଲି । ବାବା ତମେ କଣ ମୋର ଏଇ ସୂକ୍ତିହୀନ ଗର୍ଭଶୂନ୍ୟ ଶାମୁକା ପ୍ରାୟ ରିକ୍ତ ଜୀବନ ଚାହିଁଥିଲ ! ଉତ୍ତପ୍ତ ଜଳରେ ଫୁଟି ସାଂସାରିକ ସନ୍ତାପରେ ସିଝି ଚେନାଏ ଶିପ ଚୂନ ପରି ନିଶ୍ଚିହ୍ନ ହେବାକୁ ଚାହିଁଥିଲ ! ତୁମ ପ୍ରଶ୍ନ ସବୁ ଅନୁତ୍ତରିତ ।

ପ୍ରଖ୍ୟାତ କଣ୍ଠ ଶିଳ୍ପୀ ପଦ୍ମଶ୍ରୀ ପ୍ରଫୁଲ୍ଲ କର ତମର ୮୪ ତମ ଜୟନ୍ତୀରେ ଖୋରଧାସ୍ଥିତ ଶେଫାଳିକା ସଂଗ୍ରହାଳୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେବା ସହିତ ଅଭିନନ୍ଦନିକାରେ ଲେଖିଥିଲେ - "ମୁଁ ଦୃଢ଼ ଭାବେ କହିବି ଯେ ରାଧାଗୋବିନ୍ଦ ବାବୁଙ୍କ ପରି କଳା ରସିକ, କଳାପ୍ରେମୀ ଏବଂ କଳାପ୍ରତି ସଶ୍ରଦ୍ଧ ଭକ୍ତି ଥିବା ବ୍ୟକ୍ତି ଲକ୍ଷରେ ଗୋଟିଏ ମିଳିବା କଷ୍ଟ। ରାଧାଗୋବିନ୍ଦ ବାବୁ ସବୁ କଳାକାରମାନଙ୍କ ପାଇଁ ନମସ୍ୟ ବ୍ୟକ୍ତିତ୍ୱ । ପ୍ରତି କଳା ଅନୁଷ୍ଠାନ ଏବଂ କଳାକାରମାନେ ତାଙ୍କ ପରି କଳାପ୍ରେମୀଙ୍କୁ ଠାବ କରି ଉପଯୁକ୍ତ ସମ୍ମାନରେ ସମ୍ମାନୀତ କରନ୍ତୁ ।

ସ୍ୱନାମଧନ୍ୟ ସ୍ୱରଶିଳ୍ପୀ ପ୍ରଣବ ପଟ୍ଟନାୟକ ରାଧାବଲ୍ଲଭ ସାହିସ୍ଥିତ ଶେଫାଳିକାରେ ଆୟୋଜିତ ସ୍ମୃତି ସଭାରେ ବରେଣ୍ୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଥିଲେ - "ସେ ଜଣେ ମହାନ୍ ବ୍ୟକ୍ତି । ବହୁ ବର୍ଷରୁ ତାଙ୍କର ମୋର ସମ୍ପର୍କ । ସେ ସ୍ୱାଭିମାନୀ, କ୍ରୀଡ଼ାବିତ୍ ଓ ସଂସ୍କୃତିପ୍ରେମୀ ମଣିଷଟିଏ - ଅତି ଉଦାର ଓ ପରୋପକାରୀ ,ଏପରି ଲୋକ ଆଜିକାଲି ମିଳିବା ବିରଳ, ଯେତେବେଳେ ଦେଖାହୁଏ ହସ ହସ ମୁହଁରେ ଲୋକଙ୍କୁ କିଣି ନେଉଥିଲେ । ଅନେକ ପିଲାଙ୍କୁ ସେ ସାହାଯ୍ୟ କରିଛନ୍ତି - ପାଠ, କ୍ରୀଡ଼ା ଓ ସଙ୍ଗୀତ କ୍ଷେତ୍ରରେ । ସେ ଥିଲେ ଉଦାରମନା, ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ସେ ଜଣେ ଆଗଧାଡ଼ିର ବ୍ୟକ୍ତି । ରାଧାଗୋବିନ୍ଦ ନିଜେ ଜଣେ ଭଲ ଗାୟକ । ନ୍ୟାସନାଲ ମ୍ୟୁଜିକ୍ ଏକାଡ଼େମୀ କଟକର ଗୁରୁ ପଣ୍ଡିତ କୁଣ୍ଡଳ ଆଦି ନାରାୟଣ ରାଓଙ୍କଠାରୁ ସେ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କରିଥିଲେ । ଏପରି ବ୍ୟକ୍ତିଙ୍କୁ ସରକାର ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିବା ଆବଶ୍ୟକ" ।

ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ସ୍ୱୀକାରୋକ୍ତି "କଟକରେ ତାଙ୍କର ସହାଧ୍ୟାୟୀ ଥିଲେ ସଙ୍ଗୀତକାର ମହମ୍ମଦ ସିକନ୍ଦର ଆଲାମ । ରାଧାଗୋବିନ୍ଦଙ୍କର ଥିଲା ସୁଲଳିତ କଣ୍ଠ ସ୍ୱର ପରବର୍ତ୍ତୀ କାଳରେ ସେ ସଙ୍ଗୀତ ଶିକ୍ଷା ଜାରି ରଖିଥିଲେ ଜଣେ ସୁଗାୟକ ହିସାବରେ ଓଡ଼ିଶାରେ ସୁନାମ ଅର୍ଜନ କରିପାରିଥାନ୍ତେ ।"

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁରୁ ରାମହରି ଦାସଙ୍କ ଶ୍ରଦ୍ଧା ନିବେଦନ- "ସମ୍ପର୍କର କାରଣ ଜଣାଥାଉ ବା ନଥାଉ -କାହା ପ୍ରତି ଆକର୍ଷିତ ହୋଇଯିବା, ସେହି ବ୍ୟକ୍ତିଙ୍କ ମହାନତାର ପରିଚୟ ନିଶ୍ଚୟ । ରାଧାଗୋବିନ୍ଦ ବାବୁ ଏବଂ ମୁଁ ପରସ୍ପରର ଜଣାଶୁଣା ହୋଇଯିବାର କାରଣ ହୁଏତ ସଙ୍ଗୀତ ହୋଇପାରେ, ମାତ୍ର ତା'ଠାରୁ ବହୁ ଉର୍ଦ୍ଧ୍ୱରେ ତାଙ୍କର ଉଦ୍ରୋଚିତ ଆଚରଣ ଓ ଚିତ୍ତାକର୍ଷକ ବ୍ୟକ୍ତିତ୍ୱ । ପରିଧାନ -ଧଳା ପ୍ୟାଣ୍ଟ ସାର୍ଟ, ଚାଲିଚଳଣ, ଭଦ୍ର ଓ ମାର୍ଜିତ , ଉଚ୍ଚାରଣ ଧୀର, ସଂଭ୍ରମ ଓ ସ୍ନେହପୂର୍ଣ୍ଣ । ଅମାୟିକ ବ୍ୟକ୍ତିତ୍ୱର ମୂର୍ତ୍ତିମନ୍ତ ବିଗ୍ରହ ।" ଓଡ଼ିଶୀ ରିସର୍ଚ୍ଚ ଅନୁଷ୍ଠାନର ଅଧୀକ୍ଷକ ଡ଼. ସଙ୍ଗୀତା ଗୋସାଇଁ " ଭଜ ରାଧାଗୋବିନ୍ଦ" ଶୀର୍ଷକରେ ଶ୍ରଦ୍ଧା ନିବେଦନ - "ରାଧାଗୋବିନ୍ଦଙ୍କ ପାଇଁ ସର୍ବଦା ଶ୍ରଦ୍ଧା ଓ ସମ୍ମାନ ତାଙ୍କୁ ଜାଣିଥିବା ସମସ୍ତ ବ୍ୟକ୍ତିଙ୍କର ରହିବ, ତାହା ନିଃସନ୍ଦେହ । ତାଙ୍କର ଜୀବନ ଶୈଳୀ ନିଶ୍ଚିତ ରୂପେ ଆମ୍ଭମାନଙ୍କୁ ପ୍ରେରଣା ଯୋଗାଇ ଦେବ ।"

ବାବା ଶାସ୍ତ୍ରୀୟ ସଙ୍ଗୀତ ପରି ଚିତ୍ରକଳା,କାରୁକଳା ତମ ଜୀବନଚର୍ଯ୍ୟାର ଥିଲା ଐଶ୍ୱର୍ଯ୍ୟ । ଭାରତ ଭ୍ରମଣ କରି କଳାକୃତି ସଂଗ୍ରହରେ ଥିଲା ତମ ପ୍ରାଣପ୍ରାଚୁର୍ଯ୍ୟ ।

ରାଜ୍ୟସରକାରଙ୍କ ଦ୍ୱାରା "ଧର୍ମପଦ ପୁରସ୍କାର" ପ୍ରାପ୍ତ ଚିତ୍ରଶିଳ୍ପୀ ଖଲିକୋଟ ସରକାରୀ ଆର୍ଟ କଲେଜର ଅଧକ୍ଷ ଡ଼. ଦୁର୍ଗାଚରଣ ଦାସଙ୍କ "ଦେବତୁଲ୍ୟ ବନ୍ଧୁ ପ୍ରିୟ ରାଧାଗୋବିନ୍ଦବାବୁଙ୍କୁ ମୋର ସାଷ୍ଟାଙ୍ଗ ପ୍ରଣାମ"ଶୀର୍ଷକ ଆଲେଖ୍ୟ - "ରାଧାଗୋବିନ୍ଦ ବାବୁ ବାସ୍ତବିକ କେବଳ ଜଣେ ବ୍ୟକ୍ତି ନୁହଁନ୍ତି ସେ ଏକ ମହାନ୍ ଅନୁଷ୍ଠାନ .. ମୁଁ ନିଜେ ରାଧାଗୋବିନ୍ଦ ବାବୁଙ୍କ ବାସଭବନକୁ ଯିବାର ସୌଭାଗ୍ୟ ଲାଭ କରିଛି ତାଙ୍କର ବହୁ କଷ୍ଟଲବ୍ଧ ସଂଗ୍ରହାଳୟର ମୂଲ୍ୟବାନ୍ ସାମଗ୍ରୀ ଦେଖି ବିସ୍ମିତ ହୋଇଗଲି । ବହୁ ସମୟ ଧରି ତାଙ୍କ ସହିତ ପାରମ୍ପାରିକ ଓ ଆଧୁନିକ କଳାକାରମାନଙ୍କର ବର୍ତ୍ତମାନ ସମୟରସ୍ଥିତି ଓ ପରିସ୍ଥିତି ସମ୍ପର୍କରେ ଆଲୋଚନା, ତାଙ୍କ ମତାମତ ବାସ୍ତବିକ ଶିକ୍ଷଣୀୟ ଏବଂ ଉପଭୋଗ୍ୟ ଥିଲା" । ପୁନଶ୍ଚ "ମହାନଆତ୍ମା" ଶୀର୍ଷକ ତାଙ୍କ ଶ୍ରଦ୍ଧା ନିବେଦନ - "ଏଭଳି ଦୁଃଖଦ ଖବର ଶୁଣିବା ସକାଶେ

ମୋତେ କାହିଁକି ଭଗବାନ ବଞ୍ଚେଇ ରଖିଲେ । ରାଧାଗୋବିନ୍ଦ ବାବୁଙ୍କ ପରି ହୃଦୟ ଦିଆନିଆ ବନ୍ଧୁ ମୋର ଆଉ ନାହାନ୍ତି କି ଆଉ ମିଳିବେ ନାହିଁ । ହେ ପ୍ରଭୁ ଏହିଭଳି ମହାନ୍ ଆତ୍ମାକୁ ହରାଇ ବସିଲି । ତାଙ୍କ ବିୟୋଗରେ ଓଡ଼ିଶାର କଳା ଓ ସଂସ୍କୃତି କ୍ଷେତ୍ରରେ  ଅପୂରଣୀୟ କ୍ଷତି ।''

ଓଡ଼ିଶା ଲଳିତକଳା ଏକାଡ଼େମୀର ପ୍ରାକ୍ତନ ସଭାପତି ଜଗଦୀଶ କାନୁନ୍‌ଗୋଙ୍କ ମୂଲ୍ୟାୟନ – "ବୀର ଭୂମି ଖୋର୍ଦ୍ଧା ଜିଲ୍ଲାର  ଯେଉଁ କେତେକ କୃତି ସନ୍ତାନ ବିଭିନ୍ନ କ୍ଷେତ୍ରରେ ନିଜକୁ ପରିଚିତ କରାଇପାରିଛନ୍ତି ସେମାନଙ୍କ ମଧ୍ୟରେ ରାଧାଗୋବିନ୍ଦ ଦାସ ଅନ୍ୟତମ । ସେ ହେଉଛନ୍ତି ଏକାଧାରରେ କୃତି କ୍ରୀଡ଼ାବିତ୍ ଓ କଳାପ୍ରେମୀ ବ୍ୟକ୍ତି । ତାଙ୍କର ନିରଳସ  ଜୀବନଧାରା, ମଧୁର ବାକ୍ୟାଳାପ ଯେକୌଣସି ଲୋକଙ୍କୁ ବାନ୍ଧି ରଖେ । ଓଡ଼ିଶାର ଚାରୁକଳା, ସଙ୍ଗୀତ ନୃତ୍ୟ ନାଟକର ସେ ଜଣେ ପ୍ରବୀଣ ରସଗ୍ରାହୀ ବ୍ୟକ୍ତି । ଚିତ୍ର ଭାସ୍କର୍ଯ୍ୟ ହେଉ ଅଥବା ସଙ୍ଗୀତ ନୃତ୍ୟ ନାଟକ ହେଉ ତାଙ୍କୁ ପ୍ରତ୍ୟହ ଦେଖି ଉପଭୋଗ କରିବା  ରାଧାଗୋବିନ୍ଦଙ୍କ ପରି କଳାପ୍ରେମୀ  କ୍ୱଚିତ୍ ମୋ ନଜରକୁ ଆସନ୍ତି । କଳା ତାଙ୍କ ଜୀବନର ଏକ ଉତ୍ସ । ଦୈନନ୍ଦିନ କାର୍ଯ୍ୟରେ କଳା ହେଉଛି ତାଙ୍କର ନିଶା'' ।  ସରକାରୀ ବି.କେ. ଆର୍ଟ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଚିତ୍ରଶିଳ୍ପୀ ବଳଦେବ ମହାରଥୀଙ୍କ ଅକ୍ଷର- ଆଲିମ୍ପନ "ଧଳା ପ୍ୟାଣ୍ଟ ସାର୍ଟର ଗେଟ୍ ଅପ୍‌ରେ ସେ ସଦାବେଳେ ଥାଆନ୍ତି ରଙ୍ଗିନ୍ ମିଜାଜ୍‌ରେ । ଚିତ୍ରମାନେ ତାଙ୍କୁ ବେଶୀ ଦେଖନ୍ତି  ସେ ଚିତ୍ରକୁ କେମିତି ଦେଖନ୍ତି ମୁଁ ଜାଣିନି । ତଥାପି ଚିତ୍ର ଦେଖିଲା ବେଳେ ସେ ଏକ କଳା ସମୀକ୍ଷକ, କଳା ଐତିହାସିକ ପରି ଲାଗନ୍ତି । ଆମେ ସମସ୍ତେ ଆତ୍ମୀୟ ଭାବରେ  ତାଙ୍କୁ ଆଶା କରୁ ପ୍ରଦର୍ଶନୀରେ । ସେ ଚିତ୍ରକୁ ପଢ଼ନ୍ତି, ଦେଖନ୍ତି, ଏବଂ ଆବୃତ୍ତି ମଧ୍ୟ କରନ୍ତି । ରାଧାଗୋବିନ୍ଦଙ୍କ ପରି ସଂସ୍କୃତି ପ୍ରେମୀ ଓ ଭଦ୍ର ଉଦାର  ନମ୍ର ସରଳ ନିରାଡ଼ମ୍ବର ଈଶ୍ୱର ବିଶ୍ୱାସୀ  ଓ ବାସ୍ତବବାଦୀ ବ୍ୟକ୍ତିତ୍ୱ ପାଖରେ ମୁଁ ନମ୍ର ଭାବରେ ନମସ୍କାର କରୁଛି । ଜଣେ ଚିତ୍ର ମନସ୍କ , ସମାଜ ମନସ୍କ, ନିଃସ୍ୱାର୍ଥପର ବ୍ୟକ୍ତି ଆପଣଙ୍କ ପରି ଆଉ କାହାକୁ ଦେଖିନି ।''

ବାବା, ପିଲାଦିନେ ସଂଧ୍ୟାବେଳେ ଛାତ ଉପରେ ତୁମର ସୁମଧୁର ଗୀତ ଶୁଣିଛି ହେଲେ ସେକ୍ରେଟେରୀଏଟ୍ ଟିମ୍‌ରେ ତମ ଖେଳ ଦେଖିନି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ରେଜିଷ୍ଟ୍ରାର୍ ପ୍ରଫେସର୍ ନାରାୟଣ ରାଓଙ୍କ ସ୍ମୃତିଚାରଣ – "ପାଠ ପଢ଼ା ସହିତ ରାଧାଗୋବିନ୍ଦ ବାବୁଙ୍କର ଫୁଟବଲ ଓ ହକି ଖେଳିବାରେ ଦକ୍ଷତା ଥିଲା । କ୍ଷୀପ୍ର ଧାବକ ଥିବାରୁ ସେ ସ୍କୁଲର 'ଏ' ଟିମ୍‌ରେ ବାମ ପାର୍ଶ୍ୱ ପୋଜିସନ୍‌ରେ ଖେଳୁଥିଲେ । ପରବର୍ତ୍ତୀ ସମୟରେ ଖୋର୍ଦ୍ଧା କ୍ଲବ ଟିମ୍‌ରେ ଜଣେ ଦକ୍ଷ ଖେଳାଳୀ ଭାବେ ଦର୍ଶକମାନଙ୍କର ମନୋରଂଜନ ସହିତ ଖେଳର ଉତ୍କର୍ଷ ପ୍ରତିପାଦନ କରିପାରୁଥିଲେ । ଯେତେବେଳେ ସେ ବଲ୍‌କୁ ଗଡ଼ାଇ ଦୌଡୁଥିଲେ ଏବଂ ବାମ ଦିଗରୁ ଗୋଲ ପୋଷ୍ଟ ପାଖରୁ ମାଇନସ୍ ସଟ୍ ମାରୁଥିଲେ ଦର୍ଶକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି ହେଉଥିଲା । ଖୋରଧାରେ ପ୍ରହରାଜ ସିଲ୍‌ଡ଼ ଫୁଟବଲ ଖେଳାଯାଉଥିବା ବେଳେ ରାଧାଗୋବିନ୍ଦ ବାବୁ ସର୍ବଦା ସେହି ପୋଜିସନ୍‌ରେ ଖେଳୁଥିଲେ, ତାଙ୍କୁ "ବିଜୁଳି'' ବୋଲି ସମ୍ବୋଧନ କରାଯାଉଥିଲା' ।

ରାଜ୍ୟର ପ୍ରାକ୍ତନ ପ୍ରିନ୍ସିପାଲ୍ ସେକ୍ରେଟେରୀ ସୁସାହିତ୍ୟିକ ଡ଼ଃ ଅରବିନ୍ଦ ବେହେରାଙ୍କ ଶୁଭେଚ୍ଛା "ଜୀବନର ଅଶୀତମ ଦଶକରେ ପାଦ ଦେଇସାରିଥିବା ରାଧାଗୋବିନ୍ଦ ବାବୁଙ୍କ ପାଖରେ ଥିଲା ଯୁବ ସୁଲଭ ଉତ୍ସାହ । ତାଙ୍କ ମୁଖ ମଣ୍ଡଳରେ କେହି କେବେ ଦେଖିନଥିବେ ବିଷାଦର ଚିହ୍ନ । ଶ୍ରୀ ଦାସଙ୍କ ଶୃଙ୍ଖଳିତ ଓ ନିରଳସ ଜୀବନ ତାଙ୍କ ଖେଳୁଆଡ଼ ମନୋବୃତ୍ତିର ହିଁ ସୂଚନା ଦିଏ । ଶ୍ରୀ ଦାସଙ୍କ ଜୀବନ. ପ୍ରକୃତରେ ସଫଳ ଜୀବନ, ଯେହେତୁ ସେ ସଫଳତା କେବେ ଚାହିଁ ନାହାନ୍ତି । ସ୍ୱୀକୃତି ବା ପୁରସ୍କାର ତାଙ୍କ ସରଳ ଜୀବନଚର୍ଯ୍ୟାକୁ ବିଚ୍ୟୁତି କରିନାହିଁ । ସାଧାରଣ ପଣିଆରେ ରହିଛି ତାଙ୍କର ଅସାଧାରଣତା । ନିଜ ଉଦ୍ୟମରେ ଏକ ସଂଗ୍ରହାଳୟ ସ୍ଥାପନ କରିବା ସମଗ୍ର ପରିବାରର ସଂସ୍କୃତି ସଚେତନତାର ପ୍ରମାଣ ।''

ଜାପାନ ଓ ଚୀନ୍‌ରେ ଥିବା ଭାରତର ପ୍ରାକ୍ତନ ରାଷ୍ଟ୍ରଦୂତ ଶ୍ରୀ ଅବସର ବେଉରିଆଙ୍କ ମୂଲ୍ୟାୟନ "ତାଙ୍କ ପରି ସଂସ୍କୃତିପ୍ରେମୀ ବିରଳ । ସେ ଥିଲେ କଳାକାର ପାଇଁ ପ୍ରୋତ୍ସାହନର ଉତ୍ସ । ତାଙ୍କର ଅନୁପସ୍ଥିତିରେ

କଳା କ୍ଷେତ୍ରରେ ଅପୂରଣୀୟ କ୍ଷତି ହେଲା । ଜଣେ ଭଲଲୋକ କଳାକୁ ବୁଝୁଥିବା ଏବଂ ସମ୍ମାନ ଦେଉଥିବା ଉତ୍ସର୍ଗୀକୃତ ମନୁଷ୍ୟର ଅଭାବ ଆମେ ସମସ୍ତେ ଉପଲବ୍ଧ କରୁଛୁ ।''

ମୋର ପରମ ଗୁରୁ ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ଶ୍ରଦ୍ଧାର୍ଘ୍ୟ - "ସେ ନିଜେ ତାଙ୍କର ପ୍ରତିଷ୍ଠା - ନିଜେ ଗଢ଼ି ହୋଇଛନ୍ତି । ସେ ସମସ୍ତଙ୍କର ଆଦରଣୀୟ । ସହରର ଲୋକେ ତାଙ୍କୁ ଦେଖି ଅନୁପ୍ରାଣିତ ହୁଅନ୍ତି । ଜଣେ ବ୍ୟକ୍ତି କେତେ ଶାନ୍ତ, କେତେ ନମ୍ର, କେତେ ନିରଳସ ହୋଇପାରେ, ସେମାନଙ୍କ ପରିବାର ଏପରି ଏକ ଆଦର୍ଶ ପରିବାର ଯେ ମୋତେ ଅନୁଭବ ଆସେ ଏହି ପରିବାରର ଜଣେ ସ୍ଥାୟୀ ସଦସ୍ୟ ହୋଇଯାଆନ୍ତି କି ? କାଖେଇ, କୁଣ୍ଢେଇ ସମସ୍ତେ ନେଇ ମଶାଣିରେ ଛାଡ଼ି ଆସନ୍ତେ ନାହିଁ ?''

ବାବା ! ଏଇ ଗଲା ସରସ୍ୱତୀ ପୂଜା ଦିନ ମାମାଙ୍କୁ, ତାର ଛବିଶ ଦିନ ପରେ ତମକୁ ସ୍ୱର୍ଗଦ୍ୱାରରେ ଶୁଆଇ ଦେଇ ଆସିବା ଦିନୁ ମୁଁ ନିଃସ୍ୱ, ନିସ୍ପନ୍ଦ, ନିର୍ବାକ୍ । ପ୍ରତିଦିନ ୧୦ଘଣ୍ଟାରୁ ଅଧିକ ତୁମେ ପଢୁଥିଲ । ରାତି ଗୋଟାଏ ଯାଏ ତୁମର ଅତନ୍ଦ୍ର ଆଖି ଆଗରେ ଝଲସୁ ଥିଲା ଟାଇମସ୍ ଅଫ୍ ଇଣ୍ଡିଆ, ରିଡ଼ର୍ସ ଡ଼ାଇଜେଷ୍ଟ, ଝଙ୍କାର ଆଦି ପତ୍ରପତ୍ରିକା । ବାବା ! ତୁମର ଆଶା ପୂରଣ କରିପାରିଲିନି କି ତୁମର କୌଣସି ସୁଗୁଣର ଅଧିକାରୀ ହୋଇପାରିଲିନି । ନିତି ନିଶିଥରେ ଅଶ୍ରୁପାତରେ କରୁଛି ତୁମକୁ ତର୍ପଣ ।

ପ୍ରାକ୍ତନ ଓଡ଼ିଆ ବିଭାଗୀୟ-ମୁଖ୍ୟ
ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ
ଭ୍ରାମ୍ୟଭାଷ - ୯୪୩୮୫୬୮୬୯୦



# ମୋ ବାପା

ଡ଼.ପ୍ରଫୁଲ୍ଲ କୁମାର ସାମନ୍ତରାୟ

"କୃପା ବର୍ଷାର ଅନ୍ୟ ନାମ ବାପା
ତାଙ୍କର ହୃଦୟ ସର୍ବଦା ଥାଏ ସଫା"

ଏହି ପଦ୍ୟାଂଶଟି ଆଖି ଆଗରେ ନାଚି ଉଠୁଛି ଏବଂ ଚେତେଇ ଦେଉଛି ଆମ ଜୀବନରେ ଏହାର ସତ୍ୟତା ପ୍ରତିପାଦିତ ହେଉଛି କି ନାହିଁ ?

ମୋର ବାପା ସ୍ୱର୍ଗତ ଭ୍ରମରବର ସାମନ୍ତରାୟ ବୋଲଗଡ଼ ଅଞ୍ଚଳରେ ଜଣେ ଜଣାଶୁଣା ବ୍ୟକ୍ତି ବିଶେଷ ଭାବରେ ପରିଚିତ ଥିଲେ । ଏକାଧାରରେ ଜଣେ ସୁଲେଖକ, କବି, ନାଟ୍ୟକାର, ନିର୍ଦ୍ଦେଶକ, ସମାଜସେବୀ ଥିଲେ ମୋର ପୂଜ୍ୟ ବାପା । ୧୯୩୬ ମସିହାରେ ବୋଲଗଡ଼ରେ ମଧ ଇଂରାଜୀ ବିଦ୍ୟା ପ୍ରାପ୍ତ ହୋଇ ଥିଲେ ସେ । ଚାହିଁଥିଲେ ସରକାରୀ ଚାକିରୀ କରି ପାରିଥାନ୍ତେ । କିନ୍ତୁ ମୋର ଜେଜ ପ୍ରତିଷ୍ଠିତ ଖଣ୍ଡାୟତ ପାଇକ ଘରର ପିଲା କି ଚାକିରୀ କରିବ କହି ମନା କରିଦେଲେ । ତେଣୁ ଗୁରୁଜନଙ୍କ କଥା ମାନି ସେ ଘରର ଜମିବାଡ଼ିର ଦାୟିତ୍ୱ ନେଲେ । ମୋର ଜେଜେ ଏବଂ ଜେଜେ ମା'ଙ୍କୁ ବାପା ବହୁତ ଭକ୍ତି କରୁଥିଲେ । ସେ କହନ୍ତି "ପିତାମାତାଙ୍କୁ ଯିଏ କରେ ଯେତେ ଭକ୍ତି, ଈଶ୍ୱର ଦିଅନ୍ତି ତାକୁ ସେତେ ଶକ୍ତି" । ବାପାଙ୍କର ଲିଖିତ ନାଟକ, ଭଜନ, ପ୍ରବନ୍ଧଗୁଡ଼ିକର ଅନେକ ପାଣ୍ଡୁଲିପି ବହୁ ବିଳମ୍ବରେ ମୁଁ ପାଇଲି । ତାଙ୍କ ଜୀବ ଦଶାରେ "ଜଗନ୍ନାଥ ଭଜନ" ନାମକ ଏକ ମାତ୍ର କବିତା ସଂକଳନ ସେ ନିଜେ କରିଥିଲେ । ରାଜନୀତି କ୍ଷେତ୍ରରେ ତାଙ୍କର ପ୍ରବେଶ ଥିଲା । ଜାତୀୟ କଂଗ୍ରେସ ଦଳରେ ସାମିଲ ହୋଇ ନିଜ ପଞ୍ଚାୟତରେ ନାଏବ ସରପଞ୍ଚ ଭାବରେ କିଛି ବର୍ଷ କାର୍ଯ୍ୟରତ ଥିଲେ । ଗ୍ରାମରେ ପ୍ରାଇମେରୀ ଏବଂ ପଞ୍ଚାୟତରେ ହାଇସ୍କୁଲ ଗଢିବାରେ ତାଙ୍କର ପ୍ରମୁଖ ଦାୟିତ୍ୱ ଥିଲା । ଜାନୁୟାରୀ ଛବିଶ, ଅଗଷ୍ଟ ପନ୍ଦରରେ ବିଦ୍ୟାଳୟର ପିଲାମାନେ ଜାତୀୟ ପତାକା ଧରି ସ୍ଲୋଗାନ ଦେଇ ଗ୍ରାମ୍ୟ ପରିକ୍ରମା କରବା ସମୟରେ ସମସ୍ତଙ୍କୁ ଚକଲୋଟ୍ ବାଣ୍ଟି ସେ ବେଶ ଆନନ୍ଦିତ ହେଉଥିଲେ ।

ଗ୍ରାମରେ ଡ୍ରାମା, ପାଲା, ପାଇକ ଆଖଡ଼ା ସଂକୀର୍ତ୍ତନ କାର୍ଯ୍ୟକ୍ରମ କରିବାରେ ସେ ଆଗଧାଡ଼ିର ବ୍ୟକ୍ତିତ୍ୱ। ପ୍ରତି ଦଶହରା ପର୍ବରେ ଗ୍ରାମ ଦେବତୀଙ୍କ ସମ୍ମୁଖରେ ପାଇକ ଖେଳ ପ୍ରଦର୍ଶନ କରିବାରେ ଓ କରାଇବାରେ ସେ ପ୍ରମୁଖ ଭୂମିକା ବହନ କରୁଥିଲେ। ତାଳପତ୍ର ପୋଥି ପୁରାଣ ଆମ ଘରେ ଏପର୍ଯ୍ୟନ୍ତ ପୂଜା ପାଉଛନ୍ତି। ରାମାୟଣ, ମହାଭାରତ, ଭାଗବତ ପୋଥି ପଢି ଗ୍ରାମବାସୀଙ୍କୁ ଶୁଣାଉଥିଲେ ମୋର ବାପା। ଆମେ ଚରିଭାଇ ଏବଂ ଦୁଇ ଭଉଣୀ ବାପାଙ୍କର ଆଦର୍ଶରେ ଅନୁପ୍ରାଣିତ। ସେ ମୋତେ କହୁଥିଲେ "ପୁଅ, ଜୀବନ କାଳରେ କାହାର କିଛି ଉପକାର କଲେ ବହୁତ ଭଲ। ଉପକାର ନ ହେଲା ନାହିଁ ଅପକାର ଚିନ୍ତା କରିବା ମହାପାପ"।

ସେହି ଗୁରୁବାକ୍ୟକୁ ଏ ପର୍ଯ୍ୟନ୍ତ ମୁଁ ମନେ ରଖିଛି। ମୁଁ ଆଜି ସମାଜରେ ଯେଉଁ ସ୍ଥାନରେ ଠିଆ ହୋଇଛି ତାହା ମୋର ପୂଜ୍ୟ ବାପାଙ୍କ ଯୋଗୁଁ ସମ୍ଭବ ହୋଇଛି। ଏହି ମହାର୍ଘ୍ୟ ମୋର ସର୍ବଦା ପ୍ରାପ୍ତ ହେଉଥାଉ।

ରାମ ନ ହେଲା ନାହିଁ ମରା-ମରା ଜପି ରତ୍ନାକର ପରି
ଭବିଷ୍ୟ ଆମର କୁସୁମିତ ହେଉ ବାପାଙ୍କ ନାମ ସୁମରି ॥

**ସଭାପତି-ପ୍ରାଥମିକ ସାହିତ୍ୟ ସମାଜ, ଖୋରଧା**
**ମୋ:୯୪୩୭୧୩୩୪୬୪**





# ମୋ ବାପା

**କୃଷ୍ଣଚନ୍ଦ୍ର ହରିଚନ୍ଦନ**

ପିତା ସ୍ୱର୍ଗ ପିତା ଧର୍ମ ପିତାହିଁ ପରମ ତପ
ପିତରି ପ୍ରିତିମା ପର୍ଣ୍ଣେ ପ୍ରିୟନ୍ତେ ସର୍ବ ଦେବତା ॥

ଏହି ନୀତି ଆଦର୍ଶର ଉପଦେଶାତ୍ମକ ଉକ୍ତିଟି ମନେ ପଡ଼ିଲେ ମୋତେ ଏହି ବର୍ତ୍ତମାନ ୬୫ ବର୍ଷ ବୟସରେ ମୋ ପିଲାଦିନର ବାପାଙ୍କ ସହ କଟେଇ ଥିବା ସେହି ଅତୀତର ସ୍ମୃତିଗୁଡ଼ିକ ମନେ ପଡ଼େ। ବାପା ଥିଲେ ସ୍ୱାଧୀନତା ପରବର୍ତ୍ତୀ ୧୯୪୮ ମସିହା ଗାନ୍ଧୀ ଗୋପବନ୍ଧୁ ସମୟର ଓଡ଼ିଶା ସରକାରଙ୍କ ଅଧିନର ଜଣେ ସଚ୍ଚୋଟ ନିଷ୍ଠାପର ପୁଲିସ କର୍ମଚାରୀ। ନାମ-୰ସୋମନାଥ ହରିଚନ୍ଦନ, ପିତା-୰ଲିଙ୍ଗରାଜ ହରିଚନ୍ଦନ, ଜେଜେଙ୍କର ପାଞ୍ଚ ପୁଅ ଭିତରେ ବାପା ହେଉଛନ୍ତି ତୃତୀୟ। ବାପା ପୁଲିସ ଚାକିରୀରେ ଯୋଗ ଦେଇଥିବା ବେଳେ ବାପାଙ୍କର ଶିକ୍ଷାଗତ ଯୋଗ୍ୟତା ଥିଲା ତୃତୀୟ ଶ୍ରେଣୀ। ଦଳେଇ ଦଳବେହେରାଙ୍କ ପୁଅ ହିସାବରେ ଗେଲବସରିଆ ହୋଇଥିବାରୁ ପାଠ ପଢା ଗୁରୁତ୍ୱ ନଥିଲା। ବାପା ଚାକିରୀ କଲାବେଳେ ପୁରୀ, କଟକ, ନୟାଗଡ଼, ଖୋର୍ଦ୍ଧା ଓ ଜଟଣୀ ଥାନାମାନଙ୍କରେ ଡ଼ିୟୁଟି କରିଛନ୍ତି। ଆମ୍ଭେ ଚାରି ଭାଇ ଭଉଣୀ ଭିତରେ ମୁଁ ସବା ସାନପୁଅ। ବାପା ଅନେକ ସମୟରେ ମୋତେ ଡିୟୁଟି କରୁଥିବା ସ୍ଥାନ ମାନଙ୍କରେ ଥାନା କ୍ୱାର୍ଟରରେ ରଖନ୍ତି। ସେତେବେଳେ ମୋର ବୟସ ୭ବର୍ଷ। ସାନ ପୁଅ ହିସାବରେ ଘରେ ଅଝଟ କରେ ବୋଲି ବୋଉକୁ ଓ ମୋତେ ନେଇ ବାପା ଥାନା କ୍ୱାର୍ଟରରେ ରଖନ୍ତି। ବାପାଙ୍କ ଦୈନିକ ଡିୟୁଟର ଧାରା ମୁଁ ନିଜେ ଆଖିରେ ଦେଖିଛି। ପୁଲିସ ବାରାକରେ ମୁଁ ଖଟରେ ଶୋଇଥିବା ବେଳେ ରାତି ଦୁଇଟା ବେଳେ ଦେଖେ ବାପା ମୋ ପାଖରେ ନଥିବେ। କାନ୍ଦ ଲାଗେ ଥାନା ଡ଼ିୟୁଟିରେ ଥିବା ବାପାଙ୍କ ସାଙ୍ଗମାନେ ମୋତେ ବୁଝାନ୍ତି। ବ୍ୟସ୍ତ ହୁଅନି ପୁଅ ସୋମନାଥ ସକାଳେ ଆସିବ। ପ୍ରକୃତରେ ବାପା ସକାଳୁ ଆସି ପହଞ୍ଚନ୍ତି। ସେତେବେଳେର କଥା

ମନେ ପଡ଼ିଲେ ବର୍ତ୍ତମାନର ପୁଲିସ ଚାକିରୀ ଓ ସେତେବେଳେର ପୁଲିସ ଚାକିରୀ ମଧ୍ୟରେ କେତେ ପାର୍ଥକ୍ୟ। ଗଣ୍ଡଗୋଳ ଓ ମର୍ଡ଼ର କେଶ ଯାଗାମାନଙ୍କରେ ରାତି ସାରା ଡିୟୁଟି କରିବାକୁ ପଡ଼େ। ବାପା ଜଣେ ସଚ୍ଚୋଟ କର୍ତ୍ତବ୍ୟ ନିଷ୍ଠ ପୁଲିସ ଭାବରେ ୧୯୬୮ ମସିହାରେ ପୁଲିସ ପଦକ ପାଇଥିଲେ ଓ ଆୱାଡ଼ ମଧ୍ୟ ପାଇଥିଲେ। ଏତେ ଡ଼ିୟୁଟି ବାଉଣ୍ଡ ଥିଲେ ଯେ, ଘର ପଛ ଚାକିରୀ ଆଗ। ମୁଁ ବାପାଙ୍କର ଏହି ସବୁ ନୀତି ଆଦର୍ଶକୁ ଅତି ନିକଟରୁ ଅନୁଭବ କରିଛି। ବାପା ୧୯୭୧ ମସିହାରେ ଜଟଣୀରେ ଥିଲା ବେଳେ ହାବିଳଦାର ପ୍ରମୋସନ ପାଇଥିଲେ। ଏତିକି ଦୁଃଖ ଯେ, ଆମ୍ଭେ ସବୁ ପାଠ ପଢୁଥିବା ସମୟରେ ବାପା ଆରପାରିକୁ ଚାଲି ଯାଇଥିଲେ। ମୁଁ ସେତେବେଳେ ଷଷ୍ଠ ଶ୍ରେଣୀରେ ପଢୁଥିଲି। ମଝିଆ ଭାଇ ଅଷ୍ଟମ, ବଡ଼ଭାଇ ମାଟ୍ରିକ୍ ପାସ କରିଥାନ୍ତି, ବଡ଼ ଭଉଣୀ ବିବାହ ହୋଇସାରିଥାଏ। ବାପାଙ୍କ ଦେହାନ୍ତ ପରେ ବଡ଼ ଭାଇ ବାପାଙ୍କ ଚିକିରୀ ପାଇଥିଲେ ଏବଂ ପୁରୀରେ ପୁଲିସ ଇନିସ୍‌ପେକ୍ଟର ହୋଇ ଅବସର ହୋଇଥିଲେ। ବଡ଼ଭାଇ ମଧ୍ୟ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପୁଲିସ ପଦକ ପାଇଥିଲେ। ମୋ ବାପାଙ୍କ ନୀତି ଆଦର୍ଶ ଓ କର୍ମମୟ ଜୀବନର ଅତୀତର ଅନେକ ସ୍ମୃତି ମନେ ପଡ଼ିଲେ ଆମ୍ଭେ ନିଜକୁ ଧନ୍ୟମନେ କରୁ। କଥାରେ ଅଛି-

"ପିତା ମାତା ସୁକୃତରେ ପୁତ୍ର ହୁଏ ସୁଖୀ"

ଆମ୍ଭେ ଆଜି ସମାଜରେ ଭାଇ ଭଉଣୀ ଓ ଆମ୍ଭ ପିଲାମାନେ ପ୍ରତିଷ୍ଠିତ ସମାଜରେ ଭଲରେ ଅଛୁ କେବଳ ବାପାମା'ଙ୍କ ସୁକୃତରୁ ଓ ଆମ୍ଭମାନଙ୍କ ଜୀବନରେ ଆମ୍ଭ ବାପା ଥିଲେ ଜଣେ ଆଦର୍ଶ ବ୍ୟକ୍ତି ଓ ଭଗବାନ ସଦୃଶ।

ଖୋରଧା



# ବାପା

ଡ.ଧନେଶ୍ୱର ସାହୁ
ଏମ୍.ବି.ବି.ଏସ୍,ଏମ୍.ଏସ୍.

ବାପା ଦୁଇଟି ଅକ୍ଷର।
ବା ଅର୍ଥ ବାୟୁ ପା ଅର୍ଥ ପାଣି ଦିବ୍ୟଗୁଣ ତାହାର।
ଏହା ବିନା ବଂଚିବା ଅସମ୍ଭବ ଜୀବର।
ବାପା ମୋ ଚଳନ୍ତି ଠାକୁର।
ଘରେ ସିଏ ପ୍ରଥମ ଗୁରୁ ମୋର।
ସିଏ ବ୍ରହ୍ମା, ସିଏ ବିଷ୍ଣୁ, ସିଏ ମହେଶ୍ୱର।

ହାତଧରି ଚାଲି ଶିଖାଇବା, ପାଠ ପଢ଼େଇବା,
ମଣିଷ କରିବା,ଦୁନିଆଁରେ ପରିଚୟ ସୃଷ୍ଟି କରିବା କର୍ତ୍ତବ୍ୟ ତାଙ୍କର।
ସବୁରି ଭିତରେ ଜଣେ ଭଲ ମଣିଷ ହେବାପାଇଁ ମନେ ଉତ୍ସାହ ଦିଅନ୍ତି।
ସବୁ ଅଳିକୁ ମୋର ଅକୁଣ୍ଠିତ ଚିତ୍ତେ ସହ୍ୟ କରନ୍ତି।
ଦିନରାତି ଆମ ଖୁସି, ସୁଖ ଓ ମଙ୍ଗଳପାଇଁ ପରିଶ୍ରମ କରନ୍ତି, କଷ୍ଟ ସହନ୍ତି।

ଆମ ଭଲପାଇଁ ରାଗ, ନାଲିଆଖି ଦେଖାନ୍ତି। ପରେ ସବୁ ଭୁଲିଯାଆନ୍ତି।
ମା'ନଥିଲେ ମା'ର କର୍ତ୍ତବ୍ୟ ପାଳନ କରନ୍ତି।
ସିଏ ସେଇ ବୃକ୍ଷ ଯିଏ ମିଠାଫଳ ଦେଇପାରେ ନପାରେ।
କିନ୍ତୁ ଶୀତଳ ଛାଇ ଦିଏ ନିଶ୍ଚିନ୍ତ ଭାବରେ।

କନ୍ଦେଇ ମନେଇ ନିଅନ୍ତି ସିଏ।
ତାଙ୍କଠାରୁ ଭଲପାଇବା ଆପେ ଆପେ ମିଳିଥାଏ। ମାଗିବାକୁ ପଡ଼ିନଥାଏ।
ଟଙ୍କା ପଇସାରେ ସବୁ ତ ମିଳିବ ବାପା ମାଆ ମିଳିବେନି।
ଟଙ୍କା ପଇସାରେ ସବୁ ତ ମିଳିବ ବାପା ମାଆ ସ୍ନେହ ଶ୍ରଦ୍ଧା ମିଳିବନି।
ବାପା ଥିଲା ପୁଅ ସଭାରେ ହାରେନି।

ମାଆ କୋଳେ ପୁଅ ଦୁନିଆ ଡରେନା।
ସିଏ ଭୋକ ସହି ଉପାସରେ ରହି ମୋତେ ଖାଇବାକୁ ଦିଅନ୍ତି।
ଯଦି କେଉଁଠାରେ ହାରିଯାଏ ମୁହିଁ କେତେ ଉପଦେଶ ଦିଅନ୍ତି।
ଚାଲୁ ଚାଲୁ ପାଦେକଣ୍ଟା ଫୁଟିଗଲେ ସିଏ କାଖେଇ ନିଅନ୍ତି।

କେତେ ଗପ କହି କୋଳରେ ଶୁଆଇ ମୋତେ ଆଉଁଷି ଦିଅନ୍ତି।
ସିଏ ମୋର କର୍ମ, ସିଏ ମୋର ଧର୍ମ, ସିଏ ମୋହର ସାହାସ।
ସିଏ ମୋ ପ୍ରେରଣା, ସିଏ ମୋ ତପସ୍ୟା, ସିଏ ମୋହର ବିଶ୍ୱାସ।
ସବୁ ଜାଣିଶୁଣି ସମୟ ଚକ୍ରରେ ପଡ଼ି ଆଜି ଏ ମଣିଷ (ସନ୍ତାନ) ସବୁ ଭୁଲିଯାଏ।
ବାପାର ହୃଦୟରେ ଅସହ୍ୟ ଯନ୍ତ୍ରଣା ଭରିଦିଏ।

ଅନ୍ତରର ଦୁଃଖ ଅନ୍ତରେ ମରିବା ଛଡ଼ା ଆଉ କିଛି ଉପାୟ ନଥାଏ।
ବାପା, କାହାକୁ କରିବେ ଗୁହାରି ?
ସିଏ ପରା ସନ୍ତାନ ତା'ରି।
ତଥାପି ସେ ଆଶାବାଦୀ ଦିନେ ନା ଦିନେ ସୁଧୁରିବ ସ୍ୱାର୍ଥପର ଏ ମଣିଷ।
ବୁଝିବ "ବାପା" ଶବ୍ଦର ଗୁଢ଼ ରହସ୍ୟ।

ପୂର୍ବତନ ମୁଖ୍ୟ ଚିକିତ୍ସା ଅଧିକାରୀ
ଖୋରଧା





# ଆମ ବାପା

କୃଷ୍ଣଚନ୍ଦ୍ର ନାୟକ

କାମରୁ ଫେରିଲେ ବା ପିଲାଙ୍କୁ ନୁଆଡ୍ରେସ ବା କିଛି ଦେବାବେଳେ
ଛୋଟପିଲାଏ କଳିକରି ବାପାକୁ ଟଣାଟଣି କରନ୍ତି ସ୍ନେହଭୋଳେ।।
ପରସ୍ପରେ କହନ୍ତି ଇଏ ମୋ ବାପା, ସିଏ କହଇ ଇଏ ମୋ ବାପା
ପିଲାଙ୍କ ଟଣାଟଣି ଛଡ଼ାଛଡ଼ିରେ ବାପା ଭାବେ ସତେ ସ୍ୱର୍ଗ ଆହା।।

ବାପା କାନ୍ଧରେ ବସିବାକୁ କଳି, ମୁଁ ବସିବି ସିଏ କହେ ମୁଁ ବସିବି
ସେହି ଟଣାଭିଡ଼ାରେ, ମୁଁ ବାପା ଗାମୁଛାରେ ଆଗେ ମୁହଁ ପୋଛିବି।।
ବାପା ଆତ୍ମାତୃପ୍ତି ସନ୍ତୋଷେ ହସିକହେ, ମୁଁ ପରା ତୁମ ସମସ୍ତଙ୍କର
ପ୍ରଭୁଙ୍କୁ ଡ଼ାକେ ଧନ୍ୟ ମୋ ପିଲା ଧନ୍ୟ ପ୍ରଭୁ ଦାନ, କୃପା ତୋର।।

ପେଟେ ଭୋକଥିଲେ ମଧ ବାତ୍ସଲ୍ୟ ମମତାରେ ପେଟଯାଏ ପୂରି
ପିଲା ବଡ଼ହୋଇ ରହିଲେ ଭିନ୍ନ ଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭକରି।।
କିଛିକାଳ ପରେ ମାଆ ଆରପାରି, ବାପ ରହିଲା ପିଲାଙ୍କ ମୁହଁଚାହିଁ
କ୍ରମଶଃ କିଛିକାଳ ପରେ ସେହି ବାପା ବୃଦ୍ଧ ରୁଗ୍‌ଣ ଗଲେ ହୋଇ।।

ଭୋକେ ଗଣ୍ଡେ ଖାଇବା ମାଗିବାରୁ, ତା ମୁହଁ ଆଡ଼େ ୟାର ସ୍ୟାଡ଼େ
ଜାଣିଅଜଣା କହନ୍ତି, ତତେ ଭଲପା'ନ୍ତି ତୁ ଦେ, ସିଏ କହେ ତୁ ଦେ।।

ବାପାର ସେବାଯତ୍ନ ତଥା ଗଣ୍ଡେ ଖାଇବାକୁ ଦେବାକୁ ସେହି ପିଲାଏ
ସିଏ ତା ଆଡ଼, ଇଏ ତା ଆଡ଼ ପେଲାପେଲି କରି କରନ୍ତି କଳି ହାୟେ।।

ସିଏ କହେ ତୋ ବାପା ସିଏ କହେ ତୋ ବାପା ତୋତେ ଭଲ ପାଏ
ତାଙ୍କ ଏପାଖ ସେପାଖ ପେଲାପେଲିରେ ବାପ ଥକ୍କାମାରି ବସିଯାଏ।।
ଭାବେ, ଛୋଟବେଳେ ପିଲାଙ୍କ ମୁହଁ ଶୁଖିଯାଇଥିଲେ ବିଗିଡ଼େ ସ୍ତ୍ରୀପରେ
ଖାଇନାହାନ୍ତି କି, ହେଲେ ଏବେ ସେହିପିଲା କହନ୍ତି, ମରୁଛି ଭୋକରେ।।
ବିଚରା ରୁଗ୍‌ଣ ଦୁର୍ବଳ ବୁଢ଼ାବାପ ମନରେ ହସେ ଭୋକ ପେଟରେ
ବହୁ କଷ୍ଟରେ ହସିହସି କହେ ଆରେ ମୁଁ ବାପ ତୁମ ସମସ୍ତଙ୍କରରେ।।
କହିଲା, ପିଲାବେଳେ ଟଣାଟଣି କରୁଥିଲ ମୋ ବା' ମୋ ବା' ବୋଲି
ଏବେବି ବଡ଼ହେଇ ସେମିତି କଳିକରୁଛ ତା ବାପା ତା ବାପା ବୋଲି।।

ତୁମ ଭାଇ ଭାଇ ଭିତରେ ମୋ ପ୍ରତି ଏତେ ଶ୍ରଦ୍ଧା ଧନ୍ୟ ଏ ଦିବ୍ୟ ପ୍ରୀତି
ଧନ୍ୟ ବାପ ଜଗତ ମହାନ ଧନ୍ୟ ତାର ବିଶାଳ ହୃଦୟ, ଧନ୍ୟ ମତି।।
ଅବୋଧ କୃଷ୍ଣଚନ୍ଦ୍ର ଦାସ ସଦା ସେହି ଦେବତାଙ୍କ ଶ୍ରୀଚରଣେ ଶରଣ
ତା' କୃପା ଆଶୀର୍ବାଦ ଆମ ସର୍ବ ଜୀବନର ହେଉ ଗତିମୁକ୍ତିର କାରଣ।।

ଧାରୋଶ୍ୟାମସୁନ୍ଦର ପୁର,
ଶୁକ୍ଳେଶ୍ୱର, ମାହାଙ୍ଗା, କଟକ
ମୋ - ୯୪୩୭୧୩୫୫୩୯





# ମୋ ବାପା

କଳ୍ପନା ବଳିୟାରସିଂହ

ବାପା ନୁହେଁ ମୋର ସାକ୍ଷାତ ଈଶ୍ୱର
ପାଇଥିଲି ଏ ଜୀବନେ
ଦୈବୀଶକ୍ତି ଭରା ଜନମ ତାଙ୍କର
କୃଷ୍ଣଙ୍କର ପ୍ରତିଦାନେ । (୧)

ସଂସାର ଦୀକ୍ଷାରେ ଦୀକ୍ଷିତ ହୋଇଲେ
ତୈଳ ଜଳ ରୂପ ପରି,
ଅଜ୍ଞାନ୍ତ ବନରେ ଭ୍ରମିଲେ ଜୀବନେ
କୃଷ୍ଣଙ୍କୁ ସାରଥିକରି । (୨)

ଶିକ୍ଷକତା ତାଙ୍କ କଉଳିକ ବୃତ୍ତି
ଶିକ୍ଷାକୁ ଆଦରି ନେଲେ
ଅପକାରୀକୁ ସେ ଉପକାର ପାଇଁ
ସର୍ବଦା ଶିଖାଉଥିଲେ । (୩)

ନିତିନିୟମରେ ମର୍ଯ୍ୟାଦା ପୁରୁଷ
ଥିଲେ ଏକା ବାପା ମୋର,
ଶିକ୍ଷାର ପ୍ରଦୀପ ଜଳାଇ ଦେଇ ସେ
ଦୂରକରନ୍ତି ଅନ୍ଧାର । (୪)

ବ୍ୟକ୍ତିତ୍ୱ ତାଙ୍କର ଆଧ୍ୟାତ୍ମିକ ବାର୍ତ୍ତା
ସ୍ୱଷ୍ଟବାଦୀ ଚେତନାରେ
ପ୍ରସ୍‌ଫୁଟିତ କରେ ସଂସାରର ଖେଳ
କୃଷ୍ଣଙ୍କ ପ୍ରେମଲୀଳାରେ । (୫)

ସୃଷ୍ଟି ସର୍ଜନାର ଦ୍ୱିତୀୟ ଈଶ୍ୱର
ପିତା ହେଲେ ପ୍ରତିଷ୍ଠିତ
ଶ୍ରେଷ୍ଠ କର୍ତ୍ତବ୍ୟର ଆହ୍ୱାନ ପ୍ରଭାବେ
ସନ୍ତାନକୁ କଲେ ଅଧିଷ୍ଠିତ । (୬)

ଅଜାତ ଜାତର ସାଂସାରିକ ମୋହେ
ପ୍ରଭୁ ପ୍ରେମ ଆଶ୍ରାକରି
ଅଚଳ ଗହ୍ୱର ମାୟା ବନ୍ଧନରୁ
ମୁକତି କାମନା କରି । (୭)

**ସହକାରୀ ଶିକ୍ଷୟିତ୍ରୀ**
ଜଟଣୀ ହିନ୍ଦୀ ସରକାରୀ
ଉ.ପ୍ରା ବିଦ୍ୟାଳୟ
ପିତା ଶ୍ରୀଯୁକ୍ତ ଗଣେଶ ବଳିୟାରସିଂହ
ଗ୍ରା - ବାଛରା, ପୋ - ଜଟଣୀ





# ମୋ ବାପା

ଜବାହରଲାଲ ସୁବୁଦ୍ଧି

ବାପା ମାଆ ମୋର ଚଳନ୍ତି ଠାକୁର,
କେବେ ମୁହିଁ ତାଙ୍କୁ ନଭାବିଛି ପର । ॥୧॥
ମନ୍ଦିର, ମସଜିଦ୍, ଗୀର୍ଜା, ଗୁରୁଦ୍ୱାରେ,
ବାପା ମାଆଙ୍କୁ ପୂଜିଯାଏ ସେହିଠାରେ । ॥୨॥
ବାପା ବୋଉ ଯେଉଁ ଦୁଇଟି ଅକ୍ଷର,
ବା’ ଅର୍ଥ ବାୟୁ, ପା’ ଅର୍ଥ ପାଣି ହିଁ ମୋହର । ॥୩॥
ମାଆ ବୋଲି ଯେଉଁ ଦୁଇଟି ଅକ୍ଷର,
ମା’ ଅର୍ଥ ମାଟି, ଆ’ ଅର୍ଥ ଆକାଶ । ॥୪॥
ବାୟୁ, ପାଣି, ମାଟି, ଆକାଶକୁ ଛାଡ଼ି,
ବଂଚି ତ ହେବନି ଜୀବ କରେ ରଡ଼ି । ॥୫॥
ଯେବେ ମୁଁ ଦେଖିଲି ସୂରୁଜ କିରଣ,
ସେବେଠୁ ବାପାମାଆ ଚଳନ୍ତି ଠାକୁର । ॥୬॥
ବାପା ସବୁରି ବ୍ରହ୍ମା, ବିଷ୍ଣୁ, ମହେଶ୍ୱର,
ମୋ ହର୍ତ୍ତାକର୍ତ୍ତା ଦଇବ ବିଧାତା । ॥୭॥
ଦିବ୍ୟଗୁଣେ ଭରି ଦିଅନ୍ତି ମୋ’ଠାରେ,
ଜୀବଥିବା ଯାଏ ନଭୁଲିବି ବାରେ । ॥୮॥
କୁଆଁ କୁଆଁ କରି ଠୁକୁଠୁକୁ ଗୁରୁଣ୍ଡିବା,
ଉଠିବା, ପଡ଼ିବା, ଗଢିବା, କାନ୍ଦିବା, ଚାଲିବା । ॥୯॥
ଘରର ସଭିଙ୍କୁ କରିଲେ ଆକଟ,

ମୋ'ଠାରୁ ମୋ'ପିଲେ ବଳିବେ ଅଝଟ । ॥୧୦॥
ଯେମନ୍ ବାପ୍‌କେ ତେମନ୍ ଛେଲେଟା,
ଯେମନ୍ ମାଆକେ ତେମନ୍ ମେୟେଁଟା । ॥୧୧॥
ବାପ ଗୁଣେ ପୁଅ ହୋଇଛି ଠିଆ,
ମାଆ ଭଳି ଝିଅର କମ୍ପଇ ହିଆ । ॥୧୨॥
ବାପା ମୋ ସରଳ, ଉଚ୍ଚାମନା ସଦା,
ଦିନରାତି କାମେ ହାରନ୍ତିନି କଦା । ॥୧୩॥
ପିଲାଙ୍କ ସୁଖ, ଖୁସି ଆଣିବାପାଇଁ,
ପିପିଲିରୁ ଖୋରଧା ଯାଆନ୍ତି ଧାଇଁ । ॥୧୪॥
ସଭିଙ୍କ ସୁଖେ ଖୋଳନ୍ତି ଜଳାଶୟ,
ଜୀବଜଗତ ପାଆନ୍ତି ସୁଖମୟ । ॥୧୫॥
ଟଙ୍କା ସୁନାରୂପା ମିଳିତ ପାରିବ,
ଉତ୍ତମରେ ବାପା ମାଆ ସୁଖ ହିଁ ମିଳିବ । ॥୧୬॥
ବାପା ଥିଲା ପୁଅ ସଭାରେ ହାରେନା,
ମାଆ କୋଳେ ପୁଅ ଦୁନିଆ ଡରେନା । ॥୧୭॥
ବାପା ସ୍ୱର୍ଗ, ବାପା ମର୍ତ୍ତେ ଓ ପାତାଳେ,
ଯେଉଁଠି ଥିଲେ ବି ଆଶିଷ କପାଳେ । ॥୧୮॥
ଜଗତବାସୀଙ୍କୁ କରୁଛି ମିନତି,
ମାଆ ବାପାଙ୍କୁ ପର ନକର ବିନତି । ॥୧୯॥
ସଦା ଆଶାବାଦୀ ପରମ ମଙ୍ଗଳ,
ଜଗତଜିତା ହେବ କର୍ମ ହିଁ କୁଶଳ । ॥୨୦॥
ବାପା ଭଲ ଚାଷୀ, ବ୍ୟବସାୟୀ ସିଏ,
ଅଟେ କୃଷ୍ଣଙ୍କ ପୁଅ ଉଚ୍ଛବ ସିଏ । ॥୨୧॥

ବଡ଼ତୋଟା,
ଜଟଣୀ, ଖୋରଧା
ମୋ - ୯୪୩୮୩୫୨୩୭୬





# ମୋ ବାପା

ବସନ୍ତ ମଂଜରୀ ଦାସ

ଆକାଶୁ ବିଶାଳ ସାଗରୁ ଗଭୀର
ଅନ୍ତରେ ପିୟୁଷଧାରା
ଯାହା ହାତଧରି ଚାଲି ମୁଁ ଶିଖିଲି
ସେ ମୋ ପୂଜ୍ୟ ବାପା ପରା । ॥୧॥

କାନ୍ଧରେ ବସି ମୁଁ ଦୁନିଆଁ ଦେଖିଲି
କେତେ ଯାତ କେତେ ମେଳା
ମୋ ପାଇଁ ସେ ଅଶ୍ୱ ମୁଁ ତାଙ୍କ ସଇସ
ଥିଲି ଯେବେ ଟିକିପିଲା । ॥୨॥

ଝାଳଲାଳ ହୋଇ ଘରେ ଫେରୁଫେରୁ
ଖେଳନା ପ୍ୟାକେଟ୍ ଧରି
ଦେଖିଆରେ ଧନ ତୋପାଇଁ ଆଜି ମୁଁ
କ'ଣ ଆଣିଛି ବୋଲି । ॥୩॥

ମୁଖରେ ଗାମ୍ଭୀର୍ଯ୍ୟ ଶାସକର ଦୃଷ୍ଟି
ହୃଦକୁସୁମ କୋମଳ
ଭଲ ମଣିଷଟେ କରି ଗଢ଼ିବାକୁ
ଚେଷ୍ଟା ତାଙ୍କ ବାରମ୍ବାର । ॥୪॥

ଉପଦେଶ ଛଳେ ଗଳପ ଆଳରେ
ରୀତିନୀତି ଦୁନିଆଁର
ତାଙ୍କରି ସଂସ୍କାର ଦେଇଛି ଜୀବନେ
ରାହା ଅଟେ ବଂଚିବାର । ॥୫॥
ସାରା ସଂସାରର ସୁଖ ଦେବାପାଇଁ
ସ୍ୱପ୍ନ ତାଙ୍କ ଅସୁମାରୀ
ନିଖାଇ ନପିନ୍ଧି ମୋହରି ପାଇଁକି
ମୁଣ୍ଡଝାଳ ତୁଣ୍ଡେ ମାରି । ॥୬॥

ବିପଦପଡ଼ିଲେ ଜ୍ୱର ରୋଗ ହେଲେ
କାନ୍ଦୁଥାନ୍ତି ଲୁଚିଲୁଚି
ଜମାଟ ତୁଷାର ତରଳି ଯାଏ ତ
ଗାମୁଛାରେ ଦ୍ୟନ୍ତିପୋଛି । ॥୭॥

ତାଙ୍କରି ଆଦର୍ଶେ ଗଢ଼ା ଏ ଶରୀର
କେବେହେଲେ ପଥଚ୍ୟୁତ
କର୍ଣ୍ଣପଟେ ଭାସିଆସେ ତାଙ୍କସ୍ୱର
ହୋଇଣ ପ୍ରତିଧ୍ୱନିତ । ॥୮॥

ପିତା ଅଟେ ସ୍ୱର୍ଗ ପିତା ପୁଣି ଧର୍ମ
ପିତା ଯେ ମୋର ଈଶ୍ୱର
ତାଙ୍କବିନା ସତେ ଅସ୍ତିତ୍ୱ ମୋ କାହିଁ
ପରିଚୟ ଜୀବନର । ॥୯॥

ଗୁରୁଜଂଗ, ଖୋରଧା





# ମୋ ବାପା

ବିଭୁ ପ୍ରସାଦ ହରିଚଂଦନ

ଯେତେ ପ୍ରିୟଜନ ଅଛନ୍ତି ସଂସାରେ
କେହି ନୁହଁ ବାପାଭଳି,
ସ୍ନେହ, ଶରଧାରେ ସନ୍ତାନ ଉପରେ
ଅଶୀଷ ଦିଅନ୍ତି ଢାଳି ।
ପିଲାର ଜୀବନେ ନଆସୁ ସଂକଟ
କରିଥାନ୍ତି ବଡ଼ପଣ,
ବିପଦଆପଦେଆଗରେ ଥାଆନ୍ତି
କରି ନିଜ ମୁଠାଟାଣ।
ବାପା ଯା'ର ଅଛି ଏଇ ସଂସାରରେ
ଡର ତା ଆସିବ ନାହିଁ,
ଆତ୍ମ ବିଶ୍ୱାସରେ ଭରିଯାଏ ମନ
ବାପା ସାହା ସବୁପାଇଁ ।
ସନ୍ତାନ ପ୍ରେମରେ ପିତା ସଦା ବନ୍ଧା
ଦିଅନ୍ତି ଉତ୍ତମ ଶିକ୍ଷା,
ଜୀବନରେ ହୋଇ ଜଣେ ବଡ଼ଲୋକ
ବଂଶକୁ କରୁ ସେ ରକ୍ଷା ।
ଅମ ପରିବାର ରହିବ ସୁଖରେ
ସଦା ଭାବୁଥାଏ ପିତା,

ସେଥିପାଇଁ ସିଏ ସଦା କର୍ମରତ
ସ୍ୱପ୍ନରେ ବି କରେ ଚିନ୍ତା ।
ପୁତ୍ର ଭଲ ହେଲେ କୁଳ ଖ୍ୟାତି ବଢ଼େ
ପରିବାର ହୁଏ ଧନ୍ୟ,
ସମାଜ ଆଗରେ ଉଚ୍ଚାସନ ପାଇ
ପିତା ହୁଏ ଭାଗ୍ୟବାନ।
ସମସ୍ତ ଅର୍ଜିତ ଦେଇଥାଏ ସିଏ
ନିଜ ପୁତ୍ର କନ୍ୟା ପାଇଁ,
ଏ ମର ଜଗତେ ପିତା ସମକକ୍ଷ
କିଏ ଅଛି କୁହ ଭାଇ ?
କେହି ପୁତ୍ର କନ୍ୟା ଶୁଝିପାରିନାହିଁ
ସଂସାରରେ ପିତୃରଣ,
ସେଥିପାଇଁ ତାଙ୍କ ସେବା ଯତ୍ନ କର
ଭୁଲି ନିଜ ସ୍ୱାର୍ଥପଣ।
ଜୀବନ କାଳରେ ବୃଦ୍ଧ ସମୟରେ
ହୋଇବା ତାଙ୍କରି ସାହା,
ପିତା ଆଶୀର୍ବାଦେ ସୁଖଶାନ୍ତି ମିଳେ
ପଣ୍ଡିତେ କୁହନ୍ତି ଯାହା।
ଶାସ୍ତ୍ରତ କହୁଛି ଆକାଶଠୁ ବଡ଼
ଆମପାଇଁ ଆମ ପିତା,
ପୃଥିବୀଠୁ ବଡ଼ ଆମରି ଜନନୀ
ଶାସ୍ତ୍ର ମଧ୍ୟେ ଶ୍ରେଷ୍ଠ ଗୀତା।
ବାପଗୁଣେ ହୁଏ ପୁଅ ପରିଚିତ
ମାଆଗୁଣେ ହସେ ଝିଅ,
ବାପା, ମାଆ ଦୁହେଁ ଏ ମର ସଂସାରେ
ବଡ଼ ଭାଗ୍ୟବାନ କୁହ।
ବାପା ହଜିଗଲେ ଦୁନିଆଁ ବକ୍ଷରୁ

ମିଳିବେ ଧରମ ପିତା,
ସ୍ୱାର୍ଥରେ ସେମାନେ ବଂଧା ସଦାକାଳେ
କରିବେନି ତୋର ଚିନ୍ତା।
ଆଜିର ଯୁବକ ହୋଇ ମଦମତ୍ତ
ବୃଦ୍ଧାଶ୍ରମେ ରଖେ ତାଙ୍କୁ,
ଈଶ୍ୱରଙ୍କ ପାଶେ ମିଳିବ ଅବଶ୍ୟ
ବଡ଼ଦଣ୍ଡ ସେମାନଙ୍କୁ।
ତୁମେ ମଧ୍ୟ ଦିନେ ହେବ ପିଲାବାପ
ମନରେ ଏକଥା ହେଜ,
ଆଗୁ ସାବଧାନ ହୁଅ ସୁଧୀଜନ
ଜୀବନ ହେବ ସହଜ।
ଆଜି ମନେପଡ଼େ ମୋ ବାପାଙ୍କ କଥା
ବିତିଲାଣି କେତେ ବର୍ଷ,
ତାଙ୍କରି ପ୍ରେରଣା ଗଢ଼ିଛି ଆମକୁ
ଥିଲେ ସେ ବଡ଼ ଆଦର୍ଶ।
ବାପାଥିଲା ବେଳେ ଜାଣିପାରିଲୁନି
ବାପାଙ୍କ କର୍ତ୍ତବ୍ୟ ପଣ,
ବାପା ହେଲାପରେ ସବୁ ବୁଝିଗଲି
କ୍ଷମା କରିବେ ଆପଣ।
ବହୁ ଯତ୍ନକରି ଗଢ଼ିଛ ଆମକୁ
ସୁଶିକ୍ଷା ଦେଇଛ କେତେ,
ଜନ୍ମ ଜନ୍ମାନ୍ତରେ ତୁମ ପୁତ୍ର ହେବି
ଆଶୀର୍ବାଦକର ମୋତେ ।

ପିତା - ୰ପତିତ ପାବନ ହରିଚଂଦନ
ନେତାଜୀନଗର, ସାନପଲା, ଖୋରଧା
ମୋ - ୭୯୭୮୨୪୪୨୧୧





# ବାପା ଏକ ଅନୁଷ୍ଠାନ

ମହେଶ୍ୱର ସାହୁ

ବାପା ଖାଲି ଜଣେ ବ୍ୟକ୍ତି ନୁହଁ
ଏକ ଅନୁଷ୍ଠାନ
ଜୀବନ ସଂଗ୍ରାମର ପ୍ରଚ୍ଛଦପଟର
ଜୀବନ ଦର୍ଶନ......
ଅସରନ୍ତି ପ୍ରେରଣାର ନିର୍ଝର
ଅବିରାମ କର୍ମ କରିବାର
ସକାରାତ୍ମକ ଦୃଷ୍ଟିଭଙ୍ଗୀ ।

ବାପା ଜଣେ ଦୃଢ଼ମନା ବ୍ୟକ୍ତିତ୍ୱ
ସହନଶୀଳତାର ଶ୍ରେଷ୍ଠ ଉଦାହରଣ
ସୁଖ ଦୁଃଖ ସବୁଥିରେ
ସ୍ଥିର ଅବିଚଳିତ ହିମାଳୟ......
ବାପା ଶାଗ ପଖାଳର
ସରଳ ମଣିଷ
ପୁଣି ଶୂନ୍ୟରେ ପୂର୍ଣ୍ଣତା ପ୍ରାପ୍ତିର
ସଦିଚ୍ଛା ରଖୁଥିବା ବିରଳ ଦୃଷ୍ଟାନ୍ତ ।

ବାପା ଜନ୍ମଦାତା
ସ୍ୱପ୍ନ ଦେଖଉଥିବା ଜଣେ
ନିଆରା ସ୍ରଷ୍ଟା
ତାଙ୍କ ଆଶୀର୍ବାଦରେ ବଦଳିପାରେ
ଭାଗ୍ୟରେଖା.....
ଶୂନ୍ୟରୁ ମହାନ ହେବା
ବଡ଼ କଥା ନୁହେଁ
ମିଳିଗଲେ ବାପାଙ୍କର ଯେତେସବୁ
ଅନ୍ତରର ଗୁପ୍ତଧନ.....
ସ୍ନେହ, ଶ୍ରଦ୍ଧା ଓ ଶୁଭେଚ୍ଛା ।

**ବ୍ଲକ ଶିକ୍ଷା ଅଧିକାରୀ, ବାଲିପାଟଣା, ଖୋର୍ଦ୍ଧା**
**ମୋ - ୯୪୩୮୨୮୧୯୦୧**





# ବାପା

ରଶ୍ମିତା ଜେନା ମହାପାତ୍ର

ବାପା ତୁମ ସ୍ନେହ ସୁରକ୍ଷା ବଳୟରେ
ମୁଁ ଉଡ଼ିପାରେ ଦିଗନ୍ତ ବିସ୍ତାରି ଆକାଶ
ଛୁଇଁପାରେ ନବଶୁମ୍ଭୀ ସ୍ୱପ୍ନ
ଭେଦିପାରେ ଅଭେଦ୍ୟ ଅମୋଘାସ୍ତ୍ର..... ।
ବାପା ତୁମେ ପରା ଶିଖାଇଛ
ଜିତିବାର ଜୀବନ ସଂଗ୍ରାମ
ଭାଙ୍ଗିବାକୁ ଦେଇନାହଁ ମୋତେ
ଆସିଥାଉ ଯେତେ ଝଡ଼ ଝଞ୍ଜା
ନିଜେ ମହାଦ୍ରୁମ ସାଜି ସହିଯାଇଛ
ସବୁ ଝାଂଜି ତାତି..... ।
କେବେ ଯଦି ଝୁଣ୍ଟିପଡ଼େ
ଅବିଶ୍ରାନ୍ତ ପଥ ଚାଲି ଥକି
ହାତ ଧରି ନିଜ କାନ୍ଧେ ବାହୀ
ପଥଶ୍ରମ ମୋର
ଦେଖାଇଛ ଠିକଣା ପଥର.... ।

ବାପା ତୁମେ ପରିବାର ବନାନୀର
ସୁଶୋଭିତ ପାରିଜାତ ପୁଷ୍ପ
ତୁମେ ଫୁଲଠୁ କୋମଳ କେବେ
ପୁଣି ବଜ୍ରଠୁ କଠିନ
ତୁମ ସ୍ନେହର ବାସ୍ନାରେ ବାସ୍ନାୟିତ
ସଂସାର ଉପବନ
ତୁମ ଅନୁଶାସନ, ଶିଷ୍ଟାଚରର
ଶିଖାଇଥାଏ ବଞ୍ଚିବାର କଳା ଓ କୌଶଳ
ଜୀବନ ମୋକ୍ଷ ଓ ନିର୍ବାଣର ମହାମନ୍ତ୍ର
ବାପା ଦିଗରୁ ଦିଗନ୍ତ ଯାଏ
ତୁମ ଅସ୍ତିତ୍ୱର ଅସରା ମହକ
ବାପା ଲୋଡ଼ାନାହିଁ କିଛି
ମୋ ନିବିଡ଼ ଅନ୍ଧକାରେ
ସଦା ରହିଥାଅ ହୋଇ ତୁମେ
ଆଲୋକ ବର୍ତ୍ତିକା,
ରହିଥାଅ ସଦା ସାଥେ ମୋର
ତୁମ ବୟସର ବର୍ଣ୍ଣାଳୀରେ
ଆଙ୍କିହେଉ ଅୟୁତ ଆୟୁଷର ସପ୍ତରଙ୍ଗ
ତୁମେ ଜୀବନ୍ତ ଠାକୁର,
ତୁମ ଆଶୀର୍ବାଦେ ଚଳିଯାଉ
ମୋ ଜୀବନ କାଳ.........
ମୋ ଜୀବନ କାଳ। ।

**ଶିକ୍ଷୟିତ୍ରୀ, ନୟାପଲ୍ଲୀ, ଭୁବନେଶ୍ୱର**
**ମୋ - ୯୪୩୮୩୯୭୦୨୦**





# ବାପା

### ଦେବଯାନୀ

ଆକାଶ ପରି
ଧୈର୍ଯ୍ୟ..... ସାହସ
ନିର୍ବିକାର..... ନୀରବ
ଧୂଆଁ ଧୂଳି ପଚା ନିଶ୍ୱାସରେ
ଅଣନିଶ୍ୱାସୀ ତୁମେ
ତଥାପି ବଞ୍ଚିଛ
ଅନେକ ଅଲୋଡ଼ା ଆଶା
ଓ
ଅବଶିଷ୍ଟ ଆୟୁଷ ସହ ।

ଦିନଥିଲା ତୁମ ହାତଧରି
ବାଟ ଚାଲିଲା ବେଳେ
ଶିଖାଇଥିଲେ ଯେତେସବୁ
ଆଦବ କାଇଦା.... ନିଷ୍ଠା ପରାକାଷ୍ଠା
ନୀତି ନିୟମର କେତେ ଯେ
ବଳିଷ୍ଠ ପ୍ରତିଗାଥା ।

ନିଜ ଦେହରୁ ନିଗିଡ଼ି ପଡୁଥିବା
ଟୋପା ଟୋପା ରକ୍ତବିନ୍ଦୁକୁ
ଅଣଦେଖା କରି
ଭରସାର ଭଗ୍ନ କୋଣାର୍କକୁ
ବିଶ୍ୱାସ କରି
ସାମନା କରିବାକୁ ଶିଖେଇଛ
ସୁଖ ଦୁଃଖର ସ୍ନିଗ୍ଧ ଅନୁଭବକୁ
ମାଟିର ପବନର
ପ୍ରତିଟି ଗଳି କନ୍ଦିର
ବହଳ ଅନ୍ଧକାରକୁ
ଅଗତ୍ୟା, କେଉଁ କାଲୁ ପ୍ରଚେଷ୍ଟିତ
କାଳେ ଅଳ୍ପକେ ଭରିଦେବ
ସଭିଙ୍କ ମୁହଁରେ
ଆତ୍ମତୃପ୍ତିର ହସ
ଚିତ୍ରିତ ହୋଇଯିବ ସାଧା ଫର୍ଦ୍ଦରେ
ରଙ୍ଗ କରା ଆୟୁଷ ।

# ଟଙ୍କାଟିଏ ମାଗି
# ଦୁଇଟଙ୍କା ପାଇବାର

ଶୁଭେନ୍ଦୁ ସାହୁ

ଟଙ୍କାଟିଏ ମାଗି ଦୁଇଟଙ୍କା ପାଇବାର ଖୁସି
ଆଜି ସପ୍ତମ ବେତନର ବର୍ଦ୍ଧିତ ଦରମା
ଦେଇ ପାରୁନି ବାପା !

ତୁମ ସ୍ୱେଦପୋଛା ଗାମୁଛାରେ ଗୁଡ଼େଇ
ହୋଇ ଆସିଥିବା ଜଳଖିଆର ବାସ୍ନା
ଆଜି ବଡ଼ ବଡ଼ ଶୀତ ତାପ ନିୟନ୍ତ୍ରିତ
ହୋଟେଲରେ ମିଳୁନି ବାପା !

ତୁମ ପୁରୁଣା ସାଇକେଲରେ ଦୁଇ ପେଡ଼ାଲ ମାରି
ଗଡ଼ାଣିଆରେ ଗଡ଼ି ଆସିବା ଆନନ୍ଦ
ଆଜି ହାଇ ସ୍ପିଡ୍ ମୋଟର ସାଇକେଲରେ ନାହିଁ ବାପା !

ତୁମେ ଆଗଭଳି କାହିଁ ଆଉ ଆକଟ କରୁନ ବାପା
ଆଗଭଳି ଆଉ କାହିଁ ଆଉ ରାଗୁନ ବାପା
ନିଜ କଥା ନଭାବି ଆମ ଆରାମ ପାଇଁ ନିଃସଂକୋଚରେ
ଟଙ୍କା ବଢ଼ାଇ ଦେଉଥିବା ବାପା
ଆଜି ବୃଦ୍ଧାବସ୍ଥାରେ ବି ଟଙ୍କାଟିଏ ନମାଗି ସବୁ ଚଳେଇ
ଦେଉଛ କାହିଁ ବାପା !

ମୋର ଦେହ ସିନା ବଡ଼ ହୋଇଯାଇଛି
ହେଲେ ତୁମେ ତ ସେଇ ବାପାଟିଏ ହୋଇ ଅଛ "ବାପା" ।
ବଡ଼ଙ୍କୁ ସମ୍ମାନ ସାନକୁ ସ୍ନେହ ଦେବାପାଇଁ ଶିଖେଇଥିବା ବାପା
ନିଜକୁ ନମସ୍କାର କରିବାପାଇଁ ଶିଖେଇଲନି ବାପା !

ତୁମକୁ କେବେ ମୁଣ୍ଡିଆ ମାରିନଥିବା ଅପଦାର୍ଥ ଆଜି ବି
ମାରୁନି ବାପା
ବିନା ମୁଣ୍ଡିଆରେ ଆଶିଷ ମୁଣ୍ଡେଇ ଦେଉଥିବା ବାପାଟିଏ
ତୁମେ ବାପା !

ଜଟଣୀ, ଖୋର୍ଦ୍ଧା



# ବାପା

କ୍ଷୀରୋଦ୍ର ସାହୁ

ବାପା ସ୍ୱର୍ଗ ବାପା ଧର୍ମ
ବାପା ହିଁ ପରମ ତପ
ବାପା ଜନ୍ମଦାତା ପୂଜ୍ୟ ଦେବତା
ତା ପାଦେରଖିଲେ ଚିତ୍ତ ବଢ଼ଇ ବହତ୍ତା

ବାପା ଶ୍ରେଷ୍ଠ ପୂତ ପବିତ୍ର ତୀର୍ଥ
ସର୍ଜନାର କାରଣ
ବାପାଙ୍କ ସ୍ନେହ ଆଶିଷ ଧନ୍ୟ
ହୁଏ ଆମ ଜୀବନ,
ବାପା ସିନା ବ୍ରହ୍ମା, ବିଷ୍ଣୁ, ମହେଶ୍ୱର
ତାଙ୍କ ଦାନରୁ ପ୍ରାଣ ଦେଖେ ଏ ବିଶ୍ୱ ଚରାଚର
ଅନ୍ନଦାତା ଜ୍ଞାନଦାତା ପୁଣି ମାର୍ଗର ଆଲୋକ
ସିଦ୍ଧି ମୁକ୍ତି ଶକ୍ତି ତୂର୍ଯ୍ୟରେ ସେ ଏକ
ପରିବାରର ମହାନାୟକ
ସ୍ନେହ ପ୍ରେମ ଆଉ ସ୍ୱପ୍ନର ମହକ,
ବାପା ବନ୍ଧୁ ବାପା ସଖା ପରମ ଦେବତା
ସୁଖଶାନ୍ତି ପିତା ମଧ୍ୟ ହୃଦୟ ତା
ବାପା ଭକ୍ତି ବାପା ସ୍ତୁତି ତା ପାଦେକୋଟିଏ ନମନ
ଚଉଦଭୁବନ ମଣ୍ଡଳେ କେ ଅଛି ତା ସମାନ ।

ହୃଷୀକେଶ, ଉତ୍ତରାଖଣ୍ଡ
ମୋ - ୯୫୪୮୭୨୩୯୩୨

# "ମୋ ବାପା"

**ଜ୍ୟୋତିରଞ୍ଜନ ବାରିକ**

ଜୀବନର ଜଟିଳ ଜ୍ୟାମିତି
ଅଙ୍କିଣ୍ଡା ଗଣିତ ଆଉ ପରିମିତି
ଏସବୁକୁ ଯିଏ ଅତି ସହଜରେ ବୁଝେଇପାରେ
ସେ ଶିକ୍ଷକ ଜଣକ ହେଉଛି ସେଇ ଲୋକଟା
ଯାହାକୁ ମୁଁ ବାପା ବୋଲି କୁହେ।

ମେଘହେଲେ ଗଣ୍ଡିପାଣି
ଘରେ ମରିବା ପୂର୍ବରୁ
ଓଳିତଳେ ମୁଣ୍ଡ ଦେଖେଇ
ପିଢ଼ାକୁ ନଡ଼ା ଯୋଗାଉଥିବା
ସେ ମୂଲିଆ ଜଣକ ହେଉଛି ସେଇ ଲୋକଟା
ଯାହାକୁ ମୁଁ ବାପା ବୋଲି କୁହେ।

ପୋକରା ବାଉଁଶ ଲଗା
ଝାଟିମାଟି ଖପର ଛପର ଘରର
ଶକ୍ତ ଶାଳୁଅ କବାଟ
ଆଉ ତମାମ ଦୁଃଖକୁ ହସି ହସି ସହୁଥିବା
ଗୋଟେ ବୁଢ଼ା ବରଗଛ ହେଉଛି ସେଇ ଲୋକଟା
ଯାହାକୁ ମୁଁ ବାପା ବୋଲି କୁହେ ।

ନିଜ ପେଟକୁ ଲାତମାରି
ଖରିବେଳା ପରିବାରର
ପେଟକଥା ଚିନ୍ତା କରୁଥିବା

ସେ ଚିନ୍ତକ ଜଣକ ବି ସେଇ ଲୋକଟା
ଯାହାକୁ ମୁଁ ବାପା ବୋଲି କୁହେ ।

ହଁ, ସିଏ ମୋ ବାପା,
ବା - ବାଇଶି ପାହାଚ ପରି ଶକ୍ତ ଆଉ ପବିତ୍ର
ପା - ପତିତ ପାବନଠୁ ବି ଖୁବ୍ ଉର୍ଦ୍ଧ୍ୱରେ
ସେଇ ଲୋକଟା ମୋ ବାପା,
ହଁ, ସେଇ ଲୋକଟା ମୋ ବାପା ॥

**ଚଢ଼େଇ ଗାଁ, ତମ୍ପାଲୋ,**
**ନିମାପଡ଼ା, ପୁରୀ**
**ମୋ - ୯୭୭୭୭୫୪୨୬୧**

# ଜୀବନ୍ତ ଦେବତା

## ମୋ ବାପା

ପ୍ରଣତି ମହାପାତ୍ର

ଆସନ୍ତ କି ଆଉଥରେ ମୋ ପାଶକୁ,
ଦେଖନ୍ତି ତୁମର ସେଇ ମହନୀୟ ରୂପକୁ,
ଅନୁଭବ କରନ୍ତି ସେଇ ରୂପର ।
ଯେଉଁ ବାତ୍ସଲ୍ୟରେ ବାତ୍ସଲ୍ୟିତ
ହୋଇଯାନ୍ତା ମୋର
ତନୁମନ,
ପ୍ରଫୁଲ୍ଲିତ ହୋଇଯାନ୍ତା ମୋର
ଏ ନିଶ୍ଚଳ ଶରୀର ।
ଇଚ୍ଛା ହୁଏ ମଥାରଖି ନିଶ୍ଚିନ୍ତରେ
କିଛିକ୍ଷଣ ଶୋଇବାକୁ,
ତୁମେ ସେ ସାଗର ସଦୃଶ
ବକ୍ଷ ଉପରେ,
ବିଶାଳ ବକ୍ଷରେ ମଥାରଖି ଭୁଲିଯାନ୍ତି
ଜୀବନର ହୁତୁହୁତୁ ହୋଇ
ଜଳୁଥିବା ଅଭାବୀ ଜଞ୍ଜାଳକୁ ।
ଅନୁଭବ କରନ୍ତି ଏକ ଦିବ୍ୟ ସତ୍ତାକୁ ।
କୁହୁକ ହାତ ପରଶରେ ଧୋଇଯାନ୍ତା
ମୋ ଜୀବନର ସମସ୍ତ
ଦୁଃଖ, କଷ୍ଟ ଓ ଯନ୍ତ୍ରଣ ସବୁ ।
ବହଳ ବହଳ ଦୁଃଖ, କ୍ଲେଶ, ତୃଷାର୍ତ୍ତ
କ୍ଷୁଧାର୍ତ୍ତର କଳା ଅନ୍ଧାରକୁ
ଢାଙ୍କି ରଖୁଥିବା ତୁମର ସେଇ

ଆତ୍ମବିଶ୍ୱାସ, କର୍ମଠତା,
ହୃଦୟର ଗଭୀରତାକୁ ମାପୁଥିବା,
ନୀଳଚକ୍ର ବାନା ସଦୃଶ ଗାମୁଛାକୁ।
ଜାବୁଡ଼ି ଧରିବାକୁ ଭାରି ଇଚ୍ଛା ହୁଏ ବାପା..... ।
ତେଜୋଦୀପ୍ତ, ଆଭାମୟ
ଦରୋଟି ହସର,
କମନୀୟ କଳା ମଚମଚ
ମୁଖ ମଣ୍ଡଳକୁ,
ବାରମ୍ବାର ଦେଖିବାକୁ ଇଚ୍ଛା ହୁଏ ବାପା.... ।
ଇଚ୍ଛା ହୁଏ,
ମୋ ଜଗତର ସର୍ବୋତ୍ତମ ପୁରୁଷ,
ମୋ ପାଇଁ ସର୍ବମୟ କର୍ତ୍ତା,
ମୋ ପ୍ରାଣଦାତା
ମୋ ଶୁଭଚିନ୍ତକଙ୍କ
ଶ୍ରୀଚରଣ ବନ୍ଦନା, ଅର୍ଚ୍ଚନା କରି
ନିଜକୁ କୃତାର୍ଥ ମଣିବାକୁ।
ଭାରି ଇଚ୍ଛା ହୁଏ ବାପା.... ।
ତୁମ ଅନୁପସ୍ଥିତିର ସୁଯୋଗ ନେଇ
ମୋ ଅଜାଣତରେ
ମୋ ଆଖିରୁ ବହିଯାଏ
ଅବାରିତ ଗଙ୍ଗା ଯମୁନାର ଧାରା ।
ଭାରି ଇଚ୍ଛା ହୁଏ,
ତୁମ ପ୍ରଶସ୍ତ ବକ୍ଷରେ ମଥା ରଖିବାକୁ,
ଭାରି ଇଚ୍ଛା ହୁଏ ବାପା... ।





# "ବାପା"

ସୂର୍ଯ୍ୟକାନ୍ତ ମଲ୍ଲିକ

ବାପା,
ତୁମେ ଛାଡ଼ି ଯାଇଥିବା ନଈର ପ୍ରଖର ସ୍ରୋତକୁ
ଛେଦକରି
କୂଳ ଲଙ୍ଘିବାର
ସାହସ ପାଉନି ସତ,
କିନ୍ତୁ
ତୁମେ ଶିଖେଇଥିବା
ଯନ୍ତ୍ରଣାର ଚକ୍ରବିହୋକୁ ଭେଦକରି ଆଗକୁ ଯିବା
ବିଦ୍ୟାର
ଅସ୍ତ୍ର ବୋଧ ହୁଏ
ପ୍ରସ୍ତୁତ କଲେଣି ନିଜକୁ ।

ବାପା,
ତୁମକୁ
କାନ୍ଧରେ କାନ୍ଧେଇ ତୀର୍ଥ ଭ୍ରମଣ କରିବା ତ
ଦୂରର ବିଷୟ
ମୁଣ୍ଡ ନୁଆଁଇ ପାଦସେବା କରିବାରୁ

ମଧ୍ୟ ମୁକ୍ତ କରିଦେଲ ସବୁଦିନ
ମନ ଭିତରୁ,
ମୁଁ ଜାଣିନି
ଶ୍ରବଣ କୁମାରର ସାହସ,
ଶକ୍ତି ଓ ଧୈର୍ଯ୍ୟ ମୋ ପାଖରେ
କେତେ ସ୍ଥିର
ତଥାପି ମୁଁ
ସଂକଳ୍ପ ବଦ୍ଧ,
ଜୀବନ ଯୁଦ୍ଧରେ ନିଶ୍ଚିତ ବିଜୟ ହେବାପାଇଁ
ଯେପର୍ଯ୍ୟନ୍ତ ତୁମ
ଆଶିଷର ବ୍ରହ୍ମାସ୍ତ୍ର ମୋ ତୂଣୀରେ ସୁରକ୍ଷିତ
ମୁଁ ସୁରକ୍ଷିତ ॥

**ଘଣ୍ଟପଦା, କେନ୍ଦ୍ରାପଡ଼ା**

## ॥ ମୋ ବାପା ॥



**ଅକ୍ଷୟ ମହାନ୍ତି**

ମୋ ବାପା ତ ବଡ଼ ଆଧ୍ୟାତ୍ମିକବାଦୀ
ଶିକ୍ଷକତା ତାଙ୍କ ପେଷା
ଭଜନ ଲେଖିବା, ଗାଇବା ବାଇବା
ତାଙ୍କର ଥିଲା ନିଶା ।

ଶାରଳା ମାଆଙ୍କ ବଡ଼ ଭକ୍ତ ସିଏ
ଦିନରାତି ଖାଲି ପୂଜା
ଠାକୁର ଘରେ ସେ ମୂର୍ତ୍ତିଟିଏ
ରଖି କରିଥାନ୍ତି ସାଜସଜ୍ଜା ।

ପୂଜା କଲାବେଳେ ଡାକି ସେ କହନ୍ତି,
ମାଆକୁ ମୁଣ୍ଡିଆ ମାର
ଦୟାକରି ଆଜି ବୁଲି ସେ ଆସିଛି
କରୁଣା ଅପାର ତାର ।

ଚର୍ମ ଚକ୍ଷୁରେ ତ ଦେଖିନୁ ମାଆକୁ
ମୁଣ୍ଡିଆଟେ ଖାଲି ମାରୁ
ଚୁଆ ଚନ୍ଦନର ବାସ ହିଁ ବାହାରେ
ତାଙ୍କ ସେ ଠାକୁର ଘରୁ ।
ସ୍ୱପ୍ନାଦେଶ ହେଲା ବାପାଙ୍କୁ ମୋହର
ହାତରେ ଖୋଳିଲେ କୂଅ
ପାଣି ପଡ଼ିନାଲି, ରତ୍ନ ବେଦୀ ପରେ
ଆଖିରୁ ଢାଳିଲେ ଲୁହ ।

ରାଉଳ ଆସିଲେ ବାପାଙ୍କୁ କହିଲେ
ଦେଖ ଆସି ହାଟ କୂଅ
ଝର ପଡ଼ିଗଲା ମାଟିତଳୁ ଉଠେ
ପ୍ରଖର ପାଣିର ସୁଅ ।

ଖରାଦିନେ ଲୋକେ ହାଟକୁ ଆସନ୍ତି
ପିଅନ୍ତି କୂଅରୁ ପାଣି
ଦୀର୍ଘଶ୍ୱାସ ଛାଡ଼ି ବାପାଙ୍କୁ ମୋହର
ଦେଇଥାନ୍ତି ଆଶ୍ରାବାଣୀ ।


ମନ୍ଦିର ଭିତରେ ଛତା ସାଲ କେବେ
ଛାଡ଼ି ଆସିଥାନ୍ତି ବାପା
ବୋଉକୁ କହନ୍ତି ମାଆ ନେଇଗଲା
ଗରିବକୁ ଏଟା ଦେବା ।

ଯୁଆଡ଼େ ଗଲେ ବି ଗୀତା ଗାଉଥାନ୍ତି
କଣ୍ଠରେ ତାଙ୍କର ଥୁଆ
ତା'ସାଥିରେ ସିଏ ଗାଇ ଚାଲିଥାନ୍ତି
ହନୁମାନ ଚାଳିଶିଆ ।

ଧଡ଼ିଆ ଯୋଗିଟା କେନ୍ଦରା ବଜାଇ
ତାଙ୍କ ଗୁଣଗାନ ଗାଏ
ହରବାବୁ ଜଣେ ଉଦାର ମଣିଷ
ସବୁ ଗାଆଁରେ ସେ କହେ ।

**ତେନ୍ତୁଳିପଦା, ଜଗତସିଂହପୁର**





# ମୋ ବାପା

ସୁମତି ଦେଈ

ବାପା ତୁମେ ମନେପଡ଼
ମୋର ବହୁ ବେଳରେ,
କେଉଁ ଆଡ଼େ ହଜିଗଲ
ସେଦିନ ଆକାଳରେ ।

ତୁମର ସେ ସ୍ନେହବୋଳା
କଥା ମନେ ପଡ଼ଇ
ଭାବିଲେ ହୃଦୟ ମୋର
ଦୁଃଖେ ଭାଙ୍ଗି ପଡ଼ଇ ।

କୋଳେଇ କାଖେଇ ମୋତେ
କେତେ ଗେଲ କରିଛ
ପୁଅଠାରୁ ବେଶି ସ୍ନେହ
ତୁମେ ମୋତେ ଦେଇଛ ।

କୁମାର ପୂର୍ଣ୍ଣିମା, ରଜ
ଆସେ ଯେବେ ପାଖେଇ
କହିବା ଆଗରୁ ଜାମା
କିଣି ରଖ ସଜେଇ ।

ରୁଷିଲେ ମୁଁ ମିଛଗପ
କୁହ ହସି ହସିକା
ଆକାଶରେ ତାରା ହେବି
ଏକଥାଟି ଜାଣିଥା ।

ଲୁଚି ଲୁଚି ଆସି ମୁହିଁ
ଖାଇବସେ ପାଖରେ
ଭାଇ ସହ ତାଳିମାରି
କୁହ କେତେ ଭଳିରେ ।

ଆମ ଛୋଟ ସଂସାରଟି
ହସୁଥିଲା ଖୁସିରେ
ଅକାଳ ଚଢ଼କେ ଦିନେ
ଭରିଲା ବିଷାଦରେ ।

ବିଦ୍ୟାଳୟୁ ଫେରିବାର
ହେଲେ କେବେ ବିଳମ୍ବ
ବାପାଙ୍କୁ ପାଖରେ ପାଇ
ମୋ ସାଥିଏ ଆନନ୍ଦ ।

ଚକ୍ଷୁ ମୋର ଭାସୁଥାଏ
ଲୋତକର ବନ୍ୟାରେ
ଚତୁର୍ଦ୍ଦିଗେ ଚାହେଁ ଯେବେ
ମୋର ବାପା ପାଇଁରେ ।

ନିଷ୍ଠୁର ସତ୍ୟଟି ଆସି
ଧକ୍‌କା ଦିଏ ହୃଦରେ
ଖଣ୍ଡ ବିଖଣ୍ଡିତ ମନ
ନେଇ ଫେରେ ଗୃହରେ ।

ମାଆ ମୋର ରହିଁଥାଏ
କବାଟର ପାଖରେ
ଧାଇଁଆସି ବାହାରକୁ
ଟେକିନିଏ କୋଳରେ ।

ଲୁହ ଭିଜା ପଣତରେ
ପୋଛିଦିଏ ଆଦରେ
ଧନମୋର ! ମୁଁ ଅଛିରେ
ତୋର ସୁଃଖ ସୁଖରେ ।

ଟଙ୍କା ଦେଲେ ଦୁନିଆରେ
ସବୁକିଛି ହେଲାଣି
ବାପା ମାଆ ମମତାର
ମୂଲ କେହି ଦେବେନି ।

**ଅସରଳା, ପିଚୁକୁଳି, ଖୋରଧା**

# ବାପାଙ୍କ ସ୍ମୃତିରୁ ଖିଏ

ଗୋବିନ୍ଦ ଚନ୍ଦ୍ର ମହାରଣା





ସରଳ ମଣିଷ ନିଚ୍ଛନ୍ଦ ମଣିଷ
ଗାଆଁର ମଣିଷ ଥିଲେ ମୋ ବାପା
ଆମ ପ୍ରତି ତାଙ୍କ ଅନ୍ତରର ଶ୍ରଦ୍ଧା
ହୋଇପାରିବନି କେବେ ବି ମପା ।

ନାନା ବାଧାବିଘ୍ନ ସହିଥିଲେ ବାପା
ଆମକୁ ମଣିଷ କରିବା ପାଇଁ
ସୁରୁଖୁରୁ ଭବେ ଅଭାବୀ ସଂସାର
କିସୁନ୍ଦର ନେଉଥିଲେ ଚଳାଇ ।

ପାହାନ୍ତାରୁ ଉଠି ଗାଈ ବଳଦଙ୍କୁ
ଖୁଆନ୍ତି ପ୍ରତ୍ୟହ ପଡୁଛି ମନେ
ରାତିରେ ବି ତାଙ୍କୁ ଖାଇବା ନଦେଇ
ଖାଆନ୍ତି ନାହିଁ ସେ କଦାପି ଦିନେ ।

କୃଷିକାର୍ଯ୍ୟେ ବାପା ଅତି ପାରଙ୍ଗମ
ଗାଆଁର ଥିଲେ ସେ ଅଗ୍ରଣୀ ଚାଷୀ
ଚାଷ ସମ୍ବନ୍ଧରେ ତାଙ୍କଠୁ ବୁଝନ୍ତି
ଗାଆଁର ଅନ୍ୟାନ୍ୟ ଚାଷୀଏ ଆସି ।

କାହାମନେ କଷ୍ଟ ଦିଅନ୍ତିନି ବାପା
କଳିକଜିଆଠୁ ରହନ୍ତି ଦୂରେ
ଘର ପରିବାର ସୁଖଶାନ୍ତି ପାଇଁ
କାମ କରୁଥିଲେ ଖୁସି ମନରେ ।

ବାପା କହୁଥିଲେ ଆମକୁ ପିଲାଏ
କାହାରିକୁ କେବେ ଠକିବ ନାହିଁ
କ୍ରୋଧକୁ ବରଜି ଆଳସ୍ୟକୁ ତେଜି
ବ୍ୟୟ କରୁଥିବ ଆୟକୁ ଚାହିଁ ।

ଗାଆଁରେ କାହାକୁ ବିପତ୍ତି ପଡ଼ିଲେ
ତା'ଦୁଆରେ ବାପା ହୁଅନ୍ତି ଠିଆ
ଯେତିକି ପାରନ୍ତି ସାହାଯ୍ୟ କରନ୍ତି
ଏ ଅଭ୍ୟାସ ତାଙ୍କ ନିତିଦିନିଆ ।

ଇହଧାମ ତ୍ୟାଗ କରିଥିଲେ ବାପା
ବାଆସ୍ତରୀ ବର୍ଷ ବୟସ ବେଳେ
ତାଙ୍କ ସ୍ମୃତି ସବୁ ସାଇତି ରଖିଛୁ
ସର୍ବଦା ଆମର ହୃଦୟ ତଳେ ।

**ମଙ୍ଗଳା ନଗର, ଲେନ୍ - ୧**
**ଖୋର୍ଦ୍ଧାଇ**



# ପୂଜନୀୟ ବାପା

ପ୍ରଫୁଲ୍ଲ କୁମାର ବେହେରା

ଶ୍ରୀଛାମୁ କୃପାରୁ ଏନ୍ତୁଡ଼ି ଶାଳାରେ
ଡ଼ାକିଲି ମୁଁ କୁଆଁ କୁଆଁ,
ସେଠି ମୋ ଠାକୁର ସ୍ମୃତିର ମନ୍ଦିର .....
ପୂଜନୀୟ ବାପା ମାଆ ||୦||

ମାଆ ଝାଡ଼ିଦିଏ ପଣତ କାନିରେ
ଦେହେ ଲାଗିଥିଲେ ଧୂଳି,
ହାତଧରି ବାପା ଚାଲିବା ଶିଖାନ୍ତି
ମନରେ ସାହାସ ଭରି :
ସେନେହରେ ଭରା ମମତା ପସରା ...
ଶିକ୍ଷା ସଂସ୍କାରରେ ସାହା ||୧||

ପୂଜା ଆରଧନା ମାଆ ମୋର କରେ
ଭଲ ମଣିଷ ହେବାକୁ
ବାପାଙ୍କ ଆଦେଶ ହିତ ଉପଦେଶ
ସତ୍ୟ - ନ୍ୟାୟରେ ଯିବାକୁ ;
ପୂଜ୍ୟ ସେହି ପିତା ପୂଜ୍ୟା ସେହି ମାତା....
ରଖିବି ତାଙ୍କରି ନାଆଁ ||୨||

ବାପା ବୋଉ ସେବା ଅମୂଲ୍ୟ ସଂପଦ
ଜୀବନେ ଭୁଲିବି ନାହିଁ,
କର୍ମ କର୍ତ୍ତବ୍ୟରେ ଅବହେଳା କଲେ
କ୍ଷମା ପାଇବିନି ମୁହିଁ;
ଅନୁରୋଧ ଏହି ମୋ ଭଉଣୀ ଭାଇ .....
ସିଏ ସୁଖ ଶାନ୍ତି ରାହା ।।୩।।

**ପ୍ରଧାନ ଶିକ୍ଷକ**
**ସରକାରୀ ପ୍ରାଥମିକ ବିଦ୍ୟାଳୟ,**
**ଦଣ୍ଡେଇ ସାହି, ହଳଦିଆ - ଖୋର୍ଦ୍ଧା**
**ମୋ - ୭୯୭୮୦୯୮୯୨୯**



# ବାପା

ଗୋପାଳ ଚନ୍ଦ୍ର ତ୍ରିପାଠୀ

ବାପା ତୁମେ କେବେ
ଅନନ୍ତ ଆକାଶ
ଅକୁହା ପ୍ରାଣର ସଭା
ପୁଣି କେବେ ତୁମେ
ଜହ୍ନର ମୁହଁ
ଶାମୁକା ଗର୍ଭର ମୁକ୍ତା ।୧।
କଅଁଳ ଓଠର
ଅସ୍ଫୁଟ ପ୍ରାର୍ଥନା
କେବେ ତୁମ କୋଳ ଖୋଜେ
ଜୀବନ ସଂଗ୍ରାମେ
ମଣି ମୁକ୍ତା ପାଇଁ
ତୁମ ଅବଦାନ ସାଜେ ।୨।
ଚେତନାର ଧୃତି
ଜ୍ଞାନର କୌଶଳ
ସେନେହ ସରାଗ ପ୍ରାଣ
ମଣିଷ ପରିକା
ଗଢ଼ି ତୋଳିବାକୁ
କଷ୍ଟରେ କରିଛି ପଣ ।୩।

ସୁଗନ୍ଧରେ ଭରା
ଚଳନ ସୁବାସ
ମନ କୋଣେ ଅପସରା
ରଙ୍ଗ ବେରଙ୍ଗର
କୁସୁମ ଫୁଟାଇ
ଦେଇଛ କେତେ ଇସାରା ...।୪।
ନିଜର ବୃତ୍ତାନ୍ତ
ନିଗୁଢ଼ ରହସ୍ୟ
କହିଥାଅ 'ମାଆ' ପାଶେ
ମନପକ୍ଷୀ ତୁମ
ଲଗାମ ବିହୀନ
ପୁଅ ଝିଅ ପାଇଁ ରୋଷେ .... ।୫।
ରୋଗ ନୁହଁ ସେତ
ସ୍ନେହ ବାସନାର
ଶ୍ରାବଣୀ ସମୁଦ୍ର ମିଶେ
କାମନା ବାସନା
ଶେଷକରି ସବୁ
ହଜିଲ ସ୍ୱପ୍ନର ଦେଶେ .... ।୬।
ଖୋଜି ମୁଁ ପାଉନି
ଶୂନ୍ୟେ ମହାଶୂନ୍ୟେ
ତୁମ ସ୍ମୃତି ଅନୁଭୂତି
ଶ୍ୱାସ ରୁଦ୍ଧ ହୁଏ
ନିଶ୍ଚିଳ ଆକାଶେ
ପ୍ରତିଧ୍ୱନୀ ତୁମ ପ୍ରୀତି ।୭।





# ମୋ ବାବା ମୋ ହିରୋ

ଅନୀତା ଦାଶ

ସପନରେ ମୋର ଡ଼େଣା ଖଞ୍ଜି ମତେ
ଉଡ଼ିବା ଶିଖେଇ ଦେଇ,
ଖଣ୍ଡି ଉଡ଼ା ଦେଇ ତଳେ ପଡ଼ିଗଲେ
ଧୂଳି ଝାଡ଼ି ଆଉଁସଇ।

ପାଦପରେ ତୁମ କଅଁଳ ପାଦ ମୋ
ଥାପି ଶିଖେଇଛ ଚାଲି,
କାନ୍ଧରେ ବସାଇ ବାହାର ଦୁନିଆଁ
ଦେଖାଇଛ କେତେ ବୁଲି।

ଆହା କେଡ଼େ ମଜା ସେ ଅଭୁଲା ଦିନ
ପିଠିରେ ତୁମର ବସି,
ହାକିମାତି ପଣେ ବେପରୁଆ ଭାବେ
"ଘୋଡ଼ାଚାଲ୍ ବେଗେ" ଭାଷି।

ଖାଇବିନି କହି ଜିଦ୍ଦି କଲେ ମତେ
ସେନେହେ କୋଳରେ ଧରି,
କୁଆ କୋଇଲିର ନାଁ କହି ଛଳେ
ପାଟିରେ ମୋ ଗୁଣ୍ଡା ଭରି।

ମୋ ହସ ଦେଖିଲେ ପ୍ରଶ୍ୱାସରେ ଯାର
ଗଣତିଟା ବଢ଼ିଯାଏ,
"ଏତେ ଭଲପାଏ" ନକହିକି କେବେ
ହୃଦୟଙ୍ଗମ କରାଏ ।

ଆଖି କୋଣେ ଟୋପେ ଲୁହ ଦେଖିଯାର
ହୃଦୟ ବତୁରି ଯାଏ,
କିଏ କନ୍ଦେଇଲା ପଚାରି ସହସା
ଝଗଡ଼ାରେ ମାତିଯାଏ ।

ନିଜ ଶହେ ଦୁଃଖ ପଛରେ ଲୁଚେଇ
ମୋ ଆଗରେ ହସୁଥାଏ,
ମୋର ଚଲାପଥେ ଫୁଲ ଫୁଟୁଥାଉ
କାମନା ସେ କରୁଥାଏ ।

ସଡ଼କେ ସାଥିରେ ନିରାପଦେମତେ
ବାଁ କଡ଼େ କଡ଼େ ନିଏ
ଯା ଭଲପାଇବା ଏତେ ଗାଢ଼ ମୋର
ଅନ୍ତରକୁ ସଦା ଛୁଏଁ ।

ମୋର ଭଲମନ୍ଦ ଆପଣେଇବାର
ସତ୍‌ସାହସ ଯାର ଥାଏ,
ମୋ ଜୀବନର ପ୍ରଥମ ପ୍ରେମଟି
ଅତି ପ୍ରିୟ ବାବା ସିଏ ।

ତୁମ ଅସରନ୍ତି ସେନେହର ଋଣ
ଶୁଝିବାକୁ ପ୍ରାଣ ଚାହେଁ,
ସାରା ଦୁନିଆକୁ ଆଣି ତୁମ ପାଦେ
ସଅଁପିବି ମନ କହେ ।

ଜୀବନ ସାଥୀର ହୃଦୟର ରାଣୀ
ସବୁ ଝିଅ ହୋଇ ନୋହି,
ସଭିଏଁତ ପିତା ହୃଦୟ ରାଇଜେ
ରାଜକୁମାରୀଟି ରହି ।

**ଅର୍ଥନୀତି ଓ ପରିସଂଖ୍ୟାନ ବିଭାଗ,**
**ଓଡ଼ିଶା**



# ମୋ’ ବାପା

ଜମେଶ୍ୱର କହଲ ସିଂ

ମନଦୁଃଖ ଥିଲେ ମୁହଁକୁ ଫୁଲେଇ
ନିରୋଳାରେ ଥାଅ ବସି,
ବାପା ଗେଲ କଲେ ଲୁହ ଝରଣା ଆପେ
ହୋଇଯାଏ ପୋଛି,
ରାଗ – ରୁଷା ଆଉ ମାନ – ଅଭିମାନେ ଆଖି
ହେଲେ ଛଳଛଳ
ବାପାଙ୍କ ଛୁଆଁରେ ଅପସରି ଯାଏ
ବେଦନାର ମେଘମାଳ ।

ବାପା ବିଶ୍ୱାସେ ସେତୁ ବନ୍ଧଟିଏ ସବୁଜ
ବନାନୀ କ୍ଷେତ
ନିଃଶ୍ୱାସରେ ତାଙ୍କ ମନ୍ଦ ମଳୟ ବହୁଥାଏ ଅବିରତ,
ବାପାଙ୍କର ଚାଲି, ବାପାଙ୍କ ଚଳଣି
ମୋ’ର ପ୍ରେରଣାର ଉତ୍ସ
ଆଶିଷେ ତାଙ୍କର ଜୀବନ ଜାହ୍ନବୀ ଜଳ
ନିର୍ମଳ ସ୍ୱଚ୍ଛ ।

ଏ ଜୀବନେ ମୋ'ର ସଂସାର ରଥର
ଅସଲ ସାରଥୀ ସିଏ
ଲୁହ ଆଉ ହସ ତାଙ୍କ ପାଖେ ବଶ ତାଙ୍କ
ପରି ହେବ କିଏ,
ଘରକୁ କରନ୍ତି ବଇକୁଣ୍ଠପୁର ସାଧନା ସାବରମତି
ନୀତି ଆଦରଣ ଗନ୍ଧ ଚନ୍ଦନରେ ମହମହ ବାସୁଥାନ୍ତି।

ସାରା ପରିବାର ସୁରକ୍ଷା ବଳୟ ଦାଣ୍ଡ
କବାଟ ମୋ 'ବାପା',
ମନ ଅଗଣାରେ ଫୁଟାଇ ପାରନ୍ତି ସେନେହ
ଶରଧା ଚମ୍ପା ।

**ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା**
**ମୋ - ୯୯୩୭୯୫୩୫୨୬**

# ଆମ ବାପା

**ତମସା ସୁବୁଦ୍ଧି**





ବାପା ପାଖରେ ଥିଲେ,
ଦୋକାନର ସବୁ ଖେଳନା ଭଲ ଲାଗେ,
ବାପା ପାଖରେ ଥିଲେ
ଅମା ଅନ୍ଧାର ରାତିରେ ବି
ଡର ଜମା ଲାଗେ ନାହିଁ ।
ବାପା ଥିଲେ ଜୀବନଟା
ନିହାତି ସରସ ସୁନ୍ଦର ଲାଗେ ।
ମନରେ ଆସିଲେ ଦୁଃଖ
ବାପାଙ୍କର ସାନ୍ତ୍ୱନା ବାଣୀ
କ୍ଷଣକରେ ସବୁ ଧୋଇ ସଫା କରିଦିଏ ।
ବାପା ଥିଲେ
ପୃଥିବୀର ସମସ୍ତ ଦରବ
ଲାଗେ ମୂଲ୍ୟହୀନ ।
ଆକାଶ ଛାତିରେ ପାଦରଖି
ବାପା ଖୋଜନ୍ତି ଚନ୍ଦ୍ର,
ବାପା ଥିଲେ ସବୁଥାଏ
ରହିଥାଏ ମାନ ଓ ସମ୍ମାନ
ବାପାଙ୍କ ଟିକିଏ ଦର୍ଶନ
ମାଆର ଟିକିଏ ଆଦରରେ
ଚାଲୁଥାଏ ବାଟ ନିର୍ଭୟରେ
'ଟିନିଆ' ବୋଲି ଡାକିଦେଲେ ଥରେ, ହଜିଯାଏ
ବ୍ୟବଧାନ ଲକ୍ଷେ ଯୋଜନରେ ।
ଦୁନିଆଁରେ ବାପା ମାଆ ଆଶୀର୍ବାଦ
ମନ୍ଦିର,, ଗୁରୁଦ୍ୱାର, ମସ୍‌ଜିଦ୍ ଓ ଗୀର୍ଜାର
ପୂତ ଆତ୍ମୀୟତାଠାରୁ ଅନେକ ଉଚ୍ଚରେ
ଏହା କେବେ ଭୁଲିବାର ନୁହେଁ ।

ମାର୍ଫତ - ଧର୍ମେନ୍ଦ୍ର ସାହୁ
ଜାରକା, ଯାଜପୁର
ସ୍ଥାୟୀ - ପାଇକ ତିଗିରିଆ, ଖୋରଧା





# ମୁଁ ତୁମରି ଝିଅ - ବାପା

**ରଶ୍ମିତା ନାୟକ**

ବାବା ! ତୁମ ଅନୁଶାସନ ଓ ଶିଷ୍ଟାଚାରର
ମୋତେ ଶିଖାଇଛି ବଂଚିବାର କଳା
ମନେ ପକାଇଛି ଲିଙ୍କନଙ୍କ ଚିଠି
ସେଇଥିପାଇଁ ମେଣ୍ଟାପଲ ଭିତରେ
ମାଡି ନଯାଇ ସମସ୍ତଙ୍କୁ ସତ୍ୟର
ଚାଲୁଣିରେ ଛାଣିବା ଶିଖିଛି
ଉଚ୍ଚ ଆହ୍ୱାନ ପାଖରେ ବଳବୁଦ୍ଧିକୁ ଲଗାଇଛି
କୌଣସି ମୂଲ୍ୟ ପାଇଁ ମୋର ବିବେକ ଓ
ଆତ୍ମାକୁ ବିକି ପାରିନାହିଁ, ସର୍ବଦା ତୁମ
ପ୍ରେରଣା ଯୋଗାଏ ମୋତେ ଶତ ସିଂହର ବଳ
କାହିଁକି ନା ମୁଁ ତୁମରି ଝିଅ..........। (୧)
ବାବା ! ତୁମ ଅବିଶ୍ରାନ୍ତ କଠିନ ପରିଶ୍ରମ
ମନେପକାଏ କାଲାମଙ୍କ ସ୍ୱପ୍ନର ସଂଜ୍ଞା
ହଜିଯାଅ ତୁମେ ନିଷ୍ପେସିତ ରୋଗୀଙ୍କ ଗହଣେ
ଶିକ୍ଷା, ସାହିତ୍ୟ, ସଂସ୍କୃତି ଓ କ୍ରୀଡ଼ାର ଉତ୍‌ଥାନେ
ଭୁଲିଯାଅ ଜୀବନର ବିଳାସ ବ୍ୟସନ
ଅମା ଅନ୍ଧକାରେ ପ୍ରଜ୍ୱଳିତ କର ଗ୍ରନ୍ଥ ଜଗତକୁ
ରାମାୟଣ, ମହାଭାରତ, ଗୀତା, ଭାଗବତ

ସତ୍ୟର ସନ୍ଧାନ ଆଉ ଯାଜ୍ଞସେନୀ କାବ୍ୟ
ସେହି ଗ୍ରନ୍ଥ ଜଗତର ରାଇଜରୁ ସୁନେଲି ସ୍ୱପ୍ନ
ସବୁ ତରଙ୍ଗାୟିତ ହୁଏ ମୋ ଚେତନା ରାଇଜେ
କାହିଁକିନା ମୁଁ ତୁମରି ଝିଅ..... । (୨)
ବାବା ! ତୁମ କାର୍ଯ୍ୟ ଦକ୍ଷତାରେ ମୁଖରିତ ହୁଏ
ଗାନ୍ଧି, ଗୋପବନ୍ଧୁଙ୍କର ମହାମନ୍ତ୍ର
ବିବେକାନନ୍ଦଙ୍କ ଆଦର୍ଶରେ ତୁମରି ଅସ୍ତିତ୍ୱ
ବିମୁଗ୍ଧ କଲେ ତୁମକୁ ଭଞ୍ଜଙ୍କର କାଳଜୟୀ କାବ୍ୟ
ବଜ୍ରବାଣୀ ତୁମ ପ୍ରତିଧ୍ୱନିତ କରେ
ନେତାଜୀଙ୍କ ଅଗ୍ନିବର୍ଷୀ ଆହ୍ୱାନ
ତୁମରି ଅଦମ୍ୟ ପ୍ରଚେଷ୍ଟାରୁ ଜନ୍ମ
ବହୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ
ଭଞ୍ଜ ମାଟିରେ ତୁମେ ପରା ପାରିଜାତ ପୁଷ୍ପ
ତୁମ ମହକରେ ମହକିତ ହେବି ପ୍ରତି ହୃଦୟରେ
କାହିଁକିନା ମୁଁ ତୁମରି ଝିଅ....... । (୩)
ବାବା ! ଆଜି ଅବିଶ୍ରାନ୍ତ ପଥ ଚାଲି ବିଶ୍ରାମ ନେଉଛ
ତୁମ ବଜ୍ରବାଣୀ ଆଜି ନୀରବି ଯାଇଛି
ମୋ କବିତା ପ୍ରତି ତୁମ ଆକୁଳତା
ମୋତେ ଆଜି ଦେଉଛି ଇଶାରା
ମନ, ପ୍ରାଣ ମୋର ଶିହିରି ଉଠୁଛି
ପ୍ରତିଧ୍ୱନିତ ହେଉଛି, ଉଡ଼ି ମୁଁ ପାରିବି
ଦିଗନ୍ତ ବିସ୍ତାରି ଆକାଶ, ଛୁଇଁ ମୁଁ ପାରିବି
ହିମାଳୟ ତୁଙ୍ଗ ଶିଖର, ମହାଦ୍ରୁମ ହୋଇ
ସହି ମୁଁ ପାରିବି ସବୁ ଝଡ଼ ଝଞ୍ଜା
ଅମା ଅନ୍ଧକାରେ ସାଜିବି ଆଲୋକ ବର୍ତ୍ତିକା
କାହିଁକି ନା ମୁଁ ତୁମରି ଝିଅ..... । (୪)




# ତପସ୍ୟା ମୋ’ ତୁମଠାରୁ ସୁରୁ

ନିଶିକାନ୍ତ କହଲସିଂ

ଜନ୍ମରୁ ଦେଖୁଛି ବାପା ତୁମ ଆଖି ସବୁବେଳେ ଆର୍ଦ୍ର
ମୋ’ ସୁଖରେ ମୋ’ ଦୁଃଖରେ ଆପେ ଆପେ ଭରିଯାଏ ଲୁହ,
ଆକାଶର ବିଶାଳତା ତୁମ ପାଶେ ଲାଗୁଥାଏ କ୍ଷୁଦ୍ର
ସିଏ କି ଜାଣଇ ବାପା ସ୍ନେହ ଆଉ ମମତାର ମୋହ ।
କାୟା ସାଥେ ଛାୟା ପରି ଅଛ ତୁମେ ପାଖେ ପାଖେ
ଟଳମଳ ହେଲେ ପାଦହାତ ଧରି ଶିଖାଇଛ ଚଲି
ଜୀବନ ବେଦର ମନ୍ତ୍ର କାନେକାନେ ଶୁଣାଇ ଶୁଣାଇ
ଦେଇଛ ସାମର୍ଥ୍ୟ ମୋତେ ଲଙ୍ଘିବାକୁ ତପ୍ତ ମରୁବାଲି ।
ଝାଳ ରୂପେ ମୋ’ ପାଇଁକି ଢାଳିଅଛ ରକ୍ତ ପୋଷ ପୋଷ
ପଳପଳ ମାଂସ ତୁମେ ଉଜାଡ଼ିଛ ଦଧିଚୀର ସମ,
ତଥାପି କେଜାଣି କାହିଁ ମରେ ନାହିଁ ଏ ମନର ଶୋଷ
ଲୋଡୁଥାଏ ପ୍ରତିକ୍ଷଣେ କୋମଳ ସେ କର ସ୍ୱର୍ଶ ତୁମ।
ତୃପ୍ତିର ତପୋବନେ ତପସ୍ୟା ମୋ’ ତୁମଠାରୁ ସୁରୁ
ଏ ସଂସାର ଭାର ମୋତେ ତୁମଲାଗି ଲାଗିନାହିଁ ଗୁରୁ ।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା
ମୋ - ୯୩୩୭୯୫୩୫୨୬୯




# ସିଏ ମୋ ବାପା

ସମରଜିତ୍ ପଟନାୟକ

ଆକାଶ ପରି ବିସ୍ତାରି ଥିବା,
ପବନ ପରି ବିଂଚି ହୋଇ ପଡୁଥିବା,
ମେଘପରି ଗମ୍ଭୀର ହୋଇ ଯାଉଥିବା -
- ସେଇ ଲୋକଟା

କରୁଣାର କାକର ବିନ୍ଦୁରେ ଭିଜି ଭିଜି
ଜହ୍ନ ପରି ଜଳି ଯାଉଥିଲେ ସିନା,-
କେବେ ଯଦି ଅକସ୍ମାତେ।

- ହାତ ଟେକି ଦେଉଥିଲେ
ମୁଁ ଦେଖିଛି ଝଡ଼ମାନେ ଲୁଚିଯାଉଥିଲେ
ଏଣେ ତେଣେ ପ୍ରାଣ ବିକଳରେ।
- ସିଏ ମୋ' ବାପା




# ସେହି ମୋ ପ୍ରିୟ ବାପା

ଆଦି ନାରାୟଣ ଖଣ୍ଡୁଆଳ

ଯାହାର ଲାଗି ମୋହରି ଜନ୍ମ
ମୋହରି ଲାଗି ବାପା ସେ ନାମ
ସୃଷ୍ଟିର ଅନୁକମ୍ପା,
ସେହି କରୁଣା କଲା ଆପଣା
ରକ୍ତେ ଲେଖିଲା ମୋର ଠିକଣା
ସେହି ମୋ ପ୍ରିୟ ବାପା । ॥୧॥

ପିଲାଠୁ ବଡ଼ କରିଲା ଯିଏ
ଆଙ୍ଗୁଠି ଧରି ଚଲାଇ ସିଏ
ଯାହାଙ୍କ ପାଇଁ ମୁଁ ଛାପା,
ଆଦର୍ଶ ଯାର ଚଲା ମୋ ପଥ
ସୁଖ ଦୁଃଖରେ ନଛାଡ଼େ ହାତ
ସେହି ମୋ ପ୍ରିୟ ବାପା । ॥୨॥

ଶିଖାଏ ଯିଏ ଗୁରୁଠୁଁ ବଳି
ଦେଇ ପ୍ରେରଣା ଉତ୍ସାହ ଭରି
ଚନ୍ଦନ ମୋର ଟିପା,
ସ୍ନେହରେ ଗୋଳି ଦେହରେ ବୋଳି
ବଡ଼ ଯେ କରେ ସମାଜେ ତୋଳି
ସେହି ମୋ ପ୍ରିୟ ବାପା । ॥୩॥

ଯାହାର ସ୍ନେହ ଅମୃତ ଧାର
ପ୍ରେମ କରୁଣା ଭଣ୍ଡାର ଘର
  ସଦା ଆଶିଷ କୃପା,
ଦୟା ସାଗର କ୍ଷମା ମୂରତି
ମନେ ସାହସ କରେ ଶକତି
  ସେହି ମୋ ପ୍ରିୟ ବାପା ।  ॥୪॥

କଥା କଠିନ ତରଳ ମନ
ନଡ଼ିଆ ଭଳି ରସାଳ ଘନ
  ହୃଦ ନିର୍ମଳ ସଫା,
ଭଦ୍ର ନମ୍ରତା ସଚ୍ଚୋଟ କଥା
ଦୀନ ଦୁଃଖୀରେ ହୃଦେ ଯା ବ୍ୟଥା
  ସେହି ମୋ ପ୍ରିୟ ବାପା ।  ॥୫॥

ପିଲାବେଳ ଯା ବିତିଛି କଷ୍ଟ
ସଦା ପ୍ରଥମ ଥିଲା ଯା ପାଠ
  ଶିରେ ଶିରପା ଟୋପା,
ଅଧା ପାଠରୁ ଜେଜେଙ୍କ କଥା
ବ୍ୟବସାୟରେ ଲଗାଏ ମଥା
  ସେହି ମୋ ପ୍ରିୟ ବାପା ।  ॥୬॥
ବାରବରଷୁ ବଣ ଜଙ୍ଗଲ
ବ୍ୟବସାୟରେ ନୁହେଁ କେ ତୁଲ
  କର୍ମ କ୍ଷେତ୍ରରେ ଶମ୍ପା,
ହିସାବପତ୍ର ଲେଖା ନିପୁଣ
ସକଳ କର୍ମେ ଦକ୍ଷ ପ୍ରବୀଣ
  ସେହି ମୋ ପ୍ରିୟ ବାପା ।  ॥୭॥

ଆଦର୍ଶ ଋଷୀ ବାଣିଜ୍ୟେ ବସି
ଚିନ୍ତା ଚେତନା ସଭିଙ୍କୁ ଖୁସି
ହିସାବ ମପାଜୁପା,
ମନ୍ତୁଷ୍ଟି ମନ ନଥାଉ ଧନ
ସୁଖ ଦୁଃଖରେ ବିତେ ଜୀବନ
ସେହି ମୋ ପ୍ରିୟ ବାପା । ॥୮॥

ସତ୍ୟପ୍ରିୟତା ସତ୍ୟନିଷ୍ଠତା
କଥା କର୍ମରେ ସ୍ପଷ୍ଟ ବାଦିତା
ନଥାଏ ଲୁଚ୍ଚଛପା,
ଆଦର୍ଶବକ୍ତା ପବିତ୍ର ଚିନ୍ତା
ସଂଗ୍ରାମେ ସଦା ଭ୍ରଷ୍ଟଚରିତା
ସେହି ମୋ ପ୍ରିୟ ବାପା । ॥୯॥

ବୀର ପୁରୁଷ ହୃଦେ ସାହସ
ଦୁଃଖରେ ମଧ୍ୟ ମନ ସରସ
ସୁଗୁଣ ନୁହେଁ ମପା,
ସରଳ ନମ୍ର ଭକ୍ତି ଓ ପ୍ରେମ
ଜୀବନସାରା କଠିନ ଶ୍ରମ ।
ସେହି ମୋ ପ୍ରିୟ ବାପା । ॥୧୦॥

ସଦା ବିରୋଧୀ ଦୁର୍ନୀତି ଗ୍ରସ୍ତ
ଲଢ଼ି କରନ୍ତି ଅନ୍ୟାୟ ତ୍ରସ୍ତ
ଭ୍ରଷ୍ଟ ମଣିଷେ କପା,
ସମାଜ ପାଇଁ ସଂଗ୍ରାମେ ଯାର
ଢାଳି ଦିଅନ୍ତି ହୃଦ ଅନ୍ତର
ସେହି ମୋ ପ୍ରିୟ ବାପା । ॥୧୧॥

ପଞ୍ଚ ଲୋକରେ ସମାଜେ ଗଣା
ନ୍ୟାୟ ନୀତିରେ ଓକିଲ ବଣା
ସଚ୍ଚୋଟ ରଫାଦଫା,
ଜନ କଲ୍ୟାଣ ଜୀବନ ପଣ
ନିଃସ୍ୱାର୍ଥ ମନ ଗରୀବ ପ୍ରାଣ
ସେହି ମୋ ପ୍ରିୟ ବାପା ।  ॥୧୨॥

ସମାଜ ସେବା ମହତ ଗୁଣ
ମା'ମାତୃକା ସୁଝିବା ଋଣ
ଗୁଣରେ ସୁନା ରୁପା,
ନିଜକୁ ଜାଳି ଆଲୋକ ଢାଳି
ନିଜର ସୁଖ ଦିଏ ଯେ ବଳି
ସେହି ମୋ ପ୍ରିୟ ବାପା ।  ॥୧୩॥

ଜୀବନ ଯାର ଦୁଃଖ କାହାଣୀ
ବିତିଛି କେତେ ଅମା ରଜନୀ
ହୃଦୟେ ସବୁ ଚପା,
ନଜାଣେ କେହି ଦୁଃଖ ସେକଥା
ହୃଦୟେ ବନ୍ଧା ସମସ୍ତ ବ୍ୟଥା
ସେହି ମୋ ପ୍ରିୟ ବାପା ।  ॥୧୪॥

ଯାହାର ଲାଗି ଆଜି ମୁଁ ବଡ଼
ଛାତି ଫୁଲାଇ ବଢ଼ାଏ ଗୋଡ଼
ରହିଛି ଯାର କୃପା,
ସେହି ଆଦର୍ଶେ ସବୁ ମୁଁ ଶିଖେ
ଗର୍ବରେ ମୁହିଁ ମଥାକୁ ଟେକେ
ସେହି ମୋ ପ୍ରିୟ ବାପା ।  ॥୧୫॥

ଡାକେ କେ ଡାଡ଼୍ ଡାକେ କେ ଡାଡ଼ି
ବାପା, ପାପା କେ ସ୍ନେହ ଅଜାଡ଼ି
ଡାକେ ମୁଁ "ନନା" ବାପା,
ତୁମ ଚରଣରେ କୋଟି ପ୍ରଣତି
ହୃଦୟୁ କଲି ଏହି ଭଣତି
ତୁମେ ମୋ ପ୍ରିୟ ବାପା । ॥୧୬॥

ହୃଦୟୁ ଝରେ ଅନ୍ତରେ ମରେ
ସ୍ମୃତି ଉହାଡୁ ତୁମକୁ ଝୁରେ
ତୁମେ ମୋ ଲକ୍ଷେ ଚମ୍ପା,
ଆଶିଷ କର ସର୍ବ ଏଘର
ବହୁ ଅମୃତ ପ୍ରେମର ଧାର
ରହୁ କରୁଣା କୃପା
ତୁମେ ମୋ ପ୍ରିୟ ବାପା
ତୁମେ ମୋ ପ୍ରିୟ ବାପା । ॥୧୭॥

**ବାପାଙ୍କ ନାମ - ସ୍ୱର୍ଗତ କାଶୀନାଥ ଖଣ୍ଡୁଆଳ**
**ରାମଚନ୍ଦ୍ରପୁର ବଜାର, ଜଟଣୀ**
**ମୋ - ୯୨୩୮୫୯୨୨୭୭**





# ଗୀତି ଆଶ୍ୱାସନା

ଅନିତା ଦାସ

କେତେ ଯେ ଉଦାର, କେତେ ଯେ ମହାନ୍,
ତରଙ୍ଗାୟିତ ଆତ୍ମ ଆହ୍ୱାନ।
ଜାଣେନା ଜାଣେନା ଆତ୍ମା ଅରଖ,
ପରମାତ୍ମାର ଗୂଢ଼ ବିଜ୍ଞାନ।
ଶବଦ ମାତ୍ର ନୁହେଁ - ଯା’ଶକ୍ତି
କରୁଣା ଉତ୍ସ ଅପାରମ୍ପାର,
ଶକ୍ତି ଯା’କରେ ବିଶ୍ୱ ବିଜେତା
ବନ୍ଧ ଜୀବ ମୁଁ ପରମ୍ପରାର,
ଭାବ ଭାଷାରେ ଯା’ଦୁଇ ବ୍ୟଞ୍ଜନ
ଭରସା ସିକ୍ତ “ବାପା” ଉଚ୍ଚାର।
ଛତ୍ରଛାୟା ସେ ଓହଳ ବଟର
ବରଦ ହସ୍ତ ମୁଗ୍ଧ ବିଚର।
ଅନ୍ତରେ ଯା’ର ହଜି ମୁଁ ଯାଇଛି
ସଂସାରୁ ତାକୁ ହଜେଇ ସାରିଛି......
ବଞ୍ଚିବା ପାଇଁ ବଞ୍ଚୁନି ଜମା
କର୍ମ ପଥେ ମୁଁ ଆଗେଇ ଚଳିଛି.......
ଯା’ର କରୁଣାର ପ୍ରତିଶ୍ରୁତି ମୁଁ
ଯା’ର ସ୍ତୁତି କରି ପାଥେୟ
ଜୀଇଁଛି ବାପା ମୁଁ କାନ୍ଦିବି କିଆଁ
ଧରି ପ୍ରସ୍ତର ହୃଦୟ।

ବାଲେଶ୍ୱର





# ବାପା

ବୈଜୟନ୍ତୀ ପଟ୍ଟନାୟକ

ଦାଣ୍ଡ ଦୁଆର ସେପଟେ ରହିଯାଏ
ମାନ ଅପମାନ ସଂଘର୍ଷର କଥା
ଦୁର୍ଜୟ ଗଡ଼ ଭିତରକୁ ପଶିପାରେ ନାହିଁ
ଚିନ୍ତା କି ଅନୁଶୋଚନା ।
ଘରର ମେରିଖୁଣ୍ଟ ହେଇ ଦମ୍ଭରେ
ଠିଆ ହୋଇଥାନ୍ତି ବାପା
ଆଦର୍ଶ ପାଖରେ ଖର୍ବ ଦିଶୁଥାଏ
ଅଭାବ ବୋଧ, ଅଚିନ୍ତା ହେଇ
ଘୂରି ବୁଲୁଥାଏ ତାଙ୍କ ଚଉରିପଟେ
ତାଙ୍କର ସଂସାର - ପ୍ରଗଳ୍ଭ କଥା
ଭିତରେ ଲୁଚି ଯାଇଥାଏ
ସମୁଦ୍ର ଲହଡ଼ି ପରି
ଦୁଃଖ ଅବଶୋଷ ।
ଜଞ୍ଜାଳ ଭିତରେ ଆକ୍ରାମାକ୍ରା ମୁଁ
ବାପା କିନ୍ତୁ ଭୁଲନ୍ତିନି କେବେ
ମନେପକାଇ ଦବାକୁ
ମୋର ଶକ୍ତି ସାମର୍ଥ୍ୟ
ମୋ'ଠାରୁ ଆଶା ରଖିଥିବା
ଜୀବନର ସାୟାହ୍ନରେ
ନିଃସ୍ୱାର୍ଥ ଅପେକ୍ଷାଟିଏ.......
ମୋ ଲେଖନୀକୁ ଚିରସ୍ରୋତା
ରଖିବାର ପ୍ରତିଶ୍ରୁତିଟିଏ ।

ଜୀବନର ସାଂଯାହ୍ନରେ
ସବୁ ବାପାମାନେ ହୁଏତ ଚାହାନ୍ତି
ଫେରିଯିବାକୁ ତାଙ୍କର ବାଳପଣକୁ
ଦାୟ ଦାୟିତ୍ୱରୁ ମୁକ୍ତ
ବେଫିକର ଜୀବନ
ହେଉପଛେ ଦୁଇଦିନ ।

ଜଞ୍ଜାଳ ଭିତରୁ ମୁହଁଟେକି
ଅନେଇଥାଏ ଜଳଜଳ
ଚାହିଁବି ଓହ୍ଲାଇ ପାରୁନଥାଏ
ବାପାଙ୍କ କାନ୍ଧରୁ ବୋଝ
ବାପାଙ୍କ ମୁହଁରେ କିନ୍ତୁ
ନଥାଏ ଅଭିଯୋଗ.......
ଝିଅ ସଂସାରର ଭଲ ମନ୍ଦ
ପଚାରି ବୁଝିଲା ବେଳେ
ଯେତେ ଲୁଚାଇଲେ ବି
ଛାଣିହେଇ କାନରେ ବାଜେ
ତାଙ୍କର ଅସହାୟତା.....
ମନକୁ ବୁଝାଏ..... "ବାପା ଦମ୍ଭ ଅଛନ୍ତି,
... ଏଇଟା ମୋ ମନର ଭ୍ରମ।"
ଦୀର୍ଘଶ୍ୱାସ ଭିତରେ ସ୍ୱତଃ
ଉଚ୍ଚାରିତ ହୁଏ...... ଦାୟିତ୍ୱହୀନ
ପୁଅମାନଙ୍କର ଯେତେ ନଜର
ଦେଲେ ବି ଝିଅ ସବୁବେଳେ ପର ।

ଭୁବନେଶ୍ୱର





# ବାପା

ସୁଧାଂଶୁ ଶେଖର ପାଣିଗ୍ରାହୀ

ବାପା,
ଗୋଟଏ ଭୀଷଣ ଶବ୍ଦର ଭୟଙ୍କର ଅର୍ଥ
ବୁଝିବା ବେଳକୁ
ପ୍ରଳୟଙ୍କାରୀ ବାତ୍ୟାର ମଧ୍ୟରାତ୍ରୀରେ
ଆଲୁଅ ହୋଇସାରିଥାଏ ଘରସାରା ॥

ଜନାବ୍‌ଙ୍କ ଆଗରେ ନଇଁ ନଇଁ
ନୱାବ୍‌ଙ୍କ ଆଗରେ ଆଣ୍ଠେଇ ଆଣ୍ଠେଇ
ରାସ୍ତାରୁ ନିରାଶା ଫୋପାଡ଼ି
ହରଦମ୍ ଘରେ ପହଞ୍ଚୁଥିବାର ଜିଜ୍ଞାସାରେ
ମାହିର୍ ଖେଳୁଆଡ୍ ସେହି ଲୋକଟା ॥

ଲଜ୍ଜାହୀନ ମୁହଁଟି
ଋଣ ପରିଶୋଧର ବେଳ ଗଡ଼ିଥିବା ବ୍ୟାଙ୍କ୍ ଦୁଆରେ
କ୍ଳାନ୍ତିହୀନ ପାଦଟି
କଣ୍ଟ୍ରୋଲ୍ କିରୋସିନିର ଲମ୍ବା ଲାଇନ୍‌ରେ
ଚବିଶ ଘଣ୍ଟା ପ୍ରଶ୍ନରେ ପ୍ରଶ୍ନରେ
ଭଙ୍ଗା ଛତା ତଳେ, କଣା କମ୍ବଳ ତଳେ

କେତେକେତେ ଦୁର୍ଦ୍ଦିନ, ଦୁର୍ଭାଗ୍ୟର ବୋମା ଫୁଟି
ନଷ୍ଟ ହୋଇ ନଥିବା ଛାତି
ଝାଲୁଆ କାମିଜ୍‌ର ସାଆାଣମେଲା ପକେଟ୍‌ରେ
ତଥାପି ମୁଠା ମୁଠା ତାରା
ଲେଞ୍ଜୋରା ବଲବଲ ଆଖି ଦୁଇଟା
ଚିଲପରି ଜଗିଥାଏ
ଆସନ୍ତା କାଲିର ସମସ୍ତ ସ୍ୱପ୍ନକୁ ।।

ଜଗନ୍ନାଥ, ସରସ୍ୱତୀ
ସାଇବାବା, ଲକ୍ଷ୍ମୀ ଠାକୁରାଣୀ
ତାରିଣୀ, ମଙ୍ଗଳା ମାଆ, କୃଷ୍ଣ ଓ ଗଣେଶ
ପୂଜା ପାଉଥିବା ଥାକ'ର ଉପରେ
ରଖିଲି ଆଣି............
ବାପାଙ୍କର ପାକୁଆ ଚପଲ ଦୁଇଟା
ଭାବୁଥିଲି, ପୁଣି ବାକି ରହିଗଲା
ଅନେକ୍ କିଛି............ ।।

କଣ୍ଟାବାଡ଼
ଦୂରଭାଷ-୮୫୯୮୦୮୦୫୨୯



# ବାପା

## ରାଜକିଶୋର ପାଣିଗ୍ରାହୀ

ବିସ୍ମୃତି ଗର୍ଭରେ ଲୀନ ହେବାକୁ ଥିବା,
ପାଉଁଶ ଗଦାର ନିଆଁ ଝୁଲ
ଯେବେ ରଢ଼ ହେଲା
କ୍ଷୀଣ ଆଲୋକରେ ଦେଖିଲା
ଧଳା କନ୍ତା ପିନ୍ଧା, ଫୁଙ୍ଗୁଳା ହାତ
ଷୋଡ଼ଶୀ ନାରୀଟିଏ ।
ନାଁ ମଥାରେ ସିନ୍ଦୂର, ନାଁ ହାତରେ ପାଣିକାଚ।
ମୁଁ ଥିଲି,
ତା' ପହିଲି ଓ ଶେଷ ପରିଚୟ ।
ସେ ଥିଲା..... ?
ସର୍ବସ୍ୱ ଫିଙ୍ଗିଦେଇ, ଆଶାର ବୈତରଣୀରେ
ବତୀଘର ସନ୍ଧାନ ପାଇବାର
ଦୁର୍ବାର ପରିକଳ୍ପନାକୁ ଛାତିରେ ଜାବୁଡ଼ି
ମୋତେ ଖଡ଼ି ଛୁଆଁଇଲା, ଗାଁ ଚଟଶାଳୀରେ ।
ସେତେବେଳେ "ବାପା" ଶବ୍ଦ ସହ
ଆକସ୍ମିକ ଭେଟ !
ମନରେ ଉଙ୍କି ମାରିଥିଲା ଅସୁମାରୀ ସ୍ୱପ୍ନ
କିଏ.... କ'ଣ.... କାହିଁକି..... ଇତ୍ୟାଦି, ଇତ୍ୟାଦି।

କାଳର କରାଳ ଗତିରେ ବୁଝିଲି ଜାଣିଲି
ମୋ ପରିଚୟର ଏକ ଅଭିନ୍ନ ଅଂଶ "ବାପା"।
ଯିଏ ସବୁଦିନ ପାଇଁ ଛାଡ଼ି ଯାଇଥିଲେ
ମୋତେ ଛ'ମାସ ବେଳେ
ତେବେ..... ।
ସେ ଥିଲେ "ବାପା" ଏବେ ଅଛନ୍ତି।
ଯାହାଙ୍କର ବିକଳ୍ପ..... !

କଣ୍ଟାବାଡ଼,ଖୋରଧା

# ମୋ ବାବା

ବିସ୍ମିତା ନାୟକ





ବାବା ! ତୁମେ ଆକାଶଠୁ ଉଚ୍ଚ
ଦିଗ୍ ବଳୟଠୁ ଦୂର
ଧରିତ୍ରୀଠୁ ବିଶାଳ
ତୁମେ ହିଁ ତ ମୋର
ବିଶ୍ୱାସର ବାଇଶି ପାହାଚ । ।

ବାବା ! ତୁମେ ଉତ୍ସାହର ସ୍ରୋତ
ନିଦାଘର ସାନ୍ତ୍ୱନା
ଆଦର୍ଶର ମାନଦଣ୍ଡ
ତୁମେ ହିଁ ତ ମୋର
ରଙ୍ଗହୀନ ଜୀବନର ଚିତ୍ରକର ।

ବାବା ! ତୁମେ ଅନୁଶାସନର ପ୍ରତୀକ
ସ୍ନେହର ଫଲ୍‌ଗୁ
କରୁଣାର ବାରିଧି
ତୁମେ ହିଁ ତ ମୋର
ଆଶୀର୍ବାଦର ଦିବ୍ୟକବଚ ।

ବାବା ! ତୁମେ ମୋର ଦୁଃଖର ସାଥି
ଆଉ ସୁଖର ବନ୍ଧୁ
ଜୀବନର ଅପରାହ୍ନେ
ଫୁଟି ଉଠୁ ସ୍ମିତ ହାସ୍ୟ
ତମରି ଓଠରେ
ଏତିକି ପ୍ରାର୍ଥନା ମୋର ବିଭୂଙ୍କ ପୟରେ ।



# ବାପାଙ୍କ ପାଇଁ ପଦେ......

ଚିନ୍ମୟ ପୋଲାଇ



ବାପା ତୁମେ ଅବର୍ଣ୍ଣନୀୟ
ତୁମେ ମୋ ପାଇଁ ଚଳନ୍ତିଠାକୁର
ଆକାଶଠୁ ବି ପ୍ରଶସ୍ତ ତୁମ ହୃଦୟ
ସାଗରଠୁ ବି ଗଭୀର ତୁମ ମନ ।

ବଜ୍ରଠୁ ବି ଶକ୍ତ, ଦୃଢ଼ ନିଶ୍ଚିତ ତୁମ ନିର୍ଣ୍ଣୟ
ଅଦମ୍ୟ ସାହସ, ଶକ୍ତିର ତୁମେ ଗନ୍ତାଘର
ହିମାଳୟ ପରି ଶୀତଳ ତୁମ କଣ୍ଠ ସ୍ୱର
ତ୍ୟାଗ, ନିଷ୍ଠାର ତୁମେ ଜ୍ୱଳନ୍ତ ଉଦାହରଣ ।

ତୁମ ଉପମାର ନାହିଁ ପଟାନ୍ତର
ତୁକମୁ ବର୍ଣ୍ଣିବାକୁ ନାହିଁ
ମୋ ପାଖରେ ଶବ୍ଦର ଭଣ୍ଡାର
ହେ ଚଳନ୍ତି ଈଶ୍ୱର, ତୁମ ପାଦେ ମୋର କୋଟି ନମସ୍କାର ।

କେ. ନୂଆଗଡ଼, ଗଙ୍ଗାପୁର, ଗଞ୍ଜାମ
ପିନ୍ - ୭୬୧୧୨୩



# ବାପା

ସୂର୍ଯ୍ୟକାନ୍ତି ରାଉତ



ବାପା ତୁମେ ଅଟ ବିସ୍ତୃତ ଆକାଶ
ଗଭୀର ସିନ୍ଧୁର ଜଳ
ତ୍ୟାଗ, ବଳିଦାନ ଆଦର ଯତନ
ପିଲାଙ୍କ ଉପରେ ଢାଳ ।

ବାପା ତୁମେ ଅଟ ସଶକ୍ତ ପର୍ବତ
ଦୀପର ପ୍ରଦୀପ ଶିଖା
ସହି ଚାଲିଥାଅ ଜ୍ୱଳନର ପୀଡ଼ା
ମନରେ ନାହିଁ ତ ବ୍ୟଥା ।

ବାପା ତୁମେ ଅଟ ସୁରକ୍ଷା ପ୍ରାଚୀର
ଘରର ଯେ ମଝିଖୁଣ୍ଟ
ସୁରକ୍ଷିତ ରଖ ପ୍ରତିଟି ଜୀବନ
ଦେଖାଅ ଜିଇଁବା ବାଟ ।

ବାପା ତୁମେ ଅଟ ତ୍ୟାଗର ପ୍ରତିମା
ଗମ୍ଭୀର ଗୁମ୍ଫା ଶୂନ୍ୟତା
ତ୍ୟାଗ କରି ଚାଲ ନିଜର ସର୍ବସ୍ୱ
ଦିଅ ଯେ ଶାନ୍ତିର ବାର୍ତ୍ତା ।

ବାପା ତୁମେ ଅଟ ନାରୀକେଳ ଫଳ
ଶାସନର ମାନଦଣ୍ଡ
ଶୃଙ୍ଖଳା ଦାୟିତ୍ୱ କର୍ତ୍ତବ୍ୟର ଜ୍ଞାନ
ଦେଖାଇଛ ସତ୍ ପଥ ।

ବାପା ତୁମେ ଅଟ ପ୍ରଥମ ପୁରୁଷ
ପ୍ରତିଟି ସନ୍ତାନ ପାଇଁ
ତୁମ ସତ୍ୟ ନିଷ୍ଠା ବୀରତ୍ୱର ସ୍ମୃତି
ସଞ୍ଚେ ଚିରଦିନ ପାଇଁ ।

ଶିକ୍ଷୟିତ୍ରୀ
ଇନ୍ଦୁମତୀ ପାଟଣା, ବାଙ୍କୀ
ମୋ - ୭୦୭୭୦୨୬୨୨୨





# ମୋ ବାପା

ନିରୁପମା ମହାପାତ୍ର

ଝିଅ ବୋଲି ଯେବେ ଡାକି ଦେଉଥିଲ
ଝରି ପଡୁଥିଲା ପୀୟୁଷ ରସ
ସେ ଡାକ ମଧୁର ଲାଗେ ଆପଣାର
ଭରିଦିଏ ମନେ ଆତ୍ମ ସନ୍ତୋଷ । ॥୧॥

ସତ୍ୟପ୍ରିୟ ତୁମେ ସତ କହିବାକୁ
ଦେଇଛ ପ୍ରେରଣା ଦୃଢ଼ ବିଶ୍ୱାସ
ତୁମରି ପରଶେ ଏ ଜୀବନ ଧନ୍ୟ
ଅନୁସରି ତୁମ ପଥ ଆଦର୍ଶ । ॥୨॥

ମନେପଡ଼େ ସେହି ସପନ ରାଇଜ
ପୁଣ୍ୟ ଗଙ୍ଗାତୀରେ ପ୍ରଭାତ ସ୍ନାନ
ରାମକୃଷ୍ଣ ହଂସ ଯୋଗସ୍ଥାନ ସହ
ପଞ୍ଚବଟୀ ବନ ହରେ ନୟନ । ॥୩॥

କଲିକତାଠାରୁ କୃଷ୍ଣପୁର ଯାଏଁ
ସପ୍ତାହକୁ ଥରେ ଆସଇ ଚିଠି
ଅକ୍ଷର ସମ୍ପର୍କେ ସତର୍କ କରାନ୍ତି
ଭୁଲ୍ ଥିବା ଶବ୍ଦ ଦିଅନ୍ତି ଲେଖି । ॥୪॥

ଶାଶୁଘରୁ ଯେବେ ଚିଠି ଲେଖୁଥିଲି
ଲେଖୁଲେ ବିହିତ ତାର ଉତ୍ତର
ପିଲାଙ୍କ ଦାୟିତ୍ୱ ଗୁରୁ ମଣିଲୁ ଯେ
ଧ୍ୟାନ ନରଖୁଲୁ ତୋର ଅକ୍ଷର । ॥୫॥

ଅଲିଭା ସେ ସ୍ମୃତି ହୃଦରେ ସାଇତା
ଭୁଲିନାହିଁ କେବେ ଭୁଲିବି ନାହିଁ
ବିପଦେ ଆପଦେ ତୁମକୁ ଖୋଜଇ
ତୁମରି ଆଶିଷ ସାହା ମୋ ପାଇଁ । ॥୬॥

ବାପା ବୋଲି ଯେଉଁ ଦୁଇଟି ଅକ୍ଷର
ନିଷ୍ପାପ ଅମୃତମୟ ସେ ସ୍ୱର
ସରଗରୁ ବଳି ଅନନ୍ୟ ସେ ନାମ
ଅକ୍ଷୟ ବଟ ଯେ ବାପା ମୋହର । ॥୭॥

ରାମେଶ୍ୱର,ଖୋରଧା




# ମୋ ବାପା

ସୌମିତ୍ରା ହରିଚନ୍ଦନ

ବାପା ତୁମେ ଥିଲ ପରିବାର ମୁଖ୍ୟ
ଜୀବନ ଆମର ହୋଇଛି ଧନ୍ୟ,
ସମାଜରେ ଆମେ ଆଜି ପ୍ରତିଷ୍ଠିତ
ଭୋଗ କରୁଅଛୁ ତୁମରି ପୁଣ୍ୟ।
ମୂର୍ତ୍ତୀମନ୍ତ ଥିଲ ନୀତି ଆଦର୍ଶର
କହିଛ ଅନେକ ସୁନ୍ଦର କଥା,
ଜୀବନରେ ହେବି ଉତ୍ତମ ମଣିଷ
ମୋ ପାଇଁ ସହିଛ ଅନେକ ବ୍ୟଥା।
ଈଶ୍ୱର ବିଶ୍ୱାସୀ ଥିଲ ମନପ୍ରାଣେ
ଲେଖିଛ, ପଢ଼ିଛ ଅନେକ ବହି,
ସରଳ ଜୀବନଯାପନ ପ୍ରଣାଳୀ
ସୁନ୍ଦର ଭାବରେ ଯାଇଛ କହି।
ଦିନଚର୍ଯ୍ୟା ଥିଲା ଅତି ଶୃଙ୍ଖଳିତ
ଶିଖିଛୁ ତୁମଠୁ ଅନେକ କିଛି,
ଆମ ଜୀବନକୁ ଶୃଙ୍ଖଳିତ କରି
ସ୍ନେହ ବାରିଧାରା ଦେଇଛ ବିଞ୍ଚି।
ଚାକିରୀ ଜୀବନ ବଡ଼କଷ୍ଟ ପୂର୍ଣ୍ଣ
କିନ୍ତୁ ଶୃଙ୍ଖଳିତ ଥିଲା ଜୀବନ,

ଆମକୁ ମଣିଷ କରିବା ନିମନ୍ତେ
ପାଇଛ ଜୀବନେ ବହୁ କଷଣ।
ଯେଉଁଦିନ ତୁମ କଥା ମନେପଡ଼େ
ସ୍ୱପ୍ନେ ଦେଖାଦିଅ ସରଗୁ ଆସି,
କେତେ ମହନୀୟ ଥିଲ ତୁମେ ବାପା
ସବୁକଥା ଭାବେ ମୁଁ ଦିବାନିଶୀ।
ତୁମ ଆଦର୍ଶକୁ ପୁଞ୍ଜିକରି ଆଜି
ଗଢ଼ିଛି ନିଜର ଛୋଟ ସଂସାର,
ତୁମ ଚଲାପଥେ ଚାଲିବି ନିରତେ
ଜୀବନେ ହେବିନି କେବେ ଅଧିର।
ବେଶଭୂଷା ତୁମ ଅଟେ କମନୀୟ।
ସାଇପଡ଼ିଶାରେ ଥିଲ ଆଦର୍ଶ,
ତୁମେ ନାହଁ ସତ ଆଜି ଆମ ସହ
ଝୁରିବୁ ଅବଶ୍ୟ ଅନେକ ବର୍ଷ।
ପୁଅଝିଅ ଠାରେ ଦେଖିନ ପ୍ରଭେଦ
ଦେଇଛ ସଭିଁଙ୍କୁ ଉତ୍ତମ ଶିକ୍ଷା,
ଯେତେ ଝଡ଼ଝଞ୍ଜା ଆସିଛି ଜୀବନେ
ସବୁ ବିପଦରୁ କରିଛ ରକ୍ଷା।
ଯେତେଦୂରେ ଥିଲେ ନିକଟରେ ଅଛ
ଅନୁଭବ କରୁ ତୁମରି ସତ୍ତା,
ଜୀବନରେ ସଦା କରିଛ ସୁକର୍ମ
ଆଶୀର୍ବାଦ ଦିଅ ହେ ପୂଜ୍ୟ ପିତା।

**ସାନପଲ୍ଲୀ, ପଲ୍ଲୀହାଟ, ଖୋରଧା**



# ମୋ ବାପା

ଅଧ୍ୟାପିକା ସସ୍ମିତା ଦାସ



ଶକ୍ତ ଖୋଳପାର ପୃଷ୍ଠପୋଷକରେ
ଅନ୍ତରର ସ୍ନେହପୂର୍ଣ୍ଣ ଆବେଗ
ବାହରକୁ ଅପ୍ରକାଶ ଭାବ
ମାତ୍ର ମୋ ଜୀବନ ପଥର
ସାଜ ତୁମେ ଦିଗ୍‌ଦର୍ଶକ
ତୁମେ ହିଁ ତ ମୋ ବାପା ।

ଉଦାସୀନତାର ଅନ୍ଧକାର ମଧ୍ୟରେ
ବୁଡ଼ିଗଲାବେଳେ
ଖୁସିର ସୂର୍ଯ୍ୟାଲୋକ ହୋଇ
ଆଶ୍ୱାସନାର କିରଣ ବିଞ୍ଛିଦିଅ
ସଂଶୟରେ ରହି କେବେ
ବାଟ ଭୁଲିଯାଏ
ସଂଶୟକୁ ପାଦରେ ଅଡ଼ାଇ
ନିର୍ଭୀକ ଭାବରେ ବାଟ ଚାଲିବାରେ
କରାଅ ସମର୍ଥ
ତୁମେ ହିଁ ତ ମୋ ବାପା ।

ମୁଁ ଆଗକୁ ବଢ଼ିପାରେ ସଂଘର୍ଷେ
ଅତିକ୍ରମ କରିପାରେ ସବୁ ଉଦ୍‌ବିଗ୍ନତାକୁ
ଅସାଧ୍ୟ ସାଧିପାରେ
ଲକ୍ଷ୍ୟ ପୂରା କରିବାରେ
ତୁମେ ଯେବେ ସାରଥି ସାଜ
ମୋ ସଂକଳ୍ପିତ ବିଜୟ ରଥର
ମୋଜୀବନ ପୂଜା ମନ୍ଦିରେ
ସାଜ ତୁମେ ଜୀବନ୍ତ ଈଶ୍ୱର
ତୁମେ ହିଁ ତ ମୋ ବାପା ।

ପ୍ଲଟ ନମ୍ବର-୧୩୧,
ଗାୟତ୍ରୀ ନଗର, ଢେଙ୍କାନାଳ



# ବାପା କହୁଥିଲେ......

**ଡ. ଯୁଧିଷ୍ଠିର ଖଟୁଆ**

ବାପା କହୁଥିଲେ ଲୁହରୁ ଜାଣିବୁ କଷ୍ଟର କେତେ ଯନ୍ତ୍ରଣା
ପରିବାର ଗୁଣ ଆଭିଜାତ୍ୟ ସବୁ ସଂସ୍କାରରୁ ହୁଏ ଜଣା । ॥୦॥
ବାପା କହୁଥିଲେ ଚିହ୍ନିବୁ ମଣିଷ ମିଠା ମିଠା ବଚନରୁ
ସୁନ୍ଦରତା ଗୁଣ ଜାଣି ପାରିବୁ ତୁ ଜାଣି ଲୋକ ନଜରରୁ । ॥୧॥
ସକାଳୁ ଜାଣିବୁ ଦିନଟା କିପରି ସମୟ ଜଣାଏ ସଂପର୍କ
ବିଳାସେ ବେସନେ ଶ୍ମଶାନେ ବିପଦେ ଚିହ୍ନିବୁ ତୁ ନିଜଲୋକ। ॥୨॥
ବାପା କହୁଥିଲେ ହସ ହସ ମୁଖେ କହିବୁ ସଭିଙ୍କୁ କଥା
ହସିବା ସବୁଠୁ ଭଲ ଔଷଧ ବଡ଼ ସଂପଦ ଅଟଇ ବିଦ୍ୟା । ॥୩॥
ଧର୍ମ ଏକା ସିନା ଗଢ଼ିଛନ୍ତି ବିଧି ତରିବାକୁ ଏହି ସଂସାର ବାରିଧି
ଦାନ, ଦୟା, ସେବା, ଧର୍ମ, କର୍ମେ ପିତୃଋଣ ପାର ସୁଝି । ॥୪॥
ବାପା କହୁଥିଲେ ଧୈର୍ଯ୍ୟ ଧରିବାକୁ ଯେତେ ବିପତ୍ତି ଆସିଲେ
ଧୈର୍ଯ୍ୟ, ଅହିଂସା, ଅମୋଘ ଅସ୍ତ୍ରେ ଇଂରେଜ ଶତ୍ରୁ ହଟିଲେ । ॥୫॥
ବାପା ମୋ ସ୍ୱର୍ଗ, ବାପା ମୋ ତପ, ବାପା ମୋ ପରମ ଧର୍ମ
ବାପାଙ୍କ ଆଶିଷେ ସର୍ବ କର୍ମ ଶୁଭ ଧନ୍ୟ ହେଉ ପରାଣ । ॥୬॥
ବାପା ଥିଲା ପୁଅ ସଭାରେ ହାରେନା ରହିଅଛି ପରା କଥା
ମନ, ତନ, ଧନ ସବୁକୁ ସମର୍ପି କରେ ପୁତ୍ର ଶୁଭ ଚିନ୍ତା । ॥୭॥
ବାପା କହିଥିଲେ ଏପରି କରିବୁ ରଖିବୁ ଗାଁ'ର ନାଆଁ
ମରିଗଲା ପରେ ଝୁରିବେ ସଭିଏଁ ରହିବ ଘରର ନାଆଁ । ॥୮॥

ପୃଥିବୀ ମଞ୍ଚରେ ଅଭିନୟ କରି କେହି ହୋଇନି ଅମର
ସାର୍ଥକ ଜୀବନ କର୍ମ ଏକ ସାର ଦେବତା ନୁହେଁ ଅମର ।   ॥୯॥
ଯେଉଁ ଦେଶେ ରୁହ ଯେଉଁ ବେଶେ ରୁହ ଜନ୍ମଭୂମିକୁ ଭୁଲିବ ନାହିଁ
ନାନା ସଙ୍କଟରେ, ନାନା ବିପତ୍ତିରେ ଗାଆଁକୁ ଆସିବ ଧାଇଁ ।  ॥୧୦॥
ସୁନ୍ଦର ସୁନ୍ଦର ବାପା ମୋ ସୁନ୍ଦର ନଦେଖିଲେ ମନ ଝୁରେ
ମଧୁର ମଧୁର ଏତେ କି ମଧୁର ନଦେଖିଲେ ମନ ଝୁରେ ।  ॥୧୧॥
ନିଜର ନିଜର ତୁମେ ଏକା ମୋର ସବୁ ପାପ ପୁଣ୍ୟ ମୋର
ତୁମେ ମୋ ସୁଖର ତୁମେ ମୋ ଦୁଃଖର ସବୁ ଆଶା ଭରସାର। ॥୧୨॥
ପିତା ମାତାଠାରୁ ବଡ଼ କିଏ ଅଛି ଏ ମିଛ ମାୟା ସଂସାରେ
ଧନ୍ୟ ସେ ସନ୍ତାନ ଅରପେ ପରାଣ ଜୀବନ ତାଙ୍କ ସେବାରେ। ॥୧୩॥

ଭୁବନେଶ୍ୱର



# ମୋ ବାପା

ବାବାଜୀ ଜେନା

ବାପା ଆମ ବରଗଛ
ଦିଅନ୍ତିତ ଛାଇ
ଏ ସାରା ଜଗରେ କେହି
ତାଙ୍କପରି ନାହିଁ......। ॥୦॥

ମାଆ ହେଲେ ଜନ୍ମଦାତ୍ରୀ
ବାପା ମଙ୍ଗୁଆଳ
ତାଙ୍କ କଥାରେ ଚଳଇ
ଆମ ଛୋଟ ଘର
ରାଗ ଭିତରେ ତାଙ୍କର
ସ୍ନେହ ଥାଏ ରହି
ବାପା ଆମ ବରଗଛ..... । ॥୧॥

ମାଆ ଯାହା କରୁଥାଏ
ବାପାଙ୍କର ବଳେ
ଘର କଳି ଘରେ ତୁଟେ
ବାପା ଚହିଁଦେଲେ
ଦୁହିଁଙ୍କର ସ୍ନେହକୁ ତ
କଳି ହୁଏନାହିଁ
ବାପା ଆମ ବରଗଛ.... । ॥୨॥

ବାପାଙ୍କ ଆକଟ ଆଉ
ବୋଉର ସେ ଗେହ୍ଲ
ନିରବରେ ସେଇ ସ୍ମୃତି
ହୁଏ ଝଲମଲ
ଏବେ ଖୋଜିଲେ ତାକୁ
ମିଳଇ ତ ନାହିଁ
ବାପା ଆମ ବରଗଛ...... ।  ॥୩॥

ଅହଲ୍ୟା ନିବାସ, ପୋପରଡ଼ା,
ନୂଆ ବଜାର, କଟକ - ୪,
ମୋ - ୯୪୩୭୮୩୪୭୧୯





# ମୋ ବାପା

## ପ୍ରମୋଦ ମହାନ୍ତି

ବାପା, ମୋ ପାଇଁ ପରମେଶ୍ୱର
ତୁମେତ ବ୍ରହ୍ମା ତୁମେ ତ ବିଷ୍ଣୁ, ତୁମେ ହିଁ ମହେଶ୍ୱର
ବାପା ରୂପରେ ଆମପାଇଁ କି ତୁମେ ପରମେଶ୍ୱର ।।
ହାତବଢ଼ାଇ ପଥ ଦେଖାଇ
ମଣିଷ କରିଦେଲ
ସବୁ ଅଜାଡ଼ି ପ୍ରତିଦାନରେ
କିଛି ତ ନଗହିଁଲ
ଭଲମନ୍ଦର ଫରକ କହି ସାଜିଲ ଗୁରୁବର ।।
ଖରାବରଷା ଦେହରେ ମାରି
ପେଟକୁ ଦେଇ ଦାନା
ଫୁଙ୍ଗୁଲାଦେହେ ନିଜେ ରହିଲ
ପିନ୍ଧାଇ ଛିଟକନା
ଉପାସ ରହି ଆମ ପେଟକୁ ଆଣିଦେଲ ଆହାର ।।
ରାତି ଅଧରେ ଅଝଟ ହେଲେ
ଚାନ୍ଦ ଆଣିଛ ତୋଳି
ନରାଗି ଯମା ସହିଛ ହସି
କେତେ ଅଳିଅର୍ଦ୍ଦଳି
ତୁମରି ପାଇଁ ଏଘର ଲାଗେ ସତେ ସରଗପୁର ।।

ପାଠପଢ଼ାଇ ମଣିଷ କଲ
ମାଗିଲ ନାହିଁ କିଛି
ଖୋଜି ଖୋଜିକା ଖୁସି ଆଣିଲ
ଆମପାଇଁ କି ବାଛି
ଆମରି ପାଇଁ ସାରି ଦେଇଛ ତୁମରି ରୋଜଗାର ।।
ତୁମେତ ଅଛ ସଭାରେ କିଆଁ
ଲଭିବୁ ପରାଜୟ
ନଥିଲେ ତୁମେ ଆମର କାହୁଁ
ଥିଲାକି ପରିଚୟ
ଆମ କୂଳର ଗରବ ତୁମେ ଘେନ ହେ ନମସ୍କାର ।।
ନିରୀହ ତୁମ ଆଖିରେ ଭରା
ଆମ ଅତୀତ ଗାଥା
ଶିଥିଳ ତୁମ ହାତର ଛୁଆଁ
ଖୋଜେ ଆମରି ମଥା
ଟିକିଏ ହସି ଦେଲେ ଆଉଁସି କମରେ ଜାଗେ ବଳ ।।
ପ୍ରମାଣ ଆହେ ବିଦ୍ୟପୁରୁଷ
ତୁମ ପାଦର ଧୂଳି
ଆମୃତଧାରା ବରଷି ଦେଉ
ଆଶିଷ ଦିଅ ଢାଳି
ତୁମ ଋଣକୁ ସୁଝିବା ପାଇଁ ଖାଲି କଲ୍ୟାଣ କର ।।

ଜଟଣୀ
ମୋ - ୭୦୦୮୩୬୧୧୪୮




‘ଆମରିସତ୍ୟ’

ଏମ୍ - ୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ୍ କଲୋନୀ

ପୋ.ଅ.- ପି.ଏନ୍. କଲେଜ,

ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା

ମୋ : ୯୪୩୭୨୮୧୬୫୫